



- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-347 ◆BHUBANESWAR ◆SUNDAY ◆15 JUNE 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୨ ◆ସଂଖ୍ୟା-୩୪୭ ◆ଭୁବନେଶ୍ୱର ◆ରବିବାର ◆୧୫ ଜୁନ୍ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦ (ସିନ୍ଦୂରା ସହ)


# ଭୂତାଣୁ ପରେ ବୀଜାଣୁ ଭୟ

# ଡେଉଁଛି ଡାଇରିଆ

## କଟକ, ଢେଙ୍କାନାଳକୁ ମାଡ଼ିଲା; ଭୁବନରେ ନେଲା ପ୍ରଥମ ମୁଣ୍ଡ

**କିଛି ଦିନର ବ୍ୟବଧାନ ପରେ ସାରା ଦେଶ ସମେତ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ କରୋନା ଭୂତାଣୁ ପୁଣି ଥରେ ସଂକ୍ରମଣ ବଢ଼ାଇ ଚାଲିଥିବା ବେଳେ ଏବେ ରାଜ୍ୟବାସୀଙ୍କୁ ଘାରିଛି ବୀଜାଣୁ ଭୟ। ଯାଜପୁର ଜିଲ୍ଲାରୁ ଆରମ୍ଭ ହୋଇଥିବା ଡାଇରିଆ (ଝାଡ଼ାବାନ୍ତି) କାୟା ମେଲାଇ ଚାଲିଛି। ପଡ଼ୋଶୀ ଜିଲ୍ଲା କେନ୍ଦୁଝର ଓ ଭଦ୍ରକକୁ ଝାଡ଼ାବାନ୍ତି ମାଡ଼ିବା ପରେ ଶନିବାର କଟକ ଓ ଢେଙ୍କାନାଳ ଜିଲ୍ଲାରେ ଝାଡ଼ାବାନ୍ତିର ପ୍ରକୋପ ଦେଖିବାକୁ ମିଳିଛି। ଇତିମଧ୍ୟରେ ଯାଜପୁର ଜିଲ୍ଲାରେ ରୋଗୀଙ୍କ ମଳ ନମୁନାରୁ କଲେରା (ହଇଜା) ବୀଜାଣୁ ଠାବ ହେବା ରାଜ୍ୟବାସୀଙ୍କ ଚିନ୍ତା ବଢ଼ାଇଛି।**



■ **ଭୁବନେଶ୍ୱର/ କଟକ/ ଯାଜପୁର/ ଭୁବନ, ୧୪।୬ (ସମିସ):** ୫ ଦିନ ତଳେ ଯାଜପୁରରେ ପାଦ ଥାପିଥିବା ଝାଡ଼ାବାନ୍ତି (ଡାଇରିଆ) ଏବେ ଗୋଟିଏ ପରେ ଗୋଟିଏ ଜିଲ୍ଲାକୁ ଦ୍ରୁତ ଗତିରେ ମାଡ଼ି ଚାଲିଛି। ଯାଜପୁରରେ ସ୍ଥିତି ପୂରା ବେକାବୁ ହୋଇପଡ଼ିଥିବା ବେଳେ ପାର୍ଶ୍ୱବର୍ତ୍ତୀ ଭଦ୍ରକ, କେନ୍ଦୁଝର, ଢେଙ୍କାନାଳ ଓ କଟକ ଜିଲ୍ଲାରେ ଶହଶହ ଆକ୍ରାନ୍ତ ହୋଇଛନ୍ତି। କିନ୍ତୁ ସ୍ୱାସ୍ଥ୍ୟ ବିଭାଗ ଏହାର କାରଣ କିମ୍ବା ଉତ୍ପତ୍ତିର ବିନ୍ଦୁବିସର୍ଗ ଏ ପର୍ଯ୍ୟନ୍ତ ପାଇପାରୁନାହିଁ। ଫଳରେ ଲୋକଙ୍କ ମଧ୍ୟରେ ଭୟ ବଢ଼ିବାରେ ଲାଗିଛି। ଡାଇରିଆର ହଟ୍‌ସ୍ପଟ୍ ପାଲଟିଥିବା ଯାଜପୁରରୁ ଆଜି ପୁଣି ୫୬ ଆକ୍ରାନ୍ତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଗତ

**ଯାଜପୁରରେ ଭୋଜିଭାତ କଟକଣା**

**ଢାବାରେ ଚଢ଼ଉ; ୫ ହୋଟେଲ ସିଲ୍**

**ଯାଞ୍ଚ କରିବ ୧୪ ଜଣିଆ କେନ୍ଦ୍ରୀୟ ଟିମ୍**

୨୪ ଘଣ୍ଟାରେ, ଜିଲ୍ଲାର ଦାନଗଦି ଅଞ୍ଚଳର ଆଉ ୪୬ ଆକ୍ରାନ୍ତ ହୋଇଥିବା ବେଳେ ଡାଇରିଆରୁ ବର୍ତ୍ତିଯାଇଥିବା ଏକମାତ୍ର ବ୍ଲକ୍ ବିଞ୍ଝାରପୁର ଆଜି ଖାତା ଖୋଲିଛି। ବ୍ଲକ୍‌ରୁ ଆଜି ୧୦ ଡାଇରିଆ ରୋଗୀ ବାହାରିଛନ୍ତି। ସେମାନଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେହିପରି ଡାଇରିଆରେ ଆକ୍ରାନ୍ତ ହୋଇଥିବା ଉଚ୍ଚବାଲି ପଞ୍ଚାୟତ ତାରାଇଲୋ ଗ୍ରାମର ଗେହ୍ଲେଇ ▶ପୃଷ୍ଠା-୭

## ବାଙ୍କୀ, କଟକ ସଦରରେ ୫୦ ଆକ୍ରାନ୍ତ

■ **କଟକ, ୧୪।୬ (ସମିସ):** ଯାଜପୁର, ଭଦ୍ରକ, କେନ୍ଦୁଝର ପରେ କଟକ ଜିଲ୍ଲାରେ ଏବେ ଝାଡ଼ାବାନ୍ତି ଆତଙ୍କ ଦେଖା ଦେଇଛି। କଟକ ସଦର ଅଞ୍ଚଳର ୪୨ମୌଜା ଅନ୍ତର୍ଗତ ଝିଙ୍କିରିଆ ପଞ୍ଚାୟତରେ କିଛି ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିଭଳି ବାଙ୍କୀର ଘୋଳପୁର ଗାଁରେ ଝାଡାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ପ୍ରାପ୍ତ ସୂଚନାନୁସାରେ, ଝିଙ୍କିରିଆ ପଞ୍ଚାୟତରେ ପ୍ରାୟ ୨୦ରୁ ଅଧିକ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୪ ଜଣ ଗୁରୁତରଙ୍କୁ କଟକ ବଡ଼ମେଡିକାଲକୁ ନିଆଯାଇଥିଲା। ଚିକିତ୍ସିତ ହେବା ପରେ ସେମାନେ ସୁସ୍ଥ ହୋଇଛନ୍ତି। ବିଶିଷ୍ଟ ପୂଜକ ଦେବଦତ୍ତ ମିଶ୍ରଙ୍କ ପତ୍ନୀଙ୍କ ସମେତ ଅବଶିଷ୍ଟ ଆକ୍ରାନ୍ତ ରୋଗୀ ଗୋଷ୍ଠୀ କେନ୍ଦ୍ରର ଡାକ୍ତରଙ୍କ ପରାମର୍ଶକ୍ରମେ ଔଷଧ ସେବନ କରି କ୍ରମଶଃ ସୁସ୍ଥ ହେଉଥିବା ଜଣାପଡ଼ିଛି। ଡାକ୍ତରୀ ଟିମ୍ ଘର ଘର ବୁଲି ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରିଛନ୍ତି। ବାଙ୍କୀ ବ୍ଲକ ଘୋଳପୁର ଗ୍ରାମର ତଳସାହିରେ ଝାଡ଼ାବାନ୍ତି ▶ପୃଷ୍ଠା-୭

## ରାଜଧାନୀରେ ବି ଝାଡ଼ାବାନ୍ତି


■ **ଭୁବନେଶ୍ୱର, ୧୪।୬(ସମିସ):** ରାଜଧାନୀ ଭୁବନେଶ୍ୱରକୁ ଘାରିଛି ଡାଇରିଆ ଭୟ। ଘାଟିକିଆ ଅଞ୍ଚଳରେ ଶତାଧିକ ଲୋକ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଥିବା ସୂଚନା ମିଳିଛି। ଏହାକୁ ଦୃଷ୍ଟିରେ ରଖି ବିଏମ୍‌ସି ପକ୍ଷରୁ ବିଭିନ୍ନ ସ୍ଥାନରେ ପାଣି ଯାଞ୍ଚ କରାଯାଇଛି। ପଳାଶୁଣି, ପାଣ୍ଡରା, ପଟିଆ, ପାତ୍ରପଡ଼ା, ଗଜପତି ନଗର ସମେତ ୯ଟି ସ୍ଥାନରୁ ଜଳ ନମୁନା ସଂଗ୍ରହ କରାଯାଇ ପରୀକ୍ଷଣ ପାଇଁ ପଠାଯାଇଛି।


**୯ଟି ସ୍ଥାନରୁ ଜଳ ନମୁନା ସଂଗ୍ରହ କଲା ବିଏମ୍‌ସି**

କଳିଙ୍ଗବିହାର ଅଞ୍ଚଳରେ ଥିବା ଏକ ଆପାର୍ଟମେଣ୍ଟରୁ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଆକ୍ରାନ୍ତ ହୋଇ ଘରୋଇ ହସ୍ପିଟାଲ୍ ଚିକିତ୍ସିତ ହେଉଥିବା ଖବର ମିଳିଛି। ପାନୀୟ ଜଳରେ ସ୍ୱେରେଜ ଜଳ ମିଶୁଥିବାରୁ ଜଳ ଦୂଷିତ ହେଉଛି। ଏହାକୁ ପିଇ ଲୋକେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହେଉଛନ୍ତି।

### ପ୍ରକାଶ ପାଇଲା ନିଟ୍ ପରୀକ୍ଷା ଫଳ

## ରାଜସ୍ଥାନର ମହେଶ ଟପ୍ପର


ମହେଶ କୁମାର


ସ୍ନେହାଶିଷ ଦାସ

**ଗତବର୍ଷ ତୁଳନାରେ ଓଡ଼ିଶାର ନୈରାଶ୍ୟଜନକ ଫଳାଫଳ**

**୬୦ ତମ ର୍‌ୟାଙ୍କ୍ ରଖି ସ୍ନେହାଶିଷ ରାଜ୍ୟ ଟପ୍ପର୍**

**ଓଡ଼ିଆ ଭାଷାରେ ପରୀକ୍ଷା ଦେଇଥିଲେ ୮୧୨ ଛାତ୍ରଛାତ୍ରୀ**

■ **ଭୁବନେଶ୍ୱର, ୧୪।୬ (ସମିସ):** ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ଶନିବାର ମେଡିକାଲ ଆଶାୟୀମାନଙ୍କ ନିଟ୍ ୟୁଜି (ନ୍ୟାସନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ ଅଣ୍ଡରଗ୍ରାଜୁଏଟ୍) ପରୀକ୍ଷା ୨୦୨୫ର ଫଳାଫଳ ଘୋଷଣା କରିଛି। ଏଥିରେ ୨୨ ଲକ୍ଷରୁ ଉର୍ଦ୍ଧ୍ୱ ମେଡିକାଲ ଆଶାୟୀଙ୍କ ଫଳ ପ୍ରକାଶ ପାଇଛି। ରାଜସ୍ଥାନର ମହେଶ କୁମାର ୯୯.୯୯ ପର୍ସେଣ୍ଟାଇଲ୍ ସ୍କୋର୍ ରଖି ଦେଶରେ ଟପ୍ପର ହୋଇଥିବାର ଗୌରବ ହାସଲ କରିଛନ୍ତି। ତାଙ୍କ ପଛକୁ ମଧ୍ୟପ୍ରଦେଶର ଉତ୍କର୍ଷ ଆୱାଦିଆ ଦ୍ୱିତୀୟ ସ୍ଥାନରେ ଥିବାବେଳେ ମହାରାଷ୍ଟ୍ରର ତ୍ରିସଙ୍ଗ ଯୋଶୀ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିଭଳି ସ୍ନେହାଶିଷ ଦାସ ୯୯.୯୯ ପର୍ସେଣ୍ଟାଇଲ୍ ସ୍କୋର ରଖି ଓଡ଼ିଶାରୁ ପ୍ରଥମ ହୋଇଥିବା ବେଳେ ▶ପୃଷ୍ଠା-୭

## ସୁଶାନ୍ତ ସିଂହଙ୍କୁ ହତ୍ୟାର ପ୍ରମାଣ ନାହିଁ


**ସିବିଆଇ ଦେଲା କ୍ଲୋଜର୍ ରିପୋର୍ଟ**

■ **ମୁମ୍ବାଇ, ୧୪।୬ (ଏଜେନ୍ସି):** ସିବିଆଇ ଶନିବାର ଅଭିନେତା ସୁଶାନ୍ତ ସିଂହ ରାଜପୁତଙ୍କ ମୃତ୍ୟୁ ମାମଲାର ଚୂଡ଼ାନ୍ତ କ୍ଲୋଜର ରିପୋର୍ଟ ଦାଖଲ କରିଛି। ଦେଶର ପ୍ରମୁଖ ତଦନ୍ତ ଏଜେନ୍ସି ଭାବେ ପରିଚିତ ସିବିଆଇକୁ ଏହା ଦାଖଲ କରିବା ପାଇଁ ୪ ବର୍ଷ ୬ ମାସ ୧୫ ଦିନ ଲାଗିଯାଇଛି। ଆଉ ଏହି ରିପୋର୍ଟରେ ସୁଶାନ୍ତଙ୍କ ହତ୍ୟାର କୌଣସି ପ୍ରମାଣ ନାହିଁ ବୋଲି କୁହାଯାଇଛି। ସୁଶାନ୍ତଙ୍କୁ ଆତ୍ମହତ୍ୟା ପାଇଁ ଉସୁକା ଯାଇଥିବାର କୌଣସି ପ୍ରମାଣ ସିବିଆଇକୁ ମିଳିନାହିଁ। ୨୦୨୦ ଜୁନ୍ ୧୪ରେ ବାନ୍ଦ୍ରା ସ୍ଥିତି ନିଜ ଘରୁ ରହସ୍ୟଜନକ ଭାବେ ସୁଶାନ୍ତଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ପ୍ରଥମେ ମହାରାଷ୍ଟ୍ର ପୁଲିସ ଏହାକୁ ଆତ୍ମହତ୍ୟା ▶ପୃଷ୍ଠା-୭

## ବିମାନ ଦୁର୍ଘଟଣାର ଯାଞ୍ଚ କରିବେ ୧୧ ଜଣିଆ କମିଟି

■ **ଅହମଦାବାଦ, ୧୪।୬ (ଏଜେନ୍ସି):** ବିମାନ ଚଳାଚଳ ମନ୍ତ୍ରାଳୟର ସଚିବ ଏସକେ ସିହ୍ନା କହିଛନ୍ତି ଯେ ଦୁର୍ଘଟଣାଗ୍ରସ୍ତ ବିମାନର ବ୍ଲାକବକ୍ସ ମିଳିଛି। ଏହାକୁ ଖୋଜିବା ପାଇଁ ଶହେ କର୍ମଚାରୀ ଏବଂ ୪୦ ଇଞ୍ଜିନିୟର ଲାଗିଥିଲେ। ମାମଲାର ତଦନ୍ତ ଚାଲିଛି। ବିମାନ କିପରି



ଦୁର୍ଘଟଣାଗ୍ରସ୍ତ ହେଲା ତାହାର ଯାଞ୍ଚ ପାଇଁ ଏକ ୧୧ ଜଣିଆ ଉଚ୍ଚସ୍ତରୀୟ ବିଶେଷଜ୍ଞ କମିଟି ଗଠନ କରାଯାଇଛି। ଦୁର୍ଘଟଣାର କାରଣ ଖୋଜିବା ସହିତ ତିନି ମାସ ମଧ୍ୟରେ ଏହାର ରିପୋର୍ଟ ପ୍ରଦାନ କରିବ। ସୋମବାର ଏହି କମିଟିର ପ୍ରଥମ ବୈଠକ ବସିବ ▶ପୃଷ୍ଠା-୭

## ଚର୍ମ କର୍କଟ ରୋକିବ ଚିଲିକା ଶୈବାଳ

### ୨୦ ବର୍ଷ ଗବେଷଣା ପରେ ସାମ୍ନାକୁ ଆସିଲା ତଥ୍ୟ

■ **ଭୁବନେଶ୍ୱର, ୧୪।୬ (ସମିସ):** ଓଡ଼ିଶାର ବିଶ୍ୱ ପ୍ରସିଦ୍ଧ ଚିଲିକା ହ୍ରଦର ଜୈବ ବିବିଧତା ବୈଜ୍ଞାନିକମାନଙ୍କୁ ଆଶ୍ଚର୍ଯ୍ୟ କରିଛି। ରେଭେନ୍ସା ଓ ଉତ୍କଳ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ଏହି ସ୍ଥାନରୁ ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନର ଆବିଷ୍କାର କରିଛନ୍ତି। ଏହି ହ୍ରଦରେ ପ୍ରାକୃତିକ ଭାବେ ବଢୁଥିବା ଲାଲ୍ ଶୈବାଳରେ ଥିବା ଉପାଦାନ ଅତି ବାଇଗଣୀ ରଶ୍ମି କିରଣରୁ ଚର୍ମକୁ ରକ୍ଷା କରିବ। ଏଥିସହ ଚର୍ମ କର୍କଟ ରୋଗକୁ ରୋକିବାରେ ମଧ୍ୟ ବେଶ ସହାୟ ହେବ। ଚିଲିକା ହ୍ରଦରୁ ଏଭଳି ଅନନ୍ୟ ଉପାଦାନର ଆବିଷ୍କାର ହୋଇଥିବାରୁ


**ଜୈବିକ ସନ୍‌ସ୍କ୍ରିନ୍ ଭାବେ ହେବ ବ୍ୟବହାର**

ଭାରତୀୟ ବୈଜ୍ଞାନିକମାନେ ଚିଲିକା ହ୍ରଦର ଭୂୟସୀ ପ୍ରଶଂସା କରିଛନ୍ତି।

ଗବେଷଣାରେ ବ୍ୟବହୃତ ଲାଲ ଶୈବାଳ ହେଉଛି 'ଗ୍ରାସିଲାରିଆ ଭେରୁକୋସା' ପ୍ରଜାତିର ତଥା 'ରୋଡୋଫାଇଟା' ଗୋଷ୍ଠୀର ବୋଲି ଜଣାପଡ଼ିଛି। ଏଥିରେ ମିଳୁଥିବା 'ମାଇକୋସ୍ପୋରିନ୍-ଆମିନୋ ଏସିଡ୍' ସୂର୍ଯ୍ୟ କିରଣରୁ ନିର୍ଗତ ଅତି ବାଇଗଣୀ ରଶ୍ମିକୁ ପ୍ରତିହତ କରିବାର କ୍ଷମତା ରଖୁଛି। ଏହି ରଶ୍ମି ମନୁଷ୍ୟ ଶରୀରର ଚର୍ମରେ ଥିବା କୋଷଗୁଡ଼ିକୁ କ୍ଷତି ପହଞ୍ଚାଇଥାନ୍ତି। ଏଥିଯୋଗୁଁ କର୍କଟ ରୋଗର ଆଶଙ୍କା ▶ପୃଷ୍ଠା-୭

### ରଜରେ ଲଜ୍ଜା

## ଭିନ୍ନକ୍ଷମଙ୍କୁ ଦୁଷ୍କର୍ମ

■ **ବଳଙ୍ଗା, ୧୪।୬(ସମିସ):** ରଜରେ ଲଜ୍ଜା। ପିପିଲି ଓ ପୁରୀ ପରେ ଆଜି ବଳଙ୍ଗା ଅଞ୍ଚଳର ଜଣେ ଭିନ୍ନକ୍ଷମ ଯୁବତୀଙ୍କୁ ଦୁଷ୍କର୍ମ କରାଯାଇଥିବା ନେଇ ଅଭିଯୋଗ ହୋଇଛି। ବଳଙ୍ଗା ପୁଲିସ୍ ଏନେଇ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲା, ରବି ତ୍ରିପାଠୀ (୫୬)। ଅପରପକ୍ଷେ, ପୁଲିସ୍ ପୀଡ଼ିତାଙ୍କ ଡାକ୍ତରୀମାଇନା କରାଇ ୧୬୪ ଧାରାରେ ବୟାନ ରେକର୍ଡ କରିଛି।

ସୂଚନାନୁଯାୟୀ, ପୀଡ଼ିତା ଯୁବତୀଜଣଙ୍କ ୯୦ ପ୍ରତିଶତ ଭିନ୍ନକ୍ଷମ। ଶୁକ୍ରବାର ରାତିରେ ପରିବାରଲୋକ ଏକ ବାହାଘର ଭୋଜିକୁ ଯାଇଥିବା ବେଳେ ପୀଡ଼ିତାଜଣଙ୍କ ଏକୁଟିଆ ଘରେ ଥିଲେ। ଏହି ସମୟରେ ରବି ତାଙ୍କ ଘରେ ପଶି ତାଙ୍କୁ ଦୁଷ୍କର୍ମ କରିଥିଲା। ▶ପୃଷ୍ଠା-୭


# ବର୍ଷପୂର୍ତ୍ତିରେ ମହାନଦୀ ଚିନ୍ତା

### ୬ ମାସ ହେବ ଟ୍ରିବ୍ୟୁନାଲରେ ଶୁଣାଣି ହୋଇନି

**ବୈଷୟିକ ମୂଲ୍ୟାଙ୍କନ କରିବେ ରାଜ୍ୟ ସରକାର**

**୯ଟି ବିନ୍ଦୁ ଉପରେ ତଥ୍ୟ ମାଗିଲା ଜଳ ସଂପଦ ବିଭାଗ**

**ସରକାରଙ୍କ ନିଷ୍ପତ୍ତିକୁ ନେଇ ପ୍ରଶ୍ନ ଉଠାଇଲେ ବିଶେଷଜ୍ଞ**



■ **ଭୁବନେଶ୍ୱର, ୧୪।୬ (ସମିସ):** ମରି ମରି ଆସୁଛି ଓଡ଼ିଶାର ଜୀବନରେଖା ମହାନଦୀ। ଓଡ଼ିଶାକୁ ଅବାରିତ ଜଳଧାରା ପ୍ରବାହରେ ରୋକ ଲଗାଇଛି ପଡ଼ୋଶୀ ଛତିଶଗଡ଼। ଉପରମୁଣ୍ଡରେ ଏକାଧିକ ଡ୍ୟାମ୍ ଓ ବ୍ୟାରେଜ୍ ନିର୍ମାଣ କରି ଛତିଶଗଡ଼ ସରକାର ଏକପ୍ରକାର ମହାନଦୀର ତଣ୍ଟି ଚିପି ଦେଇଛନ୍ତି। ଓଡ଼ିଶା-ଛତିଶଗଡ଼ ମଧ୍ୟରେ ମହାନଦୀ ଜଳକୁ ନେଇ ଦୀର୍ଘଦିନରୁ ରହିଥିବା ବିବାଦ ଟ୍ରିପଲ୍ ଇଞ୍ଜିନ ସରକାରରେ ସମାଧାନ ହୋଇଯିବ ବୋଲି ଆଶା କରାଯାଉଥିଲା। ନିର୍ବାଚନ ପ୍ରଚାର ବେଳେ ବିଜେପି ଦେଇଥିବା ପ୍ରତିଶ୍ରୁତିରୁ ମହାନଦୀକୁ ନେଇ ଓଡ଼ିଶାର ଜନସାଧାରଣ ବହୁ ଆଶାବାଦୀ ଥିଲେ। ହେଲେ ଇତିମଧ୍ୟରେ ବର୍ଷଟିଏ ବିତିଯାଇଥିଲେ ହେଁ ରାଜ୍ୟ ସରକାରଙ୍କ ପକ୍ଷରୁ ମହାନଦୀ ଜଳ ବିବାଦର ସମାଧାନ ନେଇ ସେଭଳି କିଛି ଆଖିଦୃଶିଆ ପଦକ୍ଷେପ ନିଆଗଲା ନାହିଁ। ଏବେ ଶାସନର ବର୍ଷପୂର୍ତ୍ତି ବେଳକୁ ରାଜ୍ୟ ସରକାର ତରବରିଆ ଭାବେ ମହାନଦୀର ମୂଲ୍ୟାଙ୍କନ କରିବାକୁ ଆଗଭର ହୋଇଛନ୍ତି। ରାଜ୍ୟ ବିଜେପି ସରକାରଙ୍କ ଏହି ନିଷ୍ପତ୍ତି କେବଳ ଲୋକଦେଖାଣିଆ ଏବଂ ବାସ୍ତବତାଠାରୁ ବହୁ ଦୂରରେ ବୋଲି ବିଶେଷଜ୍ଞ ମହଲ ମତବ୍ୟକ୍ତ କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଭାଗର ବିଭିନ୍ନ ଅଧିକାରୀଙ୍କୁ ମୋଟ ୯ଟି ବିଷୟରେ ଆବଶ୍ୟକ ତଥ୍ୟ ମଗାଯାଇଛି। ବୈଷୟିକ ମୂଲ୍ୟାଙ୍କନ ପାଇଁ ସର୍ବୋଚ୍ଚ ଯନ୍ତ୍ରୀ ତଥ୍ୟ ମାଗିଛନ୍ତି, ତନ୍ମଧ୍ୟରେ ମହାନଦୀ ▶ପୃଷ୍ଠା-୭







## ଜଣେ ଥିଲେ ମନୀଷା

ଅହମଦାବାଦରୁ ଲଣ୍ଡନ ଯାଉଥିବା ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇ ଅନେକଙ୍କ ସ୍ୱପ୍ନକୁ ଭାଙ୍ଗି ଦେଇଛି। ଏଥିରେ ୧୨ କ୍ରୁ ସଦସ୍ୟଙ୍କ ସହିତ ୨୨୯ ଯାତ୍ରୀଙ୍କ ମୃତ୍ୟୁ ହୋଇଥିଲା। ଏହି କ୍ରୁ ସଦସ୍ୟଙ୍କ ମଧ୍ୟରେ ଥିଲେ ନେପାଳର ମନୀଷା ଥାପା। ବିହାରରେ ପଢ଼ିଥିବା ମନୀଷା ସ୍ୱପ୍ନର ଉଡ଼ାଣ ଭରିଥିଲେ। ଦେଶର ପ୍ରତିଷ୍ଠିତ ଏୟାରଲାଇନ୍ସ ଏୟାର ଇଣ୍ଡିଆରେ ଚାକିରି କରିଥିଲେ। ସେ ଇଣ୍ଡିଗୋ ଏୟାରଲାଇନ୍ସରେ ଗ୍ରାଉଣ୍ଡ ସପୋର୍ଟିଂ ଷ୍ଟାଫ ଭାବେ ନିଜ କ୍ୟାରିୟର ଆରମ୍ଭ କରିଥିଲେ। ଏହା ପରେ ସେ ଆକାଶା ଏବଂ ଏୟାର ଇଣ୍ଡିଆରେ କ୍ରୁ ସଦସ୍ୟ ଭାବେ ସାମିଲ ହୋଇଥିଲେ। ସେ ଲଣ୍ଡନ ଏବଂ ଅଷ୍ଟ୍ରେଲିଆ ଯାଉଥିବା ବିମାନରେ ସେବା ଦେଉଥିଲେ। ମନୀଷା ପାଠପଢାରେ ଧୂରନ୍ଧର ଥିଲେ। ସେ ନିଜ ଲକ୍ଷ୍ୟ ପୂରଣ କରିବା ପାଇଁ ଦିନରାତି ପରିଶ୍ରମ କରୁଥିଲେ। ସହଯୋଗୀମାନେ ମନୀଷାଙ୍କୁ ପ୍ରେରଣା ଭାବେ ଦେଖୁଥିଲେ। ସେ ନିଜ ବାପାମାଆଙ୍କ ସ୍ୱପ୍ନ ସାକାର କରିବା ପାଇଁ ଚାହୁଁଥିଲେ।

## ନଭେମ୍ବରରେ ହୋଇଥାନ୍ତା ରୋଶନୀଙ୍କ ନିର୍ବନ୍ଧ




ନଭେମ୍ବରରେ ମର୍ଚ୍ଚାଣ୍ଟ ନେଭି ଅଧିକାରୀଙ୍କ ସହ ନିର୍ବନ୍ଧ ହୋଇଥାନ୍ତା। ମାର୍ଚ୍ଚରେ ବିବାହ ଧାର୍ଯ୍ୟ ହୋଇ ସାରିଥିଲା। ଏଥିପାଇଁ ଘର ଲୋକେ ଜୋରସୋର୍‌ରେ ପ୍ରସ୍ତୁତି ଆରମ୍ଭ କରିଦେଇଥିଲେ। ମାତ୍ର ଏହା ପୂର୍ବରୁ ସବୁ ସ୍ୱପ୍ନ ଛାରଖାର ହୋଇଗଲା। ବିମାନ ଦୁର୍ଘଟଣାରେ ଏୟାର ହୋଷ୍ଟେସ ତଥା ଟ୍ରାଭେଲ ଇନଫ୍ଲୁଏନ୍ସର ରୋଶନୀ ସୋନଘାରେ (୨୬)ଙ୍କ ଜୀବନ ଚାଲିଗଲା। କିଛି ମିନିଟ ମଧ୍ୟରେ ସବୁ ଖୁସି ଦୁଃଖରେ ବଦଳି ଗଲା। ଥାନେ ଅନ୍ତର୍ଗତ ଡୋମ୍ବିଭଲିରେ ରହୁଥିବା ସୋନଘାରେ ପରିବାର ଏହା ଗଭୀର ଆଘାତ ଦେଇଛି। ତିନି ଦିନ ତଳେ ଡ୍ୟୁଟିକୁ ଯାଇଥିବା ଝିଅ ଆଉ ଅଫେରା ରାଇଜକୁ ଚାଲିଯାଇଛି।

## ବିବାହର ଦୁଇ ଦିନ ପରେ ଚାଲିଗଲା ଜୀବନ



ଭଦୋଦରାର ୨୬ ବର୍ଷୀୟ ଭାବିକ ମାହେଶ୍ୱରୀ ଲଣ୍ଡନରେ ଚାକିରି କରୁଥିଲେ। ଦୁଇ ସପ୍ତାହ ତଳେ ଭାରତ ଆସିଥିଲେ। ଏହି ସମୟରେ ପରିବାର ତାଙ୍କ ବିବାହ ସ୍ଥିର କରିଥିଲେ। ଗତ ୧୦ ତାରିଖରେ ସେ କୋର୍ଟରେ ବିବାହ କରିଥିଲେ। ବିମାନ ଦୁର୍ଘଟଣା ସବୁ କିଛି ଛଡ଼ାଇ ନେଲା। ନବ ବିବାହିତାଙ୍କ ମଥାର ସିନ୍ଦୂର ଛଡ଼ାଇ ନେଲା। ଭାବିକଙ୍କ ପିତା ଅର୍ଜୁନ ମାହେଶ୍ୱରୀ କହିଛନ୍ତି ଯେ ପୁଅ ଗତ ୧୨ ତାରିଖରେ ବିମାନ ବୁକ୍ କରିଥିଲେ। ବୋହୂ ମଧ୍ୟ ତାଙ୍କୁ ବିଦାୟ ଦେବାକୁ ଅହମଦାବାଦ ବିମାନବନ୍ଦରକୁ ଯାଇଥିଲେ। ବିମାନ ଦୁର୍ଘଟଣାର ଖବର ଆସିବା ପର୍ଯ୍ୟନ୍ତ ବୋହୂ ଘରକୁ ମଧ୍ୟ ଫେରି ନ ଥିଲେ।

## ରୋଜଗାରିଆ ଝିଅକୁ ହରାଇଲା ପରିବାର



ଅହମଦାବାଦ, ୧୪।୬ (ଏଜେନ୍ସି): ଦୁର୍ଘଟଣାରେ ପ୍ରାଣ ହରାଇଥିବା କ୍ରୁ ସଦସ୍ୟଙ୍କ ମଧ୍ୟରେ ମଣିପୁର ହିଂସା ପୀଡ଼ିତ ୨୬ ବର୍ଷୀୟ ଲାମନୁନ୍ଥେମ୍ ସିଙ୍ଗସନ୍ ସାମିଲ ଅଛନ୍ତି। ସେ ପରିବାରର ଏକମାତ୍ର ରୋଜଗାରକ୍ଷମ ସଦସ୍ୟ ଥିଲେ। ସେ ଜଣେ ରୋଷେୟା ଥିଲେ। ମଣିପୁରରେ ହିଂସା ଯୋଗୁଁ ତାଙ୍କ ପରିବାରକୁ ଘରୁ ଛାଡ଼ିବାକୁ ପଡିଥିଲା। ସେ ଶେଷ ଥର ପାଇଁ ଗତ ୧୧ ତାରିଖରେ ନିଜ ବିଧବା ମାଆଙ୍କ ସହ କଥା ହୋଇଥିଲେ। ଦୁହେଁ ଫୋନରେ ଏକାଠି ପ୍ରାର୍ଥନା କରିଥିଲେ। ସମ୍ପର୍କୀୟ ଭାଇ ଲୁନ୍ କିପଜେନ୍ କହିଛନ୍ତି ଯେ ସିଙ୍ଗସନ୍‌ଙ୍କ ବଡ଼ ଭାଇ କିଛି କାମ କରୁନାହାନ୍ତି। ସେ ଏକ ଗମ୍ଭୀର ରୋଗରେ ପୀଡିତ। ଆଉ ଦୁଇ ଭାଇ ପାଠ ପଢ଼ୁଛନ୍ତି। ସମସ୍ତଙ୍କୁ ଅସହାୟ କରି ଭଉଣୀ ଚାଲି ଯାଇଛି। ଦୁର୍ଘଟଣା ଖବର ମାଆଙ୍କୁ ଗଭୀର ଆଘାତ ଦେଇଛି। ସେ ଖାଇବା ପିଇବା ବନ୍ଦ କରିଦେଇଛନ୍ତି। ଝିଅର ଫେରିବା ବାଟକୁ ଚାହିଁ ରହିଛନ୍ତି।

# ଇରାନ ଆକ୍ରମଣକୁ ଜୋରଦାର କଲା ଇସ୍ରାଏଲ

## ଇରାନର ଏୟାର ଡିଫେନ୍ସ ସିଷ୍ଟମ ଧ୍ୱସ୍ତ, ଆଉ ୭୮ ନିହତ



- ଇସ୍ରାଏଲ ଉପରେ ଇରାନର କ୍ଷେପଣାସ୍ତ୍ର ବର୍ଷା
- ତେଲ୍‌ଆଭିଭ୍ ସେନା ମୁଖ୍ୟାଳୟ କ୍ଷତିଗ୍ରସ୍ତ
- ପରମାଣୁ ଚୁକ୍ତି ସ୍ୱାକ୍ଷର ନ କଲେ ଇରାନ ଉପରେ ଇସ୍ରାଏଲ ଆକ୍ରମଣ ଜୋରଦାର ହେବ: ଟ୍ରମ୍ପ

ତେହରାନ, ୧୪।୬: ଗତକାଲି ଇରାନ ଉପରେ ଇସ୍ରାଏଲର ଅଚାନକ ଓ ଅପ୍ରତ୍ୟାଶିତ ଆକ୍ରମଣ ପରେ ଦୁଇ ଦେଶ ମଧ୍ୟ ଆରମ୍ଭ ହୋଇଯାଇଛି ଯୁଦ୍ଧ। ଆକ୍ରମଣ ଜବାବରେ ଇସ୍ରାଏଲ ଉପରେ ଇରାନ ହମଲା କରିଥିବା ବେଳେ ଇସ୍ରାଏଲ ମଧ୍ୟ ଆକ୍ରମଣ ଜାରି ରଖିଛି। ଏହାକୁ ନେଇ ମଧ୍ୟପ୍ରାଚ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିବା ବେଳେ ବିଭିନ୍ନ ଦେଶ ଉଭୟ ଇରାନ ଓ ଇସ୍ରାଏଲକୁ ସଂଯମ ପାଇଁ ନିବେଦନ କରିଛନ୍ତି। କିନ୍ତୁ ଇସ୍ରାଏଲ ସ୍ପଷ୍ଟ କରିଦେଇଛି ଯେ ଇରାନର ସମସ୍ତ ପରମାଣୁ ଓ ସାମରିକ ପ୍ରତିଷ୍ଠାନ ଧୂଳିସାତ ନହେବା ପର୍ଯ୍ୟନ୍ତ ଆକ୍ରମଣ ଜାରି ରହିବ। ଆମେରିକା ମଧ୍ୟ ଧମକ ଦେଇଛି ଯେ ପରମାଣୁ ଚୁକ୍ତି ନକଲେ ଇରାନ ଉପରେ ଇସ୍ରାଏଲ ଆକ୍ରମଣ ଆହୁରି ତୀବ୍ର ହେବ। ଅନ୍ୟପକ୍ଷରେ ଇରାନ ଧମକ ଦେଇଛି ଯେ ଯୁଦ୍ଧରେ ଇସ୍ରାଏଲକୁ ସହାୟତା କରୁଥିବା ଆମେରିକା, ବ୍ରିଟେନ ଏବଂ ଫ୍ରାନ୍ସକୁ ଏହା ଟାର୍ଗେଟ କରିବ। ମଧ୍ୟପ୍ରାଚ୍ୟରେ ରହିଥିବା ଏହିସବୁ ଦେଶର ସାମରିକ ପ୍ରତିଷ୍ଠାନ ଉପରେ ଏହା ଆକ୍ରମଣ କରିବ।

ଇସ୍ରାଏଲର ପ୍ରଚଣ୍ଡ ଆକ୍ରମଣରେ ଇରାନର ବ୍ୟାପକ କ୍ଷତି ହୋଇଛି। ଗତରାତିରେ ଇସ୍ରାଏଲ କରିଥିବା ତୃତୀୟ ପର୍ଯ୍ୟାୟ ଆକ୍ରମଣରେ ୭୮ ଜଣ ପ୍ରାଣ ହରାଇଥିବା ବେଳେ ୩୨୦ ଜଣ ଆହତ ହୋଇଛନ୍ତି। ନିହତମାନଙ୍କ ମଧ୍ୟରେ ଦୁଇ ଜଣ ବରିଷ୍ଠ ସାମରିକ ଅଧିକାରୀ ରହିଛନ୍ତି। ଇରାନ ପକ୍ଷରୁ କୁହାଯାଛି ଯେ ଏକ ଆବାସିକ ବିଲ୍ଡିଂ ଉପରେ ହୋଇଥିବା ଆକ୍ରମଣରେ ୬୦ ଜଣ ପ୍ରାଣ ହରାଇଥିବା ବେଳେ ସେଥିମଧ୍ୟରୁ ୨୦ ଶିଶୁ ରହିଛନ୍ତି। ଏହାସହିତ ଇସ୍ରାଏଲ ଆକ୍ରମଣରେ ପ୍ରାୟ ୪୦୦ ଲୋକ ପ୍ରାଣ ହରାଇଲେଣି। ଇସ୍ରାଏଲ କ୍ଷେପଣାସ୍ତ୍ର ମାଡ଼ କରିବା ସହିତ ଲଢ଼ୁଆ ବିମାନରୁ ବୋମା ବର୍ଷା ଜାରି ରଖିଛି। ଅନ୍ୟପକ୍ଷରେ ଇରାନ ମଧ୍ୟ ଇସ୍ରାଏଲ ଉପରେ ଗତରାତିରେ ୨୦୦ରୁ ଅଧିକ କ୍ଷେପଣାସ୍ତ୍ର ମାଡ଼ କରିଛି। ଅନେକ କ୍ଷେପଣାସ୍ତ୍ର ରାଜଧାନୀ ତେଲ୍‌ଆଭିଭରେ ପଡ଼ିଛି। କ୍ଷେପଣାସ୍ତ୍ର ମାଡ଼ରେ ଇସ୍ରାଏଲ ପ୍ରତିରକ୍ଷା ବିଭାଗର ମୁଖ୍ୟାଳୟ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ଏଥିରେ ତିନିଜଣ ପ୍ରାଣ ହରାଇଥିବା ବେଳେ ୭୦ରୁ ଅଧିକ ଆହତ ହୋଇଛନ୍ତି। ଇରାନର କ୍ଷେପଣାସ୍ତ୍ର ଆକ୍ରମଣ ପରେ ଇସ୍ରାଏଲ ବାସିନ୍ଦାମାନଙ୍କୁ ନିରାପଦ ସ୍ଥାନକୁ ଚାଲିଯିବା ଲାଗି କୁହାଯାଇଛି। ପ୍ରଧାନମନ୍ତ୍ରୀ ନେତନ୍ୟାହୁଙ୍କୁ ମଧ୍ୟ ନିରାପଦ ସ୍ଥାନକୁ ନିଆଯାଇଛି।

ଇତିମଧ୍ୟରେ ଇସ୍ରାଏଲ ଧମକ ଦେଇଛି ଇରାନ ଆକ୍ରମଣ ଜାରି ରଖିଲେ ରାଜଧାନୀ ତେହରାନ ଉପରେ ଆକ୍ରମଣକୁ ଜୋରଦାର କରାଯିବ। ତେହରାନକୁ ଜଳିବାରୁ କେହି ଅଟକାଇପାରିବେ ନାହିଁ। ଇରାନର ସମସ୍ତ ଏୟାର ଡିଫେନ୍ସ ସିଷ୍ଟମକୁ ଧ୍ୱଂସ କରିଦିଆଯାଇଛି। ଇସ୍ରାଏଲୀ ଲଢ଼ୁଆ ବିମାନ ବିନା ବାଧାରେ ତେହରାନ ଯାଇ ଆକ୍ରମଣ କରିପାରିବେ। ଗତକାଲି ଇସ୍ରାଲର ପ୍ରଥମ ପର୍ଯ୍ୟାୟ ଆକ୍ରମଣରେ ୨୦୦ ଲଢ଼ୁଆ ବିମାନ ୩୦୦ରୁ ଅଧିକ ବୋମା ବର୍ଷା କରିଥିବା ବେଳେ ପରମାଣୁ କେନ୍ଦ୍ର ସମେତ ପ୍ରାୟ ୧୦ଟି ସାମରିକ ପ୍ରତିଷ୍ଠାନ ଧ୍ୱଂସ କରିଦେଇଥିଲେ। ଏଥିରେ ସେନାଧ୍ୟକ୍ଷ ସମେତ ୨୦ରୁ ଅଧିକ ଜେନେରାଲ ଏବଂ ଅନେକ ପରମାଣୁ ବୈଜ୍ଞାନିକ ପ୍ରାଣ ହରାଇଥିଲେ। ଇସ୍ରାଏଲରୁ ତେହରାନ ମଧ୍ୟରେ ଦୂରତା ୧୫୦୦ କିଲୋମିଟର ହୋଇଥିବା ବେଳେ ଇସ୍ରାଏଲର ୧୨ରୁ ଅଧିକ ଯୁଦ୍ଧ ବିମାନ ବିନା କୌଣସି ବାଧାରେ ତେହରାନ ଉପରେ ଉଡ଼ି ବୋମା ବର୍ଷା କରିଥିବା ଇସ୍ରାଏଲ ପକ୍ଷରୁ କୁହାଯାଇଛି। ଏହାର ଜବାବରେ ଇସ୍ରାଏଲ ଉପରେ ଇରାନ ଡ୍ରୋନ ଏବଂ କ୍ଷେପଣାସ୍ତ୍ର ମାଡ଼ କରିଥିଲା। ଯୁଦ୍ଧ ଚାଲିଥିବା ବେଳେ ଉଭୟ ଇରାନ ଏବଂ ଇସ୍ରାଏଲ ସେମାନଙ୍କର ବାୟୁସୀମାକୁ ଯାତ୍ରୀ ବିମାନ ପାଇଁ ବନ୍ଦ କରିଦେଇଛନ୍ତି।

ତେଣେ ଆମେରିକା ପକ୍ଷରୁ କୁହାଯାଇଛି ଯେ ଇସ୍ରାଏଲ ଚଳାଇଥିବା ଆକ୍ରମଣରେ ଏହାର କୌଣସି ହାତ ନାହିଁ। କିନ୍ତୁ ମିଳିଥିବା ଖବର ଅନୁସାରେ ଇରାନ ଉପରେ ଆକ୍ରମଣରେ ଇସ୍ରାଏଲକୁ ସହାୟତା କରୁଛି ଆମେରିକା। ଇରାନ କ୍ଷେପଣାସ୍ତ୍ରକୁ ଆକାଶମାର୍ଗରେ ନିଷ୍କ୍ରୀୟ କରିବାରେ ଆମେରିକାର ସେନା ଇସ୍ରାଏଲକୁ ସହାୟତା କରୁଛି। ରାଷ୍ଟ୍ରପତି ଟ୍ରମ୍ପ କହିଛନ୍ତି ଯେ ଇରାନ ପରମାଣୁ ଚୁକ୍ତିରେ ସ୍ୱାକ୍ଷର ନକଲେ ଇସ୍ରାଏଲ ଏହାର ଆକ୍ରମଣକୁ ଜୋରଦାର କରିବ। ସଂଯମ ରକ୍ଷା କରିବା ଲାଗି ବ୍ରିଟେନ ଓ ଫ୍ରାନ୍ସ ଉଭୟ ଇରାନ ଓ ଇସ୍ରାଏଲକୁ ଅନୁରୋଧ କରିଥିବା ବେଳେ ଇରାନ କହିଛି ଯେ ଯେଉଁମାନେ ଇସ୍ରାଏଲକୁ ସମର୍ଥନ କରୁଛନ୍ତି ମଧ୍ୟପ୍ରାଚ୍ୟରେ ଥିବା ସେମାନଙ୍କର ସାମରିକ ପ୍ରତିଷ୍ଠାନ ଉପରେ ଏହା ଆକ୍ରମଣ କରିବ।

## ଧ୍ୱଂସ ହୋଇଥିବା ଇରାନର ୪ ପରମାଣୁ କେନ୍ଦ୍ର

ତେଲ ଆଭିଭ, ୧୪।୬ (ଏଜେନ୍ସି): ଇସ୍ରାଏଲ ଶୁକ୍ରବାର ସକାଳେ ୨୦୦ ଲଢୁଆ ବିମାନରୁ କ୍ଷେପଣାସ୍ତ୍ର ମାଡ଼ କରି ଇରାନର ୪ଟି ପରମାଣୁ ଏବଂ ୨ଟି ସାମରିକ ଠିକଣାକୁ ଧ୍ୱଂସ କରିଦେଇଛି। ଅନେକ ପ୍ରମୁଖ ସେନା ଅଧିକାରୀଙ୍କ ଘରକୁ ମଧ୍ୟ ନିଶାଣ କରାଯାଇଛି। ଏଥିରେ ସେନାମୁଖ୍ୟ, ସ୍ୱତନ୍ତ୍ର ବାହିନୀର ମୁଖ୍ୟ ସମେତ ୨୦ ପ୍ରମୁଖ ଅଧିକାରୀ ଏବଂ ୬ ଜଣ ପରମାଣୁ ବୈଜ୍ଞାନିକ ନିହତ ହୋଇଛନ୍ତି। ଇସ୍ରାଏଲ କେବଳ ୪ଟି ବଡ଼ ପରମାଣୁ କେନ୍ଦ୍ର, ଅସ୍ତ୍ରଶସ୍ତ୍ର ରଖାଯାଇଥିବା କାରଖାନା ଏବଂ ବଡ଼ ସାମରିକ ଅଧିକାରୀ ରହୁଥିବା ରେସିଡେନସିଆଲ କମ୍ପ୍ଲେକ୍ସକୁ ନଷ୍ଟ କରିଦେଇଛି। ତେହରାନରୁ ପ୍ରାୟ ୨୫୦ କିମି ଦୂରରେ ରହିଛି ନତାଞ୍ଜ ପରମାଣୁ କେନ୍ଦ୍ର। ୨୦୦୨ରେ ପ୍ରଥମ ଥର ପାଇଁ ଏହାର ଫଟୋ ସାମ୍‌ନାକୁ ଆସିଥିଲା। ଏହି ସାଇଟରେ ୯ଟି ପରମାଣୁ ବୋମା ପ୍ରସ୍ତୁତି ଲାଗି ୟୁରାନିୟମ ରଖାଯାଇଥିଲା ବୋଲି କୁହାଯାଉଛି। ଏଠାରେ ଆଡଭାନ୍ସ ସେଣ୍ଟ୍ରିଫ୍ୟୁଜ ଲାଗିଥିଲା। ଏହା ମାଧ୍ୟମରେ ୟୁରାନିୟମ-୨୩୫କୁ ସଫା କରାଯାଉଥିଲା। ପରମାଣୁ ଅସ୍ତ୍ରଶସ୍ତ୍ର ପ୍ରସ୍ତୁତିରେ ବିଶୁଦ୍ଧ ୟୁରାନିୟମ ଜରୁରୀ। ସେଥିପାଇଁ ଏପରି କରାଯାଉଥିଲା। ଗତ ମାର୍ଚ୍ଚ ସୁଦ୍ଧା ଇରାନ ପାଖରେ ୨୭୫ କେଜି ୟୁରାନିୟମ ଥିଲା। ଏହାକୁ ୬୦ ପ୍ରତିଶତ ବିଶୁଦ୍ଧ କରାଯାଇଥିଲା। ଏହି ଦେଶ ଅସ୍ତ୍ରଶସ୍ତ୍ର ନିର୍ମାଣର ନିକଟତର ହୋଇ ଯାଇଥିଲା। ପୂର୍ବରୁ ନେତନ୍ୟାହୁ ଇରାନକୁ ସବୁଠାରୁ ବଡ଼ ପରମାଣୁ ବିପଦ କହିଥିଲେ। ଏଠାରେ ଥିବା ଭୂତଳ ସାଇଟକୁ ଇରାନ ୭.୬ ମିଟରର ମୋଟା କଂକ୍ରିଟ କାନ୍ଥରେ ଢାଙ୍କି ଦେଇଥିଲା। ଏହା ସତ୍ତ୍ୱେ ଇସ୍ରାଏଲ ଆକ୍ରମଣରେ ମୁଖ୍ୟ ଟ୍ରାନ୍ସଫର୍ମର କ୍ଷତି ହୋଇଛି। ତେବେ ଇରାନର ଏହି ପରମାଣୁ କେନ୍ଦ୍ର ଭୂତଳକୁ ୮୦ ମିଟର ଗଭୀରତା ପର୍ଯ୍ୟନ୍ତ ବ୍ୟାପିଛି। ତଳକୁ ୨୬ ମହଲା ପର୍ଯ୍ୟନ୍ତ ଯାଇଛି। ଇରାନର ସିମେଣ୍ଟ ଟେକ୍ନୋଲୋଜି ମଧ୍ୟ ବିଶ୍ୱ ପ୍ରସିଦ୍ଧ। ଏହି ପରମାଣୁ କେନ୍ଦ୍ରର ବିଶେଷ କ୍ଷତି ହୋଇ ନ ଥିବା କୁହାଯାଉଛି। ଏହି ପରମାଣୁ କେନ୍ଦ୍ରରୁ କୌଣସି ପ୍ରକାରର ବିକିରଣ ହୋଇନାହିଁ ବୋଲି ଆଇଏଇଏ ପକ୍ଷରୁ ରିପୋର୍ଟ ଜାରି କରାଯାଇଛି।

ସେହିପରି ରାଜଧାନୀରେ ତେହରାନ ନ୍ୟୁକ୍ଲିୟର ରିସର୍ଚ୍ଚ ସେଣ୍ଟର (ଟିଏନଆରସି) ରହିଛି। ୧୯୬୭ରେ ଆମେରିକା ସହାୟତାରେ ଏହାକୁ ପ୍ରତିଷ୍ଠା କରାଯାଇଥିଲା। ଏଠାରେ ୬୦୦ ଗ୍ରାମ ପର୍ଯ୍ୟନ୍ତ ପ୍ଲୁଟୋନିୟମ ଉତ୍ପାଦନ କରିହେବ। ଏହା ପରମାଣୁ ଅସ୍ତ୍ରଶସ୍ତ୍ର ପାଇଁ ଅତ୍ୟନ୍ତ ସମ୍ବେଦନଶୀଳ। ଏହା ସବୁଠୁ ଅଧିକ ସୁରକ୍ଷିତ ଅଞ୍ଚଳରେ ମଧ୍ୟ ଥିଲା। ଏଠାରେ ଆକ୍ରମଣ କରି ଇସ୍ରାଏଲ ଇରାନକୁ ଚେତାଇ ଦେଇଛି। କୌଣସି କେନ୍ଦ୍ର ସୁରକ୍ଷିତ ନୁହେଁ ବୋଲି ବାର୍ତ୍ତା ଦେଇଛି। ସେହିପରି ଇସଫହାନରେ ୟୁରାନିୟମ କନଭର୍ସନ ଫାସିଲିଟି ରହିଛି। ଏଠାରେ ଅଶୋଧିତ ୟୁରାନିୟମକୁ ଗ୍ୟାସରେ ପରିବର୍ତ୍ତିତ କରାଯାଉଥିଲା। ଏଠାରେ ଅନେକ ଅସ୍ତ୍ରଶସ୍ତ୍ର କେନ୍ଦ୍ର ମଧ୍ୟ ଥିଲା। ତେଣୁ ଇସ୍ରାଏଲ ଏହାକୁ ଧ୍ୱଂସ କରିଦେଇଛି। ଏହା ବ୍ୟତୀତ ଇରାକର ହେଭି ୱାଟର ରିଆକ୍ଟରକୁ ଇସ୍ରାଏଲ ନିଶାଣ କରିଥିଲା। ଏଠାରେ ପ୍ଲୁଟୋନିୟମ ପ୍ରସ୍ତୁତ କରାଯାଉଥିଲା। ଅନୁସନ୍ଧାନ ଏବଂ ରେଡିଓ ଆଇସୋଟପ ଉତ୍ପାଦନ ପାଇଁ ଏହାକୁ ବ୍ୟବହାର କରାଯାଉଥିଲା। ଗବେଷଣାକୁ ରୋକିବା ଲାଗି ଏହାକୁ ଇସ୍ରାଏଲ ଧ୍ୱଂସ କରିଦେଲା।

# ଆମେରିକା ମହିଳା ସାଂସଦ, ସ୍ୱାମୀଙ୍କୁ ହତ୍ୟା

## ଗୁଳିମାଡ଼ରେ ଅନ୍ୟ ଜଣେ ସାଂସଦ ଓ ପତ୍ନୀ ଗୁରୁତର

ୱାଶିଂଟନ, ୧୪।୬ (ଏଜେନ୍ସି): ଆମେରିକାର ଚାଞ୍ଚଲ୍ୟ ଖେଳିଯାଇଛି। ଦେଶରେ ହିଂସା ଜାରି ରହିଥିବାବେଳେ ଶନିବାର ସକାଳେ ମିନେସୋଟା ରାଜ୍ୟରେ ଡେମୋକ୍ରାଟିକ ପାର୍ଟିର ୨ ସାଂସଦଙ୍କ ଘରେ ପଶି ଗୁଳିମାଡ଼ କରାଯାଇଛି। ଏହି ଗୁଳିକାଣ୍ଡରେ ପୂର୍ବତନ ବାଚସ୍ପତି ତଥା ସାଂସଦ ମେଲିସା ହର୍ଟମାନ ଏବଂ ତାଙ୍କ ସ୍ୱାମୀ ମାର୍କ ପ୍ରାଣ ହରାଇଛନ୍ତି। ଷ୍ଟେଟ ସିନେଟର ଜନ୍ ହୋଫମାନ ଏବଂ ତାଙ୍କ ପତ୍ନୀ ୟେଭେଟ ମଧ୍ୟ ଗୁରୁତର ଆହତ ହୋଇଛନ୍ତି। ଉଭୟଙ୍କ ଦେହରେ ଅନେକ ଗୁଳି ବାଜିଛି। ଏବେ ଦୁଇ ଜଣଙ୍କ ଚିକିତ୍ସା ଜାରି ରହିଛି। ଉଭୟଙ୍କ ଅସ୍ତ୍ରୋପଚାର ହୋଇଛି। ଦୁଇ ଜଣଙ୍କ ଜୀବନ ବଞ୍ଚିଯିବ ବୋଲି ଡାକ୍ତର ଆଶାବାଦୀ ଅଛନ୍ତି। ମିନେପୋଲିସର ଉତ୍ତର ଜିଲ୍ଲାରେ ଥିବା ଚେମ୍ପଲିନ ଏବଂ ବ୍ରୁକଲିନରେ ଏହି ଗୁଳିକାଣ୍ଡ ହୋଇଛି। ଆକ୍ରମଣକାରୀ ପୁଲିସ ପୋଷାକ ପିନ୍ଧି ଆସିଥିଲା। ପୋଷାକ ଦେଖି ଯେ କେହି ବି ତାକୁ ପୁଲିସ ଅଧିକାର ଭାବିବ। ସେ ଆସିଥିବା କାର୍‌କୁ ପୁଲିସ ଗିରଫ କରିଛି। ଏହି କାର୍‌ରୁ ଅନେକ ସାଂସଦଙ୍କ ନାମ ତାଲିକା ମିଳିଛି। ଏହି ତାଲିକା ଅନୁଯାୟୀ ଆକ୍ରମଣକାରୀ ସାଂସଦଙ୍କୁ ନିଶାଣ କରୁଛି ବୋଲି କୁହାଯାଉଛି। ତେଣୁ ତାଲିକାରେ ନାମ ଥିବା ସାଂସଦଙ୍କ ସୁରକ୍ଷା ବୃଦ୍ଧି କରାଯାଇଛି।



ଏବେ ବି ଆକ୍ରମଣକାରୀ ଫେରାର ଅଛି। ଆକ୍ରମଣ ପଛର କାରଣ ଜାଣିବା ଲାଗି ଏବଂ ଆକ୍ରମଣକାରୀକୁ ଚିହ୍ନଟ କରିବା ପାଇଁ ପ୍ରୟାସ ଜାରି ରହିଛି। ତାକୁ ଧରିବା ପାଇଁ ରାଜ୍ୟବ୍ୟାପୀ ଅଭିଯାନ ଆରମ୍ଭ କରାଯାଇଛି ବୋଲି ଗଭର୍ଣ୍ଣର ଟିମ ୱାଲ୍‌ଜ କହିଛନ୍ତି। ଦୁଇ ସାଂସଦଙ୍କ ଆକ୍ରମଣ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ସେ ଉଲ୍ଲେଖ କରିଛନ୍ତି। ମେଲିସା ଜଣେ ଭଲ ସାଂସଦ ଥିଲେ। ତାଙ୍କ ସ୍ଥାନ କେହି ନେଇପାରିବେ ନାହିଁ ବୋଲି ୱାଲଜ କହିଛନ୍ତି। ପୁଲିସ ସୂଚନା ଅନୁଯାୟୀ ଆକ୍ରମଣର ଶିକାର ହୋଇଥିବା ଦୁଇ ସାଂସଦଙ୍କ ଘର ମଧ୍ୟରେ ଦୂରତା ମାତ୍ର ୧୨ କିମି ଥିଲା। ହାଫମାନ ଏବଂ ତାଙ୍କ ପତ୍ନୀ ଚେମ୍ପଲିନରେ ରହୁଥିଲେ। ଭାରତୀୟ ସମୟ ସକାଳ ୧୧ଟା ୩୦ରେ ଉଭୟଙ୍କୁ ଗୁଳିମାଡ଼ କରାଯାଇଥିଲା। ହାଫମାନ ୨ଟି ଏବଂ ୟେଭେଟଙ୍କୁ ତିନୋଟି ଗୁଳି ବାଜିଛି।



## ହିମାଚଳରେ ଭୂସ୍ଖଳନ; ଧସିଗଲା ପାହାଡ଼

ନୂଆଦିଲ୍ଲୀ, ୧୪।୬ (ଏଜେନ୍ସି): ମୌସୁମୀ ପୁଣି ସକ୍ରିୟ ହୋଇ ଉଠିଛି। ଏହାର ପ୍ରଭାବରେ ହିମାଚଳ ପ୍ରଦେଶରେ ପ୍ରବଳ ବର୍ଷା ହୋଇଛି। ଏଥିଯୋଗୁଁ ଚମ୍ବା ଜିଲ୍ଲାର ବସ କୁଣ୍ଡି ସୁନାରା ମାର୍ଗରେ ଥିବା ଏକ ପାହାଡ ସମ୍ପୂର୍ଣ୍ଣ ଧସିଯାଇଛି। ଏହାର ଅବଶେଷ ରାସ୍ତା ଉପରକୁ ଖସି ପଡ଼ିଛି। ତେବେ ସୌଭାଗ୍ୟର ବିଷୟ ଏହି କି ଯେ ଏଥିରେ କେହି ମୃତାହତ ହୋଇନାହାନ୍ତି। କୌଣସି ଗାଡ଼ି ଏହା ସଂସ୍ପର୍ଶରେ ଆସିନାହିଁ। ଲୋକେ ବିପଦ ଦେଖି ଆଗୁଆ ସତର୍କ ହୋଇ ଯାଇଥିଲେ। ଟ୍ରାଫିକକୁ ବନ୍ଦ କରି ଦେଇଥିଲେ। ଏହା ପରେ ଦେଖୁ ଦେଖୁ ସମ୍ପୂର୍ଣ୍ଣ ପାହାଡ ରାସ୍ତାକୁ ଖସି ପଡ଼ିଥିଲା। ୫ ମିନିଟ ପର୍ଯ୍ୟନ୍ତ ଧୂଳି ଧୂଆଁ ଉଡିବାରେ ଲାଗିଥିଲା। ଏହା ସମ୍ପୂର୍ଣ୍ଣ ଅଞ୍ଚଳକୁ ଆଚ୍ଛାଦିତ କରିଦେଇଥିଲା। ଏହାର ଭିଡିଓ ଖୁବ ଭାଇରାଲ ହେବାରେ ଲାଗିଛି। ଅନ୍ୟପକ୍ଷରେ ମହାରାଷ୍ଟ୍ର ପୁନେରେ ଶୁକ୍ରବାର ରାତିରେ ପ୍ରବଳ ବର୍ଷା ହୋଇଛି। ଏଥିଯୋଗୁଁ ପିମ୍ପରି ଚିଞ୍ଚୱାଡ ସହରରେ ବନ୍ୟା ଭ୍ରମ ସୃଷ୍ଟି ହୋଇଛି। ନଳାରେ ୪ରୁ ୫ଟି ଗାଡ଼ି ଭାସି ଯାଇଛି। ସେହିପରି ହରିୟାଣାରେ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ସ୍ଥିତିକୁ ଦେଖି ସରକାର ମାର୍ଗଦର୍ଶିକା ଜାରି କରିଛନ୍ତି। ମହିଳାଙ୍କୁ ଦ୍ୱିପହରେ ରୋଷେଇ ନ କରିବାକୁ ସରକାର ପରାମର୍ଶ ଦେଇଛନ୍ତି। ଶୋଷ ନ ଲାଗୁଥିଲେ ବି ପାଣି ପିଇବାକୁ କହିଛନ୍ତି।

## ପାଇଲଟଙ୍କ ଶେଷ ବାର୍ତ୍ତା | ବିମାନ ଉପରକୁ ଉଠୁନି; କେହି ବଞ୍ଚିବୁନି

ଅହମଦାବାଦ, ୧୪।୬ (ଏଜେନ୍ସି): ୨୦୨୫ ଜୁନ୍ ୧୨। ଏହି ଦିନକୁ କେହି ବି ସହଜରେ ଭୁଲି ପାରିବେ ନାହିଁ। ଏୟାର ଇଣ୍ଡିଆ ବିମାନ ଏଆଇ-୧୭୧ ଗୁରୁବାର ଦ୍ୱିପହର ୧ଟା ୩୯ରେ ଅହମଦାବାଦ ବିମାନବନ୍ଦରରୁ ବ୍ରିଟେନ ଅଭିମୁଖେ ଉଡ଼ାଣ ଆରମ୍ଭ କରିଥିଲା। ଏହାର କିଛି ସେକେଣ୍ଡ ମଧ୍ୟରେ ବିମାନ ୬୨୫ ଫୁଟ ଉଚ୍ଚତାରେ ପହଞ୍ଚି ଯାଇଥିଲା। ୧୭୪ ନଟ୍ସର ସ୍ପିଡ୍ ହାସଲ କରିଥିଲା। ମାତ୍ର ଏହି ସମୟରେ ଅଚାନକ ସ୍ଥିତି ବଦଳି ଯାଇଥିଲା। ହଠାତ୍ ବିମାନ ଦ୍ରୁତଗତିରେ ତଳକୁ ଖସିବାରେ ଲାଗିଥିଲା। ଏହା ଦେଖି ପାଇଲଟ ସୁମିତ ସଭରୱାଲ ଏବଂ ସହଯୋଗୀ ପାଇଲଟ କ୍ଲାଇଭ କୁନ୍ଦର ଏୟାର ଟ୍ରାଫିକ କଣ୍ଟ୍ରୋଲର (ଏଟିସି) କୁ ଏମର୍ଜେନ୍ସି କଲ୍ କରିଥିଲେ। 'ମେଡେ ମେଡେ ମେଡେ' କହିଥିଲେ। ପାଇଲଟ ସୁମିତ ସଭରୱାଲ କହିଥିଲେ ଯେ ଥ୍ରଷ୍ଟ ମିଳୁନାହିଁ। ବିମାନ ଉପରକୁ ଉଠି ପାରୁନାହିଁ। ଏହା ତଳକୁ ଖସିବାରେ ଲାଗିଛି। କେହି ବଞ୍ଚିବୁ ନାହିଁ। ମେଡେ ମେଡେ ମେଡେ। ଏହି ବାର୍ତ୍ତା ପାଇବା ପରେ ଏଟିସି ପକ୍ଷରୁ ବିମାନକୁ ଯୋଗାଯୋଗ କରାଯାଇଥିଲା। କିନ୍ତୁ କୌଣସି ଉତ୍ତର ମିଳିପାରି ନ ଥିଲା। ଏହାର କିଛି ସେକେଣ୍ଡ ମଧ୍ୟରେ ବିମାନବନ୍ଦରରୁ ଦୁଇ କିମି ଦୂର ମେଧାନିନଗର ସ୍ଥିତ ମେଡିକାଲ କଲେଜ ପରିସରରେ ବିମାନ ଖସି ପଡ଼ିଥିଲା। ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ କରି ଶନିବାର ଏହି ସୂଚନା ଦିଆଯାଇଛି।

ଏହି ଦିନଟି ଦେଶବାସୀଙ୍କୁ ଦାରୁଣ ଦୁଃଖ ଦେଇ ଯାଇଛି। ଏ ପର୍ଯ୍ୟନ୍ତ ୨୭୫ ମୃତଦେହ ଉଦ୍ଧାର କରାଗଲାଣି।

ବିମାନର ମୁଖ୍ୟ ପାଇଲଟ ସୁମିତଙ୍କ ପାଖରେ ୮, ୨୦୦ ଘଣ୍ଟାରୁ ଅଧିକ ଉଡ଼ାଣ



ଅଭିଜ୍ଞତା ଥିଲା। ସେହିପରି ସହଯୋଗୀ ପାଇଲଟ ପାଖରେ ମଧ୍ୟ ୧୧୦୦ ଘଣ୍ଟା ଉଡ଼ାଣର ଅଭିଜ୍ଞତା ରହିଥିଲା। ଏହାସତ୍ତ୍ୱେ ଏଭଳି କ'ଣ ହୋଇଥିଲା ଯେ ୨ ମିନିଟରୁ କମ୍ ସମୟ ମଧ୍ୟରେ ଭାରତର ସବୁଠୁ ଭୟାନକ ବିମାନ ଦୁର୍ଘଟଣା ଘଟିଥିଲା ବୋଲି ପ୍ରଶ୍ନ ଉଠୁଛି। ଏହି ବିମାନ ପ୍ୟାରିସ-ଦିଲ୍ଲୀ-ଅହମଦାବାଦର ଉଡ଼ାଣକୁ ସଫଳତାର ସହ ଶେଷ କରିଥିଲା ବୋଲି ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି।

ଅନ୍ୟପକ୍ଷରେ ବିମାନ ଦୁର୍ଘଟଣା ଜନିତ ମୃତ୍ୟୁସଂଖ୍ୟା ୨୭୫ରେ ପହଞ୍ଚି ଯାଇଛି। ମୃତଦେହ ରଖିବା ପାଇଁ ୧୭୦ କଫିନ ଅର୍ଡର କରାଯାଇଛି। ଏୟାର ଇଣ୍ଡିଆର ମ୍ୟାନେଜର ଫୋନ କରି ଏ ନେଇ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି। ଏହାମଧ୍ୟରେ ଅହମଦାବାଦ ସିଭିଲ ହସ୍ପିଟାଲର ଡେପୁଟି ସିଭିଲ ସୁପରିଟେଣ୍ଡେଣ୍ଟ ରଜନୀଶ ପଟେଲ କହିଛନ୍ତି ଯେ ଏ ପର୍ଯ୍ୟନ୍ତ ୨୪୮ ମୃତଦେହର ଡିଏନଏ ନମୁନାକୁ ପୁଣିଥରେ ଯାଞ୍ଚ କରାଗଲାଣି। ଏଥିରୁ ୧୧ ଡିଏନ୍‌ଏ ସମ୍ପର୍କୀୟଙ୍କ ସହ ମିଶିଛି। ଆଜି ଜଣେ ମହିଳାଙ୍କ ମୃତଦେହ ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି। ଏବେ ସୁଦ୍ଧା ୯ ମୃତଦେହ ହସ୍ତାନ୍ତର କରାଗଲାଣି। ୮ ଜଣ ଆହତଙ୍କ ଚିକିତ୍ସା ଜାରି ରହିଥିବା ବେଳେ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ଏହା ପୂର୍ବରୁ ବିଜେ ମେଡିକାଲରେ ଫସିଥିବା ବିମାନର ପଛ ଭାଗ ବାହାର କରାଯାଉଥିବା ବେଳେ ଏକ ମୃତଦେହ ମିଳିଥିଲା। ଏହି ମୃତଦେହ ଏୟାର ହୋଷ୍ଟେସଙ୍କର ହୋଇପାରେ ବୋଲି କୁହାଯାଉଛି। ଅନ୍ୟପଟେ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଲୋକଙ୍କ ସମ୍ପର୍କୀୟଙ୍କ ଅନ୍ତରୀଣ ସହାୟତା ଭାବେ ପ୍ରଥମେ ୨୫ ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି ଏୟାର ଇଣ୍ଡିଆ ପକ୍ଷରୁ ଘୋଷଣା କରାଯାଇଛି। ତତ୍କାଳ ସହାୟତା ଭାବେ ଆହତ ଏବଂ ମୃତକଙ୍କ ପରିବାରକୁ ଏହି ଅର୍ଥ ପ୍ରଦାନ କରାଯିବ।

**ସରଣ୍ଡାରେ ସର୍ଚ୍ଚ ଅପରେସନ ବେଳେ ଆଇଇଡି ବିସ୍ଫୋରଣ**

## ସିଆରପିଏଫ୍ ଏଏସ୍ଆଇ ସହିଦ

ରାଉରକେଲା,୧୪।୬ (ସମିସ): ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତ ସରଣ୍ଡା ଜଙ୍ଗଲରେ ମାଓବାଦୀଙ୍କ ଦ୍ୱାରା ଖଞ୍ଜାଯାଇଥିବା ଏକ ଆଇଇଡି (ଲ୍ୟାଣ୍ଡମାଇନ୍) ବିସ୍ଫୋରଣରେ ଜଣେ ସିଆରପିଏଫ୍ ଯବାନ ସହିଦ ହୋଇଛନ୍ତି। ତାଙ୍କ ଦୁଇଗୋଡ଼ ଉଡିଯିବା ସହ ଶରୀର ଖଣ୍ଡଖଣ୍ଡ ହୋଇଯାଇଛି। ସେ ହେଲେ, ସିଆରପିଏଫ୍ ଏଏସ୍ଆଇ ସତ୍ୟବାନ କୁମାର ସିଂ(୩୪)। ତାଙ୍କ ଘର ଉତ୍ତରପ୍ରଦେଶରେ। ସେ ଝାଡ଼ଖଣ୍ଡରେ ସିଆରପିଏଫ୍‌ର ୧୩୪ ବାଟାଲିୟନ୍‌ରେ ଏଏସ୍ଆଇ ଭାବେ କାର୍ଯ୍ୟରତ ଥିଲେ। ଶନିବାର ସକାଳେ ସୁନ୍ଦରଗଡ଼ ଜିଲ୍ଲାର ଲଙ୍ଗଲକଟା ଅଞ୍ଚଳରେ ଚାଲିଥିବା ସର୍ଚ୍ଚ ଅପରେସନ୍‌ରେ ସେ ସହିଦ ହୋଇଛନ୍ତି।

ସୂଚନାଯୋଗ୍ୟ, ସୁନ୍ଦରଗଡ଼ ଜିଲ୍ଲା କେ. ବଲାଙ୍ଗ ଥାନା ବାଙ୍କୋ-ଲଙ୍ଗଲକଟା ଅଞ୍ଚଳରେ ସିଆରପିଏଫ୍ ଯବାନମାନେ ସର୍ଚ୍ଚ ଅପରେସନ କରୁଥିଲେ। ଭୋର ପ୍ରାୟ ୫ଟା ୪୫ରେ ଲଙ୍ଗଲକଟା ନିକଟ ସିଲିକୁଟା ସଂରକ୍ଷିତ ଜଙ୍ଗଲରେ ମାଓବାଦୀ ଖଞ୍ଜିଥିବା ଏକ ଲ୍ୟାଣ୍ଡମାଇନ୍ ହଠାତ୍ ବିସ୍ଫୋରଣ ହୋଇଥିଲା। ଏଥିରେ ସିଆରପିଏଫ୍ ଏଏସ୍ଆଇ ସତ୍ୟବାନ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ରାଉରକେଲାର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାଏ ଓ ଏସ୍‌ପି ନିତେଶ ୱାଧୱାନୀ ହସ୍ପିଟାଲରେ ପହଞ୍ଚି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଂପର୍କରେ ପଚାରି ବୁଝିଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ହୋଇଛି। ପରେ ସହିଦ ସତ୍ୟବାନଙ୍କ ପାର୍ଥିବ ଶରୀରକୁ ସମ୍ମାନର ସହ ହସ୍ପିଟାଲରୁ ସ୍ୱତନ୍ତ୍ର ବିମାନରେ ରାଞ୍ଚି ଓ ସେଠାରୁ ତାଙ୍କ ଜନ୍ମମାଟି ଉତ୍ତରପ୍ରଦେଶକୁ ପଠାଯାଇଥିବା ଜଣାଯାଇଛି।



### ଜନ୍ମମାଟି ଉତ୍ତରପ୍ରଦେଶକୁ ଗଲା ମରଶରୀର

ସୂଚନାଯୋଗ୍ୟ ଯେ, ଗତ ମଇ ୨୭ ତାରିଖରେ କେ. ବଲାଙ୍ଗ ଥାନା ବାଙ୍କୋ ପଥର ଖଣି ନିକଟରୁ ୩୦/୪୦ ଜଣ ସଶସ୍ତ୍ର ମାଓବାଦୀ ବଡଗାଁରୁ ଯାଉଥିବା ୫ ଟନ୍ ବିସ୍ଫୋରକ ବୋଝେଇ ଏକ ଭ୍ୟାନକୁ ଲୁଟି ନେଇଥିଲେ। ଏହି ଘଟଣା ପରେ ଓଡ଼ିଶା - ଝାଡ଼ଖଣ୍ଡ ପୁଲିସର ମିଳିତ ସର୍ଚ୍ଚ ଅପରେସନ କରାଯାଇ ତିରିଲପୋସି ନିକଟରୁ ୩ଟି ପର୍ଯ୍ୟାୟରେ ମାଟି ତଳେ ମାଓବାଦୀମାନେ ପୋତି ଲୁଚାଇ ରଖିଥିବା ୩.୮ ଟନ୍ ବିସ୍ଫୋରକ ଜବତ କରାଯାଇଥିଲା। ତେବେ ଏବେ ବି ୧୨୦୦ କେଜିର ବିସ୍ଫୋରକ ସାମଗ୍ରୀ ମାଓବାଦୀମାନେ କେଉଁଠି ଲୁଚାଇ ରଖିଛନ୍ତି ତାର ଚେର ପାଉନି ପୁଲିସ। ଏବେ ସରଣ୍ଡା ଜଙ୍ଗଲରେ ଏହି ସର୍ଚ୍ଚ ଅପରେସନ ଜାରି ରହିଛି। ଆଜି ସତ୍ୟବାନ ସହିଦ ହେବା ଘଟଣା ଉଭୟ ଓଡ଼ିଶା ଓ ଝାଡଖଣ୍ଡ ରାଜ୍ୟ ପୁଲିସ ପାଇଁ ଚାଲେଞ୍ଜ ସୃଷ୍ଟି କରିଛି। ଏବେ ସର୍ଚ୍ଚ ଅପରେସନକୁ ସ୍ଥଗିତ ରଖି ପୁଲିସ ନୂଆ ରଣନୀତି ପ୍ରସ୍ତୁତ କରୁଥିବା ସୂଚନା ମିଳିଛି। ସମସ୍ତ ଯବାନ ଏବେ ଅପରେସନରୁ ଫେରି ଆସିଥିବା ସୂଚନା ମିଳିଛି।

## ରତ୍ନଭଣ୍ଡାର ମରାମତି ଶୀଘ୍ର ସାରିବାକୁ ଏଏସ୍ଆଇକୁ ଚିଠି

ପୁରୀ, ୧୪।୬ (ସମିସ): ରତ୍ନଭଣ୍ଡାର ମରାମତି ତଥା ସଂରକ୍ଷଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଏଏସ୍ଆଇ ମହାନିର୍ଦ୍ଦେଶକଙ୍କୁ ପତ୍ର ଲେଖିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ। ଆଗାମୀ ରଥଯାତ୍ରା ସମୟରେ ମିଳିବାକୁ ଥିବା ଅବଧି (ଜୁନ୍ ୨୮ ରୁ ଜୁଲାଇ ୬) ମଧ୍ୟରେ ବାକିଥିବା ରତ୍ନଭଣ୍ଡାର କାମ ତ୍ୱରାନ୍ୱିତ କରି ଶୀଘ୍ର ସମାପନ ପାଇଁ ଚିଠିରେ ମୁଖ୍ୟ ପ୍ରଶାସକ ଉଲ୍ଲେଖ କରିଛନ୍ତି। ରତ୍ନଭଣ୍ଡାରର ଗୁରୁତ୍ୱ ଦୃଷ୍ଟିରୁ ଏହି କାର୍ଯ୍ୟକୁ ଅଗ୍ରାଧିକାର ଭିତ୍ତିରେ ହାତକୁ ନେବାକୁ ଚିଠିରେ ଦର୍ଶାଇଛନ୍ତି। ସେହିପରି ରଥଯାତ୍ରା ସମୟରେ କରାଯାଉଥିବା ଗର୍ଭଗୃହ ତଥା ଅନ୍ୟ ଗୁରୁତ୍ୱପୂର୍ଣ୍ଣ ସଂରକ୍ଷଣ କାର୍ଯ୍ୟର ତଦାରଖ ଏଏସ୍ଆଇ ଉପମହାନିର୍ଦ୍ଦେଶକ କିମ୍ବା ନିର୍ଦ୍ଦେଶକ ପଦର ଅଧିକାରୀଙ୍କ ଦ୍ୱାରା କରାଯିବାକୁ ମୁଖ୍ୟ ପ୍ରଶାସକ ଜଣାଇଛନ୍ତି।

ଅରୁଣ ସ୍ତମ୍ଭ ନିକଟରେ ଖଣ୍ଡୋଲାଇଟ୍ ପଥର ବଦଳାଇବା ଏବଂ ବର୍ତ୍ତମାନ ସୁଦ୍ଧା ରତ୍ନଭଣ୍ଡାରର ସଂରକ୍ଷଣ ଆଦି କାମ ପାଇଁ

### ଏଏସ୍ଆଇ ଡିଜିଙ୍କୁ ଚିଠି ଲେଖିଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ

ଏଏସ୍ଆଇକୁ ଧନ୍ୟବାଦ ଜ୍ଞାପନ କରିଛନ୍ତି ମୁଖ୍ୟ ପ୍ରଶାସକ। ଏଥିସହ ୩ଟି ବିନ୍ଦୁ ଉପରେ ସ୍ୱତନ୍ତ୍ର ଭାବେ ଧ୍ୟାନ ଆକର୍ଷଣ ମଧ୍ୟ କରିଛନ୍ତି। ସେଗୁଡ଼ିକ ହେଉଛି, ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁସାରେ ଉତ୍ତରଦ୍ୱାରଠାରେ ରାମ୍ପ୍ ନିର୍ମାଣ ଏଏସ୍ଆଇ ପରାମର୍ଶ ତଥା ମାର୍ଗଦର୍ଶନରେ ଶେଷ ହୋଇଛି। ଏଏସ୍ଆଇର ନିର୍ଦ୍ଦେଶକ (ସଂରକ୍ଷଣ)ଙ୍କ ଅନୁଧ୍ୟାନ ପରେ ନାଟମଣ୍ଡପକୁ ବାତାନୁକୁଳିତ କରାଯିବା ନେଇ ପରିବର୍ତ୍ତିତ ଡିଜାଇନ ଦାଖଲ କରାଯିବା ସହ ଏ ସଂକ୍ରାନ୍ତରେ ଏଏସ୍ଆଇର ସହମତି ପ୍ରଦାନ ପାଇଁ ଅନୁରୋଧ କରିଛନ୍ତି। ଏତଦ୍‌ବ୍ୟତୀତ ଶ୍ରୀମନ୍ଦିର ଓ ବେଢ଼ାରେ ଥିବା ପାର୍ଶ୍ୱ ମନ୍ଦିରଗୁଡ଼ିକର ସୁନ୍ଦର ଭାବେ ଆଲୋକୀକରଣ ସକାଶେ ଏଏସ୍ଆଇ ପରାମର୍ଶଦାତାଙ୍କ ସହ ଆଲୋଚନା ହୋଇଛି। ବିସ୍ତୃତ ରିପୋର୍ଟ ପାଇବା ପରେ ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଟେଣ୍ଡର୍ କରାଯାଇ କାର୍ଯ୍ୟ ଆରମ୍ଭ କରାଯିବ। ଶ୍ରୀମନ୍ଦିରର ଦୀର୍ଘମିଆଦି ସଂରକ୍ଷଣ ତଥା ସ୍ଥାପତ୍ୟ ସୁରକ୍ଷା ପାଇଁ ଏଏସ୍ଆଇର ସହଯୋଗ କାମନା କରିବା ସହ ଅନୁରୋଧ କରାଯାଇଥିବା ସମସ୍ତ କାର୍ଯ୍ୟର ଗୁରୁତ୍ୱକୁ ଉପଲବ୍ଧି କରି ଧାର୍ଯ୍ୟ ସମୟସୀମା ଭିତରେ ସାରିବାକୁ ପତ୍ରରେ ଉଲ୍ଲେଖ କରିଛନ୍ତି ମୁଖ୍ୟ ପ୍ରଶାସକ ଡ. ପାଢ଼ୀ।

**ଛୁଆକୁ ଦେଖିବା ଆଗରୁ ଚାଲିଗଲା ବାପାର ଜୀବନ**

## ବାଇକ୍‌କୁ ପଛରୁ ପିଟିଲା ଟ୍ରକ୍; ୨ ମୃତ





ନୂଆପଡ଼ା, ୧୪।୬ (ସମିସ): ନିଜର ନବଜାତ ସନ୍ତାନକୁ ଆଖି ପୂରେଇ ଦେଖିବା ଆଗରୁ ଚାଲିଗଲା ବାପାର ଜୀବନ। ନୂଆପଡ଼ା ଜିଲ୍ଲା ସଦର ମହକୁମାଠାରୁ ମାତ୍ର ୧୦ କିଲୋମିଟର ଦୂର ଦଲଦଲି ଗାଁ ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ଏହି ଅଘଟଣ ଘଟିଛି। ଏକ ଟ୍ରକ୍ ଧକ୍କାରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଧାରଣା ଦେଇଥିଲେ। ତେବେ ପ୍ରଶାସନ ତରଫରୁ ଦୁଇ ପରିବାରକୁ ରେଡ୍‌କ୍ରସ୍ ତରଫରୁ ଅନୁକମ୍ପାମୂଳକ ସହାୟତା ପ୍ରଦାନ କରାଯିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

ସୂଚନାନୁଯାୟୀ, କ୍ଷମାସାଗରଙ୍କ ସ୍ତ୍ରୀ ବୃନ୍ଦା ତରବୋଡ଼ ହସ୍ପିଟାଲରେ ଏକ ସନ୍ତାନ ପ୍ରସବ କରିଥିଲେ। ତାଙ୍କୁ ଭ୍ୟାନ୍

### ଡାକ୍ତରଖାନାରେ ଉତ୍ତ୍ୟକ୍ତଲୋକଙ୍କ ଧାରଣା

ମୃତକଦ୍ୱୟ ହେଲେ, ସ୍ଥାନୀୟ ଦିଆମୁଣ୍ଡା ଗାଁର କ୍ଷମାସାଗର ଧରୁଆ (୨୫) ଓ ପୂରନ୍ଦର ଧରୁଆ (୪୫)। ପୁଲିସ୍ ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି। ତେବେ ଏହି ଘଟଣାକୁ ନେଇ ଆଜି ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ସହ ଦୁର୍ଘଟଣା ରୋକିବା ଦିଗରେ ସ୍ଥାୟୀ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାଯିବାକୁ ଦାବି କରି ଉତ୍ତ୍ୟକ୍ତ ଲୋକେ ଯୋଗେ କ୍ଷମାସାଗରଙ୍କ ଶ୍ୱଶୁରଘର ଦଲଦଲିକୁ ନିଆଯାଇଥିଲା। ଗାଡ଼ି ପଛପଛେ କ୍ଷମାସାଗର ନିଜର ସହଯୋଗୀ ପୂରନ୍ଦରଙ୍କ ସହ ଏକ ବାଇକ୍‌ରେ ଦଲଦଲିକୁ ଆସୁଥିଲେ। ତେବେ ଗାଁ ନିକଟରେ ପହଞ୍ଚିବା ବେଳେ ପଛପଟୁ ଏକ ଟ୍ରକ୍ ତାଙ୍କ ବାଇକ୍‌କୁ ଧକ୍କା ଦେଇ ଚାଲିଯାଇଥିଲା। ସ୍ଥାନୀୟ ଲୋକେ ଦୁହିଁଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ। ଶନିବାର ସକାଳେ ଦୁହିଁଙ୍କ ପରିବାରଲୋକଙ୍କ ସହ ଗ୍ରାମବାସୀମାନେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି କ୍ଷତିପୂରଣ ରାଶି ପ୍ରଦାନ ପାଇଁ ଦାବି କରି ଧାରଣା ଦେଇଥିଲେ।

ଧାରଣାରେ ଆଦିବାସୀ କଲ୍ୟାଣ ସଙ୍ଘର ଜିଲ୍ଲା ସଭାପତି ଭାନୁ ପ୍ରତାପ ସିଂ ମାଝୀ, ସାଧାରଣ ସମ୍ପାଦକ ଭକ୍ତ ବନ୍ଧୁ ଧରୁଆ, ଶ୍ରମିକ ନେତା ଯଦୁମଣି ପାଣିଗ୍ରାହୀ ସାମିଲ ହୋଇ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ଜବତ କରିବା ସହ ଜାତୀୟ ରାଜପଥରେ ଘଟୁଥିବା ଦୁର୍ଘଟଣାର ସ୍ଥାୟୀ ପ୍ରତିକାର କରିବାକୁ ଦାବି କରିଥିଲେ। ଖବର ପାଇ ଉପଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀଙ୍କ ସହ ଧାରଣାସ୍ଥଳରେ ପହଞ୍ଚି ମୃତକଙ୍କ ପରିବାରଲୋକଙ୍କ ସହ ଆଲୋଚନା କରିଥିଲେ। ରେଡକ୍ରସ ପାଣ୍ଠିରୁ ଦୁଇ ମୃତକଙ୍କ ପରିବାରକୁ ୨୦ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରିଥିଲେ। ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ୨୦ରେ ଓଡ଼ିଶା ଆସୁଛନ୍ତି ପ୍ରଧାନମନ୍ତ୍ରୀ

- ଭୁବନେଶ୍ୱରରେ ରୋଡ୍ ଶୋ, ଜନତା ମଇଦାନରେ ସମ୍ବୋଧନ
- ଅନ୍ତ୍ୟୋଦୟ ଯୋଜନା ହିତାଧିକାରୀଙ୍କୁ କରିବେ କାର୍ଯ୍ୟାଦେଶ ବଣ୍ଟନ

ଭୁବନେଶ୍ୱର,୧୪।୬(ସମିସ): ରାଜ୍ୟ ବିଜେପି ସରକାରଙ୍କ ଶାସନର ଏକ ବର୍ଷ ପୂର୍ତ୍ତି ଅବସରରେ ଆସନ୍ତା ୨୦ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶା ଆସୁଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ଭୁବନେଶ୍ୱରରେ ଏକ ରୋଡ୍ ଶୋରେ ଯୋଗଦେବେ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ଶନିବାର ସୂଚନା ଦେଇଛନ୍ତି।

ଶ୍ରୀ ନାଏକ କହିଛନ୍ତି ଯେ ୨୦ ତାରିଖ ଅପରାହ୍ନ ୩ଟାରେ ପ୍ରଧାନମନ୍ତ୍ରୀ ଭୁବନେଶ୍ୱର ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବେ। ବିମାନବନ୍ଦରରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯିବା ପରେ ପ୍ରଧାନମନ୍ତ୍ରୀ ତ୍ରିରଙ୍ଗା ଯାତ୍ରାରେ ସାମିଲ ହେବା ସହ ଭୁବନେଶ୍ୱରରୁ ଜନତା ମଇଦାନ ଯାଏଁ ଆୟୋଜିତ ରୋଡ୍ ଶୋ'ରେ ସାମିଲ ହେବେ। ଜନତା ମଇଦାନରେ ଅନୁଷ୍ଠିତ ବିଶାଳ ସମାବେଶରେ ପ୍ରଧାନମନ୍ତ୍ରୀ ଉପସ୍ଥିତ କର୍ମୀ ଏବଂ ରାଜ୍ୟବାସୀଙ୍କୁ ସମ୍ବୋଧନ କରିବେ ବୋଲି ଜଣାପଡ଼ିଛି।

ମନ୍ତ୍ରୀ ଶ୍ରୀ ନାଏକ ଆହୁରି ମଧ୍ୟ କହିଛନ୍ତି ଯେ ଏହି ଅବସରରେ ପ୍ରଧାନମନ୍ତ୍ରୀ ଅନ୍ତ୍ୟୋଦୟ ଯୋଜନାରେ ୫୦ ହଜାର ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବାଣ୍ଟିବେ। ଏଥିସହିତ ପ୍ରଧାନମନ୍ତ୍ରୀ କିଛି ନୂଆ ଯୋଜନା ଘୋଷଣା କରିବାର ସମ୍ଭାବନା ରହିଛି। ବିଶେଷକରି ଏହି ଅବସରରେ ମହାପୁରୁଷ ଆଦର୍ଶ ଗାଁ ଯୋଜନା ଘୋଷଣା ହୋଇପାରେ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତକୁ ସଫଳ କରିବା ପାଇଁ ଉଭୟ ସରକାର ଏବଂ ଦଳୀୟ ସଂଗଠନ ଜୋର୍‌ଦାର୍ ପ୍ରସ୍ତୁତି ଚଳାଇଛନ୍ତି। ସାଂଗଠନିକ ସ୍ତରରେ ଏଥିପାଇଁ ଦଳୀୟ ବିଧାୟକଙ୍କୁ ନିର୍ଦ୍ଦିଷ୍ଟ ଦାୟିତ୍ୱ ପ୍ରଦାନ କରାଯାଇଥିବା ମଧ୍ୟ ଜଣାପଡ଼ିଛି।

**ଲୁଣି ମାଛ ବଜାରରେ ବଢ଼ିବ ଗହଳିଚହଳି**

## ଆଜି ମୁହାଣରୁ ବାହାରିବ ଶହଶହ ଟ୍ରଲର୍

ବାଲେଶ୍ୱର, ୧୪।୬(ସମିସ): ଦୀର୍ଘ ଦିନ ଧରି ଶାନ୍ତ ପଡ଼ିଥିବା ବାଲେଶ୍ୱରର ଲୁଣି ମାଛ ବଜାରରେ ପୁଣି ଗହଳିଚହଳି ବଢ଼ିବ। ହାତବାନ୍ଧି ବସିଥିବା ଟ୍ରଲର୍ ମାଲିକ, ମତ୍ସ୍ୟଜୀବୀ, ଛୋଟବଡ଼ ମାଛ ବ୍ୟବସାୟୀ ଚଳଚଞ୍ଚଳ ହେବେ। ଚାଲିବ କୋଟି କୋଟି ଟଙ୍କାର କାରବାର। ଦୁଇ ମାସର କଟକଣା ପରେ ଆସନ୍ତାକାଲି (ରବିବାର) ସମୁଦ୍ରକୁ ମାଛ ମାରିବାକୁ ବାଲେଶ୍ୱର

### ଦୁଇ ମାସର କଟକଣା ପରେ ସମୁଦ୍ରକୁ ଯିବେ ମତ୍ସ୍ୟଜୀବୀ

ଜିଲ୍ଲା ପ୍ରମୁଖ ମାଛ ଅବତରଣ କେନ୍ଦ୍ର ବଳରାମଗଡ଼ି, ବାହାବଳପୁର, କଷାଫଳ ଆଦି ମୁହାଣରୁ ଶହଶହ ଟ୍ରଲର୍ ଗଭୀର ସମୁଦ୍ରକୁ ଯିବେ। ଏଥିପାଇଁ ମତ୍ସ୍ୟଜୀବୀ ଓ ଟ୍ରଲର୍ ମାଲିକଙ୍କ ପକ୍ଷରୁ ସବୁ ପ୍ରକାର ପ୍ରସ୍ତୁତି ସରିଛି। ଆଜି ବଳରାମଗଡ଼ିରେ ଟ୍ରଲର୍‌ଗୁଡ଼ିକୁ ପୂଜା କରାଯିବା ସହ ଆବଶ୍ୟକ ସରଞ୍ଜାମ ଭର୍ତ୍ତି କରାଯାଇଛି। ମୁଖ୍ୟତଃ ଟ୍ରଲର ପାଇଁ ତେଲ, ଖାଦ୍ୟ ପଦାର୍ଥ, ଜାଲ, ବରଫ ଇତ୍ୟାଦି ପ୍ରସ୍ତୁତ କରାଯାଇଛି। ଆସନ୍ତାକାଲି ଜୁଆର ସମୟ ସକାଳ ୧୦ରୁ ୧୨ଟା ମଧ୍ୟରେ ସମୁଦ୍ର ମଧ୍ୟକୁ ଟ୍ରଲର୍‌ଗୁଡ଼ିକ



ମାଛ ମାରିବାକୁ ବାହାରିବେ ବୋଲି ଜଣାଯାଇଛି।

ସୂଚନାନୁଯାୟୀ, ଏପ୍ରିଲ୍ ୧୫ରୁ ଜୁନ୍ ୧୫ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କୁ ମାଛମରା ଟ୍ରଲର୍ ନେଇ ସମୁଦ୍ରକୁ ଯିବାକୁ ବାରଣ କରାଯାଇଥାଏ। ଏହି ଦୁଇ ମାସ ସାମୁଦ୍ରିକ ଜୀବ ଓ ମାଛମାନଙ୍କର ପ୍ରଜନନ ସମୟ ହୋଇଥିବାରୁ ସରକାର କଟକଣା ଲଗାଇଥା'ନ୍ତି। ତେବେ ଆସନ୍ତାକାଲି (ରବିବାର) ସକାଳ ୬ଟାରେ ଏହି କଟକଣା ଅବଧି ଶେଷ ହେଉଛି। ତେଣୁ, ମାଛ ମାରିବାକୁ ଯିବା ପାଇଁ ମତ୍ସ୍ୟଜୀବୀମାନେ ଉତ୍ସାହିତ ଅଛନ୍ତି।

ଜଣେ ଟ୍ରଲର୍ ମାଲିକ କହିଛନ୍ତି ଯେ ମୁହାଣରୁ ଟ୍ରଲର୍ ଛାଡ଼ିବା ପରେ ସମୁଦ୍ରରେ ମାଇଲ୍ ମାଇଲ୍ ବାଟ ଘୂରି ବୁଲି ମାଛ ଧରିବେ। ପାଖାପାଖି ୧୫ ଦିନ ଗଭୀର ସମୁଦ୍ରରେ ମାଛ ଧରିବା ପରେ ପୁଣି ଫେରି ଆସିବେ। ଫଳରେ ଖୁବ୍ କମ୍ ଦିନ ଭିତରେ ବାଲେଶ୍ୱରର ପ୍ରମୁଖ ଲୁଣି ମାଛ ମାର୍କେଟ୍‌ଗୁଡ଼ିକ ପୁଣି ଚଳଚଞ୍ଚଳ ହୋଇଉଠିବ। ବଜାରରେ ଇଲିସି, ଫିରିକି, ଚିଙ୍ଗୁଡ଼ି, ଶିଳା ଭଳି ବିଭିନ୍ନ ପ୍ରକାରର ଲୁଣି ମାଛ ଗ୍ରାହକଙ୍କୁ ଶସ୍ତାରେ ମିଳିପାରିବ ଏବଂ ମାଛ ଧରାଳି, ବେପାରୀ ବି ଭଲ ଦି' ପଇସା ରୋଜଗାର କରିପାରିବେ। ଆଗକୁ ଭଲ ମୌସୁମୀ ବର୍ଷା ହେଲେ ଅଧିକ ଇଲିସି ମାଛ ଜାଲରେ ଲାଗିବେ ବୋଲି ସେ ଆଶାବାଦୀ ଅଛନ୍ତି।

ଟ୍ରଲର ଚାଳକ ଦୟାନିଧି ଦାସ, ନନ୍ଦ ମୌଳିକ, ଚାଳକ ଓ ମତ୍ସ୍ୟଜୀବୀ ପ୍ରଭାକର ମୌଳିକ ପ୍ରମୁଖ କହିଛନ୍ତି ଯେ ମାଛର ପ୍ରଜନନ ପାଇଁ ଦୁଇ ମାସ ସମୁଦ୍ରକୁ କଟକଣା ରହିଥିବା ବେଳେ ଏହି ସମୟରେ ଟ୍ରଲର ମାଲିକମାନେ ଟ୍ରଲର୍ ମରାମତି କରିଥା'ନ୍ତି। ସେହିପରି ମତ୍ସ୍ୟଜୀବୀମାନେ ଛୋଟ ବୋଟ ମରାମତି ଓ ଅନ୍ୟାନ୍ୟ ପ୍ରସ୍ତୁତି କରିଦେଇଥା'ନ୍ତି। ଅପରପକ୍ଷେ, ମାଛମରା ବନ୍ଦ ଯୋଗୁଁ ସମୁଦ୍ରରେ ମାଛ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଥାଏ। ଏଣୁ ଗୋଟିଏ ଗୋଟିଏ ଟ୍ରଲର ୪୦୦ ରୁ ୫୦୦ ଜାଲି ମାଛ ସଂଗ୍ରହ କରି କୂଳକୁ ଫେରିବେ ବୋଲି ଆଶା ରଖିଛନ୍ତି। ଏଥିପାଇଁ ମତ୍ସ୍ୟଜୀବୀ ମାନଙ୍କୁ ୧୦ ରୁ ୧୫ ଦିନ ସମୁଦ୍ର ମଧ୍ୟରେ ରାତି କାଟିବାକୁ ପଡ଼ିବ। ଏହାରି ମଧ୍ୟରେ ଖାଇବା ଶୋଇବା ସବୁ ହୋଇଥାଏ। ସେପଟେ, ଥରେ ସିଜିନ୍ ଆରମ୍ଭରୁ ଟ୍ରଲର ସମୁଦ୍ରକୁ ଯିବା ପାଇଁ ୫ ରୁ ୮ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଲିକ ଖର୍ଚ୍ଚ କରି ସାମଗ୍ରୀ ରଖିଥାନ୍ତି। ଏଣୁ, ଭଲ ମାଛ ଅମଳ ଓ ଦୁଇ ପଇସା ଲାଭ ପାଇଁ ମାଲିକ ବି ଆଶାବାଦୀ ରହିଥା'ନ୍ତି। ସେହିପରି ଦୁଇ ମାସ ହେବ ସମୁଦ୍ର ମାଛ ବଜାରକୁ ଆସୁନଥିବାରୁ ଲୁଣିମାଛର ବଜାର ଦର ଚଢ଼ା ରହିଛି। ଏବେ ପୁଣି ମାଛ ଧରା ଆରମ୍ଭ ହେଉଥିବାରୁ ଏହି ଦର କମ ହେବା ନେଇ ଆଶା କରାଯାଉଛି।

## ଛାତିରେ ଛୁରି ଭୁସି ସାଙ୍ଗକୁ ହତ୍ୟା



ଗଣିଆ,୧୪।୬(ସମିସ): ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକ୍ ଅନ୍ତର୍ଗତ କିଶୋରପ୍ରସାଦ ପଞ୍ଚାୟତର ପାଣ୍ଡରାସିଂହା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ରଜ ମଉଜ ସମୟରେ ସାଙ୍ଗକୁ ଛୁରି ଭୁସି ହତ୍ୟା କରିଛି ସାଙ୍ଗ। ଏହି ଘଟଣା ଗଣିଆରେ ଚାଞ୍ଚଲ୍ୟ ସୃଷ୍ଟି କରିଛି।

ମିଳିଥିବା ସୂଚନାନୁସାରେ, ଶନିବାର ଅପରାହ୍ଣରେ ଖଲିସରା କ୍ଲବ୍ ମଣ୍ଡପ ଉପରେ ପୁରୁଷୋତ୍ତମ ପ୍ରଧାନ (୩୭) ବସିଥିବା ବେଳେ ତାଙ୍କ ସାଙ୍ଗ ତଥା ସେହି ଗ୍ରାମର ଗଙ୍ଗାଧର ରାଉତ ଓରଫ ସୁନିଆ (୪୨) ଅତ୍ୟଧିକ ମଦ୍ୟପାନ କରି କ୍ଲବ୍ ମଣ୍ଡପକୁ ଯାଇଥିଲା। ଦୁଇଜଣଙ୍କ ମଧ୍ୟରେ କୌଣସି କାରଣ ନେଇ କଥା କଟାକଟି ହୋଇଥିଲା। ଏପରିକି, ଉଭୟେ ଉଭୟଙ୍କୁ ଗାଳିଗୁଲଜ କରିବା ସହିତ ମାରପିଟ୍ କରିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ଗଙ୍ଗାଧର ପାଖରେ ପଡ଼ିଥିବା ଏକ ଠେଙ୍ଗାରେ ପୁରୁଷୋତ୍ତମଙ୍କୁ ପଟିଥିଲା। ପୁରୁଷୋତ୍ତମ ମାଡ଼ ଖାଇ ଗ୍ରାମର ମନୋରଞ୍ଜନ ପ୍ରଧାନଙ୍କୁ ଧରି ଭଦ୍ରଲୋକଙ୍କ ନିକଟକୁ ଯାଇ ଏହାର ସମାଧାନ କରିବାକୁ ଯିବା ପାଇଁ ବାହାରିଥିଲେ। କିନ୍ତୁ ଗଙ୍ଗାଧର ଭଦ୍ରଲୋକଙ୍କ ପାଖକୁ ଗଲେ ଜୀବନରେ ମାରିଦେବ ବୋଲି କହି ନିଜ ଘରକୁ ଦୌଡ଼ିଯାଇ ଗୋଟିଏ ଛୁରି ଆଣି ପୁରୁଷୋତ୍ତମଙ୍କ ଛାତିକୁ ଭୁସି ଦେଇ ଦୌଡ଼ି ପଳାଇଥିଲା। ସ୍ଥାନୀୟ ଲୋକେ ତୁରନ୍ତ ତାକୁ ଗୋଡ଼ାଇ କାବୁ କରିବା ସହ ଗଣିଆ ଥାନାକୁ ଖବର ଦେଇଥିଲେ। ଗ୍ରାମବାସୀମାନେ ସଙ୍ଗେସଙ୍ଗେ ପୁରୁଷୋତ୍ତମଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଗଣିଆ ଥାନା ଅଧିକାରୀ ଶବକୁ ଜବତ କରି ୮୧/୨୫ରେ ଏକ ହତ୍ୟା ମାମଲା ରୁଜୁ କରିବା ସହିତ ଅଭିଯୁକ୍ତକୁ ଆଣି ଗଣିଆ ଥାନାରେ ଅଟକ ରଖିଛି। ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ସହିତ ଖଣ୍ଡପଡ଼ା ଏସ୍‌ଡିପିଓ ମଦନ ମୋହନ ପ୍ରଧାନ ଓ ଥାନା ଅଧିକାରୀ ଲକ୍ଷ୍ମଣ ଦଣ୍ଡସେନା, ଏସ୍ଆଇ ଶ୍ୟାମସୁନ୍ଦର ପ୍ରଧାନ, ଏଏସ୍ଆଇ ମନୋରଞ୍ଜନ ପ୍ରଧାନ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ଶବକୁ ବ୍ୟବଚ୍ଛେଦ ପାଇଁ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦିଆଯାଇଛି ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି।

**ବଢୁଛି ନାରୀ-ଶିଶୁ ନିର୍ଯାତନା**

## ବର୍ଷକରେ ୨୮ ହଜାର ମହିଳା ଓ ଶିଶୁ ନିର୍ଯାତିତ

ଭୁବନେଶ୍ୱର,୧୪।୬(ସମିସ): ପ୍ରତିଦିନ ରାଜ୍ୟରେ ନାରୀ ଓ ଶିଶୁ ନିର୍ଯାତନା ଖବର ସାମ୍ନାକୁ ଆସୁଛି। ତେବେ ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି ଯେ ଯେଉଁ ଜିଲ୍ଲା ଅଧିକ ଶିକ୍ଷିତ ସେଠାରେ ନାରୀ ନିର୍ଯାତନା ଅଧିକ। ଅନ୍ୟପକ୍ଷରେ ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରେ ନାରୀ ଓ ଶିଶୁ ନିର୍ଯାତନା ହାର କମ୍ ରହିଛି। ଗୋଟିଏ ବର୍ଷରେ ପାଖାପାଖି ୨୮ ହଜାର ମହିଳା ଓ ଶିଶୁ ନିର୍ଯାତିତ ହୋଇଛନ୍ତି। ଏମାନଙ୍କ ସଂଖ୍ୟା ଯାଜପୁର ଜିଲ୍ଲାରେ ସର୍ବାଧିକ ରହିଥିବା ସରକାରୀ ତଥ୍ୟରୁ ଜଣାପଡ଼ିଛି।

ଗତବର୍ଷ ରାଜ୍ୟରେ ପାଖପାଖି ୨୮ ହଜାର ନାରୀ ଓ ଶିଶୁ ନିର୍ଯାତନା ଅଭିଯୋଗ ପଞ୍ଜୀକରଣ ହୋଇଥିବା ବେଳେ ଯାଜପୁର ଜିଲ୍ଲାରେ ଏହି ସଂଖ୍ୟା ଦୁଇ ହଜାରରୁ ଅଧିକ ରହିଛି। ଗଞ୍ଜାମ, ବାଲେଶ୍ୱର, ଭଦ୍ରକ, କଟକ, ଜଗତ୍‌ସିଂହପୁର, ଢେଙ୍କାନାଳ, କେନ୍ଦୁଝର, ଖୋର୍ଦ୍ଧା, ମୟୂରଭଞ୍ଜ ଜିଲ୍ଲାରେ ଏଭଳି ନିର୍ଯାତନା ସଂଖ୍ୟା ହଜାରରୁ ଅଧିକ ରହିଛି। ଏହି ଜିଲ୍ଲାଗୁଡିକରେ ମହିଳାମାନେ ଘରୋଇ ହିଂସା ଓ ଯୌତୁକ ହିଂସାର ଶିକାର ହେଉଥିବା ବେଳେ ଶିଶୁମାନେ ପାଶବିକ ଅତ୍ୟାଚାର ସହିତ ଅପହରଣର ଶିକାର ହେଉଛନ୍ତି। ଆଦିବାସୀ ଅଧ୍ୟୁଷିତ ନୂଆପଡା, ମାଲକାନଗିରି, ଗଜପତି, ବୌଦ୍ଧ, କଳାହାଣ୍ଡି

- ଶିକ୍ଷିତ ଜିଲ୍ଲାରେ ନାରୀ ଓ ଶିଶୁ ନିର୍ଯାତନା ଅଧିକ
- ଆଦିବାସୀ ଅଞ୍ଚଳରେ ନିର୍ଯାତନା ହାର କମ୍

ଆଦି ଜିଲ୍ଲାରେ ଏହି ନିର୍ଯାତନା ହାର ଅପେକ୍ଷାକୃତ କମ୍ ରେକର୍ଡ କରାଯାଇଛି। ଏହିସବୁ ଜିଲ୍ଲାରେ ଅପରାଧ ସଂଖ୍ୟା ୭ଶହ ରହିଛି।

ରାଜ୍ୟରେ ନାରୀ ଓ ଶିଶୁ ନିର୍ଯାତନା ହାର କମାଇବାପାଇଁ ୬ଶହରୁ ଅଧିକ ଥାନାରେ ମହିଳା ଓ ଶିଶୁ ଡେସ୍କ କାର୍ଯ୍ୟ କରୁଛି। ଏହିସବୁ ଥାନାରେ ମହିଳା ଓ ଶିଶୁମାନଙ୍କ ଅଭିଯୋଗକୁ ଅଗ୍ରାଧିକାର ଭିତ୍ତିରେ ପଞ୍ଜୀକରଣର ବ୍ୟବସ୍ଥା ରହିଛି। ସେହିଭଳି ମହିଳାମାନେ ଏଠାକୁ ଆସି ସହଜରେ ମଧ୍ୟ ନିଜର ଅଭିଯୋଗ ଦରଜ କରିପାରିବେ। କିନ୍ତୁ ଏବେ ଏହି ସବୁ ଥାନାରେ ଥିବା ମହିଳା ଶିଶୁ ଡେସ୍କ କାମ କରୁନି। ମନଇଚ୍ଛା ଏହି ଡେସ୍କରେ ପୁରୁଷ ପୁଲିସ ବସୁଛନ୍ତି। ଜଣେ ମହିଳା ନିର୍ଯାତନାର ଶିକାର ହୋଇ ଥାନାକୁ ଗଲେ ସେମାନେ ପୁରୁଷ ପୁଲିସର ସମ୍ମୁଖୀନ ହେଉଛନ୍ତି। ଯାହାଫଳରେ ମହିଳା ଜଣଙ୍କ ଲାଜରେ କିଛିବି ପାଟି ଖୋଲିପାରୁନି। ଅନେକ ସମୟରେ ମହିଳା ଅଭିଯୋଗ ଧରି ଘରକୁ ଫେରି ଆସୁଛନ୍ତି। ବିଶେଷ କରି ସହର ଥାନା ଗୁଡ଼ିକକୁ ଛାଡ଼ିଦେଲେ ଗ୍ରାମାଞ୍ଚଳ ଥାନା ମାନଙ୍କରେ ଏଭଳି ଅବସ୍ଥା ଦେଖିବାକୁ ମିଳିଛି।

ସେହିଭଳି ଓଡ଼ିଶାରେ ୩୪ଟି ଶିଶୁ ବନ୍ଧୁ ପୁଲିସ୍ ଷ୍ଟେସନ ପ୍ରତିଷ୍ଠା କରାଯାଇଛି। ମହିଳା ଓ ଶିଶୁଙ୍କ ବିରୁଦ୍ଧରେ ସାଇବର ଅପରାଧର ତଦନ୍ତ ପାଇଁ କ୍ରାଇମବ୍ରାଞ୍ଚ ଅଧୀନରେ ଶିଶୁ ଏବଂମହିଳା ଅନଲାଇନ୍ ନିର୍ଯାତନା ମନିଟରିଂ ୟୁନିଟ୍ କାର୍ଯ୍ୟ କରୁଛି। ବିପଦରେ ପଡିଥିବା ମହିଳାମାନଙ୍କୁ ଠିକ୍ ସମୟରେ ତ୍ୱରିତ ଏବଂ ସମ୍ବେଦନଶୀଳ ସହାୟତା ପାଇଁ ଡାଏଲ-୧୧୨ କାର୍ଯ୍ୟ କରୁଛି। ଏହାବାଦ୍ ମହିଳା ଓ ଶିଶୁ ନିର୍ଯାତନା ରୋକିବାପାଇଁ ବିଭିନ୍ନ ଅନୁଷ୍ଠାନ ଜରିଆରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଚଳାଉଛନ୍ତି। ଏ ବାବଦରେ ମଧ୍ୟ ରାଜକୋଷରୁ ଅର୍ଥ ଖର୍ଚ୍ଚ ହେଉଛି। ଏହାସତ୍ତ୍ୱେ ରାଜ୍ୟରେ ମହିଳା ଓ ଶିଶୁ ନିର୍ଯାତନାରେ ସେଭଳି ଉଲ୍ଲେଖନୀୟ ସୁଧାର ଆସୁନାହିଁ। ବିଶେଷ କରି ଶିଶୁ ନିର୍ଯାତନା ପୁଲିସର ମୁଣ୍ଡ ବିନ୍ଧା କାରଣ ପାଲଟିଛି। କାରଣ ଅଧିକାଂଶ ଶିଶୁ ଏବେ ଦୁଷ୍କର୍ମ ଏବଂ ହତ୍ୟାର ଶିକାର ହେଉଛନ୍ତି। ଏହା ପଛରେ ପୁଣି ନିଜ ସମ୍ପର୍କୀୟଙ୍କ ହାତ ରହୁଛି।


Vidyadhan
Transforming lives through education
A Shibulal Family Philanthropic Initiative

ଓଡ଼ିଶା ଦଶମ ପାସ୍ ଛାତ୍ର/ଛାତ୍ରୀ ମାନଙ୍କ ପାଇଁ ଛାତ୍ରବୃତ୍ତି - 2025

କୁମାରୀ ଶିବୁଲାଲ ଏବଂ ଏସ୍ ଡି ଶିବୁଲାଲ୍ (ସହ-ପ୍ରତିଷ୍ଠାତା ତଥା ପୂର୍ବତନ ସିଇଓ ଇନଫୋସିସ୍) ଦ୍ୱାରା ସ୍ଥାପିତ ସରୋଜିନୀ ଦାମୋଦରନ୍ ଫାଉଣ୍ଡେସନ୍ ଦ୍ୱାରା ବିଦ୍ୟାଧନ୍ ଏକ ପାନ୍ ଇଣ୍ଡିଆ ଉଚ୍ଚଶିକ୍ଷା ବୃତ୍ତି ଅଟେ | 1999 ରୁ ଏବେ ପର୍ଯ୍ୟନ୍ତ ବିଦ୍ୟାଧନ୍ 63000 ରୁ ଅଧିକ ଛାତ୍ରବୃତ୍ତି ବଣ୍ଟନ କରିସାରିଛନ୍ତି। ବର୍ତ୍ତମାନ ଓଡିଶାର 700 ଜଣ ଛାତ୍ରଙ୍କ ସହ ବିଦ୍ୟାଧନ୍ ରେ 13000 ରୁ ଅଧିକ ବିଦ୍ୱାନ ଅଛନ୍ତି।



BSE & CBSE board both students can apply

ମନୋନୀତ ଛାତ୍ର/ଛାତ୍ରୀ ପ୍ଲସ୍-୨ ପାଇଁ ବାର୍ଷିକ 10,000 / - ଟଙ୍କା ସ୍କଲାରସିପ୍ ପାଇବାକୁ ଯୋଗ୍ୟ ହେବେ | ଯଦି ସେମାନେ ଭଲ ଅଧ୍ୟୟନ ଜାରି ରଖନ୍ତି, ତେବେ ସେମାନଙ୍କ ଆଗ୍ରହର ଯେ କୋଣସି ଡିଗ୍ରୀ ପାଠ୍ୟକ୍ରମ ପାଇଁ ବର୍ଷକୁ 15,000 ରୁ 75,000 ମଧ୍ୟରେ ଛାତ୍ରବୃତ୍ତି ପ୍ରଦାନ କରାଯିବ |

For Inquiries: vidyadhan.odisha@sdfoundationindia.com

Call for Doubt/Inquiries : +91 8068333500/ 08068333500

ଛାତ୍ରମାନେ ସିଧାସଳଖ ୱେବସାଇଟରେ ମାଗଣାରେ ଆବେଦନ କରିପାରିବେ | ଆମ ତରଫରୁ ଛାତ୍ର ଚୟନ କରିବାକୁ ଅନ୍ୟ କୋଣସି ବ୍ୟକ୍ତି କିମ୍ବା ଅନୁଷ୍ଠାନକୁ ଅନୁମତି ଦିଆଯାଇ ନାହିଁ |

Apply Online: www.vidyadhan.org

Application Start: 15th May 2025 Application Close: 30th June 2025

ଯୋଗ୍ୟତା ମାନଦଣ୍ଡ
- ପରିବାରର ବାର୍ଷିକ ଆୟ 2 ଲକ୍ଷ ରୁ କମ୍
- 2025 ରେ ଦଶମ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରମାନେ
- 80% or 8 CGPA ଠାରୁ ଅଧିକ (65% or 6.5 CGPA ଭିନ୍ନକ୍ଷମ ଛାତ୍ରମାନଙ୍କ ପାଇଁ )

ଆବଶ୍ୟକ ଡକ୍ୟୁମେଣ୍ଟ
- ଫଟୋଗ୍ରାଫ୍
- ଦଶମ ମାର୍କସିଟ୍
- ଆୟ ପ୍ରମାଣପତ୍ର

Regn-273/99-2000, 9th Main, 5th Block, Jayanagar, Bangalore

Vidyadhan India

# ମୁଣ୍ଡହତା ଗାଁକୁ ନାହିଁ ସବୁଦିନିଆ ରାସ୍ତା

## ● ଯାତାୟାତ ପାଇଁ ୩୦ ପରିବାର ହନ୍ତସନ୍ତ

**ଅନୁଗୋଳ,୧୪।୬(ସମିସ):** ଅନୁଗୋଳ ବ୍ଲକ କାଙ୍ଗୁଲା ବେନ୍ତପୁର ପଞ୍ଚାୟତ ମୁଣ୍ଡହତା ଗାଁକୁ ସବୁଦିନିଆ ରାସ୍ତା ଖଣ୍ଡିଏ ଆଜିପର୍ଯ୍ୟନ୍ତ ହୋଇପାରିଲା ନାହିଁ। ଏହି ଗାଁରେ ପ୍ରାୟ ୩୦ ପରିବାର ବାସ କରୁଥିବା ବେଳେ ବର୍ଷାଋତୁ ଆରମ୍ଭରୁ ସେମାନଙ୍କ ସମସ୍ୟା ବଢ଼ିବାରେ ଲାଗିଛି। ବେନ୍ତପୁରରୁ ବରସିଂହା ଗାଁକୁ ପଡ଼ିଥିବା ମୁଖ୍ୟ ପିଚୁ ରାସ୍ତାରୁ ପ୍ରାୟ ୫ଶହ ମିଟର ଗଲେ ପଡ଼ିଥାଏ ମୁଣ୍ଡହତା ଗାଁ। ଗାଁର ସମସ୍ତ ଲୋକ ଗରିବ ହୋଇଥିବା ବେଳେ ମୂଲମଜୁରି ଲାଗି ପରିବାର ପ୍ରତିପୋଷଣ କରିଥାନ୍ତି। ପଞ୍ଚାୟତର ୫ ନମ୍ବର ୱାର୍ଡ ଅନ୍ତର୍ଗତ ଏହି ଗାଁରେ ବାସ କରୁଥିବା ଲୋକେ ବର୍ଷବର୍ଷ ଧରି ଜନପ୍ରତିନିଧିଙ୍କ ନିକଟରେ ଅଭିଯୋଗ କରି ଆସୁଥିଲେ ହେଁ



ଏଯାବତ ସମସ୍ୟାର ସମାଧାନ ହୋଇପାରିନାହିଁ। ଆଣ୍ଠୁଏ କାଦୁଅ ପାଣିରେ ଲୋକେ ଯାତାୟାତ କରୁଥିବା ବେଳେ ପ୍ରତିଦିନ ପିଲାମାନେ ଏହି କର୍ଦ୍ଦମାକ୍ତ ରାସ୍ତାରେ ପାଠ ପଢ଼ିବାକୁ ବିଦ୍ୟାଳୟକୁ ଯାଇଥାନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ତୁରନ୍ତ ଗାଁକୁ ପକ୍କା ରାସ୍ତା ନିର୍ମାଣ କରିବାକୁ ଗାଁର ଦୁଷ୍ମନ୍ତ ନାଏକ, ମଧୁସୂଦନ ନାଏକ, ଲକ୍ଷ୍ମୀକାନ୍ତ ନାଏକ, ରୂପରାଜ ନାଏକ, ସନ୍ତୋଷ ନାଏକ ପ୍ରମୁଖ ଦାବି କରିଛନ୍ତି।

# ବୃଦ୍ଧଙ୍କୁ ଠେଙ୍ଗାରେ ପିଟି ହତ୍ୟା ଘଟଣାରେ ଆଉଜଣେ ଗିରଫ

**ପାଲଲହଡ଼ା,୧୪।୬(ସମିସ):**

ପାଲଲହଡ଼ା ଥାନା ବନ୍ଧାଭୂଇଁ ପଞ୍ଚାୟତ ଭୀମକାଣ୍ଡ ଗାଁରେ ଗତ ୫ ତାରିଖ ରାତିରେ ଜଣେ ବୃଦ୍ଧଙ୍କୁ ଠେଙ୍ଗାରେ ପିଟି ପିଟି ହତ୍ୟା ଘଟଣାରେ ଶନିବାର ପୁଲିସ ଆଉଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣଛି। ସେ ହେଲେ ଉକ୍ତ ଗ୍ରାମର ଜିତୁ ପ୍ରଧାନ (୨୦)। ଏହି ମାମଲାରେ ପୁଲିସ ଗତ ୮ ତାରିଖରେ ଜିତୁଙ୍କ ଭାଇ କାହ୍ନା ପ୍ରଧାନ (୧୯)ଙ୍କୁ ଗିରଫ କରିଥିଲା।

ଭୀମକାଣ୍ଡ ଗାଁରେ ରଜପର୍ବ ପାଇଁ ଦୋଳି ନିର୍ମାଣ ଚାଲିଥିବା ବେଳେ ଜିତୁ ଏବଂ ତାଙ୍କ ଭାଇ କାହ୍ନା ଦୋଳି କାଠର ଛାଲିକୁ ନେଇ ନକୁଳ ପ୍ରଧାନଙ୍କ ସହ ବଚସା କରିବା ସହ ତାଙ୍କୁ ଠେଲାପେଲା କରିଥିଲେ। ଏହି ସମୟରେ ନକୁଳ ଅଭିଯୁକ୍ତ ଦ୍ୱୟଙ୍କୁ ଅଭିଶାପ ଦେଇଥିଲେ। ତୁମ ପରିବାର ସାପ କାମୁଡ଼ାରେ ମରିବ ବୋଲି ନକୁଳ କହିଥିଲେ। ସଂଯୋଗକୁ ସେହିଦିନ ଅପରାହ୍ନରେ ଅଭିଯୁକ୍ତଙ୍କ ବାପା ଈଶ୍ୱରଙ୍କୁ ସାପ କାମୁଡ଼ିଥିଲା। ପରିବାର ଲୋକେ ତାଙ୍କୁ



ନିକଟସ୍ଥ ଗ୍ୱାକ ପାଖକୁ ନେଇଥିଲେ। ତେବେ ନକୁଳଙ୍କ ଅଭିଶାପ ବଳରେ ଈଶ୍ୱରଙ୍କୁ ସାପ କାମୁଡ଼ିଥିବା ବିଶ୍ୱାସ କରି ଜିତୁ ଓ କାହ୍ନା ପ୍ରତିଶୋଧ ପରାୟଣ ହୋଇପଡ଼ିଥିଲେ। ସନ୍ଧ୍ୟା ପ୍ରାୟ ୭ଟାରେ ଦୁଇଭାଇ ନକୁଳଙ୍କ ଘରେପଶି ତାଙ୍କୁ ବାହାରକୁ ଟାଣିଆଣି କାଠଫାଳିଆ ଏବଂ ଠେଙ୍ଗାରେ ଆକ୍ରମଣ କରିଥିଲେ। ନକୁଳଙ୍କ ସ୍ତ୍ରୀ ପ୍ରତିରୋଧ କରିବାରୁ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ନକୁଳଙ୍କ ମୃତ୍ୟୁ ହୋଇଥିବା ବେଳେ ସ୍ତ୍ରୀ ଗୁରୁତର ଆହତ ହୋଇଥିଲେ। ପରେ ଅଭିଯୁକ୍ତ ଦ୍ୱୟ ନକୁଳଙ୍କ ମୃତଦେହ ଘର ସାମ୍ନା ରାସ୍ତା କଡ଼ରେ ଫିଙ୍ଗିଦେଇ ଫେରାର ହୋଇଯାଇଥିଲେ। ବାହାରେ କାମ କରୁଥିବା ନକୁଳଙ୍କ ପୁଅ ତ୍ରିଲୋଚନ ଗାଁରେ ପହଞ୍ଚି ଥାନାରେ ଅଭିଯୋଗ କରିଥିଲେ। ପାଲଲହଡ଼ା ଏସ୍‌ଡିପିଓ କୈଳାସ ଚନ୍ଦ୍ର ସେଠୀ, ଥାନା ଆଇଆଇସି ପ୍ରଦୀପ କୁମାର ମହନ୍ତ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଥିଲେ। ଏ ନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଥିଲା। ଗତ ୮ ତାରିଖ କାହ୍ନାଙ୍କୁ ଗିରଫ କରାଯାଇଥିବା ବେଳେ ଶନିବାର ଜିତୁଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ମହାନ୍ତ ସୂଚନା ଦେଇଛନ୍ତି।

# ଅଗ୍ନିଶମ ବିଭାଗକୁ ଆସିଲା ନିଆଁଲିଭା ରୋବୋଟ୍

**ଅନୁଗୋଳ,୧୪।୬(ସମିସ):** ଅନୁଗୋଳ ଅଗ୍ନିଶମ ବିଭାଗକୁ ଆସିଲା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଫାୟାର ଫାଇଟର ରୋବୋଟିକ୍ ମନିଟର୍ (ନିଆଁଲିଭା ରୋବୋଟ)। ନିଆଁ ଲିଭାଇବା ବା ନିଆଁକୁ ଆୟତ୍ତ କରିବା ପାଇଁ ଏହି ଯନ୍ତ୍ର ଅଗ୍ନିଯୋଦ୍ଧା ପରି ନିଆଁ ମଧ୍ୟରେ ଯାଇ ସଫଳ ଭାବେ ନିଆଁକୁ ଲିଭାଇପାରିବ ବୋଲି ଅଗ୍ନିଶମ ବିଭାଗ ପକ୍ଷରୁ କୁହାଯାଇଛି। ପ୍ରାକୃତିକ ବିପର୍ଯ୍ୟୟ ହେଉ କିମ୍ବା ନିଆଁ ଲାଗିଥିବା ସ୍ଥାନ, ଯେଉଁ ସ୍ଥାନକୁ ଅଗ୍ନିଶମ ବିଭାଗ କର୍ମଚାରୀ ବା ଜଣେ ମଣିଷ ଯିବା ସମ୍ଭବପର ହୋଇପାରୁନଥିବ ଉକ୍ତ ସ୍ଥାନକୁ ମାନବ ଅଗ୍ନିଶମ କର୍ମଚାରୀଙ୍କ ପରିବର୍ତ୍ତେ ଏହି ରୋବୋଟିକ୍ ମନିଟର୍‌କୁ ପଠାଯିବ। ଏହି ଯନ୍ତ୍ର ଉଚ୍ଚ ତାପମାନ ବା ବିପଜ୍ଜନକ ପରିସ୍ଥିତିରେ ନିଆଁ ଲିଭାଇବାରେ ସହାୟକ ହେବ। ଏହା ରିମୋଟ୍ କଣ୍ଟ୍ରୋଲ୍ ଦ୍ୱାରା ପରିଚାଳିତ ହେଇଥାଏ ଏବଂ ବିଭିନ୍ନ ସେନ୍ସର ଦ୍ୱାରା ଅଗ୍ନିକାଣ୍ଡ ଅଞ୍ଚଳକୁ ଯାଇ ନିଆଁକୁ ଲିଭାଇ ପାରିବା କ୍ଷମତା ରଖିଥାଏ। ଏହି ରୋବୋଟ୍ ନିଆଁକୁ ଆୟତ କରିବା ସହିତ ଉନ୍ନତ ଫୋମ୍ ଓ ହାଇ-ପ୍ରେସର ଜେଟ୍ ୱାଟର୍ ମନିଟର୍ ଯାହା ଅଗ୍ନିକାଣ୍ଡକୁ



ଲିଭାଇବା ଦିଗରେରେ ବଡ଼ ଭୂମିକା ଗ୍ରହଣ କରିପାରିବ। ଏଥିସହ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ, ଦୁର୍ଘଟଣା ଇତ୍ୟାଦିର ମୁକାବିଲା, ଉଦ୍ଧାର କାର୍ଯ୍ୟ ଓ ସୁରକ୍ଷା ପାଇଁ ରୋବୋଟିକ୍ ମନିଟର୍ କ୍ୟାରିଂ ଭେଇକିଲ୍, କେ-୯ ଡଗ୍ ସ୍କ୍ୱାଡ୍, ମିକ୍ସଡ୍ ବାଇକ୍ ଓ ଭେଇକିଲ୍, ଏଲଇଡି ଟେଲିସ୍କୋପିକ ଲାଇଟ, ଫରେଷ୍ଟ ଫାୟାର ବ୍ଲୋୟର, ସ୍ମୋକ୍ ଏକଜଷ୍ଟର, କଟର, ସ୍ପ୍ରେଡର, ରାମଜାକ୍, ପ୍ଲାଜମା କଟର ଭେଇକିଲ ଓ କୁବା ସେଟ୍ ଇତ୍ୟାଦି ଅତ୍ୟାଧୁନିକ ଯନ୍ତ୍ରପାତି ସବୁ ବିଭାଗ ପକ୍ଷରୁ ପ୍ରସ୍ତୁତ ରହିଛି ବୋଲି ଶନିବାର ଅନୁଗୋଳ ଅଗ୍ନିଶମ କେନ୍ଦ୍ରରେ ଆୟୋଜିତ ରୋବର୍ଟ ପ୍ରଦର୍ଶନୀ ବା ମକଡ୍ରିଲ କାର୍ଯ୍ୟକ୍ରମରେ ଅନୁଗୋଳ ଜିଲ୍ଲା ଅଗ୍ନିଶମ ବିଭାଗ ଅଧିକାରୀ ରମେଶ ଚନ୍ଦ୍ର ମହାନ୍ତି ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ଅଗ୍ନିଶମ ବିଭାଗର ଡେପୁଟି ଅଫିସର ଶରତ ଚନ୍ଦ୍ର ମଲ୍ଲିକ, ଆସିଷ୍ଟାଣ୍ଟ ସେକ୍ସନ୍ ଅଫିସର୍ ଧୀରେନ ସାମଲ ଓ ଅଗ୍ନିଶମ ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ।

# ବାଇକ୍‌ରୁ ପଡ଼ି ଯୁବକ ମୃତ

**ଛେଣ୍ଡିପଦା,୧୪।୬(ସମିସ):** ଅନୁଗୋଳ ଜିଲ୍ଲା ବାଗଡ଼ିଆ ଥାନା କର୍ଣ୍ଣପାଳ ଛକ ନିକଟରେ ବାଇକ୍‌ରୁ ପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଛେଣ୍ଡିପଦା ଥାନା ମାଛକୁଟା ଗ୍ରାମର ପ୍ରବୀଣ ସାହୁ। ଶନିବାର ଅପରାହ୍ନରେ ପ୍ରବୀଣ କଣଲୋଇରୁ ବାଇକ୍ ଯୋଗେ ଘରକୁ ଫେରୁଥିବା ବେଳେ କର୍ଣ୍ଣପାଳ ଛକ ହମ୍ପସରେ ଭାରସାମ୍ୟ ହରାଇ ରାସ୍ତାରେ ପଡ଼ି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରାଯାଇ ୧୦୮ ଆମ୍ବୁଲାନ୍ସ ଯୋଗେ ଛେଣ୍ଡିପଦା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କ ମୁଣ୍ଡ ଓ ଛାତିରେ ଗଭୀର ଆଘାତ ଲାଗିଥିବାରୁ ଡାକ୍ତର ତାଙ୍କୁ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରିଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି।

# ମଦ୍ୟପ ଚାଳକ ଗିରଫ; ଟ୍ରକ୍ ଜବତ

**ବଇଣ୍ଡା,୧୪।୬(ସମିସ):** ହଣ୍ଡପା ଥାନା ପୁଲିସ ଶୁକ୍ରବାର ରାତିରେ ନୂଆଭୂଇଁ ଅଞ୍ଚଳରେ ଗାଡ଼ିମଟର ଯାଞ୍ଚ କରିଛି। ଏହି ସମୟରେ ମଦ୍ୟପାନ କରି ଟ୍ରକ ଚଳାଉଥିବା ଅଭିଯୋଗରେ ହଣ୍ଡପା ଥାନା ଅଞ୍ଚଳର କୁମୁଦ ଚନ୍ଦ୍ର ବେହେରାଙ୍କୁ ଗିରଫ କରାଯାଇଛି। ଏଥିସହ ସେ ଚଳାଉଥିବା ଟ୍ରକ ଜବତ କରାଯାଇଛି।

# ମହିଳାଙ୍କଠାରୁ ୪୭ ହଜାର ଟଙ୍କା ଲୁଟ୍

**ତାଳଚେରସଦର,୧୪।୬(ସମିସ):** ତାଳଚେର ଥାନାଠାରୁ ମାତ୍ର ୫ଶହ ମିଟରରେ ଦୂରରେ ଫାଷ୍ଟ ଗେଟ୍ ଛକ ନିକଟରେ ଦିନଦ୍ୱିପ୍ରହରେ ଜନଗହଳିପୂର୍ଣ୍ଣ ସ୍ଥାନରେ ଦୁଇ ଦୁର୍ବୃତ୍ତ ନମ୍ବରବିହୀନ ପଲସର୍ ବାଇକ ଯୋଗେ ଆସି ମହିଳାଙ୍କଠାରୁ ୪୭ ହଜାର ଟଙ୍କା ଲୁଟିନେଇଥିବା ଅଭିଯୋଗ ହୋଇଛି। ତାଳଚେର ପୌରପରିଷଦ ୬ନମ୍ବର ୱାର୍ଡ ପଣ୍ଡା ସାହିର ନିର୍ମଳା ସାହୁ ଅପରାହ୍ନରେ ବାଇପାସସ୍ଥିତ ୟୁକୋ ବ୍ୟାଙ୍କରୁ ଟଙ୍କା ଉଠାଇ ଝିଅ ସହ ଘରକୁ ଚାଲିଚାଲି ଫେରୁଥିବା ବେଳେ ଦୁଇ ଦୁର୍ବୃତ୍ତ ଆସି ଉକ୍ତ ଟଙ୍କା ବ୍ୟାଗ ସହ ଛଡ଼ାଇ ନେଇଥିଲେ। ବ୍ୟାଗରେ ନିର୍ମଳାଙ୍କ ଆଧାକାର୍ଡ, ବ୍ୟାଙ୍କ ପାସ୍‌ବୁକ୍, ଭୋଟର ପରିଚୟପତ୍ର ଆଦି ଦରକାରୀ କାଗଜପତ୍ର ମଧ୍ୟ ଥିଲା। ଏ ସମ୍ପର୍କରେ ସେ ତାଳଚେର ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ୍ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି।


# ତୁରଙ୍ଗରେ ଗଣପର୍ବ ରଜ ଉତ୍ସବ ପାଳିତ



**ଅନୁଗୋଳ,୧୪।୬(ସମିସ):** ଓଡ଼ିଶାର ଅନନ୍ୟ କୃଷିଭିତ୍ତିକ ଗଣପର୍ବ ରଜ ଉତ୍ସବ ଗାଁଠୁ ସହର ସବୁଠି ପାଳନ କରାଯାଏ। ତିନିଦିନ ଧରି ପାଳିତ ହେଉଥିବା ଏହି ଉତ୍ସବର ପ୍ରତେକ ଦିନର ସ୍ୱତନ୍ତ୍ରତା ରହିଛି। ବର୍ଷାଋତୁ ଆଗମନ ଏବଂ ଚାଷକାର୍ଯ୍ୟର ଆରମ୍ଭ ଏହି ଉତ୍ସବରୁ ହେଉଥିଲେ ହେଁ ଅନ୍ନଦାତ୍ରୀ ଧରିତ୍ରୀ ମା' ସହ ଯୁବତୀ ତଥା ମହିଳାଙ୍କ ସାମଞ୍ଜସ୍ୟକୁ ଉଲ୍ଲେଖ କରାଯାଇଥାଏ। କଳାସଂସ୍କୃତି ସମ୍ପନ୍ନ ତଥା ଶିଳ୍ପସମୃଦ୍ଧ ଅନୁଗୋଳ ଜିଲ୍ଲାରେ ଆଜି ବି ପାଳନ ହେଉଛି ସଂସ୍କୃତି ଓ ପରମ୍ପରାର ପର୍ବ ରଜ ଉତ୍ସବ। ସହର ଉପକଣ୍ଠ ତୁରଙ୍ଗରେ ପାଳିତ ହୋଇଛି ପଞ୍ଚାୟତସ୍ତରୀୟ ରଜ ଉତ୍ସବ। ଶନିବାର ଥିଲା ରଜ ପର୍ବର ପ୍ରଥମ ଦିବସ ବା ପହିଲି ରଜ। ଏଥିପାଇଁ ଘରେ ଘରେ ପିଠା, ମିଠା ସହ ଖେଳକୁଦର ଆସର ଜମିଥିଲା। ଯୁବତୀ ଓ ମହିଳାମାନେ ବିଶେଷ ସଜବାଜ ହୋଇଥିବା ଦେଖିବାକୁ ମିଳିଛି। ଏଥିରେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଜେପି ଜିଲ୍ଲା ସଭାପତି ଯଯାତି ପଟ୍ଟନାୟକ, ତୁରଙ୍ଗ ସରପଞ୍ଚ ସମରେନ୍ଦ୍ର ଦେହୁରୀ, ପ୍ରତିମା ମିଶ୍ର ଯୋଗଦେଇଥିଲେ। ତୁରଙ୍ଗ ସ୍କୁଲ ପଡ଼ିଆରେ ମହିଳା ଓ ଯୁବତୀମାନେ ଏକାଠି ହୋଇ ଝୋଟି ଚିତା ପକାଇ ଦୋଳିକୁ ଫୁଲ ବେଲୁନ୍‌ରେ ସଜାଇଥିଲେ। ବିଧାୟକ ଉଦଘାଟନ କରିବା ପରେ ଦୋଳିଖେଳ ଆରମ୍ଭ ହୋଇଥିଲା। ମହିଳା ଏବଂ ଯୁବତୀମାନଙ୍କ ମଧ୍ୟରେ ନାଚଗୀତ ସହ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ମହିଳାମାନେ ଘରେ ବନାଇଥିବା ବିଭିନ୍ନ ପିଠା, ମିଠା ଓ ପାନ ଆଣି ସମସ୍ତଙ୍କୁ ଖୁଆଇଥିଲେ।

# ନିଟ୍ ପ୍ରବେଷିକା ପରୀକ୍ଷାରେ ରାକେଶଙ୍କ ସଫଳତା

## ● ସର୍ବଭାରତୀୟ ସ୍ତରରେ ରଖିଲେ ୬୫୪୭ ରାଙ୍କ



**ଛେଣ୍ଡିପଦା,୧୪।୬(ସମିସ):** ନିଟ ପ୍ରବେଶିକା ପରୀକ୍ଷାରେ ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ପାଟକମୁଣ୍ଡା ଗାଁର ରାକେଶ ଚନ୍ଦ୍ର ପ୍ରଧାନ ସର୍ବଭାରତୀୟ ସ୍ତରରେ ୬୫୪୭ ରାଙ୍କ ରଖି ସଫଳତା ହାସଲ କରିଛନ୍ତି। ଫର୍ମାସିଷ୍ଟ ରମେଶ ପ୍ରଧାନ ଓ ରେଢ଼ାଖୋଲ ମହିଳା ମହାବିଦ୍ୟାଳୟର ଅଧ୍ୟାପିକା କଳ୍ପନା ପ୍ରଧାନଙ୍କ ପୁଅ ରାକେଶ ୫୬୬ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ଦିନକୁ ପ୍ରାୟ ୧୪ ଘଣ୍ଟା ପରିଶ୍ରମ କରି ସେ ଏହି ଏହି ସଫଳତା ଅର୍ଜନ କରିଥିବା କହିଛନ୍ତି। ଏହି ସଫଳତାର ଶ୍ରେୟ ତାଙ୍କ ପିତାମାତା ଓ ଅଧ୍ୟାପକଙ୍କୁ ଦେଇଛନ୍ତି। ଏ ନେଇ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି।

# ଭଙ୍ଗାଦଦରା କାଠରେ ଚାଲିଛି ରଥକାର୍ଯ୍ୟ



**ତାଳଚେରସଦର,୧୪।୬(ସମିସ):** ତାଳଚେରର ବହୁ ପୁରାତନ ଘୋଷଯାତ୍ରାକୁ ଆଉ ମାତ୍ର ୧୩ ଦିନ ବାକି ରହିଥିବା ବେଳେ ପ୍ରଥମରୁ ଭଙ୍ଗାଦଦରା କାଠରେ ରଥକାର୍ଯ୍ୟ ନିର୍ମାଣ ହେଉଥିବା ଦେଖିବାକୁ ମିଳିଛି। ମହାରଣାମାନଙ୍କ ଅକ୍ଳାନ୍ତ ପରିଶ୍ରମ ଯୋଗୁଁ ସୁରୁଖୁରୁରେ ରଥକାର୍ଯ୍ୟ ଆଗେଇ ଚାଲୁଥିବା ବେଳେ ଶିଳ୍ପନଗରୀ ତାଳଚେର ଅଞ୍ଚଳରେ ଭଙ୍ଗାଦଦରା ଉଇଲଗା କାଠରେ ରଥ ନିର୍ମାଣ ହେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବିଷୟ। ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଗାଁକୁ ଗାଁକୁ ବୁଲି ଗତବର୍ଷ ପ୍ରଚୁର ଶାଳକାଠ ସଂଗ୍ରହ କରି ରଥ ନିର୍ମାଣ ପାଇଁ ଯୋଗାଡ଼ିଥିବା ବେଳେ କାହିଁକି ଭଙ୍ଗା ଦଦରା କାଠରେ ରଥ ନିର୍ମାଣ କରାଯାଉଛି, ତାହାକୁ ନେଇ ପ୍ରଶ୍ନ ଉଠିଛି। ପ୍ରତେକ ବର୍ଷ ପ୍ରଭୁ ଜଗନ୍ନାଥଙ୍କ ପାଇଁ ନୂତନ କାଠ ଆସୁଥିବାବେଳ ପୁରୁଣା କାଠକୁ ବାହାର କରି ନୂତନ କାଠ ଲାଗିବା କଥା। କିନ୍ତୁ ତାହା ଦେଖିବାକୁ ମିଳୁନାହିଁ। ଅଭିଯୋଗ ହେଉଛି, ବର୍ତ୍ତମାନ ଚକ ଅଖ ଲାଗିଥିବା ବେଳେ ସେଥିରେ କିଛି କାଠ ଉଇ ଖାଇଯାଇଛି। ଏଣୁ ଏହାକୁ ବଦଳାଯାଇ ନୂତନ କାଠ ଲଗାଇବାକୁ ଦାବି ହେଉଛି। ଏ ସଂକ୍ରାନ୍ତରେ ଉପଜିଲ୍ଲାପାଳ ଦୃଷ୍ଟି ଦେବାକୁ ଜଗନ୍ନାଥପ୍ରେମୀ ଅନୁରୋଧ କରିଛନ୍ତି।

# ନିଆଁରୁ ରକ୍ଷା ସମ୍ପର୍କିତ ସଚେତନତା ଶିବିର



**କିଶୋରନଗର/ବଇଣ୍ଡା,୧୪।୬(ସମିସ):** କିଶୋରନଗର ବ୍ଲକ ବାମୁର ଅଗ୍ନିଶମ ବିଭାଗ ପକ୍ଷରୁ ବାମୁର ଅଗ୍ନିଶମ କାର୍ଯ୍ୟାଳୟ ପରିସରରେ ନିଆଁରୁ କିପରି ରକ୍ଷା ପାଇବେ ସେ ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବାମୁର ଅଗ୍ନିଶମ ଅଧିକାରୀ ସୁଶୀଲ କୁମାର ହେମରମଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଉପାଧକ୍ଷ ଲବକୁମାର ପ୍ରଧାନ ଯୋଗଦେଇ ଅଞ୍ଚଳବାସୀଙ୍କୁ ସଚେତନ କରାଇଥିଲେ। ମୁଖ୍ୟବକ୍ତା ଭାବେ ବାମୁର ସରପଞ୍ଚ ସଞ୍ଜୀବ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ମାନସ ସାମଲ, ପ୍ରଶାନ୍ତ କୁମାର ବେହେରା, ସୁବଳ କୁମାର ସାହୁ, ଶ୍ରୀକାନ୍ତ ସେଠୀ, ଟେକବନ୍ତ ମିର୍ଧା, ଅନାଦି କିଶାନ, ସରୋଜ କୁମାର ନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସରକାରଙ୍କ ପକ୍ଷରୁ ଅଗ୍ନିଶମ କର୍ମଚାରୀଙ୍କୁ ବିପଦରୁ ରକ୍ଷା ପାଇବା ପାଇଁ ମିଳିଥିବା ସମସ୍ତ ସାମଗ୍ରୀ ଲୋକଙ୍କୁ ପ୍ରଦର୍ଶନ କରାଯାଇଥିଲା। ଅଗ୍ନିଶମ ବିଭାଗ ୨୪ ଘଣ୍ଟିଆ ସେବା ଯୋଗାଇ ଦେଉଛି ବୋଲି ଅଗ୍ନିଶମ ଅଧିକାରୀ କହିଥିଲେ।

# ପବିତ୍ର ପ୍ରଧାନଙ୍କ ତିରୋଧାନ ଦିବସ ପାଳିତ

**ପବିତ୍ରନଗର,୧୪।୬(ସମିସ):** ଆଞ୍ଚଳିକ ପବିତ୍ର ମୋହନ ସ୍ମୃତି କମିଟି ପକ୍ଷରୁ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ପବିତ୍ର ମୋହନ ପ୍ରଧାନଙ୍କ ୩୮ତମ ତିରୋଧାନ ଦିବସ ପାଳନ କରାଯାଇଛି। ପ୍ରଦୀପ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ମୃତିସଭାରେ ମୁଖ୍ୟଅତିଥି ଭାବେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି, ବିଶିଷ୍ଟ ଅତିଥି ଭାବେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ଯୋଗଦେଇଥିଲେ। ଉତ୍କଳମଣି ଗୋପବନ୍ଧୁ ଦାସ ଓ ପବିତ୍ର ମୋହନ ପ୍ରଧାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା। ଅତିଥିମାନେ ପବିତ୍ରଙ୍କ ଜୀବନୀ ଓ ନୀତି ଆଦର୍ଶ ଉପରେ ଆଲୋକପାତ କରିଥିଲେ।



ପବିତ୍ର ବାବୁଙ୍କ ନୀତି ଆଦର୍ଶ ଓ ସମାଜ ପ୍ରତି ତ୍ୟାଗ ଆଜି ମଧ୍ୟ ଆମ ପାଇଁ ପ୍ରେରଣାଦାୟୀ ବୋଲି ସାଂସଦ ପାଣି କହିଥିଲେ। ପବିତ୍ର ବାବୁ ଏକାଧାରାରେ ଜଣେ ଶିକ୍ଷକ, କବି, ଗାଳ୍ପିକ, ସ୍ୱାଧୀନତା ସଂଗ୍ରାମୀ ତଥା ମହାନ ରାଜନେତା ବୋଲି ବିଧାୟକ ମହାନ୍ତି କହିଥିଲେ। ସମ୍ମାନିତ ଅତିଥି ଭାବେ କୈଳାସ ଚନ୍ଦ୍ର ସାହୁ, ମାନସ ରଞ୍ଜନ ପ୍ରଧାନ, ଜଗମୋହନ ପ୍ରଧାନ, ଶ୍ୟାମସୁନ୍ଦର ସାହୁ ଓ ପାଲଲହଡ଼ାର ସଂଯୋଜକ ପ୍ରହ୍ଲାଦ ସାମଲ ଯୋଗଦେଇଥିଲେ। ପବିତ୍ରନଗର ମଣ୍ଡଳ ସଭାପତି ମନୋଜ ବିଶ୍ୱାଳ, ସାଧାରଣ ସମ୍ପାଦକ ସୁନୀଲ କୁମାର ପ୍ରଧାନ, ବୁରୁକୁନା ସରପଞ୍ଚ ଦୁଃଖବନ୍ଧୁ ବେହେରା, ପରାବିଲ ସରପଞ୍ଚ କବିତାରାଣୀ ପ୍ରଧାନ, କର୍ଣ୍ଣପାଳ ସରପଞ୍ଚ ହୃଷୀକେଶ ସାମଲ, ବିରୁ ସରପଞ୍ଚ ଧରଣୀଧର ବେହେରା, ବୁରୁକୁନା ସମିତିସଭ୍ୟ ଯୁଗଳ କିଶୋର ସାହୁ, ଶିକ୍ଷାବିତ ପ୍ରମୋଦ ସାହୁ, ଅରୁଣ ରଞ୍ଜନ ସାହୁ, ପ୍ରଭାକର ମହାନ୍ତି, ରମେଶ ଚନ୍ଦ୍ର ପ୍ରଧାନଙ୍କ ସହ ପ୍ରଶାନ୍ତ ପ୍ରଧାନ, ପବିତ୍ର ପ୍ରଧାନ, ବିଭୂତି ଭୂଷଣ ପ୍ରଧାନ, ସୌମ୍ୟରଞ୍ଜନ ପ୍ରଧାନ, ବିଜୟ ପ୍ରଧାନ, ମନୋଜ ପ୍ରଧାନ, ବିଜୟ ସାହୁ, ରଘୁନାଥ ବିଶ୍ୱାଳ, ସବିତା ନନ୍ଦ, ପ୍ରତିମା ସାହୁ, ପ୍ରଦୀପ ମହାରଣା, ମିଟୁ ବିଶ୍ୱାଳ, ଲୋକନାଥ ସାହୁ, ମୁନୀନ୍ଦ୍ର ପ୍ରଧାନ, ସୁମନ୍ତ ପ୍ରଧାନ, ଲୋଚନ ସାହୁ, ଶ୍ୟାମଘନ ସାହୁ, ଅଙ୍ଗଦ ସାହୁ, ପ୍ରମୋଦ ସାହୁ, ସନ୍ତୋଷ ମହାନ୍ତି, ସୁଜିତ ବାରିକ, ଅଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତି ଥିଲେ।

## ■ ନାଲକୋରୁ ଆଲୁମିନିୟମ ପରିବହନ ପ୍ରସଙ୍ଗ

# ସିଏମ୍‌ଡିଙ୍କ ସହ ଟ୍ରକ୍ ମାଲିକ ସଙ୍ଘ କର୍ମକର୍ତ୍ତାଙ୍କ ଆଲୋଚନା

**ଅନୁଗୋଳ,୧୪।୬(ସମିସ):**

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ କେନ୍ଦ୍ର ଖଣିମନ୍ତ୍ରୀ ଜି. କିଶନ ରେଡ୍ଡୀଙ୍କ ନିର୍ଦ୍ଦେଶ କ୍ରମେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ଉଦ୍ୟମରେ ନାଲକୋ ସିଏମଡି ବ୍ରିଜେନ୍ଦ୍ର ପ୍ରତାପ ସିଂଙ୍କ ନିମନ୍ତ୍ରଣରେ ଅନୁଗୋଳ ଜିଲ୍ଲା ଟ୍ରକ ମାଲିକ ସଂଘ କର୍ମକର୍ତ୍ତାଙ୍କୁ ନେଇ ଏକ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଛି। ଟ୍ରକ ମାଲିକ ସଂଘ ସଭାପତି ଅମରେଶ ଚନ୍ଦ୍ର ସ୍ୱାଇଁ, ସାଧାରଣ ସମ୍ପାଦକ ରଜତ କୁମାର ମହାପାତ୍ର, କୋଷାଧକ୍ଷ ଗୌତମ ଦେବ ସାହୁ, କୁଲାଡ଼ ଟ୍ରକ ମାଲିକ ସଂଘ ସଭାପତି ମନୋରଞ୍ଜନ ଜେନା ଓ କୋଷାଧକ୍ଷ ମୁକେଶ ଜେନାଙ୍କୁ ନେଇ ଏକ ପ୍ରତିନିଧି ଦଳ ନାଲକୋ ଏସ ଆଣ୍ଡ ପି ଇଡିଙ୍କ କାର୍ଯ୍ୟାଳୟକନଫରେନ୍ସ ହଲରେ ନାଲକୋରୁ ଆଲୁମିନିୟମ




ପରିବହନ ସମ୍ପର୍କରେ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ଉଭୟ ସଂଘର ପ୍ରତିନିଧି ସଂଘ ମାଧ୍ୟମରେ ନାଲକୋରୁ ୯୦ ପ୍ରତିଶତ ଆଲୁମିନିୟମ ପରିବହନ ପାଇଁ ଦାବି ରଖିଥିଲେ। ନାଲକୋରୁ ଆଲୁମିନିୟମ ପରିବହନ ଓ ଉଚିତ ସମୟରେ ନିର୍ଦ୍ଧାରିତ ସ୍ଥାନରେ ଖାଲି କରିଥିବା ସମ୍ପର୍କିତ ଗତ ୩ ମାସର ରେକର୍ଡ ଦେଖାଇଥିଲେ। ଏଥିରେ ସିଏମଡି ସନ୍ତୋଷ ପ୍ରକାଶ କରିଥିଲେ ଓ ଆଗକୁ ଏପରି ମାଲ୍ ଖାଲି କରିବା ପ୍ରକ୍ରିୟା ଚାଲୁରହିବ ବୋଲି ଟ୍ରକ ମାଲିକ ସଂଘ ପ୍ରତିନିଧିଙ୍କ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ଶେଷରେ ନାଲକୋ ସିଏମଡି ବ୍ରିଜେନ୍ଦ୍ର ପ୍ରତାପ ସିଂ ଆଗକୁ ଠିକ ଭାବେ ମାଲ ଡେଲିଭରି ଭଡ଼ା ପତ୍ରରେ ଦେଇଥିବା ସମୟ କମାଇ କିପରି ମାଲ ଜଲଦି ଖାଲି ହେବ ସେ ବ୍ୟବସ୍ଥା କରିବା ପାଇଁ କହିବା ସହ ଟ୍ରେନରେ କମ୍ ମାଲ ନେଇ ଟ୍ରକ ମାଧ୍ୟମରେ ଅଧିକରୁ ଅଧିକ ମାଲ ପରିବହନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏଥିପାଇଁ ଉଭୟ ସଂଘର କର୍ମକର୍ତ୍ତା ଓ ସଭ୍ୟମାନେ ଅନୁଗୋଳ ବିଧାୟକ ଓ ଉଭୟ କେନ୍ଦ୍ରମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ନିଟ ପରୀକ୍ଷା: ପ୍ରଥମ ପ୍ରୟାସରେ ପ୍ରିୟାଂଶୁଙ୍କ କୃତିତ୍ୱ



**ଅନୁଗୋଳ,୧୪।୬(ସମିସ):** ଜାତୀୟସ୍ତରୀୟ ଏକକ ନିଟ ପରୀକ୍ଷା ଫଳ ଶନିବାର ଅପରାହ୍ନରେ ପ୍ରକାଶ ପାଇଛି। ଅନୁଗୋଳ ଜିଲ୍ଲା ବଣଁରପାଳ ବ୍ଲକ ବୁଢ଼ାପଙ୍କ ଗ୍ରାମର ଆଇନଜୀବୀ ସ୍ୱର୍ଗତ ପ୍ରଫୁଲ୍ଲ ସାମଲଙ୍କ ପୁଅ ପ୍ରିୟାଂଶୁ ଶେଖର ସାମଲ ଏହି ପରୀକ୍ଷା ଦେଇଥିଲେ। ସେ ପ୍ରଥମ ପ୍ରୟାସରେ ସଫଳତା ଅର୍ଜନ କରିଛନ୍ତି। ସାଧାରଣ ବର୍ଗରେ ପ୍ରିୟାଂଶୁ ୨୧୩୫ ରାଙ୍କ ହାସଲ କରିଛନ୍ତି। ଏହି ସଫଳତା ପାଇଁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

# ଝରାବେରଣୀ ପଞ୍ଚାୟତରେ ବିକାଶ ମେଳା



**କିଶୋରନଗର,୧୪।୬(ସମିସ):** କିଶୋରନଗର ବ୍ଲକ ଝରାବେରଣୀ ପଞ୍ଚାୟରେ ବିକାଶ ମେଳା ଅନୁଷ୍ଠିତ ହୋଇଛି। ସରପଞ୍ଚ ଶରତ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଝରାବେରଣୀ ହାଇସ୍କୁଲ ପ୍ରଧାନଶିକ୍ଷକ ରଞ୍ଜିତ କୁମାର ସାହୁଙ୍କ ସମେତ ସମିତିସଭ୍ୟ, ସିଆରସିସି ଓ ବ୍ଲକର ଲାଇନ ଡିପାର୍ଟମେଣ୍ଟ ଅଧିକାରୀମାନେ ଯୋଗଦେଇ ନୂତନ ହିତାଧିକାରୀଙ୍କୁ ଭତ୍ତା, ଟ୍ରାଇସାଇକଲ, ଜବକାର୍ଡ ଓ ରାସନକାର୍ଡ ବଣ୍ଟନ କରିଥିଲେ।

## ବାଲିସାହିରେ ରାମକଥା, ଗାଥା ଓ ଅଭିନୟ ଉତ୍ସବ

ଡେରାବିଶ,୧୪।୬(ସମିସ): ଇନ୍ଦାଳୋ ପଞ୍ଚାୟତ ଅନ୍ତର୍ଗତ ବାଲିସାହି ଗ୍ରାମରେ ୪୬ ବର୍ଷ ଧରି ରଜ ଅବସରରେ ଅନୁଷ୍ଠିତ ହୋଇଆସୁଥିବା ରାମକଥା, ଗାଥା ଓ ଅଭିନୟ ଉତ୍ସବ ଆଜିଠାରୁ ଆରମ୍ଭ ହୋଇଛି। ୫ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ଉତ୍ସବରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ସମ୍ପୂର୍ଣ୍ଣ ରାମାୟଣର ଗାଥା ଅଭିନୟ କରାଯାଇଥାଏ। ଏହି କାର୍ଯ୍ୟକ୍ରମରେ ପ୍ରଦୀପ୍ତ ପଣ୍ଡା ବଚନିକା ପାଠ କରୁଥିବାବେଳେ ବାଦ୍ୟଯନ୍ତ୍ରରେ ମହେଶ ଜେନା, ମଙ୍ଗୁଳି କାଣ୍ଡି, ବ୍ରଜ କାଣ୍ଡି, ମଧୁ କାଣ୍ଡି, ବିଷ୍ଣୁ ପଣ୍ଡା, ତପନ କାଣ୍ଡି ପ୍ରମୁଖ ସହଯୋଗ କରିଥିଲେ। ରାମାୟଣର ବିଭିନ୍ନ ଚରିତ୍ରରେ ଗୋଲଖ ପ୍ରଧାନ, ଦୁର୍ଗା କାଣ୍ଡି, ପ୍ରତାପ କାଣ୍ଡି, କେଶବ କାଣ୍ଡି, ମାନସ ଜେନା, ରକେଶ ସେଠୀ, ରବୀନ୍ଦ୍ର କାଣ୍ଡି, ଶୁଭପ୍ରକାଶ ପଣ୍ଡା, ତାପସ କାଣ୍ଡି, ରାଜେଶ କାଣ୍ଡି, ଜ୍ୟୋତିରଞ୍ଜନ ଜେନା, ଶୁଭଦର୍ଶନ ସେଠୀ, କାର୍ତ୍ତିକ କାଣ୍ଡି, ରତିକାନ୍ତ ଜେନା, ସୁମନ ମଲିକ, ନିରଞ୍ଜକ କାଣ୍ଡି, ଜିତେନ୍ଦ୍ର କାଣ୍ଡି, ରଶ୍ମୀକାନ୍ତ ଜେନା, ଉମାକାନ୍ତ କାଣ୍ଡି, ବାଦଲ ଦାସ, ସୁରେଶ ଜେନା ପ୍ରମୁଖ ଅଭିନୟ କରୁଛନ୍ତି।



## ନିଟ୍‌ରେ ଶୁଭମ, ରାଜେନ୍ଦ୍ରଙ୍କ ସଫଳତା

ରାଜକନିକା,୧୪।୬(ସମିସ): ଆଜି ପ୍ରକାଶ ପାଇଥିବା ସର୍ବଭାରତୀୟ ନିଟ୍ ପରୀକ୍ଷାରେ ରାଜକନିକା ବ୍ଲକ୍ ଦେଉଳି ଗ୍ରାମର ଶୁଭମ ସୁନ୍ଦରମ ରାଉଳ (୧୦୭୮ ର୍‌ୟାଙ୍କ) ଓ ବାଜପୁର ଗ୍ରାମର ରାଜେନ୍ଦ୍ର ବିଶ୍ୱାଳ (୧୮୦୯୪ ର୍‌ୟାଙ୍କ) କୃତିତ୍ୱ ହାସଲ କରିଛନ୍ତି। ଶୁଭମ କଟକର ଜାଭିୟର ଇଣ୍ଟରନ୍ୟାସନାଲ ସ୍କୁଲରେ ଦଶମ ଶ୍ରେଣୀ ଓ +୨ରେ ୯୬ ପ୍ରତିଶତ ମାର୍କରେ ଉତ୍ତୀର୍ଣ୍ଣ ହୋଇ ଡାକ୍ତରୀ ହେବାକୁ ଲକ୍ଷ୍ୟ ପୂରଣ କରିଛନ୍ତି। କାଟଣାବଣିଆ ପଞ୍ଚାୟତ ବାଜପୁର ଗ୍ରାମର ରାଜେନ୍ଦ୍ରଙ୍କ ପିତା ରମେଶ ବିଶ୍ୱାଳ କୋଲକାତାରେ ପ୍ଲାଇଉଡ୍ କାରଖାନାରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିବାବେଳେ ମାଆ ସୁକାନ୍ତୀ ଜେନା ଗାଁ ସ୍କୁଲରେ ପାଚିକା ଅଛନ୍ତି। ରାଜେନ୍ଦ୍ର ବହୁ କଷ୍ଟରେ ନିଟ ପରୀକ୍ଷା ସଫଳ ହୋଇଛନ୍ତି।



## ପାରାଦୀପଗଡ଼ ରଜ ମହୋତ୍ସବର ପଞ୍ଚମ ସନ୍ଧ୍ୟା



ପାରାଦୀପ, ୧୪।୬(ସମିସ): ପାରାଦୀପଗଡ ପଞ୍ଚାୟତ ପକ୍ଷରୁ ଆୟୋଜିତ ଚତୁର୍ଥ ବାର୍ଷିକ ରଜ ମହୋତ୍ସବ ୫ମ ସନ୍ଧ୍ୟାର ସାଂସ୍କୃତିକ ସଭାରେ ଆଇନଜୀବୀ ସଞ୍ଜୟ ବେହେରା ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ ସୁବ୍ରତ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ପ୍ରଭାତ ନନ୍ଦୀ, ଦୀପ୍ତିଶଙ୍କର ଦାସ, ମନୋରଞ୍ଜନ ପଟ୍ଟନାୟକ, ରଂଜିତ ଜେନା, ଜଗବନ୍ଧୁ ସାମଲ ପ୍ରମୁଖ ଯୋଗଦେଇ କୃଷିଭିତ୍ତିକ ଗଣପର୍ବ ରଜ ପର୍ବର ଆୟୋଜନ ପାଇଁ ସରପଞ୍ଚଙ୍କୁ ପ୍ରଶଂସା କରିଥିଲେ। କଟକ ବାଙ୍କୀର ସିଂହମ୍ ଡ୍ୟାନ୍ସ ଗ୍ରୁପ୍, ଖୋର୍ଦ୍ଧାର ନୃତ୍ୟଶ୍ରୀ କଳା ପରିଷଦ, ବୌଦ୍ଧ ରାମଲୀଳା ନାଟ୍ୟ ସଂସଦ ଅଂଶଗ୍ରହଣ କରି ଓଡ଼ିଶୀ, ସମ୍ବଲପୁରୀ, ଆଦିବାସୀ, କୁଚପୁଡ଼ି ନୃତ୍ୟ ପରିବେଷଣ କରି ଦର୍ଶକଙ୍କୁ ବାନ୍ଧି ରଖିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

● ଗରଦପୁର ବ୍ରିଜ୍‌ରୁ ଜଗନ୍ନାଥପୁର ନଦୀବନ୍ଧ ରାସ୍ତା

# ଖାଲଖମାରେ ଭର୍ତ୍ତି, ଯାତାୟାତରେ ସମସ୍ୟା

ଗରଦପୁର,୧୪।୬(ସମିସ):

ସରକାର ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଗମନାଗମନକୁ ସୁଗମ କରିବାକୁ ରାସ୍ତା ନିର୍ମାଣ ପାଇଁ କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି। ତେବେ ନିମ୍ନମାନର କାମ ଯୋଗୁଁ କେତେକ ରାସ୍ତା କମ୍ ଦିନରେ ଶୋଚନୀୟ ହୋଇପଡ଼ିଛି। ଗରଦପୁର ବ୍ରିଜ୍ ନିକଟରୁ ଜଗନ୍ନାଥପୁର ପର୍ଯ୍ୟନ୍ତ ନଦୀବନ୍ଧ ରାସ୍ତା କ୍ଷେତ୍ରରେ ଏହା ଦେଖିବାକୁ ମିଳିଛି। ଏହି ରାସ୍ତା ଖାଲଖମାରେ ପରିପୂର୍ଣ୍ଣ ହୋଇଯାଇଛି। ଦୁଇ ପାଶ୍ୱର୍ ଦବିଯାଇଥିବାବେଳେ ମଝିରେ ଖାଲ ସୃଷ୍ଟି ହୋଇଛି। ଫଳରେ ସ୍ଥାନୀୟ ଅଞ୍ଚଳବାସୀ ନାହିଁ ନ ଥିବା ସମସ୍ୟା ଭୋଗ କରୁଛନ୍ତି। ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହେଉଛି।

ନିକଟରେ ଗରଦପୁର ବ୍ରିଜ୍ ନିକଟରୁ ଜଗନ୍ନାଥପୁର ପର୍ଯ୍ୟନ୍ତ ନଦୀବନ୍ଧ ରାସ୍ତା କାମ ହୋଇଛି। ନିମ୍ନମାନର କାମ ହେଉଥିବା ଅଞ୍ଚଳବାସୀ ବାରମ୍ବାର ବିଭାଗୀୟ ଯନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ତେବେ ଏଥିପ୍ରତି ଯନ୍ତ୍ରୀ କର୍ଣ୍ଣପାତ କରି ନ ଥିଲେ। ଏବେ ଏହି ରାସ୍ତା ଶୋଚନୀୟ ହୋଇପଡ଼ିଛି।



ଠିକ୍ ଭାବେ ମେଣ୍ଟାଲିଂ କରାଯାଇ ନ ଥିବାବେଳେ ପିଚୁ କାମ ନିମ୍ନମାନର କରାଯାଇଥିଲା। ନଦୀବନ୍ଧ କଡ଼ରୁ ମାଟି ତଡ଼ାଯାଇ ନଦୀବନ୍ଧ ପ୍ରଶସ୍ତ କରାଯାଇଥିଲା। କାମ ନିମ୍ନମାନର ଯୋଗୁଁ ମାତ୍ର ୧ ବର୍ଷ ମଧ୍ୟରେ ନଦୀବନ୍ଧର ଅନେକ ସ୍ଥାନରେ ପିଚୁ ଉଠିଯିବା ସହ ଖାଲଖମା ସୃଷ୍ଟି ନେଇ ଯାତାୟାତରେ ସମସ୍ୟା ସୃଷ୍ଟି କରିଛି। ନଦୀବନ୍ଧ ଉପରେ ଦୈନିକି ଟ୍ରକ୍, ହାଇୱା, ଟ୍ରାକ୍ଟର ସମେତ ଶହଶହ ବାଇକ୍ ଓ ଛାତ୍ରଛାତ୍ରୀ ସାଇକଲ ନେଇ କଲେଜ ଓ ବିଦ୍ୟାଳୟକୁ ଯାତାୟତ କରୁଛନ୍ତି। ଏହି ନଦୀବନ୍ଧ ଉପରେ ଜଗନ୍ନାଥପୁର, ନୈନ୍ଦିପୁର, ମଦନା, ପଡିସାହି, ଗରଦପୁର ଓ ଭଦାଳର ଲୋକେ ନିର୍ଭରଶୀଳ କରନ୍ତି। ଠିକା ସଂସ୍ଥା ୫ ବର୍ଷ ପାଇଁ ରକ୍ଷଣାବେକ୍ଷଣ ଓ ମରାମତି କରିବାର ନିୟମ ରହିଛି। ତେବେ ଠିକାଦାର ଉକ୍ତ ରାସ୍ତାର ମରାମତି କରୁ ନ ଥିବାରୁ ସ୍ଥାନୀୟ ଲୋକଙ୍କ ଯାତାୟାତରେ ସମସ୍ୟା ସୃଷ୍ଟି କରୁଛି। ଅଞ୍ଚଳବାସୀଙ୍କ ପାଇଁ ମୁଖ୍ୟ ଗମନାଗମନ ମାଧ୍ୟମ ହୋଇଥିବାରୁ ନଦୀବନ୍ଧକୁ ସ୍ଥାୟୀ ଦୀର୍ଘମିଆଦି ପ୍ରକଳ୍ପରେ ସାମିଲ କରାଯାଇ ଉନ୍ନତ ପ୍ରଶସ୍ତ ରାସ୍ତା ନିର୍ମାଣ କରିବାକୁ ଦାବି କରାଯାଇଛି। ବିଭାଗୀୟ ଅବହେଳା ଓ ଠିକାଦାର ପ୍ରୀତି ଯୋଗୁଁ ବର୍ଷେ ମଧ୍ୟରେ ନଦୀବନ୍ଧ ରାସ୍ତାରୁ ପିଚୁ ଉଠିଯିବା ସହ ଅନେକ ସ୍ଥାନ ଖାଲଖମାରେ ପରିପୂର୍ଣ୍ଣ ଯୋଗୁଁ ନଦୀବନ୍ଧରେ ଯାତାୟାତରେ ଗୁରୁତର ସମସ୍ୟା ଦେଖାଦେଇଛି। ଠିକା ସଂସ୍ଥା ମରାମତି କରୁ ନ ଥିବାବେଳେ ବିଭାଗୀୟ ଯନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ନିମ୍ନମାନର କାର୍ଯ୍ୟ କରିଥିବା ଠିକାଦାର ଓ ବିଭାଗୀୟ ଯନ୍ତ୍ରୀଙ୍କୁ ଭିଜିଲାନ୍ସ ତଦନ୍ତ ପରିସରଭୁକ୍ତ କରିବାକୁ ସମାଜସେବୀ ଦିଲ୍ଲୀପ ଶୁକ୍ଳା ଦାବି କରିଛନ୍ତି।

### ରାଜଗଡ଼ରେ ରଜ ମହୋତ୍ସବ ଉଦ୍‌ଘାଟିତ

## 'ରଜ ଆମ ସାଂସ୍କୃତିକ ଅସ୍ମିତାର ଅନନ୍ୟ ପର୍ବ'

ରାଜନଗର,୧୪।୬(ସମିସ): ପ୍ରତିଟି ଓଡ଼ିଆଙ୍କ ମାନସିକତାରେ ରଜ କେବଳ ଏକ ଉତ୍ସବ ନୁହେଁ, ବରଂ ମହୋତ୍ସବ। ଏହା ମାନବିକତାର ଅନୁଭୂତି ମାତୃତ୍ୱ ପ୍ରତି ସମ୍ମାନ ଓ ପ୍ରକୃତିର ଅନନ୍ୟ ପର୍ବ। ସାମାଜିକ ଓ ଗ୍ରାମୀଣ ଭାବଧାରା ଦୃଷ୍ଟିକୋଣରେ ଦେଖିଲେ ଏହା ଏକ ପରମ୍ପରା କେବଳ ନୁହେଁ ବରଂ ଓଡ଼ିଆ ଅସ୍ମିତାର ଗଣପର୍ବ ବୋଲି ରାଜନଗର ବିଧାୟକ ଧ୍ରୁବ ସାହୁ କହିଛନ୍ତି। ଆଜି ରାଜନଗର ବ୍ଲକ ବ୍ରାହ୍ମଣୀ ନଦୀ ପାଶ୍ୱବର୍ତ୍ତୀ ମହୁଲିଆ ପଞ୍ଚାୟତର ରାଜଗଡ଼ ଗ୍ରାମ ଆମ୍ବତୋଟାରେ ଜିଲ୍ଲାର ଅନ୍ୟତମ ଅଗ୍ରଣୀ ସଙ୍ଗୀତ ଅନୁଷ୍ଠାନ ହଂସୁଆ କଳା ପ୍ରତିଷ୍ଠାନ ପକ୍ଷରୁ ଚତୁର୍ଥ ବାର୍ଷିକ ରଜ ମହୋତ୍ସବର ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଧାୟକ ଶ୍ରୀ ସାହୁ ରଜ ମହୋତ୍ସବ ଦ୍ୱାରା ଆମ ଅଞ୍ଚଳର ଲୁକ୍କାୟିତ କୁନି ପ୍ରତିଭାଙ୍କ ପ୍ରତିଭା ପ୍ରକାଶିତ କରିବ ବୋଲି କହିଥିଲେ।

ଅନୁଷ୍ଠାନର ପ୍ରତିଷ୍ଠାତା କବି ଶତ୍ରୁଘ୍ନ ତରାଇଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବକୁ ଅଧ୍ୟାପିକା ତନୁଶ୍ରୀ ମିଶ୍ର ସଂଯୋଜନା କରିଥଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ବିଘ୍ନରାଜ ଜେନା, ସମ୍ମାନିତ ଅତିଥି ଭାବେ ମହୁଲିଆ ସମିତି ସଭ୍ୟ ସଞ୍ଜୟ ସ୍ୱାଇଁ, ପୂର୍ବତନ ସରପଞ୍ଚ କୈଳାସ ପରିଡ଼ା ପ୍ରମୁଖ ଯୋଗଦେଇ ରଜ ମହୋତ୍ସବ ତାତ୍ପର୍ଯ୍ୟ ଉପରେ ମତବ୍ୟକ୍ତ କରିଥଲେ। ବରିଷ୍ଠ ସାମ୍ବାଦିକ ଭାସ୍କର ରାଉତରାୟ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ପରେ କୁନି ପ୍ରତିଭା ରଜ ଦୋଳି ସଙ୍ଗୀତ ପରିବେଷଣ କରିଥଲେ। ଏହି ରଜ ମହୋତ୍ସବ ଦୁଇଦିନ ଧରି ଅନୁଷ୍ଠିତ ହେବ। ଏଥିରେ ଝୋଟି, ପୁଚି, ସ୍କିପିଂ, ମ୍ୟୁଜିକ ଚେୟାର ପ୍ରଭୃତି ପ୍ରତିଯୋଗିତା ଅନୁଷ୍ଠିତ ହେବ ଶ୍ରୀ ତରାଇ ସୂଚନା ଦେଇଛନ୍ତି।




● ରାଷ୍ଟ୍ରୀୟ ବାଲ୍ ପୁରସ୍କାର

## ଜୁଲାଇ ୩୧ ଆବେଦନର ଶେଷ ତାରିଖ

କେନ୍ଦ୍ରାପଡ଼ା,୧୪।୬(ସମିସ): ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ବିକାଶ ପୁରସ୍କାର ନିମନ୍ତେ ଅନଲାଇନ ଆବେଦନ ପ୍ରକ୍ରିୟା ଜାରି ରହିଛି। ସାହସିକତା, କ୍ରୀଡ଼ା, ସମାଜସେବା, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା, ପରିବେଶ, କଳା ଓ ସଂସ୍କୃତି କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱ ହାସଲ କରିଥିବା ଯୁବକ/ଯୁବତୀ ଅନଲାଇନରେ ଆବେଦନ କରିପାରିବେ। ଆବେଦନକାରୀଙ୍କ ବୟସ ୧୮ ବର୍ଷରୁ ଅଧିକ ହୋଇଲ ନଲ ଥିବା ଆବଶ୍ୟକ। ଆବେଦନର ଶେଷ ତାରିଖ ଜୁଲାଇ ୩୧ ତାରିଖ ରଖାଯାଇଛି। ଅଧିକ ସୂଚନା ପାଇଁ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ, କେନ୍ଦ୍ରାପଡ଼ାକୁ ଯୋଗାଯୋଗ କରିବାକୁ ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି।

## ଅଗ୍ନିକାଣ୍ଡରେ ୨ବଖରା ଭସ୍ମୀଭୂତ

ମାର୍ଶାଘାଇ,୧୪।୬(ସମିସ): ମାର୍ଶାଘାଇ ବ୍ଲକ କୁଆଁରପାଳରେ ଗତକାଲି ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟିଛି। ଏହି ଅଗ୍ନିକାଣ୍ଡରେ ବୀରକିଶୋର ନାୟକଙ୍କ ୨ ବଖରା ଭସ୍ମୀଭୁତ ହୋଇଛି। ବୀରକିଶୋର ଶୋଇଥିବା ସମୟରେ ଅଗ୍ନିକାଣ୍ଡ ଘଟିଥିଲା। ସ୍ଥାନୀୟ ଯୁବକ ଘଟଣା ପହଞ୍ଚି ବୀରକିଶୋର, ପତ୍ନୀଙ୍କୁ ଉଦ୍ଧାର କରିଥିଲେ। ଅଗ୍ନିକାଣ୍ଡରେ ଘରର ଆସବାପତ୍ର, ଧାନଚାଉଳ ସମେତ କାଗଜପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡର କାରଣ ଜଣାପଡିନାହିଁ। ଅଗ୍ନିକାଣ୍ଡ ଖବର ପାଇ ମାର୍ଶାଘାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁ ଆୟତ୍ତ କରିଥିଲେ। ସମିତିସଭ୍ୟ ଶତର ପ୍ରଧାନ ବିପନ୍ନ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି।

## ବନ୍ଦ କୋଠରିରୁ ନାବାଳିକା ଉଦ୍ଧାର

କେନ୍ଦ୍ରାପଡ଼ା,୧୪।୬(ସମିସ): ଟାଉନ୍ ଥାନା ଅନ୍ତର୍ଗତ ଗୋପ ରେଳ ବ୍ରିଜ୍ ନିକଟରେ ଥିବା ଏକ ବନ୍ଦ କୋଠରୀରୁ ଜଣେ ନାବାଳିକାଙ୍କୁ ପୁଲିସ ଉଦ୍ଧାର କରିଛି। ନାବାଳିକାଙ୍କ ଘର ପାଟକୁରାରେ ବୋଲି ପୁଲିସ କହିଛି। ନାବାଳିକା ଜଣକ ଜଣେ ଯୁବକଙ୍କ ସହ ଗତ ତିନିଦିନ ଧରି ଏହି କୋଠରୀରେ ରହୁଥିଲେ। ଶୁକ୍ରବାର ରାତିରେ ପୁରୁଷ ବନ୍ଧୁ ଜଣକ କୌଣସି କାମରେ ବାହାରକୁ ଯାଇଥିଲେ। ଏହାର ସୁଯୋଗ ନେଇ ଘର ମାଲିକ ନାବାଳିକାଙ୍କ ସହ ଅସଦାଚରଣ କରିଥିଲେ। ଏହାକୁ ନାବାଳିକା ବିରୋଧ କରିବାରୁ ଘର ମାଲିକ ତାଙ୍କ କୋଠରୀରେ ତାଲା ପକାଇ ଦେଇଥିଲେ। ଏ ନେଇ ନାବାଳିକା ଜଣକ ୧୧୨କୁ ଫୋନ କରିଥିଲେ। ତେବେ ସ୍ଥାନର ନାମ ନାବାଳିକା କହିପାରି ନ ଥିଲେ। ପୁଲିସ ମୋବାଇଲ ନମ୍ବର ଟ୍ରାକିଂ କରି ଘଟଣାସ୍ଥଳରେ ରାତି ପ୍ରାୟ ୧୨ଟାରେ ପହଞ୍ଚି ନାବାଳିକାଙ୍କୁ ଉଦ୍ଧାର କରିଥିଲା। ପରେ ସଂପୃକ୍ତ ଯୁବକଙ୍କୁ ପୁଲିସ ଥାନାକୁ ଆଣିଥିଲା। ଯୁବତୀଙ୍କୁ ୧୮ ବର୍ଷ ହୋଇଥିବାରୁ ସେ ନିଜ ଇଚ୍ଛାରେ ଯୁବକଙ୍କ ସହ ରହିଥିଲେ ବୋଲି ପୁଲିସକୁ କହିଛି। ଆଧାର କାର୍ଡ ଓ ମାଟ୍ରିକ ପ୍ରମାଣପତ୍ରରେ ସାବାଳିକା ଅର୍ଥାତ ୧୮ ବର୍ଷ ହୋଇଥିବା ଜଣାପଡିଛି ବୋଲି ଶିଶୁ ମଙ୍ଗଳ କମିଟି ପକ୍ଷରୁ କୁହାଯାଇଛି। ତେବେ ତାଙ୍କ ଜନ୍ମ ପ୍ରମାଣପତ୍ରରେ ତାଙ୍କୁ ୧୭ ବର୍ଷ ହୋଇଛି ବୋଲି ସୂଚନା ମିଳିଛି।

## ସଂସାରଫଳ ଓ ଖଣତା ପଞ୍ଚାୟତରେ ବିକାଶ ରଥ ପରିକ୍ରମା



ପଟ୍ଟାମୁଣ୍ଡାଇ,୧୪।୬(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ୍ ଅନ୍ତର୍ଗତ ସଂସାରଫଳ ପଞ୍ଚାୟତରେ ରାଜ୍ୟ ବିଜେପି ସରକାରଙ୍କ ଶାସନର ୧ବର୍ଷ ପୂର୍ତ୍ତି ଉପଲକ୍ଷେ ବିକାଶ ରଥ ପରିକ୍ରମା ଓ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଦମୟନ୍ତୀ ସାମନ୍ତରାୟଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ବ୍ଲକ୍ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ଉପାଧକ୍ଷା ଜୟନ୍ତୀ ସ୍ୱାଇଁ, ବିଡିଓ ଅଶୋକ ମହାନ୍ତି, ଅତିରିକ୍ତ ବିଡିଓ ସନ୍ତୋଷ ମନ୍ତ୍ରୀ, ସମିତି ସଭ୍ୟ ପର୍ଶୁରାମ ରାଉତରାୟ, ଯୋଗାଣ ନିରୀକ୍ଷକ ପୁଷ୍ପଲତା ଗାହାଣ, ପିଇଓ ତପନ ପ୍ରଧାନ, ସିଆରସିସି ଆଶିଷ ମହାପାତ୍ର, ସିଏଚଓ ନିବେଦିତା କର, ଏସବିଏମ ସଂଯୋଜକ ରବୀନ୍ଦ୍ର ରାଉତ, ଜିପିଡିଓ ରଂଜିତ ପରିଡ଼ା, ଡିଇଓ ଦୀପ୍ତିମୟୀ ବେହେରା ପ୍ରମୁଖ ଯୋଗଦେଇ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ସହ ରାସନ, ଅନ୍ତ୍ୟୋଦୟ, ଭତ୍ତା କାର୍ଡ ବଣ୍ଟନ କରିଥିଲେ। ସେହିପରି ଖଣତା ପଞ୍ଚାୟତରେ ବିକାଶ ରଥ ପରିକ୍ରମା ଓ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଥିଲା। ସରପଞ୍ଚ ଅନୀଲ ଲେଙ୍କାଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ସହିତ ରାସନ, ଅନ୍ତ୍ୟୋଦୟ ଓ ଭତ୍ତା କାର୍ଡ ବଣ୍ଟନ କରିଥିଲେ।

## ଜମି ଭାଗ ପାଇଁ ବାପାକୁ ପିଟି ଲହୁଲୁହାଣ କଲା ପୁଅ

ରାଜକନିକା,୧୪।୬(ସମିସ): ଜମି ଭାଗ ନେବାକୁ ପୁଅ ନିଜ ବାପାଙ୍କୁ ମାଡ଼ ମାରି ଲହୁଲୁହାଣ କରିଥିବା ଜଣାପଡ଼ିଛି। ନ୍ୟାୟ ପାଇଁ ବାପାମାଆ ଥାନାରେ ଦ୍ୱାରସ୍ଥ ହୋଇଛନ୍ତି। ଏମିତି ଏକ ଘଟଣା ରାଜକନିକା ଥାନା ଅନ୍ତର୍ଗତ ଡାଳିକାଏନ୍ଦା ଗ୍ରାମରେ ଘଟିଛି। ମାଆ ସରୋଜିନୀ ରାଉତ ଓ ବାପା ହୃଷିକେଶ ରାଉତଙ୍କ ମଝିଆ ପୁଅ ସୁଧୀର ରାଉତ ବାପାଙ୍କ ସମ୍ପତ୍ତିରେ ଭାଗ ନେବା ପାଇଁ ବାପାଙ୍କ ବେକରେ ଛୁରୀ ଲଗାଇବା, ମାଡ଼ ମାରିବା ଓ ମାଆବାପାଙ୍କୁ ଦୀର୍ଘ ୧୦ ବର୍ଷ ଧରି ଖାଇବାକୁ ନ ଦେବା ଭଳି ସଙ୍ଗିନ ଅଭିଯୋଗ ମାଆ ସରୋଜିନୀ ରାଜକନିକା ଥାନାରେ କରିଛନ୍ତି। ଅଭିଯୋଗ ମୁତାବକ, ଗତକାଲି ରାତ୍ରିରେ ପୁଅର ଆକ୍ରମଣରେ କ୍ଷତବିକ୍ଷତ ହୋଇ ବୃଦ୍ଧ ହୃଷିକେଶ ଓ ପତ୍ନୀ ସରୋଜିନୀ ପ୍ରାଣ ବିକଳରେ ଖସି ଆସି ପ୍ରଥମେ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେବା ପରେ ହୃଷିକେଶଙ୍କ ପତ୍ନୀ ସରୋଜିନୀ ରାଜକନିକା ଥାନାରେ ଲିଖିତ ଅଭିଯୋଗ କରି ନ୍ୟାୟ ଭିକ୍ଷା କରିଥିବା ଜଣାପଡ଼ିଛି।



## ଅର୍ତାମୂଳ ରଜ ମହୋତ୍ସବ ଉଦ୍‌ଘାଟିତ



ଡେରାବିଶ,୧୪।୬(ସମିସ): ଡେରାବିଶ ବ୍ଲକ୍ ଯଅଁରାବାରିମୂଳ ପଞ୍ଚାୟତ ଅନ୍ତର୍ଗତ ଅର୍ତାମୂଳସ୍ଥ ଜେନାମଣି ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣରେ ଦଶମ ବର୍ଷିକ ରଜ ମହୋତ୍ସବ ଉଦ୍‌ଘାଟିତ ହୋଇଛି। ଅତିଥି ଭାବେ ସମାଜସେବୀ ସୁଖଦାନନ୍ଦ ପ୍ରଧାନ, ବ୍ଲକ ଉପାଧକ୍ଷ ଦେବାଶିଷ ଆଚାର୍ଯ୍ୟ, ୧୪ନଂ ଜିଲ୍ଲା ପରିଷଦ ସଭ୍ୟ ଅରବିନ୍ଦ ମଳିକ ଓ ସମାଜସେବୀ ଦେବରାଜ ମହାପାତ୍ର ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମହୋତ୍ସବ କମିଟି ସଭ୍ୟ ପ୍ରମୋଦ ପ୍ରଧାନ ସଭା ସଂଯୋଜନା କରିଥିଲେ। ଏହି ଉତ୍ସବରେ କୁନିକୁନି ପିଲାଙ୍କଠାରୁ ଆରମ୍ଭ କରି ବୟସ୍କ ଲୋକଙ୍କ ପାଇଁ ଭିନ୍ନ ଭିନ୍ନ ଦୋଳିର ବ୍ୟବସ୍ଥା କରାଯାଇଥିବାବେଳେ ଆଜି ଦିନ ତମାମ ଶହଶହ ସଂଖ୍ୟାରେ ପିଲା, ପୁରୁଷ ଓ ମହିଳାଙ୍କ ଭିଡ଼ ଲାଗିରହିଥିଲା। କିଶୋର ଓ କିଶୋରୀଙ୍କ ମଧ୍ୟରେ ମ୍ୟୁଜିକ୍ ଚେୟାର, ପୁଚି ଓ ଦଉଡ଼ି ଡିଆଁ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଗୋଲରାହାଟରୁ ଆସିଥିବା କୁନିକୁନି ପିଲାଙ୍କ ନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା। ଶେଷରେ କୃଷ୍ଣଚନ୍ଦ୍ର ବଳ ଧନ୍ୟବାଦ ଅର୍ପଣ କରିଥିଲେ। କମିଟି ସଦସ୍ୟ ରଜତ ବଳ, ଅନାଥବନ୍ଧୁ ଜେନା, ମାଧବ ମଳିକ, ପୂର୍ଣ୍ଣଚନ୍ଦ୍ର କାଣ୍ଡିଙ୍କ ସମେତ କମିଟିର ସଭ୍ୟସଭ୍ୟା ପରିଚାଳନାରେ ସହଯୋଗ କରିଥିଲେ।

■ ଆଗ ଭଳି ନାହିଁ ମାଦକତା

# ଫିକା ପଡ଼ିଲାଣି ରଜ ପର୍ବ

ପଟ୍ଟାମୁଣ୍ଡାଇ,୧୪।୬(ସମିସ): କାହିଁ କେଉଁ କାଳରୁ ଓଡ଼ିଶାର ଘରେ ଘରେ ପାଳିତ ହୋଇଆସୁଛି ରଜ ପର୍ବ। ଏହା ଏଭଳି ଏକ ପର୍ବ ଯାହାକୁ ଛାଡ଼ି ଓଡ଼ିଆ ସାହିତ୍ୟ, ସଂସ୍କୃତି ଓ ପରମ୍ପରାର ପରିକଳ୍ପନା କରିବା ଅସମ୍ଭବ। ରଜ ପର୍ବକୁ ଝିଅ ଓ ବୋହୂଙ୍କ ପର୍ବ କୁହାଯାଉଥିବାବେଳେ ବାସ୍ତବରେ ଓଡ଼ିଆ କଳା, ସଂସ୍କୃତି ଓ ପରମ୍ପରାକୁ ବହନ କରିଥିବା ଏହି ପର୍ବ ଯୁବକ, କୃଷକ, ଶ୍ରମିକଠାରୁ ଆରମ୍ଭ କରି ସବୁ ବର୍ଗର ଲୋକଙ୍କୁ ଅପୂର୍ବ ଆନନ୍ଦ ଦେଇଥାଏ। ରଜ ପର୍ବ ଆସିଲେ ବନ୍ଧୁ ବାନ୍ଧବ ଘରକୁ ଆସିଥିବାବେଳେ ବିବାହିତା ଝିଅ ବାପଘରକୁ ଆସି ପର୍ବର ନିଆରା ମଜା ନେଇଥାଏ। ବାହାରେ ରହୁଥିବା ପରିବାର ସଦସ୍ୟ ବର୍ଷକରେ ଥରେ ଏକାଠି ହୋଇ ରଜ ପାନ ଓ ପୋଡ଼ ପିଠା ଖାଇ ଉତ୍ସବ ମନାଇଥା'ନ୍ତି। ରଜ ପର୍ବରେ ରଜ ପାନ ଓ ପୋଡ଼ ପିଠା ବିଶେଷ ଗୁରୁତ୍ୱ ବହନ କରେ। ଏହାଛଡା ରଜ ଅବସରରେ ଗ୍ରାମରେ ଡ୍ରାମା, ଯାତ୍ରା, ଦାସକାଠିଆ ଓ ପାଲାର ବିଶେଷ ଆକର୍ଷଣ ଥାଏ। ଓଡ଼ିଆ ଜାତିର ମହାନ ଗଣପର୍ବ ରଜ ପର୍ବ ଜାତି ଦ୍ୱେଷ, ବିଭେଦ ହଟାଇ ଜାତିଶୂନ୍ୟ ଏକ ଭାଇଚାରା ସମ୍ପନ୍ନ ସମାଜ ତିଆରି ପାଇଁ ବିଶେଷ ଭୂମିକା ରଖିଥାଏ। ବିଭିନ୍ନତା ମଧ୍ୟରେ ଏକତାର ମନ୍ତ୍ର ଦେଇ ଚାଲିଥିବା ରଜ ପର୍ବ ସାମ୍ପ୍ରତିକ ଆଧୁନିକ ସଭ୍ୟତାର ମୋହରେ ପଡି ଦିଗହରା ହୋଇପଡିଛି।



ରଜ ପର୍ବ ଏବେ ସମ୍ପୂର୍ଣ୍ଣ ଫିକା ହୋଇପଡିଛି। ନାହିଁ ପୂର୍ବ ମହକ ଓ ମାଦକତା। ଗାଁର ରଜ ପର୍ବ ଏବେ ଫାଇଭ ଷ୍ଟାର ହୋଟେଲରେ ପାଳନ କରାଯାଇ ଓଡ଼ିଆ ସଂସ୍କୃତି ଓ ପରମ୍ପରାକୁ ବିକଳାଙ୍ଗ କରିଦେଇଛି। ରଜ ଅବସରରେ ନାହିଁ ରଙ୍ଗ ବେରଙ୍ଗ ଦୋଳି, ପୋଡ଼ ପିଠା, ରଜ ପାନ, ଡ୍ରାମା, ପାଲା, ଦାସକାଠିଆ, ପୁଚି, ବାଗୁଡ଼ି ଓ ତାସ ଖେଳ। ସବୁ କିଛି ସମୟ ସ୍ରୋତରେ ହଜିଯାଇଛି। ଯାହା କେବଳ ଲୋକ ଦେଖାଣିଆ ଭାବେ ପାଳନ କରାଯାଉଛି। ରଜ ପର୍ବର ପୂର୍ବ ଗୌରବ, ଐତିହ୍ୟ, ପରମ୍ପରା ଫେରି ନ ଆସିଲେ ଓଡିଶାର ବହୁ ପ୍ରାଚୀନ ଗୌରବମୟ କଳା ସଂସ୍କୃତି ଐତିହ୍ୟ ଓ ପରମ୍ପରା ଦିନେ ଲୋପ ପାଇଯିବ ବୋଲି ସବୁ ମହଲରେ ଆଶଙ୍କା ପ୍ରକାଶ ପାଉଛି। ବହୁ ଗୌରବମୟ ଇତିହାସକୁ ଧରି ରଖିଥିବା ପଟ୍ଟାମୁଣ୍ଡାଇ ଅଞ୍ଚଳରେ ପୂର୍ବଭଳି ଆଉ ରଜ ପର୍ବର ମହକ ଓ ମାଦକତା ନାହିଁ। ଫଳରେ ପଟ୍ଟାମୁଣ୍ଡାଇର କଳା, ସଂସ୍କୃତି, ସାହିତ୍ୟ, ଐତିହ୍ୟ ଓ ପରମ୍ପରା ମାଟିରେ ମିଶିବାକୁ ବସିଲାଣି। ରାଜ୍ୟ ସରକାର ଓଡ଼ିଆ ଅସ୍ମିତାକୁ ବଞ୍ଚାଇବା ପାଇଁ ସାରା ରାଜ୍ୟର ସବୁ ପୁରପଲ୍ଲୀରେ ରଜ ପର୍ବ ପାଳନ ପାଇଁ ପ୍ରୋତ୍ସାହନ ଯୋଗାଇ ଦେବାକୁ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

## ପବିତ୍ରପଡ଼ାରେ ବାଦିପାଲା



ଡେରାବିଶ,୧୪।୬(ସମିସ): ଡେରାବିଶ ବ୍ଲକ୍ ମୁକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ପବିତ୍ରପଡ଼ା (ଡାବଳ)ରେ ରଜ ଉପଲକ୍ଷେ ଆୟୋଜିତ ବାଦିପାଲା ଆରମ୍ଭ ହୋଇଛି। ସତ୍ୟନାରାୟଣ ପାଲା ପରିଷଦ ଆନୁକୂଲ୍ୟରେ ତିନିଦିନ ଧରି ବାଦିପାଲା ଅନୁଷ୍ଠିତ ହେବ। ଢେଙ୍କାନାଳ ଜିଲ୍ଲାର ଗାୟିକା ସଙ୍ଗୀତ ସାରିକା ଦୀପିକା ସାହୁ ଓ ଆଠଗଡ଼ର ଗାୟିକା ସ୍ୱରସୁଧା ସୌଦାମିନୀ ସାହୁଙ୍କ ମଧ୍ୟରେ ବାଦିପାଲା ଅନୁଷ୍ଠିତ ହେଉଛି। ଏହି ଉତ୍ସବ ଦିନବେଳା ହେଉଥିବାରୁ ଅଞ୍ଚଳର ବହୁ ପାଲା ତଥା ସାହିତ୍ୟ, ସଂସ୍କୃତିପ୍ରେମୀ ଉପସ୍ଥିତ ରହି ଏହି ପାଲାକୁ ଉପଭୋଗ କରିଥିଲେ। କାର୍ଯ୍ୟକ୍ରମକୁ ଡାବଳ ଗ୍ରାମର ବାବାଜୀ ମଳିକ, ରଘୁନାଥ ମଳିକ, ଅଶୋକ ମଳିକ, ଗୋପୀନାଥ ମଳିକ, ରଞ୍ଜନ ମଳିକ, ସୁରେନ୍ଦ୍ର ମଳିକ, ବଳରାମ ମଳିକ ପ୍ରମୁଖ ପରିଚାଳନା କରୁଥିବାବେଳେ ଶ୍ରୀଧରପୁର ଓ ଡାବଳ ଗ୍ରାମବାସୀ ସହଯୋଗ କରୁଛନ୍ତି।

### ଭେଟେରାନ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

## ଅଙ୍ଗୁଳାଇକୁ ହରାଇ ମାର୍ଶାଘାଇ ଚାମ୍ପିଅନ୍

ମାର୍ଶାଘାଇ,୧୪।୬(ସମିସ): ମାର୍ଶାଘାଇ ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ସପ୍ତମ ବାର୍ଷିକ ଭେଟେରାନ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ମ୍ୟାଚ୍‌ରେ ମାର୍ଶାଘାଇ କ୍ରିକେଟ ଟିମ ଅଙ୍ଗୁଳାଇ କ୍ରିକେଟ ଟିମ୍‌କୁ ପରାସ୍ତ କରି ଚାମ୍ପିଅନ୍ ହୋଇଛି। ମାର୍ଶାଘାଇ ଟିମ ଅଧିନାୟକ ପ୍ରସନ୍ନ ସାହୁ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୨ ୱିକେଟ ହରାଇ ୧୫୫ ରନ କରିଥିଲା। ଜବାବରେ ଅଙ୍ଗୁଳାଇ ଟିମ୍ ୫ ୱିକେଟରେ ୧୪୫ ରନ କରି ପରାସ୍ତ ହୋଇଥିଲା। ଅଙ୍ଗୁଳାଇ ଟିମ୍‌ର ଜୟନ୍ତ ମଲ୍ଲିକ ଟୁର୍ଣ୍ଣାମେଣ୍ଟର ସର୍ବାଧିକ ୮୧ ରନ କରି ପୁରସ୍କୃତ ହୋଇଥିଲେ। ମୁଖ୍ୟଅତିଥି ଭାବେ ଜଗତସିଂହପୁର ଜିଲ୍ଲା କ୍ରାଇମବ୍ରାଞ୍ଚ ଡିଏସପି ପ୍ରେମାନନ୍ଦ ଲେଙ୍କା ଯୋଗଦେଇ ଚାମ୍ପିଅନ୍ ମାର୍ଶାଘାଇ କ୍ରିକେଟ ଦଳକୁ ଚାମ୍ପିଅନ ଟ୍ରଫି ଓ ରନସଅପ୍ ଅଙ୍ଗୁଳାଇ କ୍ରିକେଟ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ। ଶିକ୍ଷକ ନେତା ପାର୍ଥସାରଥୀ ସାହୁ, ଗୌରାଙ୍ଗ ଜେନା, ବିଭୂତି ଭୂଷଣ ଦାସ ଖେଳ ପରିଚାଳନା କରିଥିବାବେଳେ ମନ୍ମଥ ମଲ୍ଲ, ସର୍ବେଶ୍ୱର ପଲେଇ ସ୍କୋରର, ଓସିଏ ପ୍ୟାନେଲ ଅମ୍ପାୟରର ପ୍ଳାବନ ସ୍ୱାଇଁ, ଗୌରାଙ୍ଗ ଜେନା ମ୍ୟାଚ୍ ରେଫରୀ ଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ଅଳଇଲୋ, ବୋଧଗାଁ, ଥାଉରୀ, ଅଙ୍ଗୁଳାଇ, ମାର୍ଶାଘାଇ, ଶିଳିପୁର କ୍ରିକେଟ ଟିମ ଅଂଶଗ୍ରହଣ କରିଥିଲେ।



### ପୁନରୁଦ୍ଧାର କାମ ନିମ୍ନମାନର

# ପୋଖରୀରେ ରହୁନି ଟୋପାଏ ପାଣି

ପଞ୍ଚୁପାଣ୍ଡବ,୧୪।୬(ସମିସ): ଡେରାବିଶ ବ୍ଲକ୍ ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ସଦାନନ୍ଦପୁର ଗ୍ରାମରେ ଥିବା ହାଟ ପୋଖରୀରେ ରହୁନି ଟୋପାଏ ପାଣି। ଏହି ପୋଖରୀର ପୁନରୁଦ୍ଧାର ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇଥିଲେ ସୁଦ୍ଧା ପୋଖରୀର ଉନ୍ନତି ହୋଇ ନ ଥିବା ଅଭିଯୋଗ ହେଉଛି।

୨୦୨୨ରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ୧୦ ଲକ୍ଷ ଟଙ୍କା ବ୍ୟୟରେ ସଦାନନ୍ଦପୁର ଗ୍ରାମ ହାଟ ପୋଖରୀର ପୁନରୁଦ୍ଧାର କରାଯାଇଥିଲା। ଏହି ହାଟ ପୋଖରୀ ପୁନରୁଦ୍ଧାର ହେବା ପରେ ଆଦର୍ଶ ପୋଖରୀ ହୋଇଥା'ନ୍ତା। ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇଥିଲେ ସୁଦ୍ଧା ପୋଖରୀର ଉନ୍ନତି ନ ହେବାରୁ ପୋଖରୀରେ ଟୋପାଏ ପାଣି ରହିଲା ନାହିଁ କି ସରକାରଙ୍କ ପକ୍ଷରୁ ଖର୍ଚ୍ଚ ହୋଇଥିବା ଟଙ୍କା କାମରେ ଲାଗିଲା ନାହିଁ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ପ୍ରଶାସନିକ ଅଧିକାରୀଙ୍କ ଅବହେଳା ଯୋଗୁଁ ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ହରିଲୁଟ ହେଉଥିବାବେଳେ କିଛି କୁଜିନେତା ମାଲେମାଲ ହେଉଥିବା ଅଭିଯୋଗ ହେଉଛି। ଗ୍ରାମର ସମାଜସେବୀ ରମେଶ ଗାହାଣ କହିଛନ୍ତି, ଏ ପୋଖରୀରେ ଆଷାଢ଼ ମାସରେ କେନାଲ ପାଣି ରହେ, ଅନ୍ୟ ଦିନରେ ପାଣି ଟୋପାଏ ଦେଖିବାକୁ ମିଳେ ନାହିଁ। ଅଯଥା ଖର୍ଚ୍ଚ ହେଉଥିବା ଜାଗାର ତଦନ୍ତ କରାଯାଇ ସରକାରଙ୍କ ଟଙ୍କାକୁ ଠିକ୍ ଜାଗାରେ ଲଗାଇବାକୁ ଅଞ୍ଚଳ ଦାବି କରିଛନ୍ତି।



# ଛେଉଣ୍ଡ



## ଅନୀଲ କୁମାର ପଣ୍ଡା



ଆଖିରୁ ବହି ଆସୁଥିବା ଲୁହକୁ ତରବରରେ ପୋଛି ଦେଉଥାଏ ବବୁଲ । କାଳେ କିଏ ଦେଖି ଦବ ଭାବି, ବାଥରୁମ୍‌ରେ ପଶିଗଲା । ତା' କାନ୍ଦିବାର ଶବ୍ଦକୁ କିନ୍ତୁ ସେ ନିଜ ଭିତରେ ଚାପି ରଖୁଛି । ମନରେ ଭୟ କାଳେ କିଏ ଜାଣି ଦେବ ।

ହେତୁ ପାଇବା ବେଳକୁ ଯାହାକୁ ବୋଉ ବୋଲି ଡାକୁଥିଲା, ପ୍ରକୃତରେ ସେ ହେଉଛି ତା'ର ପିଉସୀ । ତାଙ୍କରି କୋଳରେ ବବୁଲ ବଡ଼ ହେଉଥିଲା । ବବୁଲକୁ ଦେଖିବାକୁ ଜଣେ କଳା ଓ ଡେଙ୍ଗା ମଣିଷ ପ୍ରତ୍ୟେକ ସପ୍ତାହରେ ଆସନ୍ତି । ସେ ହିଁ ବବୁଲର ବାପା । ବାପା ଶବ୍ଦର ଅର୍ଥ ବୁଝିବାର ସାମର୍ଥ୍ୟ ତା'ପାଖରେ ନଥିଲା । ମୁହଁରେ ହସ ନଥିବା ଗୋଟେ ମଣିଷ । ସବୁବେଳେ ଆଖି ଦୁଇଟି ଲାଲ । ସେ ଆସନ୍ତି, ପିଉସୀ ସହ କଥାବାର୍ତ୍ତା ହୁଅନ୍ତି, ଆଉ ଚାଲି ଯାଆନ୍ତି । ବାପା କେତେବେଳେ ତାକୁ ଗେଲ କରିବାର ସେ ଜାଣି ନାହିଁ । କେତେବେଳେ କୋଳେଇ ନେବାର ତା'ର ମନେ ନାହିଁ । ତଥାପି ବାପା ଶବ୍ଦର ମାଧୁର୍ଯ୍ୟ ତାକୁ ବାନ୍ଧି ପକାଉଥାଏ । ବାପାଙ୍କୁ ସବୁବେଳେ ଦେଖୁଥିବା ବବୁଲ ଟିକେ ବଡ଼ ହେବା ପରେ ମାଆକୁ ଖୋଜିଲା । ପିଉସୀଙ୍କୁ ପଚାରିଲା । ବାପାଙ୍କୁ ପଚାରିଲା । ଉତ୍ତର ପାଇନଥିଲା ।

ପିଉସୀର ବାରଣ ସତ୍ତ୍ୱେ ବବୁଲ ବାପାଙ୍କ ସହ ଯିବା ପାଇଁ ଜିଦ୍ କଲା । ବାଧ୍ୟରେ ବାପା ତାକୁ ନେଇ ଚାଲି ଆସିଲେ । ତା' ପାଇଁ ଗୋଟେ ନୂଆ ଗାଁ, ତା' ଭିତରେ ଗୋଟେ ପୁରୁଣା ଘର । ଦାଣ୍ଡ କବାଟ ଖୋଲି ଭିତରକୁ ପଶିବା ବେଳକୁ ଖାଲି ଅନ୍ଧାର । ଅଗଣାରେ ପଡୁଥିବା ସୂର୍ଯ୍ୟ କିରଣରେ ସେ ଝାପ୍‌ସା ଭାବେ ଦେଖୁଥିଲା କୋଠରିଗୁଡ଼ିକକୁ । ସବୁ ଖାଲି ଖାଲି । ବାପାଙ୍କ ଛଡ଼ା ଆଉ କେହି ନାହାନ୍ତି । ପିଉସୀ ଘରେ ସେ କେତେଲୋକଙ୍କ ସହ ମିଶିଥିଲା । ସେଠି ପିଉସା ଥିଲେ, ଭାଇ ଥିଲେ, ଭାଉଜ ଥିଲେ, ଜଣେ ଅପା ବି ଥିଲା । ସବୁଦିନ ଭାଇ ଆଉ ଅପା ତାକୁ ଗେଲ କରୁଥିଲେ ।

ଘର ଭିତରେ ବାପା ତାଙ୍କ ଜାମା ଖୋଲି ଏକ ଗାମୁଛା ପିନ୍ଧିଲେ । ଅଗଣାକୁ ଯାଇ ମୁହଁ ହାତ ଧୋଇଲେ । ଆସି ଦାଣ୍ଡ ଦୁଆରେ ବସିଲେ । ସେ ଘର ଭିତରେ ବସି ବସି ସନ୍ଧ୍ୟା ହେବାକୁ ବସିଲା । ନାଁ ବାପା ବବୁଲକୁ କିଛି କହୁଥିଲେ । ନାଁ ବବୁଲ ବାପାଙ୍କୁ କିଛି କହୁଥିଲା । ରାତି ଘଡ଼ିଏ ବେଳକୁ ଦାଣ୍ଡରୁ ଉଠି ଆସି ବାପା ଗୋଟେ ବେଲାରେ କିଛି ଚୂଡ଼ା ଓ ଚିନି ବଢ଼େଇ ଦେଇ କହିଲେ, ନେ ଖାଇକି ଶୋଇପଡ଼େ । ବବୁଲ ବାପାଙ୍କ କଥାମାନି ଖାଇ ଶୋଇପଡ଼ିଲା । ଗୋଟେ ପଟା ଖଟ ଉପରେ ଶୋଇଥାଏ ବବୁଲ । ବାପା ତା'ର ଚଟାଣରେ ଆସି ଗଡ଼ି ପଡ଼ିଲେ ।

ଧୀରେ ଧୀରେ ଦିନ ବିତିଲା । କେତେବେଳେ ଚୂଡ଼ା ତ ପୁଣି କେତେବେଳେ ଭାତ ସହିତ କିଛି ପରିବା ସିଝା । ପିଉସୀ ଘରୁ ଚାଲି ଆସିବା ପରେ ଅଳ୍ପ କିଛି ପାଠ ପଢ଼ିଥିବା ବବୁଲର ପାଠ ପଢ଼ାରେ ଡୋରି ବନ୍ଧା ହେଲା ।

ବାପା ତାକୁ ପୁଣିଥରେ ପିଉସୀ ଘରେ ଛାଡ଼ିବା ପାଇଁ ବାଧ କଲେ । ସେ ଆଉ ଫେରିବାକୁ ପ୍ରସ୍ତୁତ ନଥିଲା । ବାପାଙ୍କ ଭଳି ସେ ମଧ ହସ ଖୁସି ଅବସ୍ଥାରୁ ନୀରବ ହୋଇଗଲା । ବେଳେ ବେଳେ ବାପା ତାକୁ ବାଧ କରନ୍ତି, ବାହାରକୁ ଯାଇ ପିଲାଙ୍କ ସହ ଖେଳିବା ପାଇଁ । ସେ ଯାଇ ପାରେନି । ତାକୁ ଭାରି ଅଖାଡୁଆ ଲାଗେ । ଗାଁ ପିଲା ତାକୁ କଟାସ ଭଳି ଲାଗନ୍ତି ।

ବବୁଲ ବଡ଼ ହେଉଥିଲା । ବାପା ସବୁଦିନ ସକାଳୁ ବାହାରି ଯାଆନ୍ତି, ସଂଜ କି ବେଳ ବୁଡ଼ିଲେ ଫେରନ୍ତି । ବବୁଲ ସେମିତି ଘରେ ବସିଥାଏ । ଘରକୁ ବେଳେ ବେଳେ କୁଣିଆ ଆସନ୍ତି । ବବୁଲ ସେମାନଙ୍କୁ ଚିହ୍ନି ନଥାଏ । ସେମାନେ ଆସି ବାପାଙ୍କ ସହ କିଛି କଥାବାର୍ତ୍ତା ହୁଅନ୍ତି, ପୁଣି ଚାଲି ଯାଆନ୍ତି । ବାପା ବେଳେ ବେଳେ ତାକୁ ପିଉସୀ ଘରକୁ ନେଇ ବୁଲି ଯାଆନ୍ତି । ମାତ୍ର ବାପାଙ୍କ ପାଖରେ ଅନ୍ୟ ପିଲାମାନଙ୍କ ଭଳି ବବୁଲ କିଛି ଅଳି କରି ପାରେନି । କାରଣ ବାପା ସବୁବେଳେ ନୀରବ ।

ଏବେ ବେଶ୍ ବଡ଼ ହୋଇ ସାରିଥାଏ । ଭଲ ମନ୍ଦ ବୁଝିବାର ବୟସ । ବାପା ଓ ଘରର ଦାୟିତ୍ୱ ନେଇଥିଲା । ସକାଳୁ ଉଠିବା ପରେ ଘର ସଫା ସୁତରା କରିବା, ଠାକୁର ପୂଜା କରିବା, ସକାଳୁ ଜଳଖିଆ ପ୍ରସ୍ତୁତ କରି ବାପାଙ୍କୁ ଦେବା, ନିଜେ ଖାଇବା ।

ଧୀରେ ଧୀରେ ନିଜକୁ ପରିବର୍ତ୍ତନ କଲା ବବୁଲ । ଗାଁ ପିଲାଙ୍କ ସହ ଖେଳକୁଦ କଲା । ବାପା ଶୋଇଥିବା ବେଳେ ତାଙ୍କ ସ୍କୁଟିକୁ ନେଇ ଦୁଇ ଚାରି ଘେରା ବୁଲି ଆସିଲା । ରାତିରେ ଦୋଳ ବୁଲିବା ସମୟରେ ଗାଁ ପିଲାଙ୍କ ସହ ନଦୀ ପଠାରେ ପଇଡ଼ ପିଇବା । ନିଜେ ଶାଳ ଭିଡ଼ି ଆଖୁ ପେଡ଼ିବା । ଏମିତି ଅନେକ କିଛି ନଟଖଟ କାମରେ ସେ ସିଦ୍ଧହସ୍ତ ହୋଇ ଯାଇଥିଲା । ବାପା ହିଁ ତା ପାଇଁ ପାଲଟି ଯାଇଥିଲେ ସର୍ବସ୍ୱ । ପୁଅର ଏଭଳି ଆଚରଣ ବାପା ପ୍ରଭଞ୍ଜନଙ୍କୁ ମଧ ବେଶ୍ ଭଲ ଲାଗୁଥିଲା । ପରିସ୍ଥିତି ତାଙ୍କଠାରୁ ସବୁ ଛଡ଼େଇ ନେଇଥିଲେ ବି, ସୁନାମୁଣ୍ଡା ଭଳି ପୁଅଟେ ପାଇଛନ୍ତି । ପାଠ ନପଢ଼ିଲେ ବି ବେଶ ନମ୍ର ଓ ଭଦ୍ର ଭାବେ ବଢ଼ିଥିଲା ବବୁଲ । ପିତୃପୁରୁଷରୁ ଥିବା ସମ୍ପତ୍ତିକୁ ଭୋଗ କରି ପୁଅ ଜୀବନ ସାରା ଚଳିଯିବାର ଆଶା ରଖିଥିଲେ ପ୍ରଭଞ୍ଜନ ।

କରୋନା ମହାମାରୀ କାରଣରୁ ତାଙ୍କ ଅଫିସ୍ ବନ୍ଦ ଥିଲା । ପ୍ରାୟ ଅଧିକାଂଶ ଦିନ ତାଙ୍କର ଘର ଭିତରେ ବିତିଲା । ହଠାତ୍ ତାଙ୍କର ଦେହ ଅସୁସ୍ଥ ହେବାକୁ ଲାଗିଲା । ପରିସ୍ରା ହଳଦିଆ ହେଲା, ଲାଲ ଆଖି ଗୁଡ଼ିକ ଶେତା ଦେଖାଗଲା । ବବୁଲର ବାରମ୍ବାର ତାଗିଦା ପରେ ପ୍ରଭଞ୍ଜନ ଡାକ୍ତରଖାନାକୁ ଗଲେ । ପରୀକ୍ଷାରୁ ଜଣାପଡ଼ିଲା । ତାଙ୍କୁ ଜଣ୍ଡିସ୍ ହୋଇଛି । ଘରେ ରହି ଚିକିତ୍ସା କଲେ । ହେଲେ ଜଣ୍ଡିସ୍ କମିବା ପରିବର୍ତ୍ତେ ଜ୍ୱର ଧରିଲା । ଦୁଇ ମାସ ବିତିଲା । ରୋଗ କମିବ କ'ଣ ବଢ଼ିଲା । ଏବେ ଡାକ୍ତରଖାନା ବେଡ୍‌ରେ ।

ତାଙ୍କର ଅବସ୍ଥା ଦେଖି ବବୁଲ ବାଥରୁମ୍ ଭିତରେ ଲୁଚି ଲୁଚି କାନ୍ଦୁଥିଲା । ବେଶି ସମୟ କାନ୍ଦିବା ପରେ ବବୁଲ ମୁହଁ ଧୋଇ ବାହାରକୁ ଆସିଲା । ବେଡ୍ ଉପରେ ବାପା, ପାଖରେ ଆସି ବସିଛନ୍ତି ପିଉସୀ । ପିଉସୀ ତାଙ୍କ ଭାଇର ଅବସ୍ଥା ଦେଖି ବାହୁନି କାନ୍ଦୁଥିଲେ ।

ପିଉସୀଙ୍କୁ ଦେଖି ବବୁଲ ଆଖିରେ ବି ଲୁହ ଆସି ଯାଇଥିଲା । ତଥାପି ସେ ନିଜକୁ ରୋକି ପିଉସୀକୁ ବୋଧ ଦେଲା । ବାପାଙ୍କ ପାଇଁ କ୍ଷୀର ଓ ପାଉରୁଟି ଆଣିବାକୁ ବାହାରକୁ ଚାଲିଗଲା । ଫେରିବା ବେଳକୁ ପିଉସୀ ପାଖ ବେଡ୍‌ରେ ଥିବା ଅନ୍ୟ ଜଣେ ରୋଗୀଙ୍କ ସହ କଥା ହେଉଥିଲେ । ବବୁଲ କବାଟ ପାଖରେ ଅଟକି କାନ ଡେରିଲା ।

"ମୋ ଭାଇ ଚାକିରି କରିବା ପରେ ନୂଆ ନୂଆ ବାହାଘର ହୋଇଥାଏ । ବାହାଘର ପରେ ତାଙ୍କ ସଂସାର ବେଶ୍ ଖୁସିରେ ଚାଲିଥିଲା । କିଛିଦିନ ପରେ ତାଙ୍କର ଗୋଟିଏ ପୁଅ ଜନ୍ମ ହୋଇଥିଲା । ଏନ୍ତୁଡ଼ି ନଉଠୁଣୁ, କଅଁଳା ପିଲାକୁ କାଳ ନେଇଗଲା । ଏନ୍ତୁଡ଼ିରେ ମା' ପିଲା ଶୋଇଥିବା ସମୟରେ ସାପ କାମୁଡ଼ି ଦେଲା । ଏଇଠୁ ପ୍ରଭଞ୍ଜନ ଜୀବନର ମୋଡ଼ ବଦଳିଲା । ପୁଅକୁ ଝୁରି ତା' ସ୍ତ୍ରୀ ରୋଗିଣା ହୋଇଗଲା । ମୁଣ୍ଡ କାମ କଲାନି । ଡାକ୍ତର କହିଲେ, ସେ ପାଗଳୀ ହୋଇଯାଇଛି । ଘରେ ଅନ୍ୟ କେହି ଦେଖାରେଖା କରିବାର ସୁବିଧା ନଥିବାରୁ ସ୍ତ୍ରୀକୁ ନେଇ ବାପା ଘରେ ଛାଡ଼ି ଆସିଲା । ମାସ କେତେଟା ବିତିନି ଶୁଣିବାକୁ ପାଇଲୁ, ତା ପାଗଳୀ ସ୍ତ୍ରୀ ଆଉ ନାହିଁ । ଅନେକ ଦିନ ସ୍ତ୍ରୀ ଓ ପୁଅକୁ ଝୁରି ଦୁଃଖରେ ରହିଲା । ବନ୍ଧୁବାନ୍ଧବଙ୍କ କଥାରେ ପୁଣିଥରେ ବାହା ହେବାକୁ ରାଜି ହେଲା । ପ୍ରଭଞ୍ଜନ ଦ୍ୱିତୀୟ ବିବାହ କଲା । ପୁଣିଥରେ ସଂସାର ଚାଲିଲା । ତା' ସ୍ତ୍ରୀ ଗର୍ଭବତୀ ହେଲା । ବବୁଲ ଜନ୍ମ ନେଲା । ସେ ପିଲାଟିକୁ ଡାକ୍ତରଖାନା ବେଡ୍‌ରେ ଛାଡ଼ି କେଉଁ ଆଡ଼େ ଚାଲିଗଲା । ସେଦିନଠାରୁ ବବୁଲକୁ ବଞ୍ଚାଇବା ସେ ଅନେକ କଷ୍ଟ କରିଛି ।"

ନଶୁଣିବା ଭଳି ଭିତରକୁ ଚାଲି ଆସିଲା ବବୁଲ । ପିଉସୀ ଅଟକି ଗଲେ । ବବୁଲ ଭାବିଲା, ତା' ଭୋଗିବାଠାରୁ ବାପାଙ୍କ ଭୋଗିବା କେତେ ଭୟଙ୍କର । ତା' ଆଖିରୁ ଲୁହ ଶୁଖିଗଲା । କଥା ବନ୍ଦ ହୋଇଗଲା । କିଛି ସମୟ ପୂର୍ବରୁ ଡାକ୍ତର କହି ଦେଇ ଯାଇଥିଲେ, ସେ ଆଉ ବେଶୀ ଦିନ ନୁହେଁ ।

ସେଇଆ ହିଁ ଘଟିଲା, ଚାରି ଦିନ ବିତିଲାନି । ବାପା ଆରପାରିକୁ ଚାଲିଗଲେ ।

କୋକେଇ ବନ୍ଧା ହେଲା । ଖଇ କଉଡ଼ି ପଡ଼ିଲା । ଗାଁ ମୁଣ୍ଡେ ଭାତହାଣ୍ଡି ଥୁଆହେଲା । ଶବ ଯାଇ ଶ୍ମଶାନରେ ପହଞ୍ଚିଲା । ବବୁଲ କଇଁ କଇଁ କାନ୍ଦୁଥିଲା । ପୁରୋହିତ ମାଠିଆଟି ବବୁଲ ହାତକୁ ବଢ଼ାଇ ଦେଲେ । ନଈର ଅଣତୁଠରେ ଗାଧୋଇ ପାଣି ଆଣିବାକୁ ପଠାଇଲେ ।

ଅଣତୁଠରେ ବବୁଲ ନଦୀକୁ ଗଡ଼ିବା ବେଳକୁ ନଈଗଡ଼ାରେ ପିଉସୀ କାହା ସହିତ କଥା ହେଉଥିଲେ । "ତୁ ପୋଡ଼ାମୁହିଁ, ଆଜି କୁଆଡ଼େ ଆସିଛୁ । ସେଦିନ ପିଲାକୁ ଗଡ଼େଇ ଦେଇ ଚାଲିଗଲା ବେଳେ ତୋ ଛାତି ଫାଟି ଗଲାନି ।"

କାନ୍ଦ କାନ୍ଦ ସ୍ୱରରେ ସ୍ତ୍ରୀ ଲୋକ ଜଣକ କହିଲେ, "ବିଶ୍ୱାସ କର ଅପା । ମୋ ଲିଭି ଯାଇଥିବା ସିନ୍ଦୂର ରାଣ; କେବଳ ତାଙ୍କୁ ସମ୍ମାନ ଦେବାକୁ ଯାଇ ଛାତିରେ ପଥର ରଖି ସେଠୁ ଚାଲିଗଲି । ତମ ଭାଇ ସର୍ତ୍ତ ରଖଥିଲେ, ମୋ ବଂଶ ରକ୍ଷା ପାଇଁ ମୁଁ ବାହା ହେଉଛି ।" ଛୁଆ ଜନ୍ମ ହେବା ପରେ କହିଲେ, "ତୋ କାମ ସରିଲା । ତୁ ଚାଲି ଯା ।"

କାନ୍ଧରେ ପାଣି ମାଠିଆ ଧରି, ବବୁଲ ନଈଗଡ଼ାକୁ ଚାହିଁବା ବେଳକୁ ସେ ସ୍ତ୍ରୀ ଲୋକ ଜଣକ ଫେରି ଯାଉଥିଲେ । ବବୁଲ ବାପାଙ୍କ ଶବ ନିକଟକୁ ଯେତିକି ଯେତିକି ଆସୁଥିଲା, ସ୍ତ୍ରୀ ଲୋକ ଜଣକ ସେତିକି ସେତିକି ଦୂରେଇ ଯାଉଥିଲେ ।

ମୁଖାଗ୍ନି ଦେଇ ବବୁଲ ଆକାଶକୁ ଚାହିଁ ଭାବୁଥିଲା, ମୋ ଛେଉଣ୍ଡ ପାଇଁ କିଏ ଦାୟୀ? ଜୁଇରେ ଜଳୁଥିବା ବାପା; ନା, ପଛ କରିଦେଇଥିବା ମା' । ■

କ୍ରିଦାଶପୁର, ନୟାଗଡ଼
ମୋ: ୭୩୭୭୭୧୦୦୯୭

## ପୁସ୍ତକ ପରିଚୟ

### ଏକଶହ ଭାରାକ୍ରାନ୍ତ ଜହ୍ନରାତି

ରବିପ୍ରିୟ ଦାଶ





ରବିପ୍ରିୟ ଦାଶ
ନରଣଗଡ଼, ଖୋର୍ଦ୍ଧା
ପିନ୍: ୭୫୨୦୧୮
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୩୦୦ ଟଙ୍କା

'ଅଧାବାଟରେ/ ଜହ୍ନରାତିର ଗାଲିଚାକୁ/ ଅକ୍ତିଆର କରିନେଇଥିଲେ/ ଦଳେ କଳାମଚମଚ/ ବାଦଲ,/ ଦିଶୁ ନ ଥିଲା ରାସ୍ତାଘାଟ କି/ ଆକାଶରେ/ ଛାଇ ଅନ୍ଧକାରର/ ଲୁଚକାଳି ଖେଳ ।"(ଭାରାକ୍ରାନ୍ତ ଜହ୍ନରାତି-୬୮) ସତରେ ଜହ୍ନର ଆକର୍ଷଣ ନିଆରା । ମତୁଆଲା କରିଦିଏ ଜହ୍ନରାତି । କବିର କଲମ ମୁନରେ ଜହ୍ନରାତି ହୋଇଉଠେ ଆହୁରି ମନୋରମ । ଉଦାସ ମନକୁ ବି ସରସ କରିଦିଏ ଏହାର ଆଲୋକ । ଜହ୍ନରାତିକୁ ନେଇ କବି ରବିପ୍ରିୟ ଦାଶଙ୍କ ରଚିତ ୧୦୦ଟି କବିତାକୁ ନେଇ ପ୍ରକାଶ ପାଇଛି 'ଏକଶହ ଭାରାକ୍ରାନ୍ତ ଜହ୍ନରାତି' ପୁସ୍ତକ । ଏହି ପୁସ୍ତକର ପ୍ରତିଟି କବିତାରେ ଜହ୍ନରାତିର ନିବିଡ଼ ଅନୁଭବ ଓ ଅଭୁଲା ସ୍ମୃତି ପ୍ରସ୍ଫୁଟିତ ହୋଇଉଠିଛି । ଜୀବନକୁ ଭଲ ପାଉଥିବା, ମଣିଷକୁ ଭଲ ପାଉଥିବା କବିଙ୍କ କବିତାରେ ହିଁ ଜହ୍ନରାତି ଏତେ ଜୀବନ୍ତ ଓ ମାର୍ମିକ ହୋଇପାରେ । ଏଠାରେ ଜହ୍ନରାତିକୁ କବି ପ୍ରତୀକାତ୍ମକ ଭାବେ ନେଇଛନ୍ତି । ସମୟର ଅଙ୍କାବଙ୍କା ରେଖା ଭିତରେ କବି ମଣିଷ ଜୀବନର ବାସ୍ତବତା ଚିତ୍ର ପ୍ରଦାନ କରିଛନ୍ତି । ଜହ୍ନ କେତେବେଳେ ପ୍ରେମ ସାଗର ତ କେତେବେଳେ କୂଳ ଲଂଘୁଥିବା ନଈ । ପୁଣି କେବେ ମନେ ହୁଏ ପ୍ରେମ ବିନା ଭାରାକ୍ରାନ୍ତ ଥିବା ରୂପସୀର ମନ । ଜୀବନର ଗଭୀର ଉପଲବ୍ଧି, ସାମାଜିକ ବାସ୍ତବତା, ନିବିଡ଼ ଅନୁଭୂତିର ପ୍ରତୀକାତ୍ମକ ପରିପ୍ରକାଶ ହେଉଛି 'ଭାରାକ୍ରାନ୍ତ ଜହ୍ନରାତି'ର କବିତାଗୁଡ଼ିକ । ଏହି ପୁସ୍ତକର କବିତାଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ । ■

### ଖଣ୍ଡଗିରି-ଉଦୟଗିରି ଗୁମ୍ଫା ପରିଚୟ

ଇନ୍ଦ୍ରମଣି ଜେନା




ଇନ୍ଦ୍ରମଣି ଜେନା
ଡୁମୁଡୁମା, ଖଣ୍ଡଗିରି, ଭୁବନେଶ୍ୱର
ପିନ୍: ୭୫୧୦୩୦
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୧୫୦ ଟଙ୍କା

ଭୁବନେଶ୍ୱରର ଖଣ୍ଡଗିରି-ଉଦୟଗିରି ଦୁଇଟି ଐତିହାସିକ ପାହାଡ଼ । ଏହି ପାହାଡ଼ ଉପରେ ରହିଛି ବହୁ ପ୍ରାଚୀନ ଗୁମ୍ଫା । ଏହି ଗୁମ୍ଫାଗୁଡ଼ିକକୁ ନେଇ ପ୍ରକାଶ ପାଇଛି ଇନ୍ଦ୍ରମଣି ଜେନାଙ୍କ 'ଖଣ୍ଡଗିରି-ଉଦୟଗିରି: ଗୁମ୍ଫା ପରିଚୟ' ପୁସ୍ତକ । ଏହି ପୁସ୍ତକରେ ଖଣ୍ଡଗିରି-ଉଦୟଗିରି ପାହାଡ଼ରେ ଥିବା ଐତିହାସିକ ଗୁମ୍ଫାଗୁଡ଼ିକ ସଂପର୍କରେ ସମ୍ୟକ ଆଲୋଚନା କରାଯାଇଛି । ଉଦୟଗିରି ପାହାଡ଼ରେ ଥିବା ଜୟାବିଜୟା ଗୁମ୍ଫା, ଅଳକାପୁରୀ ଗୁମ୍ଫା, ରାଣୀ ଗୁମ୍ଫା, ଗଣେଶ ଗୁମ୍ଫା, ଜମ୍ବେଶ୍ୱର ଗୁମ୍ଫା, ବାଘ ଗୁମ୍ଫା, ସାପ ଗୁମ୍ଫା, ହାତୀ ଗୁମ୍ଫା, ଜଗନ୍ନାଥ ଗୁମ୍ଫା, ମଞ୍ଚପୁରୀ ଗୁମ୍ଫା, ପାତାଳପୁରୀ ଗୁମ୍ଫା, ପଣସ ଗୁମ୍ଫା, ଠାକୁରାଣୀ ଗୁମ୍ଫା, ଧନଘର ଗୁମ୍ଫା ଆଦି ଗୁମ୍ଫା ଗୁଡିକର ସଂକ୍ଷିପ୍ତ ବିବରଣୀ ପ୍ରଦାନ କରାଯାଇଛି । ଗୁମ୍ଫାଗୁଡ଼ିକର ଅବସ୍ଥିତି, ନିର୍ମାଣ, ତାତ୍ପର୍ଯ୍ୟ, ଗୁମ୍ଫାରେ ଥିବା ଚିତ୍ରର ବିବରଣୀ, ପ୍ରାଚୀନତା ଆଦି ସଂପର୍କରେ ବର୍ଣ୍ଣନା କରାଯାଇଛି । ସେହିପରି ଖଣ୍ଡିଗିରି ପାହାଡ଼ରେ ତାତୁଆ ଗୁମ୍ଫା, ଅନନ୍ତ ଗୁମ୍ଫା, ଖଣ୍ଡଗିରି ଗୁମ୍ଫା, ଧ୍ୟାନ ଗୁମ୍ଫା, ନବମୁନି ଗୁମ୍ଫା, ତ୍ରିଶୂଳ ଗୁମ୍ଫା, ଅମ୍ବିକା ଗୁମ୍ଫା ଆଦି ବହୁ ପ୍ରାଚୀନ ଓ ଐତିହାସିକ ଗୁମ୍ଫା ଅବସ୍ଥିତ । ଏହି ସବୁ ଗୁମ୍ଫାଗୁଡ଼ିକରେ ଓଡ଼ିଶାର କଳା, ଭାସ୍କର୍ଯ୍ୟ, ଶିଳାଲିପିର ଆଭାସ ମିଳିଥାଏ । ପର୍ଯ୍ୟଟକମାନଙ୍କ ଅବଗତ ପାଇଁ ଗୁମ୍ଫାଗୁଡ଼ିକର ଚିତ୍ର ପ୍ରଦାନ ସହିତ ଓଡ଼ିଆ ଏବଂ ଇଂରାଜୀ ଉଭୟ ଭାଷାରେ ଏହି ପୁସ୍ତକ ରଚିତ । ଖଣ୍ଡଗିରି-ଉଦୟଗିରିର ଗୁମ୍ଫାଗୁଡ଼ିକ ସଂପର୍କରେ ଜାଣିବା ପାଇଁ ଏହା ଏକ ଉପାଦେୟ ପୁସ୍ତକ । ■

## ମହାକାବ୍ୟ

### ବିପିନ୍ ନାୟକ



ଅଥୟତାର ମୁହଁରେ
ଅନ୍ନର ଉଲ୍ଲାସରେ
ଲମ୍ବି ଆସୁଥିବା
ହାତର ହୃଦୟରେ
ଭଙ୍ଗା ଭଙ୍ଗା
ପକ୍ଷୀର ଡେଣାରେ କେବେକେବେ
କଅଁଳି ଆସେ ମହାକାବ୍ୟ,

ଟିକେ ମରଣ
ଟିକେ ଦହନ
ଗୋଟେ ବ୍ୟାଧ
ଟିକେ ବିଷାଦ ହିଁ ଯଥେଷ୍ଟ ତାକୁ ଲେଖିବା ପାଇଁ,
ସେଠି ସବୁ ମୁହୂର୍ତ୍ତ ମନ୍ୱନ୍ତର
ସବୁ ମୌନତା ମଧୁର
ସବୁ କୋଳାହଳ କାକୁସ୍ଥ ଆଉ ସବୁ ନୀରବତା ମୁଖର । ■



ନିର୍ବିକଳ୍ପ
ବାଞ୍ଛାନିଧି ନଗର, ବ୍ରହ୍ମପୁର-୧୦
ମୋ: ୯୩୪୮୪୬୯୭୨୭

## ପ୍ରାଣପକ୍ଷୀ

### ପିନାକୀ ମିଶ୍ର



ବନ୍ଧନରେ ପଡ଼ିଛୁ
ଫୁଲ, ନେତ, ନୀଳନଭ, ନଈଧାର
ଏମାନେ ଶୁଣନ୍ତି ତୋ ବାଇଗଣୀ ରତୁର ଗୀତ ।

ପ୍ରେମରେ ପଡ଼ିଛୁ
କ୍ଷତର ରକ୍ତରେ ବିଗଳିତ
କୁଟୁମ୍ବ କଳିରେ ଆହତ
ସମ୍ବେଦନ ପାଉନଥିବା ଖୁଣ୍ଟବନ୍ଧା ଛେଳି ପାଖରେ
ତୋ ହାତ ରିକ୍ତ, ତୁ ଅନୁତପ୍ତ ।

ଯତନରେ ସଜଉଛୁ ଘର
ରଜା ବି ତପସ୍ୱୀ ହେବାର ନଜିର୍ ଅଛିରେ,
ଆଗତ ଝଡ଼କୁ - ଯଥେଷ୍ଟ ତୋ ଛାତି
ମେଘ ଆଣ୍ଠେଇ ପଡ଼ିଲେ – ବଢ଼େ ତୋ ତାତି
ପିଲାପିଲିଙ୍କ ପାଇଁ - ତୋ ତାଳଗଛ ଦମ୍ଭ,
କାଠ ପରି ଜଳୁଥା, ତବତ ଫୁଟୁଥାଉ ।

କେତେ କୁଆଡ଼େ ଧାଇଁଛୁ
ବୋହିଆଣିଛୁ ଡେଣାଗୋଡ଼ ଛାଟି
ଭେଦିଛୁ କାଳିଅନ୍ଧାର
ସହିଛୁ କଟୁ କୁଟିଳ ତିରସ୍କାର
ଦୁନିଆଁ ଦର୍ପଣରେ ନିଜ ସ୍ଥିତି ପରଖୁଛୁ ।

ତୋ' ଆଲୁଅରେ ପାପ
ତୋ' ଛାଇରେ ପୁଣ୍ୟ
ତୋ' ମେଲାଆଖିରେ କେତେ ଆକର୍ଷଣ,
ତୋ' ନିବୁଜ ମନରେ ଭବିଷ୍ୟତର ଶୂନ୍ୟଘର ପାଇଁ
ନୀରବ ଆୟୋଜନ,
ଭାବୁଛୁ କି ? ଘଟ ଛାଡ଼ିଲେ କୁଆଡ଼େ ଯିବୁ ?

ନିଜ ଠିକଣା ଜାଣିନଥିବା ପ୍ରାଣପକ୍ଷୀ
ଉଡୁଉଡୁ ମଝି ଆକାଶରେ ଯାଉଛି ଅଟକି ? ■

'ଶୂନ୍ୟନୀଳ'
ଚର୍ଚ୍ଚ ପାଖ, ଜେଲ ରୋଡ୍, କେନ୍ଦୁଝର-୧
ମୋ: ୯୪୩୮୧୧୮୩୯୭

## 'ବିଦଗ୍ଧ ଚିନ୍ତାମଣି'ରେ ବାତ୍ସଲ୍ୟ ରସ


### ଡକ୍ଟର ଅଭିମନ୍ୟୁ ବରାଳ



ମଧ୍ୟଯୁଗ ବା ରୀତି ଯୁଗୀୟ ଓଡ଼ିଆ ସାହିତ୍ୟ ଗଗନରେ ଯେଉଁ ଉଜ୍ଜ୍ୱଳ ଜ୍ୟୋତିଷ୍କ ପୁଞ୍ଜର ଅଭ୍ୟୁଦୟ ଘଟିଥିଲା, ସେହି ଜ୍ୟୋତିଷ୍କମାନଙ୍କ ମଧ୍ୟରୁ ବିଦଗ୍ଧକବି ଅଭିମନ୍ୟୁ ସାମନ୍ତସିଂହାର ହେଉଛନ୍ତି ଅନ୍ୟତମ । ତତ୍ ପ୍ରଣୀତ କାବ୍ୟ-କବିତା ରାଜି ଉତ୍କଳ ସାହିତ୍ୟ ନନ୍ଦନ ବନରେ ଏକ ମନୋରମ ପାରିଜାତ ପୁଷ୍ପ । ସେହି ଦେବ ଭୋଗ୍ୟ ପୁଷ୍ପର ଅପୂର୍ବ ତଥା ପବିତ୍ର ସୌରଭରେ ଉତ୍କଳ ସାହିତ୍ୟ ବାଣୀ ଭଣ୍ଡାର ଅତ୍ୟନ୍ତ ସୁଗନ୍ଧିତ ଏବଂ ଅତ୍ୟନ୍ତ ସମୃଦ୍ଧ । ସେହି ପ୍ରଥିତଯଶା ମହାକବି 'ବିଦଗ୍ଧ ଚିନ୍ତାମଣି', 'ବାଘଗୀତି', 'ଗୋବରା ଚଢ଼େଇ ଗୀତ', 'ବୋଲେ ହୁଁ ଗୀତ', 'ପ୍ରେମକଳା', 'ରସବତୀ', 'ସୁଲକ୍ଷଣା', 'ପ୍ରେମ ଚିନ୍ତାମଣି' ଭଳି ଅନେକ କାବ୍ୟ ରଚନା କରିଥିଲେ । ସେଥିମଧ୍ୟରୁ ତାଙ୍କର ଅନବଦ୍ୟ ସୃଷ୍ଟି ହେଉଛି 'ବିଦଗ୍ଧ ଚିନ୍ତାମଣି' । ଏହି କାବ୍ୟରେ ଅଳଙ୍କାର ଶାସ୍ତ୍ର ବର୍ଣ୍ଣିତ ସମସ୍ତ ରସ ପରିପୂର୍ଣ୍ଣ ହୋଇ ରହିଛି ।

ବିଦଗ୍ଧ କବି ଅଭିମନ୍ୟୁ ୧୭୬୦ଖ୍ରୀ.ଅ.ରେ ମାଘ ଶୁକ୍ଳ ସପ୍ତମୀ ତିଥିରେ ଯାଜପୁର ଜିଲ୍ଲା ଅନ୍ତର୍ଗତ ବାଲିଆ ଗ୍ରାମରେ ପ୍ରସିଦ୍ଧ ଜମିଦାର ଇନ୍ଦ୍ରଜିତ ସାମନ୍ତସିଂହାର ଓ ତୁଳସୀ ଦେବୀଙ୍କ କୋଳମଣ୍ଡନ କରି ଭୂମିଷ୍ଠ ହୋଇଥିଲେ । ମାତା ତୁଳସୀ ଦେବୀ ଥିଲେ ଅତ୍ୟନ୍ତ ଧର୍ମପ୍ରାଣା, ଭକ୍ତିମତି, ଆଉ ପତିବ୍ରତା ନାରୀ । କବିଙ୍କ ସୁଯୋଗ୍ୟ ପିତା ଇନ୍ଦ୍ରଜିତ ସମାନ୍ତସିଂହାର ଥିଲେ ଏକାଧାରାରେ ଅସୀମ ପରାକ୍ରମଶାଳୀ ଯୋଦ୍ଧା, ରସିକ, ବିବେକୀ ଆଉ ଧାର୍ମିକ । ଏକଥା ଅଭିମନ୍ୟୁ ସ୍ୱୀୟ ବାଘ ଗୀତରେ ଉଲ୍ଲେଖ କରି କହିଛନ୍ତି – "ବାଲିଆ ବୋଲି ଯେ ଏକ ନଗର । ତହିଁ ନୃପତି ସାମନ୍ତସିଂହାର । ରସିକ, ବିବେକୀ ବଡ଼ ଧାର୍ମିକ । ପ୍ରଶଂସା କରନ୍ତି ବହୁତ ଲୋକ ।"

ବାଲ୍ୟଶିକ୍ଷା ପରେ ଅଭିମନ୍ୟୁ ମାତ୍ର ଚତୁର୍ଦ୍ଦଶ ବର୍ଷ ବୟସରେ କେନ୍ଦ୍ରପଡ଼ାର ପ୍ରସିଦ୍ଧ ଜମିଦାର ରାଧାଶ୍ୟାମ ନରେନ୍ଦ୍ରଙ୍କ ପିଉସୀ ବିମଳା ଦେବୀଙ୍କୁ ବିବାହ କରିଥିଲେ । ବିମଳା ଦେବୀ ଥିଲେ, ଅତ୍ୟନ୍ତ କୃଷ୍ଣଭକ୍ତି ପରାୟଣା ତଥା ବିଦୂଷୀ ମହିଳା । ବିମଳା ଦେବୀଙ୍କ ପାଣିଗ୍ରହଣ କରି ତାଙ୍କ ସାଂସାରିକ ଜୀବନ ପରିପୂର୍ଣ୍ଣତା ଲାଭ କରିଥିଲା । ଅଭିମନ୍ୟୁ ମାତ୍ର ଊନବିଂଶ ବର୍ଷ ବୟସରେ ତାଙ୍କ ପିତୃ ବିୟୋଗ ଘଟିବାରୁ ସେ ବାଧ ହୋଇ ବାଲିଆ ରାଜ୍ୟର ଭାର ଗ୍ରହଣ କରିଥିଲେ । ଏତେ ଐଶ୍ୱର୍ଯ୍ୟ ପ୍ରାଚୁର୍ଯ୍ୟ ମଧ୍ୟରେ ଥିଲେ ମଧ୍ୟ ସେ ବାଣୀ ଆରାଧନା ତଥା ସାରସ୍ୱତ ସାଧନାରୁ ବିରତ ହୋଇ ନଥିଲେ । କିଛି ଦିନ ସଂସାର କରିବା ପରେ କବିଙ୍କର ପତ୍ନୀ ବିୟୋଗ ଘଟିଥିଲା । ପତ୍ନୀ ବିୟୋଗ ପରେ ସଂସାର ବିମୁଖ ହୋଇ କବି ଅଭିମନ୍ୟୁ 'ବିଦଗ୍ଧ ଚିନ୍ତାମଣି' କାବ୍ୟ ରଚନା କରିଥିଲେ ।




ଅଳଙ୍କାର ଶାସ୍ତ୍ରରେ ନବରସ ମଧ୍ୟରେ ବାତ୍ସଲ୍ୟ ରସକୁ ଗ୍ରହଣ କରାଯାଇଛି । ବୈଷ୍ଣବ ତତ୍ତ୍ୱବିତ୍ ପଣ୍ଡିତମାନଙ୍କ ମତରେ ବାତ୍ସଲ୍ୟ ରସ ବିଭିନ୍ନ ରସ ମଧ୍ୟରେ ଅନ୍ୟତମ । ପ୍ରାଚୀନ ଆଳଙ୍କାରିକମାନେ ଏହାକୁ ସ୍ୱତନ୍ତ୍ର ଏକ ରସ ଭାବରେ ଗ୍ରହଣ କରି ନାହାଁନ୍ତି । ଏହାକୁ ଶୃଙ୍ଗାର ରସ ମଧ୍ୟରେ ଅଙ୍ଗୀଭୂତ କରି ଅଛନ୍ତି । ସେମାନଙ୍କ ମତରେ ବାତ୍ସଲ୍ୟ ରସ ହିଁ ଶୁଦ୍ଧ ଶୃଙ୍ଗାର ବା ସାତ୍ତ୍ୱିକ ଶୃଙ୍ଗାର । ଜନକ ଜନନୀଙ୍କ ହୃଦୟରେ ଉଦ୍ରେକ ବାତ୍ସଲ୍ୟ ପ୍ରେମ ଏହି ରସର ପ୍ରାଣ କହିଲେ ଅତ୍ୟୁକ୍ତି ହେବ ନାହିଁ । ବିଶେଷତଃ ଜନନୀର ସନ୍ତାନ ମମତା ହିଁ ବାତ୍ସଲ୍ୟ ରସର ମୁଖ୍ୟ ଉପଜୀବ୍ୟ । ଏହା ହିଁ ବାତ୍ସଲ୍ୟଭାବ, ବୈଷ୍ଣବ କବିମାନଙ୍କ ପ୍ରଣୀତ ସାହିତ୍ୟରେ ଶ୍ରୀକୃଷ୍ଣଙ୍କ ପ୍ରତି ଜନନୀ ଯଶୋଦା ମାତାଙ୍କର ଗଭୀର ମମତା ବାତ୍ସଲ୍ୟ ରସ ଭାବରେ ପ୍ରକାଶିତ । ଯେତେବେଳେ ଶ୍ରୀକୃଷ୍ଣ ସଖାମାନଙ୍କ ସହିତ ଗୋ ଚାରଣ ପାଇଁ ବନକୁ ଚାଲିଯାନ୍ତି , ଫେରୁ ଫେରୁ ସନ୍ଧ୍ୟା ହୋଇଯାଏ । ସେତେବେଳେ ମାତା ଯଶୋଦାଙ୍କ ପ୍ରାଣରେ ଗଭୀର ଦୁଃଖ ଜାତ ହୁଏ । ସେହି ପୁତ୍ର ବିରହ ବେଦନା ହିଁ ବାତ୍ସଲ୍ୟ ମମତାର ଅପୂର୍ବ ପରିପ୍ରକାଶ । ଶ୍ରୀକୃଷ୍ଣଙ୍କ ଅଦର୍ଶନରେ ପୁତ୍ର ବିରହ ବିଧୂରା ଯଶୋଦା କ୍ଷତମୃଗୀ ଭଳି ଦାଣ୍ଡକୁ ବାରୀ ବୁଲି ବୁଲି ପୁତ୍ରର ଅପେକ୍ଷା କରିଥାନ୍ତି । କବିଙ୍କ ଭାଷାରେ:-

"ନିଧନ ସଙ୍ଖାଳି ମୋର ଦରିଦ୍ର ପସରା,/ଅନ୍ଧ ଲଉଡ଼ି ବାବୁରେ ହୃଦ ରତ୍ନହାର । ମୋ କଳାମାଣିକରେ ।"

ପୁନଶ୍ଚ-

"ବୃଦ୍ଧ କାଳେ ତୁ ମୋହର ଏକଇ ନନ୍ଦନ,/ହୃଦତାପ ବିନାଶନେ ତୁ ହରିଚନ୍ଦନ । ମୋ କଳାମାଣିକରେ ।"

ଶ୍ରୀକୃଷ୍ଣ ଭୁଲିଯାଇ କଠଉ ଛତା ଛାଡ଼ି ଯାଇଛନ୍ତି । ଯଶୋଦାଙ୍କ ଦୃଷ୍ଟି ପଡ଼ିଯାଇଛି । କହିଛନ୍ତି ମାତା:-

"ନେଲୁ ନାହିଁ କାହିଁ ପାଇଁରେ ତୋ କଠଉ ଛତା,/ ବନେ କଣ୍ଟା ଲାଗି ହୁଏ ମୃଦୁପାଦ ଚିନ୍ତା । ମୋ କଳା ମାଣିକରେ ।"

'ବିଦଗ୍ଧ ଚିନ୍ତାମଣି'ର ୬୭ ଛାନ୍ଦରେ ବାତ୍ସଲ୍ୟ ମମତାର ପ୍ରାବଲ୍ୟ ସୁସ୍ପଷ୍ଟ । ଏହି ଛାନ୍ଦରୁ ପୁତ୍ର ସ୍ନେହ ବତ୍ସଳା ଜନନୀ ହୃଦୟର ଶାଶ୍ୱତ ଭାବ ପ୍ରକାଶିତ ହୋଇଥାଏ ।

ଶ୍ରୀକୃଷ୍ଣଙ୍କ ପ୍ରତି ମାତା ଯଶୋଦାଙ୍କର କେତେ ସ୍ନେହ କେତେ ମମତା ତାଙ୍କର ସ୍ୱନକ୍ଷତ୍ର ପାଳନ ଉତ୍ସବରେ ମାତା ଯଶୋଦା କେତେ ସୁମିଷ୍ଟ ବ୍ୟଞ୍ଜନ ପ୍ରସ୍ତୁତ କରାଇଛନ୍ତି । ପ୍ରଭାତରୁ ଶୀଘ୍ର ସ୍ନାନ ଶେଷ କରି ସଖାମାନଙ୍କ ସହିତ ଭୋଜନ କରିବାକୁ ମାତା ଶ୍ରୀକୃଷ୍ଣଙ୍କୁ କହିଲେ । ଏହି ସମୟରେ ଶ୍ରୀକୃଷ୍ଣ ପହଞ୍ଚିବା ପରେ ଯଶୋଦା ତାଙ୍କ ମୁଖ ଚୁମ୍ବନ କରି କହିଛନ୍ତି-

"ପ୍ରବେଶ ଏ ସମୟ ସଙ୍ଗେ ସଖା ନିଚୟେ ମୁଖଚୁମ୍ବି ଜନନୀ ଭାଷେ ।/ ଆରେ ଦୁଃଖ ପାଶୋରା ମୋର ସୁଖ ପଶରା ଦେହ କେଡ଼େ ଦୁର୍ବଳ ଦିଶେରେ ।/ ଗୋ କୁଳେତ । ତୋ ବିନା ସାର ନାହିଁ ଆଉ ।/ ଗୋ କୁଳେତ । ଶରଧା କରି ରଖି ଯାଉ ।/ ଅନ୍ଧ ଲଉଡ଼ି ମୋର, ଦୁଃଖ ସଙ୍ଖାଳିବର ନଖାଇ କିଆ ବୁଲୁ ଥାଉରେ ।" (ବିଦଗ୍ଧ ଚିନ୍ତାମଣି: ୬୩/୧୬

ବୃନ୍ଦାବନରେ ରାସମଣ୍ଡଳରେ ଶ୍ରୀରାଧା ଓ ଶ୍ରୀକୃଷ୍ଣଙ୍କର ମଧୁର ମିଳନ ଘଟିଛି । ତତ୍‌ପରେ ଶ୍ରୀକୃଷ୍ଣ ଗୃହକୁ ଆସି, ଶୟନ କରିଛନ୍ତି ଏବଂ ଶଯ୍ୟା ତ୍ୟାଗ କରୁ କରୁ ବିଳମ୍ବ ହୋଇଯାଇଛି । ଯଶୋଦା ସ୍ନେହରେ ଉଠାଇଛନ୍ତି-

"ଡାକନ୍ତିରେ ଘନଶ୍ୟାମ, ରଙ୍କୁଣୀ ରତନ ଆନନ୍ଦ ଧାମରେ ।/ କଳା କାହ୍ନୁ । ଉଠ ଉଠ ଭାଙ୍ଗି ଶ୍ରମରେ ।/ ଦେଖିଦେ ଶ୍ରୀମୁଖ ଚାନ୍ଦ । ନୟନ-ଚକୋର ହେବ ଆନନ୍ଦରେ ।/ କଳାକାହ୍ନୁ । ଶେଷ ମୋ ହୃଦ କୁମୁଦରେ ।" (ବିଦଗ୍ଧ ଚିନ୍ତାମଣି: ୮୮/୧୫-୧୬)

'ବିଦଗ୍ଧ ଚିନ୍ତାମଣି'ର ଛତ୍ରେ ଛତ୍ରେ ବିଭିନ୍ନ ଛାନ୍ଦରୁ ମାତା ଯଶୋଦାଙ୍କ ହୃଦୟର ବିମଳ ବାତ୍ସଲ୍ୟ ରସ ବା ବାତ୍ସଲ୍ୟ ମମତାର ଅବାରିତ ପ୍ରବାହ ଦେଖିବାକୁ ମିଳିଥାଏ । ଏହି ରସ ମଧ୍ୟରେ ସ୍ନେହ ସ୍ଥାୟୀ ଭାବ ରୂପେ ବିଦ୍ୟମାନ । ଏହା ମଧ ବାତ୍ସଲ୍ୟ ଶୃଙ୍ଗାରର ଭାବ ବହନ କରି ଅନାବିଳ ଦ୍ୟୁତି ପ୍ରକାଶ କରିଅଛି ଏବଂ ଚିତ୍ତକୁ ଅଲୌକିକ ଆନନ୍ଦ ପ୍ରଦାନ କରିଛି । ବାତ୍ସଲ୍ୟ ରସର ଚମତ୍କାର ରୂପାୟନରେ ବିଦଗ୍ଧ କବି ଅଭିମନ୍ୟୁ ରୀତି ଯୁଗୀୟ ଓଡ଼ିଆ ସାହିତ୍ୟର ଏକ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ ଅଟନ୍ତି । ■

ବଷଣା ବିହାର
ମନ୍ଦିର ମାର୍ଗ, ସାକ୍ଷୀଗୋପାଳ, ପୁରୀ
ମୋ: ୯୯୩୭୮୩୫୨୩୦

# ଏଟିଏମ୍ ଆଗରେ କଟିଲା ରଜ

## ଲକ୍ଷେ ଟଙ୍କା ଜମା କରି ଜଗି ରହିଲେ

ବ୍ରହ୍ମପୁର, ୧୪।୬(ସମିସ): ଛୁଟି ଦିନରେ କେହି କାହାକୁ ସହଯୋଗର ହାତ ବଢାଇବା କ୍ୱଚିତ ଦେଖିବାକୁ ମିଳେ। ସମସ୍ତେ ଛୁଟି କାଟିବାରେ ବ୍ୟସ୍ତ। ଏପରିକି ଛୁଟି ଦିନରେ ମହାପୁରୁଷଙ୍କ ଜୟନ୍ତୀ ଅଥବା ଶ୍ରାଦ୍ଧଦିବସ ପାଳନ କରିବାରେ ମଧ୍ୟ ଆମେ ପଛୁଘୁଞ୍ଚା ଦେଉଥିବା ନଜିର ରହିଛି। ଏଭଳି ପରିସ୍ଥିତିରେ ବ୍ୟାଙ୍କ କର୍ତ୍ତୃପକ୍ଷ ନିଜର ଗ୍ରାହକଙ୍କୁ ସହଯୋଗର ହାତ ନବଢ଼ାଇବା କିଛି ନୂଆ କଥା ମଧ୍ୟ ନୁହେଁ। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ବ୍ରହ୍ମପୁର ସହରରେ। ସହରର ଏକ ଏଟିଏମ୍ କେନ୍ଦ୍ରରେ ଜଣେ ବ୍ୟକ୍ତି ଦୀର୍ଘ ସମୟ ଧରି ଅଟକି ରହିଥିଲେ। କାରଣ ପଚାରିବାରେ ସେ ଯେଉଁ ଉତ୍ତର ଦେଇଥିଲେ ତାକୁ ଶୁଣି ଚକିତ ହୋଇଯାଇଥିଲେ ଆମ ପ୍ରତିନିଧି। ସ୍ଥାନୀୟ ଏକ ବ୍ୟାଙ୍କର 'ଏଟିଏମ' କେନ୍ଦ୍ରରେ ଜଣେ ବ୍ୟକ୍ତି ନିଜ କମ୍ପାନୀର ନଗଦ ୧ଲକ୍ଷ ଟଙ୍କାକୁ କାର୍ଡଲେସ୍ ଭାବେ ମେସିନରେ ଜମା କରିଥିଲେ। କିନ୍ତୁ ତାହା ସେଥିମଧ୍ୟରେ ଅଟକି ରହିଯାଇଥିଲା। କୌଣସି ଟ୍ରାଞ୍ଜାକ୍ସନ ସମ୍ପର୍କିତ ତଥ୍ୟ ମଧ୍ୟ ମେସିନରୁ ମିଳିନଥିଲା। ବରଂ ଏଟିଏମ୍ ମେସିନ ଅଚଳ ହୋଇଯାଇଥିଲା। ଫଳରେ ସ୍ୱଳ୍ପବେତନଭୋଗୀ କର୍ମଚାରୀଜଣକ ନିଜ ମାଲିକଙ୍କୁ କି ଉତ୍ତର ଦେବେ ତାକୁ ନେଇ ଦ୍ୱନ୍ଦ୍ୱରେ ପଡ଼ିଯାଇଥିଲେ। ଏଟିଏମ ଭିତରେ ଲାଗିଥିବା ବିଭିନ୍ନ ପୋଷ୍ଟରରେ ଲେଖା ଥିବା ଟୋଲ ଫ୍ରି ନମ୍ବର ଏପରିକି ବ୍ୟାଙ୍କର କର୍ମଚାରୀଙ୍କ ନମ୍ବରରେ ମଧ୍ୟ ବାରମ୍ବାର ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ। ହେଲେ କୌଣସି ଫଳ ମିଳିନଥିଲା। ଅପରାହ୍ନ ପ୍ରାୟ ୧୨ଟା ୨୭ମିନିଟରୁ ଏଭଳି ପରିସ୍ଥିତିରେ ପଡ଼ିଥିବା ବ୍ୟକ୍ତି ଜଣକ ବାଧ୍ୟ ହୋଇ ଅଖିଆଅପିଆ ଏଟିଏମ ଭିତରେ ସନ୍ଧ୍ୟା ପର୍ଯ୍ୟନ୍ତ ଦୀର୍ଘ ୪ରୁ୫ଘଣ୍ଟା ପର୍ଯ୍ୟନ୍ତ ମେସିନକୁ ଜଗି ରହିଥିଲେ।

ତାଙ୍କରି ମନରେ ଗୋଟିଏ ଭୟ କାଳେ ସେହି ଟଙ୍କାକୁ ଆଉ କେହି ନେଇଯିବ ଓ ତାଙ୍କୁ ତାଙ୍କ ମାଲିକଙ୍କ ନିକଟରେ ଉତ୍ତରଦାୟୀ ହେବାକୁ ପଡିବ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଡେଉଁଛି ଡାଇରିଆ...

ପାତ୍ର (୭୫)ଙ୍କ ଆଜି ମୃତ୍ୟୁ ହୋଇଯାଇଛି। ସେହିପରି ଢେଙ୍କାନାଳ ଜିଲ୍ଲା ଭୁବନରେ ଡାଇରିଆ କାୟା ମେଲାଇବାରେ ଲାଗିଛି। ହସ୍ପିଟାଲରେ ରୋଗୀଙ୍କ ସଂଖ୍ୟା ବଢୁଥିବା ବେଳେ ଆଜି ଭୁବନ ପେଣ୍ଠ ସାହିର କୃପାସିନ୍ଧୁ ମଲ୍ଲିକ(୬୨)ଙ୍କ ମୃତ୍ୟୁ ହୋଇଛି। ବସ୍ତିର ଅନ୍ୟ ଜଣେ ମହିଳାଙ୍କୁ ଗୁରୁତର ଅବସ୍ଥାରେ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଅପରପକ୍ଷେ, କଟକ ଜିଲ୍ଲାର ୪୨ ମୌଜା ଅନ୍ତର୍ଗତ ଝିଙ୍କିରିଆ ପଞ୍ଚାୟତ ଓ ବାଙ୍କୀର ଘୋଲପୁର ଗାଁରେ ଡାଇରିଆ ପଶିଛି। ଆଜି ଗୋଟିଏ ଦିନରେ ଜିଲ୍ଲାରୁ ୪୯ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

ସୂଚନାନୁଯାୟୀ, ଯାଜପୁର ଜିଲ୍ଲାରେ ଦେଖାଦେଇଥିବା ଡାଇରିଆ ପରିସ୍ଥିତିକୁ ନିୟନ୍ତ୍ରଣ କରାଯାଇପାରିନାହିଁ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସଂଗୃହୀତ ନମୁନାରୁ କଲେରା ବା ହଇଜା ଭୂତାଣୁ ବାହାରିବା ପରେ ଏହାକୁ ନେଇ ଜିଲ୍ଲାବ୍ୟାପୀ ଭୟର ବାତାବରଣ ଦେଖାଦେଇଛି। ଏହାକୁ ନିୟନ୍ତ୍ରଣ କରିବା ପାଇଁ ପ୍ରଶାସନ ପକ୍ଷରୁ ଜୋରଦାର୍ ଉଦ୍ୟମ କରାଯାଇଥିଲେ ମଧ୍ୟ କୌଣସି ପରିସ୍ଥିତିରେ ଏହାକୁ ନିୟନ୍ତ୍ରଣ କରାଯାଇପାରିନାହିଁ। ସଂଗୃହୀତ ନମୁନାରୁ ୧୧ ଜଣଙ୍କଠାରେ କଲେରା ଜୀବଣୁ ମିଳିଥିବା ସ୍ୱାସ୍ଥ୍ୟବିଭାଗ ପକ୍ଷରୁ କୁହାଯାଉଥିବା ବେଳେ ଜିଲ୍ଲା ବ୍ୟାପୀ ଝାଡ଼ାବାନ୍ତି ବ୍ୟାପିବାର କାରଣ ଏ ପର୍ଯ୍ୟନ୍ତ ଧରିବାରେ ପ୍ରଶାସନ ସଫଳ ହୋଇପାରନି। ତେବେ ଝାଡ଼ାବାନ୍ତି ରୋକିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଯାଜପୁର ଓ ବ୍ୟାସନଗର ପୌରପାଳିକା ସମେତ ଜିଲ୍ଲାର ବିଭିନ୍ନ ହୋଟେଲ ଓ ଢାବାଗୁଡ଼ିକ ଉପରେ ଚଢ଼ଉ ଜାରି ରହିଛି। ଉଭୟ ସହରରେ ୫ଟି ହୋଟେଲ୍‌କୁ ସିଲ୍ କରାଯାଇଥିବା ଜଣାପଡ଼ିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ସାମୂହିକ ଭୋଜିଭାତ ଉପରେ ରୋକ୍ ଲଗାଇବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। କିନ୍ତୁ ପ୍ରଶାସନ ଓ ରାଜ୍ୟ ସରକାରଙ୍କ ଉଦ୍ୟମ ସତ୍ତ୍ୱେ ଡାଇରିଆର ପ୍ରକୃତ ଉତ୍ସ ଓ କାରଣ ଜଣାପଡ଼ିନାହିଁ।

ଅନ୍ୟପକ୍ଷରେ ପ୍ରତିଦିନ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀ ଜିଲ୍ଲାରେ ପହଞ୍ଚି ସମୀକ୍ଷା ବୈଠକ କରିବା ସହ ଆକ୍ରାନ୍ତଙ୍କୁ ଭେଟୁଛନ୍ତି। ଏହି କ୍ରମରେ ଆଜି ଜାତୀୟ ସ୍ୱାସ୍ଥ୍ୟ ମିଶନ ବିଭାଗର ନିର୍ଦ୍ଦେଶିକା ଡ. ବୃନ୍ଦା ଡି. ଓ ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ସଚିବ ଡ. ବିଜୟ କୁମାର ମହାପାତ୍ର ଯାଜପୁର ଜିଲ୍ଲାର ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ପରେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଗସ୍ତ କରିଥିଲେ। ଏହି ଅବସରରେ ଝାଡ଼ାବାନ୍ତି ତଥା ଡାଇରିଆରେ ଆକ୍ରାନ୍ତ ଥିବା ରୋଗୀଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିବା ସହ ଡାକ୍ତରମାନଙ୍କ ସହ ଆଲୋଚନା କରିଥିଲେ। ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସମ୍ମିଳନୀ କକ୍ଷରେ ବିଭାଗୀୟ ଅଧିକାରୀମାନଙ୍କୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ସ୍ୱାସ୍ଥ୍ୟ ମିଶନ ବିଭାଗର ନିର୍ଦ୍ଦେଶିକା ଡ. ବୃନ୍ଦା ଡି. କହିଲେ ଯେତେ ବି ଝାଡ଼ାବାନ୍ତି ସଂକ୍ରମିତ ହେଉଛନ୍ତି, ସବୁର ତାଲିକା କରାଯିବ। ପରବର୍ତ୍ତୀ ସମୟରେ ଆଶାକର୍ମୀ ଓ ଅଙ୍ଗନବାଡ଼ି କର୍ମୀମାନେ ତାଙ୍କର ଓ ତାଙ୍କ ପରିବାରର ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିବେ। ଆର୍‌ବିଏସ୍‌କେ ମୋବାଇଲ ହେଲଥ୍ ଟିମ୍ ପ୍ରତ୍ୟେକ ଦିନ ଗାଁ ପରିଦର୍ଶନ କରିବେ। ଯେଉଁ ଗ୍ରାମରେ ଅଧିକ ରୋଗୀ ଚିହ୍ନଟ ହେବେ, ସେଇ ଗ୍ରାମକୁ ଆଗ ପରିଦର୍ଶନ କରାଯିବ ଏବଂ ଆଉଟ୍‌ରିଚ୍ ଗ୍ରାମଗୁଡ଼ିକୁ ମଧ୍ୟ ଭିଜିଟ୍ କରାଯିବ। ପାଣି ପାଉଚ୍ ଓ ବୋତଲ ମ୍ୟାନୁଫ୍ୟାକ୍ଚର ଉପରେ ତଦାରଖ କରାଯିବ। ପ୍ରତିଦିନ ସନ୍ଧ୍ୟାରେ ଏକ ସମୀକ୍ଷା ବୈଠକ କରାଯିବ। ଏହି ବୈଠକରେ ପ୍ରଭାବିତ ଅଞ୍ଚଳଗୁଡ଼ିକରେ ପ୍ରତି ସଂକ୍ରମଣ ରୋକିବା ପାଇଁ ଆଶା, ଅଙ୍ଗନବାଡ଼ି କର୍ମୀ, ଏଏନ୍‌ଏମ୍‌ମାନେ ଘରକୁ ଘର ଯାଇ ଜନସାଧାରଣଙ୍କୁ ସଚେତନ କରାଇବାକୁ ନିର୍ଦ୍ଦେଶ ଦେଇଥିଲେ।

ଯାଜପୁର ଓ ସଂଲଗ୍ନ ଜିଲ୍ଲାଗୁଡ଼ିକରେ ଉପୁଜିଥିବା ଡାଇରିଆର କ୍ଷେତ୍ରସ୍ତରୀୟ ଯାଞ୍ଚ କରିବା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରାଳୟର ସ୍ୱାସ୍ଥ୍ୟସେବା ମହାନିର୍ଦ୍ଦେଶକଙ୍କ ନିର୍ଦ୍ଦେଶକ୍ରମେ ଏକ ୭ ଜଣିଆ ସ୍ୱାସ୍ଥ୍ୟ ଟିମ୍ ଏବଂ ୩ଜଣିଆ ଖାଦ୍ୟ ନିରାପତ୍ତା ଟିମ୍ ଓଡ଼ିଶା ଆସିଛନ୍ତି। ଠିକ୍ ସେହିପରି ଭାରତ ସରକାରଙ୍କ ଖାଦ୍ୟ ନିରାପତ୍ତା ଓ ଗୁଣବତ୍ତା କର୍ତ୍ତୃପକ୍ଷ (ଏଫ୍‌ଏସ୍‌ଏସ୍‌ଏଆଇ)ଙ୍କ ତରଫରୁ ୪ ଜଣିଆ ଏକ ସ୍ୱତନ୍ତ୍ର ଖାଦ୍ୟ ଗୁଣବତ୍ତା ଟିମ୍ ମଧ୍ୟ ଆସିଛନ୍ତି। ଏହି ତିନୋଟି ଟିମ୍‌ରେ ସମୁଦାୟ ୧୪ଜଣ ଅଛନ୍ତି। ସ୍ୱାସ୍ଥ୍ୟ ଟିମ୍‌ରେ ଆଞ୍ଚଳିକ ନିର୍ଦ୍ଦେଶାଳୟର ବରିଷ୍ଠ ଅଧିକାରୀ ଡାକ୍ତର ନିଲମ୍ ସୋମାଲକର, ଭାରତୀୟ ଜନସ୍ୱାସ୍ଥ୍ୟ ପ୍ରତିଷ୍ଠାନର ପ୍ରଫେସର ଡାକ୍ତର ଶିବାନୀ ଲାହିରି, ଭୁବନେଶ୍ୱର ଏମ୍ସର ମାଇକ୍ରୋଲୋଜିଷ୍ଟ ପ୍ରଫେସର ଡାକ୍ତର ସୃଜନ ମହାନ୍ତି, ଶିଶୁରୋଗ ପ୍ରଫେସର୍ ଡାକ୍ତର ଭାଗୀରଥି ଦ୍ୱିବେଦୀ, କେନ୍ଦ୍ରୀୟ ରୋଗ ନିୟନ୍ତ୍ରଣ କେନ୍ଦ୍ରର ଅଧିକାରୀ ଡାକ୍ତର ସତ୍ୟଜିତ ସୁବୁଦ୍ଧି, କୋଲକାତାସ୍ଥିତ ଭାରତୀୟ ଭେଷଜ ଗବେଷଣା କେନ୍ଦ୍ରର ସଂକ୍ରାମକ ରୋଗ ବିଶେଷଜ୍ଞ ଡାକ୍ତର ପ୍ରେମଜିତ୍ ଘୋଷ ଏବଂ ଡାକ୍ତର ଗୌତମ ଚୌଧୁରୀ ପ୍ରମୁଖ ଅଛନ୍ତି। ଖାଦ୍ୟ ନିରାପତ୍ତା ଟିମ୍‌ରେ କୋଲକାତାସ୍ଥିତ ଜାତୀୟ ଖାଦ୍ୟ ଗବେଷଣାଗାରର ଡାକ୍ତର ଗୀତାଞ୍ଜଳି ଶର୍ମା, ବୈଷୟିକ ଅଧିକାରୀ ମିସ ନୟନା, ଏଫ୍‌ଏସ୍ ଏସଏଆଇର ପୂର୍ବାଞ୍ଚଳ ଉପ-ନିର୍ଦ୍ଦେଶକ ଡାକ୍ତର ଶଶିକାନ୍ତ ଭୂୟାଁ ପ୍ରମୁଖ ସଦସ୍ୟ ଅଛନ୍ତି। ଏହି କମିଟିମାନେ ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ଜନ ସ୍ୱାସ୍ଥ୍ୟସ୍ଥିତି ପରଖିବା ସହ ରୋଗର କାରଣ ଏବଂ ନିରାକରଣ ସମ୍ବନ୍ଧରେ କ୍ଷେତ୍ରସ୍ତରୀୟ ଅଧିକାରୀ, ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କୁ ଆବଶ୍ୟକୀୟ ପରାମର୍ଶ ଦେବେ ବୋଲି ଜଣାପଡ଼ିଛି। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର ଜଣାଇଛନ୍ତି ଯେ ଯାଜପୁର ଜିଲ୍ଲାର ବିଭିନ୍ନ ହସ୍ପିଟାଲରେ ବର୍ତ୍ତମାନ ସୁଦ୍ଧା ସମୁଦାୟ ୧୫୧୬ ଜଣ ଡାଇରିଆ ଆକ୍ରାନ୍ତ ଭର୍ତ୍ତି ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୩୦୬ ଜଣ ଆରୋଗ୍ୟ ଲାଭ କରିଛନ୍ତି ଏବଂ ୨୧୦ ଜଣଙ୍କର ଚିକିତ୍ସା ଚାଲିଛି। ସେମାନେ ଶୀଘ୍ର ଆରୋଗ୍ୟ ଲାଭ କରିବେ ବୋଲି ଚିକିତ୍ସକମାନେ ଆଶା ପ୍ରକଟ କରିଛନ୍ତି।

## ବାଙ୍କୀ, କଟକ...

ବ୍ୟାପିବାରେ ଲାଗିଛି। ଏବେ ସୁଦ୍ଧା ୨୬ ଆକ୍ରାନ୍ତ ହୋଇଥିବା ବେଳେ ସେମାନଙ୍କୁ ଆଠଗଡ଼ ଡାକ୍ତରଖାନାରେ ଚିକିତ୍ସା କରାଯାଉଛି। ଅପରପକ୍ଷେ ସ୍ଥିତି ପରଖିବାକୁ ଆଜି ଏକ ଡାକ୍ତରୀ ଟିମ୍ ଘଟଣାସ୍ଥଳକୁ ଯାଇଥିଲେ। ଝାଡ଼ାବାନ୍ତି ହୋଇଥିବା ରୋଗୀଙ୍କର ଚିକିତ୍ସା କରିବା ସହ ଝାଡ଼ାବାନ୍ତି ଔଷଧ ବଣ୍ଟନ କରିଥିଲେ। ଖୋଲା କୂଅ, ନଳକୂଅ ଗୁଡିକରେ ବ୍ଲିଚିଂ ପକାଇ ଜଳ ବିଶୋଧନ କରାଯାଇଥିଲା। ପାଣି ନମୁନା ପରୀକ୍ଷାଗାରକୁ ପଠାଯାଇଛି। ଲୋକମାନେ ଫୁଟାପାଣି ପିଇବାକୁ ଡାକ୍ତରୀ ଟିମ୍ ପରାମର୍ଶ ଦେଇଛନ୍ତି। ଏହି ଡାକ୍ତରୀ ଟିମ୍‌ରେ ଡାକ୍ତର ମିଲନ୍ ତ୍ରିପାଠୀ, ଜନ ସ୍ୱାସ୍ଥ୍ୟ ଅଧିକାରୀ ଭଞ୍ଜନ ଦଳେଇ, ମୋହନ ଚରଣ ସାହୁ, ଜୟ ପ୍ରକାଶ ଖଟୁଆ ଏବଂ ସମସ୍ତ ଆଶା କର୍ମୀମାନେ ଘରକୁ ଘର ବୁଲି ଲୋକଙ୍କୁ ସଚେତନ କରିଥିଲେ। କଟକରୁ ମାଇକ୍ରୋ ବାଇଲୋଜିଷ୍ଟ ଦଳ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ।

## ରାଜସ୍ଥାନର ମହେଶ...

ସର୍ବଭାରତୀୟ ତାଲିକାରେ ୬୦ ତମ ର୍‍ୟାଙ୍କରେ ରହିଛନ୍ତି। ୨୦୨୫ ନିଟ୍ ପରୀକ୍ଷାଫଳ ସହ ଏନ୍‌ଟିଏ ଅନ୍ତିମ ନିଟ୍ ଉତ୍ତରପତ୍ର ଓ ସର୍ବଭାରତୀୟ ର୍‍ୟାଙ୍କ ମଧ୍ୟ ପ୍ରକାଶ କରିଛି। ଚଳିତବର୍ଷ ଓଡ଼ିଆ ଭାଷାରେ ୮୧୨ ଜଣ ପରୀକ୍ଷା ଦେବା ପାଇଁ ପଞ୍ଜୀକରଣ କରିଥିଲେ। ଓଡ଼ିଶାରୁ ୬୧ ହଜାର ୧୧୧ ଜଣ ଛାତ୍ରଛାତ୍ରୀ ପରୀକ୍ଷା ପାଇଁ ପଞ୍ଜୀକରଣ କରିଥିଲା ବେଳେ ୫୯ ହଜାର ୨୩୮ ଜଣ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୩୧ ହଜାର ୬୭୩ ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ଗତବର୍ଷ ତୁଳନାରେ ଏଥର ଓଡ଼ିଶାର ପିଲାମାନଙ୍କ ପ୍ରଦର୍ଶନ ହ୍ରାସ ପାଇଛି। ୨୦୨୪ରେ ୬୪ ହଜାର ୩୨୫ ଜଣ ପରୀକ୍ଷା ଦେଇଥିବାବେଳେ ୩୨ ହଜାର ୫୫୭ ଜଣ ପାସ୍ କରିଥିଲେ।

## ସୁଶାନ୍ତ ସିଂହଙ୍କୁ...

ବୋଲି କହି ଦେଇଥିଲା। ମାତ୍ର ଏହାକୁ ତୀବ୍ର ବିରୋଧ କରାଯାଇଥିଲା। ସୁଶାନ୍ତଙ୍କ ମୃତ୍ୟୁକୁ ତାଙ୍କ ପୂର୍ବତନ ମ୍ୟାନେଜର ଦିଶା ସାଲିଆନଙ୍କ ମୃତ୍ୟୁ ସହ ଯୋଡି ଦେଖା ଯାଇଥିଲା। ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରାଯାଇଥିଲା। ପରେ ଗଣମାଧ୍ୟମ ଏବଂ ବିରୋଧୀ ଦଳଙ୍କ ଚାପରେ ମହାରାଷ୍ଟ୍ରର ତତ୍କାଳୀନ ଉଦ୍ଧବ ଠାକରେଙ୍କ ନେତୃତ୍ୱାଧୀନ ସରକାର ମାମଲାର ତଦନ୍ତ ସିବିଆଇକୁ ହସ୍ତାନ୍ତର କରିଥିଲେ। ଏବେ ସିବିଆଇ ଆତ୍ମହତ୍ୟା ହିଁ ମୃତ୍ୟୁର ପ୍ରକୃତ କାରଣ ବୋଲି ନିଜ ରିପୋର୍ଟରେ ଦର୍ଶାଇଛି। ଦିଶାଙ୍କୁ ହତ୍ୟା କରାଯାଇଥିବା ନେଇ ତାଙ୍କ ବାପା ଅଭିଯୋଗ କରି କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବାବେଳେ ସିବିଆଇ ଏହି ରିପୋର୍ଟ ଦାଖଲ କରିଛି।

ଏହି ମାମଲାରେ ଅଭିନେତାଙ୍କ ପୂର୍ବତନ ବାନ୍ଧବୀ ରିଆ ଚକ୍ରବର୍ତ୍ତୀଙ୍କୁ ୨୭ ଦିନ ପାଇଁ ଜେଲ୍‌ରେ ରହିବାକୁ ପଡ଼ିଥିଲା। ଏହି ରିପୋର୍ଟ ଆସିବା ପରେ ରିଆଙ୍କ ଓକିଲ ସତୀଶ ମାନସିନ୍ଦେ କହିଛନ୍ତି ଯେ ଏହି ମାମଲାକୁ ନେଇ ମିଥ୍ୟା କାହାଣୀ ପ୍ରସ୍ତୁତ କରାଯାଇଥିଲା। ଏହା ସତ୍ତ୍ୱେ ରିଆଙ୍କ ପରିବାର ଚୁପ୍ ହୋଇ ସବୁ ସହିଥିଲା। ସୁଶାନ୍ତଙ୍କ ପିତା କେକେ ସିଂହ ଏହି ମାମଲାକୁ ନେଇ ରିଆଙ୍କ ବିରୋଧରେ ଅଭିଯୋଗ କରିଥିଲେ। ଏଥିରେ ଆତ୍ମହତ୍ୟା ପାଇଁ ଉସୁକାଇବା, ଠକେଇ ଏବଂ ଟଙ୍କା ହେରଫେରର ଅଭିଯୋଗ କରାଯାଇଥିଲା। ସେହିପରି ରିଆ ସୁଶାନ୍ତଙ୍କ ପରିବାର ବିରୋଧରେ ମାନସିକ ଉତ୍ପୀଡନ ଅଭିଯୋଗ ଲଗାଇ ଥିଲେ। ସିବିଆଇ ଏହି ଦୁଇ ମାମଲାର ଯାଞ୍ଚ କରୁଥିଲା।

ସୁଶାନ୍ତଙ୍କ ମୃତ୍ୟୁର କିଛି ଦିନ ତଳେ ୨୦୨୦ ଜୁନ୍ ୮ ରେ ମୁମ୍ବାଇର ସାଲାଡ ସ୍ଥିତ କୋଠାର ୧୪ ମହଲାରୁ ଡେଇଁ ଦିଶା ସାଲିୟାନଙ୍କ ମୃତ୍ୟୁ ହୋଇଥିଲା। ଏହି ଦୁଇ ମୃତ୍ୟୁ ମାମଲା ପରସ୍ପର ସହ ଯୋଡ଼ି ଦେଖାଯାଉଥିଲା। ଦିଶାଙ୍କ ବାପା ସତୀଶ ସାଲିଆନ ଅଭିଯୋଗ କରିଛନ୍ତି ଯେ ଗଣଦୁଷ୍କର୍ମ ପରେ ଝିଅକୁ ହତ୍ୟା କରାଯାଇଥିଲା। କିନ୍ତୁ ରାଜନୈତିକ ଚାପ ଆଗରେ ମାମଲାକୁ ଚପାଇ ଦିଆଗଲା। ପ୍ରଥମେ ମୁମ୍ବାଇ ପୁଲିସର ଯାଞ୍ଚ ଉପରେ ଦିଶାଙ୍କ ବାପା ଭରସା କରିଥିଲେ। କିନ୍ତୁ ପରେ ସେ ଚାପରେ ପଡ଼ି ଏପରି କହିଥିବା ଉଲ୍ଲେଖ କରିଥିଲେ। ଗତ ମାର୍ଚ୍ଚ ୨୦ରେ ସେ ପୁଣିଥରେ ମାମଲାର ଯାଞ୍ଚ ପାଇଁ ବମ୍ବେ ହାଇକୋର୍ଟରେ ଆବେଦନ ଦାଏର କରିଥିଲେ। ଏଥିରେ ଶିବସେନା (ୟୁବିଟି) ନେତା ଆଦିତ୍ୟ ଠାକରେଙ୍କ ବିରୋଧରେ ଏତଲା ରୁଜୁ କରାଯାଇଥିଲା। ମାମଲା ସିବିଆଇକୁ ପ୍ରଦାନ କରିବା ପାଇଁ ନିବେଦନ କରାଯାଇଥିଲା।

## ବିମାନ ଦୁର୍ଘଟଣାର...

ବୋଲି ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ ରାମ ମୋହନ ନାଇଡୁ ଏହା କହିଛନ୍ତି। ତେବେ ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନଭେଷ୍ଟିଗେସନ ବ୍ୟୁରୋ (ଏଏଆଇବି) ନେତୃତ୍ୱରେ ଯାନ୍ତ୍ରିକ ତଦନ୍ତ ଜାରି ରହିଛି। ଏହା କେବଳ ଅହମଦବାଦ ବିମାନ ଦୁର୍ଘଟଣାର କାରଣ ଖୋଜୁଥିବା ବେଳେ ସରକାରୀ କମିଟି ବ୍ୟାପକ ସ୍ତରରେ ମାମଲାର ତଦନ୍ତ କରିବ। ଏହା ସହିତ ସୁରକ୍ଷାକୁ ଅଧିକ ମଜବୁତ କରିବା ନେଇ ପ୍ରସ୍ତାବ ଦେବ। ଏହି କମିଟିରେ ସ୍ୱରାଷ୍ଟ୍ର ସଚିବ, ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟ, ସ୍ୱରାଷ୍ଟ୍ର ମନ୍ତ୍ରାଳୟ, ଗୁଜରାଟ ସରକାର, ବାୟୁସେନା, ଗୁଇନ୍ଦା ଏଜେନ୍ସିର ବରିଷ୍ଠ ଅଧିକାରୀଙ୍କ ସମେତ ୧୧ ସଦସ୍ୟ ଅଛନ୍ତି।

## ଚର୍ମ କର୍କଟ ରୋକିବ...

ସୃଷ୍ଟି ହୋଇଥାଏ। ଏହି ଆବିଷ୍କାର କେବଳ କର୍କଟ ରୋଗ ନିବାରଣ ପର୍ଯ୍ୟନ୍ତ ସୀମିତ ନୁହେଁ, 'ମାଇକୋସ୍ପୋରିନ୍-ଆମିନୋ ଏସିଡ୍' ମଧ୍ୟ ଶକ୍ତିଶାଳୀ ଆଣ୍ଟିଅକ୍ସିଡାଣ୍ଟ ଭାବେ କାର୍ଯ୍ୟ କରିଥାଏ। ଏହାର ପ୍ରଭାବରେ ଚର୍ମ ଓ ବୟସର ଛାପକୁ ମଧ୍ୟ ହ୍ରାସ କରିଥାଏ। ଏହି ସାମୁଦ୍ରିକ ଶୈବାଳକୁ ରାସାୟନିକ ସନସ୍କ୍ରିନ୍ ପାଇଁ ଏକ ନିରାପଦ, ଜୈବିକ ଏବଂ ପରିବେଶ ଅନୁକୂଳ ବିକଳ୍ପ ଭାବେ ବ୍ୟବହାର କରାଯାଇ ପାରିବ ବୋଲି ଗବେଷଣାରୁ ଜଣାପଡ଼ିଛି। ଚିଲିକା ହ୍ରଦର ଜୈବବିବିଧତା ଏହି ସାମୁଦ୍ରିକ ଶୈବାଳର ବୃଦ୍ଧି ପାଇଁ ପ୍ରକୃଷ୍ଟ ପରିବେଶ। ମଧୁର ଏବଂ ଲୁଣିଆ ପାଣିର ମିଶ୍ରଣ ଏବଂ ପୁଷ୍ଟିସାରର ପ୍ରଚୁରତା ହିଁ ଏହାର ସ୍ୱତନ୍ତ୍ରତା। ଏଠାରେ ଏପର୍ଯ୍ୟନ୍ତ ୧୪ ପ୍ରଜାତିର ମାକ୍ରୋ ଶୈବାଳ ଚିହ୍ନଟ କରାଯାଇଛି। ଏ ସମ୍ପର୍କରେ ବୈଜ୍ଞାନିକ ତଥା ଗବେଷକ କହିଛନ୍ତି, ଏହା ସନ୍‌ସ୍କ୍ରିନ୍‌ର ବିକଳ୍ପ ଭାବେ ଆମେ ବ୍ୟବହାର କରିପାରିବା। ଏହାକୁ ଆମ ତ୍ୱଚାରେ ବ୍ୟବହାର କଲେ, ଅତି ବାଇଗଣୀ ରଶ୍ମି ତ୍ୱଚା ଭିତରକୁ ପ୍ରବେଶ କରିପାରିବ ନାହିଁ। ଏହା ଦୀର୍ଘ ବର୍ଷର ଗବେଷଣା ପରେ ଆବିଷ୍କାର ହୋଇଛି ବୋଲି ସେ କହିଛନ୍ତି।

## ବର୍ଷପୂର୍ତ୍ତିରେ ମହାନଦୀ...

ବେସିନର ଭୂପୃଷ୍ଠ ଜଳ ଏବଂ ଭୂତଳ ଜଳର ମୂଲ୍ୟାଙ୍କନ କରାଯିବ। ସେହିପରି ମହାନଦୀ ଜଳର ମାନ, ଜଳ ପ୍ରବାହ ଓ ଜଳଧାରଣ କ୍ଷମତା (ମୁଖ୍ୟଧାରା, ଉପନଦୀ ଓ ଶାଖାନଦୀ), ବନ୍ୟା ପ୍ରଭାବ, ପଟୁ ଚରିବା ଆଦି ସାମିଲ ହୋଇଛି। ଜୈବ ବିବିଧତା ଏବଂ ପରିବେଶ ସଂକ୍ରାନ୍ତ ତଥ୍ୟ ସଂଗ୍ରହ ଓ ଏହାର ଅଧ୍ୟୟନ ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ ରହିଛି। ଏସବୁ ରିପୋର୍ଟକୁ ଆଧାର କରି ବୈଷୟିକ ମୂଲ୍ୟାଙ୍କନ କରାଯିବାକୁ ଥିବାବେଳେ ଭବିଷ୍ୟତରେ ମହାନଦୀର ପୁନରୁଦ୍ଧାର କ୍ଷେତ୍ରରେ ଏହା ସହାୟକ ହେବ ବୋଲି ଆଶା କରାଯାଉଛି। ତେବେ ମହାନଦୀକୁ ନେଇ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ଓ କାର୍ଯ୍ୟକ୍ରମ ଉପରେ ପ୍ରଶ୍ନ ଉଠାଇଛନ୍ତି ଜଳ ବିଶେଷଜ୍ଞ।

ମହାନଦୀ ଟ୍ରିବ୍ୟୁନାଲର ଅଧ୍ୟକ୍ଷ ଭାବେ ଦାୟିତ୍ୱ ନେବାକୁ ଜଷ୍ଟିସ ବେଲା ଏମ୍. ତ୍ରିବେଦୀଙ୍କୁ ୬ ମାସ ପୂରିଲାଣି; ମାତ୍ର ଏଯାବତ୍ ଜଳ ବିବାଦକୁ ନେଇ ସ୍ଥଗିତ ରହିଥିବା ଶୁଣାଣି ପ୍ରକ୍ରିୟା ଆରମ୍ଭ ହୋଇପାରିଲା ନାହିଁ। ଓଡ଼ିଶା ଏଥିଯୋଗୁଁ ସର୍ବାଧିକ କ୍ଷତି ସହୁଥିବା ବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ତତ୍ପରତା ପ୍ରକାଶ ପାଉନାହିଁ। ଏପରିସ୍ଥଳେ ମହାନଦୀର ବୈଷୟିକ ମୂଲ୍ୟାଙ୍କନ ଓ ସର୍ଭେ କେଉଁ କାମରେ ଲାଗିବ ବୋଲି ବିଶେଷଜ୍ଞ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଓଡ଼ିଶାର ଜୀବନରେଖା ଭାବେ ପରିଚିତ ମହାନଦୀ ଛତିଶଗଡ଼ ଓ ଓଡ଼ିଶାର ଜଳବିବାଦ ମଧ୍ୟରେ ସଙ୍କୁଚିତ ହୋଇଛି। ଛତିଶଗଡ଼ର ମନମାନୀ ଯୋଗୁଁ ଓଡ଼ିଶାକୁ ମହାନଦୀରେ ଜଳପ୍ରବାହ ଗୁରୁତର ଭାବେ ପ୍ରଭାବିତ ହୋଇଛି। ଏପରିକି ମୌସୁମୀରେ ମଧ୍ୟ ମହାନଦୀ ଏକପ୍ରକାର ଶୁଖିଲା ପଡ଼ିଛି। ଜଳ ବିବାଦର ସମାଧାନ ନେଇ ଉଭୟ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କର ଆନ୍ତରିକତାର ଅଭାବ ପରିଲକ୍ଷିତ ହେଉଛି। ଓଡ଼ିଶା-ଛତିଶଗଡ଼-କେନ୍ଦ୍ରର ଟ୍ରିପଲ୍ ଇଞ୍ଜିନ୍ ସରକାର ଏହାକୁ ଗୁରୁତର ସହ ବିଚାର କରି ସମସ୍ୟାର ଆଶୁ ସମାଧାନ ପ୍ରଦାନ ନେଇ ତତ୍ପରତା ଦେଖାନ୍ତୁ ବୋଲି ସାଧାରଣରେ ଦାବି ହେଉଛି।

ତେବେ ଏନେଇ ପ୍ରତିକ୍ରିୟା ରଖି ମହାନଦୀ ବଞ୍ଚାଅ, ଜୀବିକା ବଞ୍ଚାଅ ଆନ୍ଦୋଳନର ଆବାହାକ ସୁଦର୍ଶନ ଛୋଟରାୟ କହିଛନ୍ତି, ଆଗାମୀ ମୌସୁମୀକୁ ଆଖି ଆଗରେ ରଖି ସରକାର ତରବରିଆ ଭାବେ ଏହି ମୂଲ୍ୟାଙ୍କନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ବୈଷୟିକ ମୂଲ୍ୟାଙ୍କନ ବହୁ ଆଗରୁ କରିବାର ଥିଲା। ରାଜ୍ୟରେ ନୂଆ ସରକାରଙ୍କୁ ବର୍ଷେ ପୂରିଲାଣି। ଟ୍ରିବ୍ୟୁନାଲ ଅଧ୍ୟକ୍ଷ ନିଯୁକ୍ତି ହେବାକୁ ମଧ୍ୟ ୬ ମାସ ଅତିକ୍ରାନ୍ତ ହେଲାଣି। ମାତ୍ର ମହାନଦୀ ବିବାଦ ମାମଲାରେ ନୂଆ ଅଧ୍ୟକ୍ଷ ନିଯୁକ୍ତି ପରଠାରୁ ଶୁଣାଣି ହୋଇପାରିଲା ନାହିଁ। ରାଜ୍ୟ ସରକାର ମହାନଦୀ ବିବାଦର ସ୍ଥାୟୀ ସମାଧାନ ପାଇଁ କାହିଁକି ତତ୍ପରତା ପ୍ରକାଶ କରୁନାହାନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ଉଭୟ ଛତିଶଗଡ଼ ଓ ଓଡ଼ିଶା ମୁଖ୍ୟମନ୍ତ୍ରୀ ବିବାଦର ସମାଧାନ ଆଲୋଚନା ଦ୍ୱାରା ସମ୍ଭବ ବୋଲି କହୁଛନ୍ତି। ତା'ହେଲେ ଉଭୟଙ୍କୁ ଏଥିପାଇଁ କିଏ ରୋକିଛି? କେନ୍ଦ୍ର ସହ ଛତିଶଗଡ଼ ଏବଂ ଓଡ଼ିଶାରେ ଟ୍ରିପଲ ଇଞ୍ଜିନ ସରକାର ଚାଲିଛି। ବିବାଦରେ ଯାହା କାଗଜପତ୍ର ଦାଖଲ କରିବା କଥା ତାହା ଉଭୟ ରାଜ୍ୟ କରି ସାରିଛନ୍ତି। ରାଜ୍ୟ ସରକାର ଟ୍ରିବ୍ୟୁନାଲରେ ଶୁଣାଣି ପାଇଁ କେନ୍ଦ୍ର ସରକାରଙ୍କ ଉପରେ ଚାପ ପକାନ୍ତୁ। ଯାହାଫଳରେ ଟ୍ରିବ୍ୟୁନାଲରେ ତ୍ୱରିତ୍ ଶୁଣାଣି ହେଉ ବୋଲି ଶ୍ରୀ ଛୋଟରାୟ ମତବ୍ୟକ୍ତ କରିଛନ୍ତି।

ଅପରପକ୍ଷେ ଗତ ଶୁକ୍ରବାର ମହାନଦୀ ବଞ୍ଚାଅ ଆନ୍ଦୋଳନ ଓ ଓଡ଼ିଶା ନଦୀ ସୁରକ୍ଷା ସମିତି ପକ୍ଷରୁ ଭୁବନେଶ୍ୱରଠାରେ ଓଡ଼ିଶା ନଦୀ ସୁରକ୍ଷା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଓଡ଼ିଶାରେ ନଦୀ ଗୁଡିକର ସ୍ୱାସ୍ଥ୍ୟ ଅତି ସଙ୍କଟାପନ୍ନ ଓ ସେଗୁଡିକର ସୁରକ୍ଷା ପାଇଁ ଏଥିରେ ଉଦ୍‌ବେଗ ପ୍ରକାଶ କରାଯାଇଛି। ରାଜ୍ୟର ନଦୀ ସଂକ୍ରାନ୍ତରେ ଏକ ଶ୍ୱେତପତ୍ର ପ୍ରକାଶ ଓ ରାଜ୍ୟ ପାଇଁ ଏକ ନଦୀ ନୀତି ପ୍ରଣୟନ ପାଇଁ ସମ୍ମିଳନୀ ସରକାରଙ୍କଠାରେ ଦୃଢ଼ ଦାବି କରିଛି।

## ଭିନ୍ନକ୍ଷମଙ୍କୁ ଦୁଷ୍କର୍ମ...

ପରିବାରଲୋକେ ଘରେ ପହଞ୍ଚିବା ପରେ ଘଟଣା ସମ୍ପର୍କରେ ଜାଣିବାକୁ ପାଇଥିଲେ। ଏନେଇ ପୀଡ଼ିତାଙ୍କ ମାଆ ବଳଙ୍ଗା ଥାନାରେ ଅଭିଯୋଗ କରିବାରୁ ବଳଙ୍ଗା ଥାନା ଅଧିକାରୀ ଦିବ୍ୟରଞ୍ଜନ ପଣ୍ଡାଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ଉକ୍ତ ଟିମ୍ ରବିକୁ ଗାଁରେ ୨ଘଣ୍ଟା ଖୋଜାଖୋଜି କରିଥିଲେ ହେଁ ପାଇନଥିଲା। ରବି ଏକ ଧାନ ଗହୀରରେ ଲୁଚିଥିବା ଖବର ପାଇ ପୁଲିସ୍ ସେଠାକୁ ଯିବାରୁ ସେ ଦୌଡ଼ି ଖସିଯିବାକୁ ଉଦ୍ୟମ କରିଥିଲା। କିନ୍ତୁ ପୁଲିସ୍ ତାକୁ ଗହୀର ଭିତରେ ଗୋଡ଼ାଇ ଗୋଡ଼ାଇ ଧରିଥିଲା।

### ଆଚାର୍ଯ୍ୟ ହରିହର କର୍କଟ ରୋଗ ପ୍ରତିଷ୍ଠାନର ସହକାରୀ ପ୍ରଫେସର୍ ନିଯୁକ୍ତି ବିଜ୍ଞପ୍ତିକୁ ଚାଲେଞ୍ଜ

# ଚୂଡ଼ାନ୍ତ ନିଷ୍ପତ୍ତି ଉପରେ ଅନ୍ତରୀଣ ରୋକ୍ ଲଗାଇଲେ ହାଇକୋର୍ଟ

କଟକ,୧୩।୬(ସମିସ): ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ପ୍ରତିଷ୍ଠାନର ବିଭିନ୍ନ ବିଭାଗରେ ସହକାରୀ ପ୍ରଫେସର୍ (ସୁପର ସ୍ପେଶାଲିଟି) ନିଯୁକ୍ତି ପାଇଁ ପ୍ରକାଶିତ ବିଜ୍ଞପ୍ତିକୁ ଚାଲେଞ୍ଜ କରି ଦାୟର ମାମଲାର ଶୁଣାଣି କରି ଅନ୍ତରୀଣ ଅଙ୍କୁଶ ଜାରି କରିଛନ୍ତି ହାଇକୋର୍ଟ। ଚୟନ ପ୍ରକ୍ରିୟା ଜାରି ରହିବ, କିନ୍ତୁ ଅଦାଲତଙ୍କ ବିନା ଅନୁମତିରେ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ଡାକ୍ତର ପରେଶ ଚନ୍ଦ୍ର ମହାନ୍ତ ଓ ଅନ୍ୟ ଚାରିଜଣଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ୍ ଆଦିତ୍ୟ କୁମାର ମହାପାତ୍ର ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏଥିସହ ମାମଲାରେ ଚାରି ସପ୍ତାହ ଭିତରେ ସତ୍ୟପାଠ ମାଧ୍ୟମରେ ଜବାବଦାଖଲ ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ପ୍ରତିଷ୍ଠାନର ନିର୍ଦ୍ଦେଶକ, ଡିନ୍ ତଥା ଅଧ୍ୟକ୍ଷଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଅଗଷ୍ଟ ପ୍ରଥମ ସପ୍ତାହରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି।

ମାମଲାରୁ ପ୍ରକାଶ ଯେ ବିଭିନ୍ନ ବିଭାଗରେ ସହକାରୀ ପ୍ରଫେସର୍ (ସୁପର ସ୍ପେଶାଲିଟି) ନିଯୁକ୍ତି ପାଇଁ ନିର୍ଦ୍ଦେଶକଙ୍କ ତରଫରୁ ଗତ ମେ' ୨୮ରେ ବିଜ୍ଞପ୍ତି ଜାରି କରାଯାଇଥିଲା। ଓଡ଼ିଶା ମେଡିକାଲ ଶିକ୍ଷା ସେବା ନିୟମ-୨୦୨୧ ଓ ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ପ୍ରତିଷ୍ଠାନର ନିୟମାବଳୀ ଅନୁସାରେ ନିଯୁକ୍ତି ପ୍ରକ୍ରିୟା ଅନୁଷ୍ଠିତ ହେବ ବୋଲି ନିଯୁକ୍ତି ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଥିଲା। ବିଜ୍ଞପ୍ତିରେ ଉଲ୍ଲେଖ ସର୍ତ୍ତ ଅନୁସାରେ, ପ୍ରାର୍ଥୀଙ୍କ ଏମବିବିଏସ୍ ମାର୍କ ଆଧାରରେ ଚୟନ କରାଯିବ। ସହକାରୀ ପ୍ରଫେସର୍ ପଦ ପାଇଁ ଅନୁଷ୍ଠିତ ନିଯୁକ୍ତି ପ୍ରକ୍ରିୟାରେ ଲିଖିତ ପରୀକ୍ଷା ହେବା କଥା। ତେଣୁ ମାର୍କ ଆଧାରରେ ନିଯୁକ୍ତିଭଳି ସର୍ତ୍ତ ନିୟମ ଅନୁସାରେ ଗ୍ରହଣୀୟ ନୁହେଁ ବୋଲି ଆବେଦନକାରୀଙ୍କ ତରଫରୁ ଦର୍ଶାଯାଇଛି। ୨୦୨୨ରେ ସହକାରୀ ପ୍ରଫେସର ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଓଡ଼ିଶା ମେଡିକାଲ ଶିକ୍ଷା ସେବା ନିୟମ ଅନୁସାରେ ନିଯୁକ୍ତି ପ୍ରକ୍ରିୟା ଅନୁଷ୍ଠିତ ହେଉଛି ବୋଲି ୨୦୨୨ର ବିଜ୍ଞପ୍ତିରେ ସ୍ପଷ୍ଟ କରାଯାଇଥିଲା। ଏଥିସହ ଏହି ନିଯୁକ୍ତି ପ୍ରକ୍ରିୟାରେ ପ୍ରାର୍ଥୀମାନେ ଲିଖିତ ପରୀକ୍ଷା ଦେବେ ବୋଲି କୁହାଯାଇଥିଲା। କିନ୍ତୁ ୨୦୨୫ରେ ପ୍ରକାଶିତ ବିଜ୍ଞପ୍ତିରେ ଲିଖିତ ପରୀକ୍ଷା ନ କରି କେବଳ ଏମବିବିଏସ୍ ମାର୍କ ଆଧାରରେ ପ୍ରାର୍ଥୀଙ୍କୁ ଚୟନ କରାଯିବ ବୋଲି କୁହାଯାଇଥିଲା। ୨୦୨୫ର ନିଯୁକ୍ତି ବିଜ୍ଞପ୍ତି ଓଡ଼ିଶା ମେଡିକାଲ ଶିକ୍ଷା ସେବା ନିୟମର ଉଲ୍ଲଂଘନ କରୁଛି ଓ ନିଯୁକ୍ତି ବିଜ୍ଞପ୍ତିକୁ ଅସିଦ୍ଧ ଘୋଷଣା କରାଯାଉ ବୋଲି ଆବେଦନରେ ଉଲ୍ଲେଖ କରାଯାଇଛି।

**ପଟ୍ଟା ହଜିଯାଇଛି**

ମୁଁ ଆଦମ ଖାନ, ବୟସ ୫୦ ବର୍ଷ, ପିତା-ଦିଦାର ଖାନ, ଜା-ମୁସଲମାନ, ସା-ଶାଁଢ ମହଲ୍ଲା, ପୋଷ୍ଟ /ଥାନା- ପୁରୁଣା ବଜାର, ଜିଲ୍ଲା- ଭଦ୍ରକ, ଖାତା ନମ୍ବର-705 / 340 ର ଅରିଜିନାଲ ପଟ୍ଟା ଟି ଘରୁ ପୁରୁଣା ବଜାର ମାର୍କେଟ ଯିବା ବାଟରେ ହଜିଯାଇଛି, ମୁଁ ସତଚେଷ୍ଟା କରିସାରିବା ପରେ ମଧ୍ୟ ଉପର ଲିଖିତ ପଟ୍ଟା କୁ ଖୋଜି ପାଇବାରେ ସକ୍ଷମ ହୋଇନାହିଁ । ଯଦି କୌଣସି ସହୃଦୟ ବ୍ୟକ୍ତି ଏହାକୁ ପାଆନ୍ତି ତେବେ ନିମ୍ନ ଲିଖିତ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ ।

ମୌଳି-ଦେବା

ଫୋନ-9937127176 – 9090224511

**BEFORE THE HON'BLE MOTOR ACCIDENT CLAIMS TRIBUNAL (SCCH-15) AT BENGALURU**

**M.V.C. No. 5199/2024**

**Between:** Smt. Rupa P ...Petitioner
**And:** Utility Transport Co and two others ...Respondents

**Notice to Respondent No.2**

**Ranjith Kumar Jha** S/o Santhosh Kumar Jha Aged about 32 years, R/at: Belapahara Village, Near ITI college, Jarasagudha Jarasagudha, Orissa-768217

Whereas, the petitioner Smt. Rupa, has filed the above petition under Section 166 of IMV Act against the respondent No.1 to 3 seeking compensation of Rs.10,00,00,000/- with cost and interest for the injuries suffered by her in Road Traffic Accident that occurred on 04/05/2023 at 09:10 PM on Doddaballapura Main Road, Near Yelahanka Traffic Police Station, Yelahanka, Bangalore-560064. You, Mr. Ranjith Kumar Jha being the driver of the offending vehicle lorry bearing number NL-01-Q-6019 arrayed as respondent No.2, is hereby summoned to appear in person or through pleader before this Hon'ble Court at **11 am** on **17th July 2025** to answer the same, failing which the petition will be heard and decided ex-parte in your absence.

Given under my hand and seal of the court, this 12th day of June 2025.

**By Order of the Court**
Sd/- Assistant Registrar
Court of Small Causes, Bangalore

**"Avadhuthara Krupa Law Associates".**
No.30/1, 2nd Floor, Sundar Industrial Compound, N.T.Y Layout, Mysore Road, B'lore-26.
Ph: 9900600555

**NOTICE**

By virtue of an affidavit sworn before Executive Magistrate, BARIPADA, dated 12/06/2025, I RANVEER PRASAD SAHA S/o- Ranjit Prasad Saha, At – Babusahi, Ward No – 05, Po - Baripada, P.S- Baripada, Dist – Mayurbhanj, Pin – 757001 declare that I have changed my name from **RANBIR SAHA** to **RANVEER PRASAD SAHA.** Henceforth, I shall be known as **RANVEER PRASAD SAHA** for all purposes.

**Sd/- RANVEER PRASAD SAHA**

**NOTICE**

By virtue of an affidavit sworn before Executive Magistrate, BARIPADA, dated 12/06/2025 I LEELABATI SAHA D/o- Bholanath Bhagat, At – Babusahi, Ward No – 05, Po - Baripada P.S- Baripada Dist – Mayurbhanj Pin – 757001 declare that I have changed my name from **LILABATI SAHA** to **LEELABATI SAHA**. Henceforth, I shall be known as **LEELABATI SAHA** for all purposes.

**Sd/- LEELABATI SAHA**

**SALE**

Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.

**Contact**
**GADHWAL GROUP**
**Mob.: 9437015112**

**AFFIDAVIT**

I, Rishabh Roshan Malik, aged about 26 years, S/o.: Shyam Sundar Malik, Resident of D-182, Phase-1, Nalco Nagar, Bhubaneswar, Dist.: Khurda declare by this affidavit No.: **36600**, dtd. 13.06.2025 that now onwards I shall be known as **Rishabh Roshan Mallik** for all future purposes.

**AFFIDAVIT**

By virtue of an affidavit sworn before Notary Public, Sri Prasanna Kumar Bisoi of Aska, Affidavit No. 3296, dated: 11.06.2025. I, Bebarta Siva Satyam, Address- At/Po- Kalasandhpur, Aska, Sorada Road Ganjam- 761111, Odisha declare that I have changed my name from **B.Siva Satyam** to **Bebarta Siva Satyam**. Henceforth, I shall be known as **Bebarta Siva Satyam** for all Purposes.

**Sd/- Bebarta Siva Satyam**

**AFFIDAVIT**

I, Kavya, S/o.: Rajul Upadhyay, Resident of At Flat No.: 303, Block-B, Panchawati Appt., Main Road, PO./P.S.: Barbil, Dist.: Keonjhar, Odisha, declare by this affidavit No.: 158 dtd 13.06.2025 that now onwards I shall be known as KAVYA UPADHYAY for all future purposes.

**AFFIDAVIT**

By virtue of an affidavit No. 49, dtd. 12.06.2025 in the Court of the Executive Magistrate, Nandapur, Dist- Koraput, I, Madhab Krisani have changed my minor son's name from **Dambau Kirsani** to **Dambrudhar Kirsani.** Heanceforth he will be known as **Dambrudhar Kirsani** for all Purposes.

**Sd/- Madhab Kirsani**

**AFFIDAVIT**

By virtue of an affidavit sworn before Notary Public, Padampur, 12.06.2025, I, Pooja Patel, Address At- Dhumabhata, Po-Lakhamara, Dist-Bargarh, Pin-768036, Odisha declare that I have changed my name from **Pooja** to **Pooja Patel.** Henceforth, I shall be known as **Pooja Patel** for all purposes.

**Sd/- Pooja Patel**

**AFFIDAVIT**

By virtue of an affidavit sworn before the Executive Magistrate, Kabisuryanagar, No. A/IV dated 12.06.2025, I, **Rabindra Polei**, S/o- Ramesh Polei, resident of Vill.- Kholasamantarapur, Po.- Gudiali, Ps.- Kabisuryanagar, Dist.- Ganjam, Odisha- 761104 state that, I have changed my minor daughter's name from **Prakruti Polei** to **Ayesha Polei**. Henceforth she will be known as **Ayesha Polei** for all future purposes.

**AFFIDAVIT**

I, Ranjan Patel, S/o.: Umakanta Patel, Resident of Vill: Salohi, PO.: Kesaibahal, P.S.: Mahulpali, Dist: Sambalpur, PIN-768228, Odisha, declare by this affidavit No.: 568..dtd 13.06.2025 that now onwards I shall be known as RANJAN KUMAR PATEL for all future purposes.

**AFFIDAVIT**

I, Abanti Nayak, aged about 59 years, D/o- Gopinath Swain, resident of 2RA 40/4, A.I.F Colony, Sunabeda-1, Dist- Koraput, PIN-763001, Odisha declared by this affidavit No. 501, dtd- 13/06/2025 that now onwards I shall be known as **ABANTI SWAIN** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Kabisuryanagar, No.A/3 dated 10.06.2025, I, **SMT. SWAPNA BISWAL**, W/o- Ajaya Biswal resident of Vill.- E. Dengapadar, Po.- Hindala, Ps.- Kabisuryanagar, Dist.- Ganjam, Odisha- 761104, state that, my daughter's actual and correct name is **Pragati Biswal.** But in her Aadhaar Card her name has been wrongly mentioned as **Itishree Biswal**. Her name should be corrected as **Pragati Biswal**, D/o- Ajaya Biswal and Swapna Biswal.

**AFFIDAVIT**

I, Roshni, W/o.: Rajul Upadhyay, Resident of At Flat No.: 303, Block-B, Panchawati Appt., Main Road, PO./P.S.: Barbil, Dist.: Keonjhar, Odisha, declare by this affidavit No.: 159 dtd 13.06.2025 that now onwards I shall be known as ROSHNI UPADHYAY for all future purposes.

**AFFIDAVIT**

By Virtue of an affidavit before the Notary Public, Baripada, Mayurbhanj. **I, Samanta Singhar Mohanta,** S/o: Duriyodhan Mohanta, Branch Manager, Odisha Grameen Bank, Baripada Branch, At/PO.: Baripada, PS.: Baripada Town, Dist.: Mayurbhanj. declare that, one Lalit Kumar Das, the Daily Deposit Agent of our Branch has been disengaged as per his request letter dt.20.03.2025 and the same has been granted by the Head Office, Odisha Grameen Bank vide letter No.: P&T/01/2025-26 dt. 02.06.2025. That, as such the depositors are hereby requested not to deposit any amount through him and his security deposit will be released within 30 days of his disengagement.

**AFFIDAVIT**

BY VIRTUE OF an affidavit sworn before the Notary Public, Sunabeda, No.2609 dated 31.03.2025, I, **SANADHAR KHADA**, S/o- Late Rabi Khada of Vill.- Alangapada, Po.- Jalahanjar, Dist.- Koraput, Odisha declare that, I have changed my name from **SANADHAR KHADA** to **SUNADHAR KHADA.** Henceforth I shall be known as **SUNADHAR KHADA** for all purposes.

**AFFIDAVIT**

BY VIRTUE OF an affidavit sworn before the Notary Public, Nabarangpur, No.4122/25 dated 13.06.2025, I, **SANTILATA GANTAYAT**, D/o- Gouranga Gantayat resident of Vill.- Kenduguda, Po.- Kotpad, Dist.- Koraput declare that, I have changed my name from **SANTI PATTNAYAK** to **SANTILATA GANTAYAT**. Henceforth I shall be known as **SANTILATA GANTAYAT** for all purposes.

**AFFIDAVIT**

By virtue of an affidavit no. 360/9.6.25 I, **Suchismita Nanda** W/o- Amitav Nanda R/o- Sonepur, Gokarneswarpara, Po/Ps- Sonepur, Odisha, 767017 do hereby declared That I Shall be known as **Suchismita Padhi** instead of **Suchismita Nanda** in all Purposes.

**Sd/- Suchismita Padhi**

**AFFIDAVIT**

By virtue of an affidavit sworn before Executive Magistrate, Panposh, Rourkela dated 30.05.2025, I, Mohammad Anwar Ansari, Address-At- Anand Bhawan Lane, Azad Mohalla, PO-Rourkela (Head Office), PS-Plantsite, Dist.- Sundargarh, Odisha, Pin- 769001, declare that I have changed my daughter's name from **Neha Parween** to **Nargis Anwar.** Henceforth, she shall be known as **Nargis Anwar** for all purposes.

**Sd/- MOHAMMAD ANWAR ANSARI**

ସକାଳ THE SAKALA



## ଖଣ୍ଡୋଳ ରଜ ମହୋତ୍ସବ ଉଦ୍‌ଘାଟିତ

ତିର୍ତ୍ତୋଲ,୧୪।୬(ସମିସ): ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଇନ୍ଦ୍ରିସିଂ ପଞ୍ଚାୟତର ସିକନ୍ଦି ଖଣ୍ଡୋଳ ଗ୍ରାମ ପଡ଼ିଆରେ ଇନ୍ଦ୍ରିସିଂ, ଜଗନ୍ନାଥପୁର, ଗରାମ, ତୁଳଙ୍ଗ ପଞ୍ଚାୟତବାସୀଙ୍କ ମିଳିତ ସହଯୋଗରେ ରଜ ମହୋତ୍ସବ ପାଳିତ ହେଉଛି। ଅବସରପ୍ରାପ୍ତ ଜିଲ୍ଲା ଶିକ୍ଷାଧିକାରୀ ରସାନନ୍ଦ ସାହୁ ଏହାକୁ ଉଦ୍‌ଘାଟନ କରିଛନ୍ତି। ମହୋତ୍ସବ କମିଟି ସଭାପତି ପ୍ରକାଶ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ତିର୍ତ୍ତୋଲ ବିଧାୟକ ଡ. ରମାକାନ୍ତ ଭୋଇ, ଇନ୍ଦ୍ରିସିଂ ସରପଞ୍ଚ ପ୍ରଶାନ୍ତ ସ୍ୱାଇଁ, ରାହାମା ଜିଲ୍ଲା ପରିଷଦ ସଭ୍ୟ ରବିନାରାୟଣ ସାହୁ, ଆଇନଜୀବୀ ଡ. ବୀରନାରାୟଣ ପାତ୍ର, କୁମାର ଉତ୍ସବ ସମିତି ସଭାପତି ବିମଳ ମହାପାତ୍ର, ପରିବେଶବିତ ଉତ୍କଳ ମହାନ୍ତି, ଲଳିତ ରାଉତରାୟ, ରବିନାରାୟଣ ଦାସ ପ୍ରମୁଖ ସମ୍ମାନିତ ଯୋଗଦେଇ ରଜ ପର୍ବ ପାଳନର ତାତ୍ପର୍ଯ୍ୟ ସଂପର୍କରେ ଆଲୋକପାତ କରିଥିଲେ। ମହୋତ୍ସବ କମିଟି ସମ୍ପାଦକ ସଂଗ୍ରାମ ସ୍ୱାଇଁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ମୁଖ୍ୟ ଉପଦେଷ୍ଟା ଡ. ବସନ୍ତ ମଞ୍ଜରୀ ଦାସ ମଞ୍ଚ ପରିଚାଳନା କରିଥିବାବେଳେ ମୁଖ୍ୟ ପରିଚାଳକ ବାବାଜୀ ମଲ୍ଲିକ ଧନ୍ୟବାଦ ଦେଇଥିଲେ। ଉତ୍ପଳ ଶ୍ରୀ କଳା ଡ୍ୟାନ୍ସ ଗ୍ରୁପ ପକ୍ଷରୁ ନୃତ୍ୟ ପରିବେଷଣ କରାଯାଇଥିଲା। ଏ ଅବସରରେ ସୁଚିନ୍ତା ଅଧିକ ଶିବପ୍ରସାଦ ସାହୁଙ୍କ ତତ୍ତ୍ୱାବଧାନରେ ନିଃସ୍ୱାର୍ଥ ରକ୍ତଦାତା ଓ ସ୍ୱେଚ୍ଛାସେବୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାମ୍ବାଦିକ ଚନ୍ଦ୍ରକାନ୍ତ ବାରିକ, ସରୋଜ ବାରିକ, ସୂର୍ଯ୍ୟକାନ୍ତ ମହାନ୍ତି, କିଶୋର ଦାସ, ଲୋକନାଥ ବଡ଼ପଣ୍ଡା, ପ୍ରସନ୍ନ ମଲ୍ଲିକ, ହେମନ୍ତ ନାୟକ, ସଂଗ୍ରାମ ସାହୁ, ସତ୍ୟବ୍ରତ ନାୟକ, ସାଗର ସାହୁ, ଆଲୋକ ନାୟକ, ଗୌତମ ନାୟକ ପ୍ରମୁଖ ସହଯୋଗ କରିଥିଲେ।

### ମାଛ ମାରିବା କଟକଣା ଅବଧି ଶେଷ

# ଆଜିଠୁ ସମୁଦ୍ରକୁ ଯିବେ ମତ୍ସ୍ୟଜୀବୀ

ପାରାଦୀପ,୧୪।୬(ସମିସ): ଆଜି ସମୁଦ୍ରରୁ ମାଛ ମାରିବା କଟକଣା ଶେଷ ହୋଇଛି। ଦୁଇମାସିଆ କଟକଣା ଆଜି ରାତି ୧୨ଟା ପର୍ଯ୍ୟନ୍ତ ଥିଲା। ପ୍ରତ୍ୟେକ ବର୍ଷ ଏପ୍ରିଲ ୧୫ରୁ ଜୁନ ୧୪ ତାରିଖ ପର୍ଯ୍ୟନ୍ତ ଏହି କଟକଣା ଲାଗୁ ହୁଏ। କେନ୍ଦ୍ର ସରକାରଙ୍କ ପକ୍ଷରୁ ବଙ୍ଗୋପସାଗରରେ ଯେତେ ମାଛଧରା ବନ୍ଦର ରହିଛି, ଏହି କଟକଣା ଲାଗୁ କରାଯାଇଥିଲା। ଆଜି କଟକଣା ଅବଧି ଶେଷ ହୋଇଛି। ଆସନ୍ତାକାଲିଠୁ ମତ୍ସ୍ୟଜୀବୀ ମାଛ ମାରିବାକୁ ସମୁଦ୍ରକୁ ଯିବେ। ଏଥିପାଇଁ ବୋଟ୍, ଡଙ୍ଗା ଓ ଜାଲ ସହ ନିଜକୁ ପ୍ରସ୍ତୁତ କରିଛନ୍ତି ମତ୍ସ୍ୟଜୀବୀ। ଏହା ପୂର୍ବରୁ ମାଛଧରା ବନ୍ଦରରେ ବରୁଣେଶ୍ୱର ଯଜ୍ଞ ଆୟୋଜିତ ହୋଇଛି। ଭଲ ମାଛ ଉତ୍ପାଦନ ସହ ନିଜର ସୁରକ୍ଷା ନେଇ ବରୁଣେଶ୍ୱରଙ୍କୁ ପ୍ରାର୍ଥନା କରିଛନ୍ତି ମତ୍ସ୍ୟଜୀବୀ। ମାଛଧରା ବନ୍ଦରରେ ବୋଟ୍ ମାଲିକ ଓ ମତ୍ସ୍ୟଜୀବୀ ଏକ ଯଜ୍ଞର ଆୟୋଜନ କରିଥା'ନ୍ତି। ବରୁଣ ଭଗବାନଙ୍କ ଉଦ୍ଦେଶ୍ୟରେ ଏହି ଯଜ୍ଞ କରାଯାଇଥାଏ। ଏହି ବରୁଣେଶ୍ୱର ଯଜ୍ଞ ୩ ଦିନ ଧରି ମାଛଧରା ବନ୍ଦର ମଧ୍ୟରେ ଚାଲେ। ଶେଷଦିନ ପୂର୍ଣ୍ଣାହୁତି ପରେ ବୋଟ୍ ଓ ଡଙ୍ଗା ମାଛ ମାରିବାକୁ ସମୁଦ୍ରକୁ ବାହାରିଥା'ନ୍ତି। ଗତ ବୁଧବାର ଦିନଠାରୁ ଆରମ୍ଭ ହୋଇଥିବା ଏହି ଯଜ୍ଞ ଭଲ ଶୁକ୍ରବାର ନ ଥିବାରୁ ଶୁକ୍ରବାର ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଶେଷ ହୋଇଛି। ଏହି ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ହଜାର ହଜାର ମତ୍ସ୍ୟଜୀବୀ ଓ ବ୍ୟବସାୟୀ ଉପସ୍ଥିତ ରହି ସମସ୍ତଙ୍କ ମଙ୍ଗଳ କାମନା କରିଥିଲେ। ୧ ଲକ୍ଷରୁ ଊର୍ଦ୍ଧ୍ୱ ମତ୍ସ୍ୟଜୀବୀ ସମୁଦ୍ରକୁ ମାଛ ମାରିବାକୁ ଯିବା ନେଇ ପ୍ରସ୍ତୁତ ହୋଇଥିବା ପାରାଦୀପ ମତ୍ସ୍ୟ ବ୍ୟବସାୟୀ ସଂଘ ସଭାପତି ଶ୍ରୀକାନ୍ତ ପରିଡା ସୂଚନା ଦେଇଛନ୍ତି। ସଭାପତି ଶ୍ରୀକାନ୍ତ ପରିଡା, ସାଧାରଣ ସମ୍ପାଦକ ଅରବିନ୍ଦ ସ୍ୱାଇଁ ଓ ସଂଘର ସମସ୍ତ କର୍ମକର୍ତ୍ତା ସମସ୍ତ ମତ୍ସ୍ୟଜୀବୀଙ୍କ ଶୁଭ କାମନା କରିଛନ୍ତି। ଆଜି ରାତି ୧୨ଟା ପରେ କଟକଣା ହଟିବ ପ୍ରଫୁଲ୍ଲ ମତ୍ସ୍ୟଜୀବୀ ସମୁଦ୍ର ମଧ୍ୟକୁ ମାଛ ଧରିବା ପାଇଁ ବାହାରିଯିବେ। ଏନେଇ ବ୍ୟବସାୟୀ ଓ ମତ୍ସ୍ୟଜୀବୀ ବୋଟ୍‌ରେ ଆବଶ୍ୟକୀୟ ସରଞ୍ଜାମ ପ୍ରସ୍ତୁତି କରି ରହିଛନ୍ତି। ଏହି ମତ୍ସ୍ୟ ସମ୍ପଦ ଉପରେ ପ୍ରାୟ ୫୦ ହଜାର ପରିବାର ନିର୍ଭରଶୀଳ। ଦୁଇମାସ କଟକଣା ସେମାନଙ୍କ ପାଇଁ ବହୁ କଷ୍ଟଦାୟକ ଥିଲା। ପରିବାର ପ୍ରତିପୋଷଣଠାରୁ ଆରମ୍ଭ କରି ସମସ୍ତ ଆନୁସଙ୍ଗିକ ଖର୍ଚ୍ଚ ତୁଲାଇବାରେ ଅର୍ଥ ବାଧକ ସାଜିଥିଲା। ଏବେ କଟକଣା ହଟିବା ପରେ ମାଛ ମାରି ସୁରୁଖୁରୁରେ ପରିବାର ଚଳିବା ନେଇ ଆଶା ରଖିଛନ୍ତି ମତ୍ସ୍ୟଜୀବୀ। କଟକଣା ସମୟରେ ମତ୍ସ୍ୟଜୀବୀଙ୍କ ପାଇଁ ଦାବି ହୋଇଆସୁଥିବା ସହାୟତା ଏପର୍ଯ୍ୟନ୍ତ ସରକାର ନ ଦେବାରୁ କ୍ଷୋଭ ପ୍ରକାଶ ପାଇଛି। ବ୍ୟବସାୟୀଙ୍କ ପାଇଁ ରାଜ୍ୟ ସରକାର ଡିଜେଲ ଉପରେ ସବସିଡି ଲାଗୁ କରୁ ନ ଥିବାରୁ ସେମାନେ କ୍ଷତି ସହି ଚାଲିଛନ୍ତି। ଫଳରେ ମତ୍ସ୍ୟ ଶିଳ୍ପ ଏବେ ସଙ୍କଟାପନ୍ନ ସ୍ଥିତିରେ ଚାଲିଥିବା ଅଭିଯୋଗ ହେଉଛି। ଏଥିପ୍ରତି ସରକାର ଦୃଷ୍ଟି ଦେବାକୁ ଦାବି ହେଉଛି।

## ମାର୍କଣ୍ଡପୁରରେ ରଜ ଉତ୍ସବ



ଜଗତସିଂହପୁର,୧୪।୬(ସମିସ): ଓଡ଼ିଶାର ଗଣପର୍ବ ରଜ ଆଜିଠାରୁ ଆରମ୍ଭ ହୋଇଛି। ଜଗତସିଂହପୁର ଜିଲ୍ଲାର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ରଜ ଉତ୍ସବ ଆନନ୍ଦ ଉଲ୍ଲାସର ସହିତ ପାଳନ କରାଯାଉଛି। ଏଥିଅବସରରେ ଜଗତସିଂହପୁର ପୌରାଞ୍ଚଳ ଅନ୍ତର୍ଗତ ମାର୍କଣ୍ଡପୁରଠାରେ କ୍ରିଷ୍ଣା କଳଚରାଲ ଗ୍ରୁପ ପକ୍ଷରୁ ପାଳିତ ହେଉଛି ରଜ ମହୋତ୍ସବ। ରଜଦୋଳି ସହିତ ପୋଡପିଠା, ରଜପାନର ପସରା ମେଲିଥିବାବେଳେ ନୃତ୍ୟ ସଙ୍ଗୀତରେ ଆସର ମଧ୍ୟ ବେଶ ଜମୁଥିବା ଲକ୍ଷ୍ୟ କରାଯାଉଛି। ସମ୍ପାଦିକା କ୍ରିଷ୍ଣା ଦତ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉତ୍ସବରେ ସ୍ଥାନୀୟ ଅଞ୍ଚଳର ମହିଳା, କିଶୋରୀ, ଯୁବତୀ ଓ ବରିଷ୍ଠ ନାଗରିକ ସାମିଲ ହୋଇଛନ୍ତି। ପ୍ରଥମ ଦିନରେ ପୋଡପିଠା, ହୁଳହୁଳି, ପୁଚି ଓ ଏକକ ଅଭିନୟ ପ୍ରଭୃତି ପ୍ରତିଯୋଗିତା କରାଯାଇଥିବାବେଳେ ସ୍ଥାନୀୟ ଯୁବତୀ ଓ କିଶୋରୀ ନୃତ୍ୟ, ସଙ୍ଗୀତ, ଚିତ୍ରକଳା ଓ କ୍ରୀଡ଼ା ପ୍ରଦର୍ଶନ କରିଥିଲେ। ଶିକ୍ଷାବିତ୍ ଆଲୋକ ଖଟୁଆଙ୍କ ଅଧ୍ୟକ୍ଷତାରେ ସଭାର ଆୟୋଜନ କରାଯାଇଥିଲା। ସାହିତ୍ୟିକ ପ୍ରଫୁଲ୍ଲ ଷଡଙ୍ଗୀ, ସମାଜସେବୀ ସୁକୁମାର ସାମଲ, ସଂଘମିତ୍ରା କାନୁନ୍‌ଗୋ ଓ ନମିତା ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ରଜପର୍ବର ଅତୀତ ଓ ବର୍ତ୍ତମାନ ମଧ୍ୟରେ ତୁଳନାତ୍ମକ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ବରିଷ୍ଠ ସାମ୍ବାଦିକ ପ୍ରମୋଦ ନାୟକ, ଶଶାଙ୍କ ଶେଖର ପଣ୍ଡା ଓ ଶୁଭକାନ୍ତ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଇନ୍ଦ୍ରଦ୍ୟୁମ୍ନ ନାୟକ, ଶୁଭ୍ରକାନ୍ତ ଆଚାର୍ଯ୍ୟ, ରାଜକିଶୋର ଗାଆଣ, କଳ୍ପନା ବିଶ୍ୱାଳ, ଅନୀଲ ବାରିକ, ପ୍ରଦୀପ୍ତ ସାହୁ, ତ୍ରୈଲୋକ୍ୟନାଥ ବିଶ୍ୱାଳ ଓ ରଶ୍ମିରଞ୍ଜନ ପୁହାଣ ପ୍ରମୁଖ ସହଯୋଗ କରିଥିଲେ।

## ପୁତୁରା ଭୁଜାଲି ଚୋଟରେ ଦାଦା ଗୁରୁତର

ବାଲିକୁଦା,୧୪।୬(ସମିସ): ବାଲିକୁଦା ଥାନା ଅନ୍ତର୍ଗତ ମାଛଗାଁ ପଞ୍ଚାୟତ ସିଙ୍ଗିଟାଳିଆ ଗ୍ରାମରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଜମିବାଡ଼ି ବିବାଦକୁ କେନ୍ଦ୍ରକରି ଦାଦା ଓ ପୁତୁରାଙ୍କ ମଧ୍ୟରେ ବିବାଦ ଲାଗି ରହିଥିବାବେଳେ ଆଜି ଏକ ଗୁଆ ଗଛ କାଟିବା ଘଟଣାରେ ପୁତୁରା ସରୋଜ ସାହୁ ଦାଦା ବଟ ସାହୁଙ୍କୁ ଭୁଜାଲିରେ ହାଣି ଲହୁଲୁହାଣ କରିଦେଇଛି। ଦାଦା ବଟ ସାହୁଙ୍କ ପିଠା ଓ ହାତ ପାପୁଲିରେ ଆଘାତ ଲାଗିଛି। ସରୋଜ ଫେରାର ହୋଇଯାଇଥିବାବେଳେ ବଟଙ୍କୁ ପରିବାର ଲୋକେ ବାଲିକୁଦା ମେଡିକାଲରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ପାଇଁ ଜଗତସିଂହପୁର ମେଡିକାଲକୁ ପଠାଇ ଦିଆଯାଇଛି। ପରିବାର ଲୋକଙ୍କ ଅଭିଯୋଗକୁ ଗ୍ରହଣ କରି ପୁଲିସ ତଦନ୍ତ ଆରମ୍ଭ କରିଥିବା ଥାନାଧିକାରୀ ସୂଚନା ଦେଇଛନ୍ତି।

## ଗଜରାଜପୁରରେ ରଜ ମହୋତ୍ସବ


ନାଉଗାଁ,୧୪।୬(ସମିସ): ଗଜରାଜପୁର ପଞ୍ଚାୟତସ୍ଥ ମାଳିତୋଟାରେ ଦ୍ୱିତୀୟ ବାର୍ଷିକ ରଜ ମହୋତ୍ସବ ପାଳିତ ହେଉଛି। ମା' ଯଶୋଦେବୀ ଉନ୍ନୟନ ସମିତି ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ଉକ୍ତ ପଞ୍ଚାୟତର ଗଜରାଜପୁର, ନୂଆପାରୀ, ଭାତପଡ଼ା, ଦେବୀଦୋଳ ଗ୍ରାମର ଶତାଧିକ ଯୁବକ/ଯୁବତୀ, ବାଳକ/ବାଳିକା, ବୃଦ୍ଧ/ବୃଦ୍ଧା ଯୋଗଦେଇ ରଜଦୋଳି, ତାସ୍, ଲୁଡୁ, କବାଡି, ଖୋକ, ପୁଞ୍ଚି ଆଦି ଖେଳରେ ସାମିଲ ହୋଇଥିବା ଦେଖିବାକୁ ମିଳିଛି। ଏଥିସହିତ ଆମ ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ ରଖିବାକୁ ପୋଡ଼ପିଠା, ରଜ ପାନର ମଜା ନେବା ସାଙ୍ଗକୁ ଢ଼ିଙ୍କି, ଲଙ୍ଗଳ, ସବାରୀ, ପାଲିଙ୍କି, ଶଗଡ଼ ଗାଡ଼ି, ପଖିଆ, ଶିଳ, ଚକି, ମାଣ, ଗଉଣି, ମୁଗୁରା, ଖଇଁଚି, ଡିବି, ଲଣ୍ଠନ, ରେଡ଼ିଓ ଭଳି ବୁଡିଯାଉଥିବା ବିଭିନ୍ନ ପୁରୁଣା ସାମଗ୍ରୀକୁ ନେଇ ସ୍ୱତନ୍ତ୍ର ପ୍ରକୋଷ୍ଠ ନିର୍ମାଣ ଆଜିର ଯୁବପିଢ଼ିଙ୍କୁ ବେଶ୍ ଆକୃଷ୍ଟ କରୁଛି। ୧୬ ତାରିଖ ଶେଷ ରଜ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ମହୋତ୍ସବର ପ୍ରତି ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ସମିତିର ଯୁବ କଳାକାରଙ୍କ ଦ୍ୱାରା ଫକୀରମୋହନ ସେନାପତିଙ୍କ ରଚିତ ରାଣ୍ଡିପୁଅ ଅନନ୍ତା ନାଟକ ପରିବେଷଣ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ସମିତିର ଗୌରାଙ୍ଗ ଦାସ, ବାବନ ଜେନା, ଶୁଭ୍ରାଂଶୁ ଆଚାର୍ଯ୍ୟ, ସଚ୍ଚିକାନ୍ତ ସାହୁ, ଅଜୁ ବିଶ୍ୱାଳ, ବାବୁ ମହାରଣା ପ୍ରମୁଖ ପରିଚାଳନା କରୁଥିବାବେଳେ ଗ୍ରାମବାସୀ ସହଯୋଗ କରୁଛନ୍ତି।

## ଗୋପାଳ ପାଠାଗାର ପାଲଟିଛି ଅସାମାଜିକ ଯୁବକଙ୍କ ଆଡ୍ଡାସ୍ଥଳୀ

● ଥାନାର ଦ୍ୱାରସ୍ଥ ହେଲେ ଗ୍ରାମବାସୀ

ରଘୁନାଥପୁର,୧୪।୬(ସମିସ): ରଘୁନାଥପୁର ଥାନା ଅନ୍ତର୍ଗତ ଧରାଧରପୁର ପଞ୍ଚାୟତର ଗୋପାଳପୁରସ୍ଥ ଗୋପାଳ ପାଠାଗାର କିଛି ଅସାମାଜିକ ଯୁବକଙ୍କ ଆଡ୍ଡାସ୍ଥଳୀ ପାଲଟିଥିବା ଅଭିଯୋଗ ହୋଇଛି। ଏ ନେଇ ଗ୍ରାମର ଦୁର୍ଗାପୂଜା କମିଟି ସଦସ୍ୟ ଥାନାରେ ଅଭିଯୋଗ କରିଛନ୍ତି। ଗତ ମେ' ୩୧ ତାରିଖରେ କେତେକ ଯୁବକ ବହୁ ପୁରାତନ ପାଠାଗାରର ତାଲା ଭାଙ୍ଗି ନିଜ ଅକ୍ତିଆରରେ ରଖିଛନ୍ତି। ସେଠାରେ ରାତି ହେଲେ ମଦ ମାଂସର ଆସର ଚାଲିଛି। ଏଥିସହ ସେଠାରେ ଥିବା ଦୁର୍ଗାଙ୍କ ଫଳକରେ କାଳି ବୋଳି ଗ୍ରାମର ପରମ୍ପରା ଓ ଅସ୍ମିତାକୁ କଳଙ୍କିତ କରିଥିବା କମିଟି ସଦସ୍ୟ ମୋହିତ ଚକ୍ରବର୍ତ୍ତୀ, ଅଜିତ ବୋଷ, ସତ୍ୟଜିତ ପାଲ, ପ୍ରୀତିସ ଚକ୍ରବର୍ତ୍ତୀଙ୍କ ସହ ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏହି ପାଠାଗାରରେ କୌଣସି ଅପ୍ରୀତିକର ପରିସ୍ଥିତି ଓ ଅଘଟଣ ଘଟିଲେ, ଏଥିପାଇଁ ଦୁର୍ଗାପୂଜା କମିଟି ଦାୟୀ ରହିବେ ନାହିଁ ବୋଲି ଅଭିଯୋଗରେ ଉଲ୍ଲେଖ କରାଯାଇଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଇ ଅସାମାଜିକ ଯୁବକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ, ଗ୍ରାମବାସୀ ଉପକୃତ ହେବେ। ଆଇଆଇସି ସୁଶାନ୍ତ କୁମାର ସେଠୀ କହିଛନ୍ତି, ମୁଁ ଅଭିଯୋଗ ପାଇଛି। ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବି।

## ବିମାନ ଦୁର୍ଘଟଣା ମୃତକଙ୍କୁ ଜିଲ୍ଲା କଂଗ୍ରେସ ପକ୍ଷରୁ ଶ୍ରଦ୍ଧାଞ୍ଜଳି



ଜଗତସିଂହପୁର,୧୪।୬(ସମିସ): ଜଗତସିଂହପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ଅହମ୍ମଦାବାଦରେ ବିମାନ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ସମସ୍ତ ଯାତ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବା ସହ ଅମର ଆତ୍ମାର ସଦଗତି କାମନା କରି ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଛି। ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ସଭାପତି ନଟବର ବାରିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀ, ସରପଞ୍ଚ ପ୍ରମୋଦ ସାହୁ, ସରପଞ୍ଚ ଦିଲ୍ଲୀପ ମହାନ୍ତି, ବ୍ଲକ୍ କଂଗ୍ରେସ ସଭାପତି ମାନସ ରଥ, ଜିଲ୍ଲା କଂଗ୍ରେସ ଉପସଭାପତି ମହନୀ ଚରଣ ରାଉତ, ଜିଲ୍ଲା କଂଗ୍ରେସ ସେବାଦଳ ଅଧ୍ୟକ୍ଷ ଡାକ୍ତର ଜଗଦାନନ୍ଦ ବେହେରା, ଜିଲ୍ଲା ସଂଖ୍ୟାଲଘୁ ସେଲ୍ ଅଧ୍ୟକ୍ଷ ଇମତିୟାଜ ଅହମ୍ମଦ ଖାଁ, ରାଜ୍ୟ ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ପ୍ରଧାନ, ଯୁବ କଂଗ୍ରେସ ନେତା ଇଂ ଜ୍ଞାନରଞ୍ଜନ ଜେନା, ପବିତ୍ର ପରିଡା, ସୁକାନ୍ତ ମହାପାତ୍ର, ହେଦାୟତ ଅଲ୍ଲୀ, ହିଫଜୁଲ୍ ରହେମାନ, ଶଙ୍କରେଶ୍ୱର ଦାସ, ସୁକାନ୍ତ ମହାପାତ୍ର, ଗୌରାଙ୍ଗ ଚରଣ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ନିରବ ପ୍ରାର୍ଥନା କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥ ଓ ପଦଯାତ୍ରାର ଶୁଭାରମ୍ଭ



ଜଗତସିଂହପୁର,୧୪।୬(ସମିସ): ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥ ଓ ସଚେତନତା ପଦଯାତ୍ରା ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ନବକୃଷ୍ଣ ଚୌଧୁରୀ ଷ୍ଟାଡ଼ିୟମରେ ଉଦ୍‌ଘାଟିତ ହୋଇଛି। ଏହି ସଚେତନତା ରଥକୁ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଜ୍ୟୋତି ଶଙ୍କର ରାୟ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସମ୍ବିତ ରାଉତ, ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ ଉଦ୍‌ଘାଟନ କରିଥିଲେ। ଏଥିରେ ଜିଲ୍ଲା ଶିଶୁ ମଙ୍ଗଳ କମିଟି ସଭାପତି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଜଗତସିଂହପୁର ମ୍ୟୁନିସପାଲିଟି ନିର୍ବାହୀ ଅଧିକାରୀ, ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ ସହିତ ବାବା ଆନନ୍ଦ ରଞ୍ଜନ ଦାସ, ପ୍ରଭାଗୀୟ ଶ୍ରମ ଆୟୁକ୍ତ ଶିବନାରାୟଣ ସାହୁ, ଜିଲ୍ଲା ଶ୍ରମ ଅଧିକାରୀ (ପ୍ରବର୍ତ୍ତନ) ସ୍ମୃତିରେଖା ନାୟକ, ଜିଲ୍ଲା ଶ୍ରମ ଅଧିକାରୀ (କଲ୍ୟାଣ) ଶାନ୍ତନୁ କୁମାର ବ୍ରହ୍ମା, ଅର୍ଚ୍ଚିତା ସାହୁ, ଦେବାଶିଷ ମିଶ୍ର ଓ ସୌମ୍ୟା ସ୍ଥିତପ୍ରଜ୍ଞା, ସହକାରୀ ଶ୍ରମ ଅଧିକାରୀ, ଜିଲ୍ଲା ଶ୍ରମ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, ବିଭିନ୍ନ ଶ୍ରମିକ ସଂଗଠନର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଉକ୍ତ ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥ ଜିଲ୍ଲାର ସମସ୍ତ ବ୍ଲକ୍, ପୌରପାଳିକା, ବାଣିଜ୍ୟ ସଂସ୍ଥା ଓ ଜନବହୁଳ ସ୍ଥାନରେ ସଚେତନତା ସୃଷ୍ଟି କରିବା ସହିତ ଜିଲ୍ଲାକୁ କିଭଳି ଶିଶୁ ଶ୍ରମିକ ମୁକ୍ତ କରାଯାଇପାରିବ ଓ ଶିଶୁଙ୍କ ଅଧିକାର, ଶିଶୁ ସୁରକ୍ଷା ଓ ଶିଶୁ ଶ୍ରମିକ ନିୟୋଜନରେ ଦଣ୍ଡବିଧାନ ନିମିତ୍ତ ସାଧାରଣ ଜନମାନସରେ ସଚେତନତା ସୃଷ୍ଟି କରିବାରେ ସହାୟକ ହେବ ବୋଲି ବିଭାଗ ପକ୍ଷରୁ ଆଶାବ୍ୟକ୍ତ କରାଯାଇଛି।

## ସମ୍ବିଧାନ ବଞ୍ଚାଅ ସମାବେଶ ପାଇଁ ଜିଲ୍ଲା କଂଗ୍ରେସର ପ୍ରସ୍ତୁତି



ଜଗତସିଂହପୁର,୧୪।୬(ସମିସ): ଆସନ୍ତା ୧୮ ତାରିଖରେ ଜଗତସିଂହପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ସମ୍ବିଧାନ ବଞ୍ଚାଅ ସମାବେଶ ଆୟୋଜନ ହେବାକୁ ସ୍ଥିରୀ ହୋଇଛି। ଏ ନେଇ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଜିଲ୍ଲା କଂଗ୍ରେସ ସଭାପତି ନଟବର ବାରିକଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ପିସିସି ଉପସଭାପତି ତଥା ପୂର୍ବତନ ବିଧାୟକ ଡ. ଲଲାଟେନ୍ଦୁ ମହାପାତ୍ର, ବାଲିକୁଦା-ଏରସମା ନିର୍ବାଚନମଣ୍ଡଳୀର କଂଗ୍ରେସ ନେତା ଇଂ ନଳିନୀ କୁମାର ସ୍ୱାଇଁ, ତିର୍ତ୍ତୋଲ ନିର୍ବାଚନମଣ୍ଡଳୀର କଂଗ୍ରେସ ନେତା ଇଂ ହିମାଂଶୁ ଭୂଷଣ ମଲ୍ଲିକ, ପାରାଦୀପ ନିର୍ବାଚନମଣ୍ଡଳୀର କଂଗ୍ରେସ ନେତା ନିରଞ୍ଜନ ନାୟକ, ପିସିସି ସଭ୍ୟ ଦେବପ୍ରସାଦ ନାୟକ, ରାଜ୍ୟ ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ପ୍ରଧାନ, ଯୁବ କଂଗ୍ରେସ ନେତା ଜ୍ଞାନରଞ୍ଜନ ଜେନା ପ୍ରମୁଖ ଯୋଗଦେଇ ସମ୍ବିଧାନ ବଞ୍ଚାଅ ସମାବେଶକୁ ସଫଳ କରିବାକୁ ରଣନୀତି ପ୍ରସ୍ତୁତ କରିଥିଲେ। ଏହି ସମାବେଶରେ ପିସିସି ଉପସଭାପତି ତଥା ବରିଷ୍ଠ ବିଧାୟକ ତାରା ପ୍ରସାଦ ବାହିନୀପତି, ପିସିସି ସାଧାରଣ ସମ୍ପାଦକ ତଥା ବିଧାୟକ ଅଶୋକ ଦାସ, ପିସିସି ସାଧାରଣ ସମ୍ପାଦକ ୟାସିର୍ ନୱାଜ, ପିସିସି ସମ୍ପାଦିକା ଶିଳ୍ପୀଶ୍ରୀ ହରିଚନ୍ଦନ ଓ ରାଜ୍ୟର ବରିଷ୍ଠ କଂଗ୍ରେସ ନେତା ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏ ଅବସରରେ ଜିଲ୍ଲା କଂଗ୍ରେସ ପକ୍ଷରୁ ନୂଆପୋଲଠାରୁ ଏକ ବିଶାଳ ବାଇକ୍ ରାଲିରେ ନେତୃମଣ୍ଡଳୀକୁ ସ୍ୱାଗତ କରାଯିବା ସହ ଜଗତସିଂହପୁର ସହରସ୍ଥ ଆଦିକବି ସାରଳା ଦାସ ସଂସ୍କୃତ ଭବନଠାରେ ସାଧାରଣ ସଭା ଅନୁଷ୍ଠିତ ହେବ ବୋଲି ଜିଲ୍ଲା କଂଗ୍ରେସ ପକ୍ଷରୁ ସୂଚନା ଦିଆଯାଇଛି।

## ଘର ଭିତରୁ ବାହାରିଲେ ୬୦ ନାଗସାପ ଛୁଆ

ଜଗତସିଂପୁର/ ଏରସମା,୧୪।୬(ସମିସ): ଜଗତସିଂହପୁର ଜିଲ୍ଲାର ଏରସମା ବ୍ଲକ୍ ଅନ୍ତର୍ଗତ ଅନ୍ଧାରି ପଞ୍ଚାୟତ କୁଞ୍ଜକୋଠି ଗ୍ରାମର ସୁନାକର ସ୍ୱାଇଁଙ୍କ ଘରୁ ୬୦ଟି ନାଗ ଛୁଆ ବାହାରିଥିବା ସୂଚନା ମିଳିଛି। ଆଜି ସକାଳେ ଘର ଭିତରେ ୨ଟି ଛୋଟ ସାପ ଛୁଆ ବୁଲୁଥିବା ଘରଲୋକେ ଦେଖିଥିଲେ। ପରେ ଆଉକିଛି ସାପ ଛୁଆ



ବାହାରିଥିଲେ। ଘର କାନ୍ଥ କଡ଼ରେ ଥିବା ଏକ ମୂଷାଗାତ ଭିତରୁ ଏହି ସାପ ଛୁଆ ବାହାରୁଥିବା ଜଣାପଡିବା ପରେ ଗାତକୁ ଖୋଳାଯାଇଥିଲା। ସେଥିମଧ୍ୟରୁ ୬୦ଟି ନାଗ ସାପ ଛୁଆ ବାହାରିଥିଲା। ପରେ ସ୍ନେକ୍ ହେଲ୍ପଲାଇନ ସହିତ ଯୋଗାଯୋଗ କରାଯାଇଥିଲା। ସେମାନେ ଆସି ଏହି ସାପ ଛୁଆଙ୍କୁ ନେଇ ଯାଇଥିବା ଜଣାପଡ଼ିଛି।

## ଯୁବକଙ୍କ ମୃତ୍ୟୁକୁ ନେଇ ପିପିଏଲ ଫାଟକ ସମ୍ମୁଖରେ ଧାରଣା

ପାରାଦୀପ,୧୪।୬(ସମିସ): ପିପିଏଲ ସାର କାରଖାନାରେ ଗତକାଲି ବିଳମ୍ବିତ ରାତିରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଉକ୍ତ ଯୁବକ ରଙ୍ଗିଆଗଡ଼ ଗ୍ରାମର ରମେଶ ଲେଙ୍କା ହୋଇଥିବାବେଳେ ସେ ଠିକା ସଂସ୍ଥା (ଆରକେଏସ) ଅଧୀନରେ ଜିପସମ ପ୍ଲାଟର ସୁପରଭାଇଜର କାର୍ଯ୍ୟ କରୁଥିଲେ। ତାଙ୍କ ମୃତ୍ୟୁକୁ



ନେଇ ପିପିଏଲ ଗେଟ୍ ସମ୍ମୁଖରେ ପରିବାର ପକ୍ଷରୁ ଧାରଣା ଦିଆଯାଇଛି। ଫଳରେ ପିପିଏଲ କାରଖାନା ଭିତରକୁ ଯିବା ଆସିବା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା। ମୃତ୍ୟୁର କାରଣ ଜଣାପଡି ନ ଥିବାବେଳେ ରମେଶ ଡ୍ୟୁଟି ପାଇଁ କାରଖାନାକୁ ଯାଇଥିବା ପରିବାର ଲୋକେ କହିଛନ୍ତି। ତାଙ୍କୁ କଟକ ନିଆଯାଇ ଚିକିତ୍ସିତ କରାଯାଇଥିଲା। ସେଠାରେ ରମେଶଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ପରିବାର ଲୋକେ ଦେଖିଥିଲେ। ପରିବାର ଲୋକେ ରମେଶଙ୍କ ମୃତଦେହକୁ ଆଣି କ୍ଷତିପୂରଣ ଦାବିରେ ପିପିଏଲ ଗେଟ୍ ସମ୍ମୁଖରେ ଧାରଣା ଦେଇଥିଲେ। ଅଭୟଚାନ୍ଦପୁର ଥାନା, ପାରାଦୀପ ଆଦର୍ଶ ଥାନା ପୁଲିସ ସହିତ ପାରାଦୀପ ଅତିରିକ୍ତ ଏସପି ପହଞ୍ଚି ପରିବାର ଲୋକଙ୍କ ସହିତ ଆଲୋଚନା କରିବା ସହିତ ସିସିଟିଭି ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ମୃତ ଯୁବକ ସେଦିନ ରାତିରେ ପ୍ଲାଟରେ ଡ୍ୟୁଟିରେ ନ ଥିବା ଥାନା ଅଧିକାରୀ କାବୁଲି ବାରିକ ସୂଚନା ଦେଇଛନ୍ତି। ଯୁବକଙ୍କ କିଭଳି, କେଉଁ ପରିସ୍ଥିତିରେ ମୃତ୍ୟୁ ଘଟିଛି ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଜଣାପଡିବ। ପିପିଏଲ ପକ୍ଷରୁ ୧ ଲକ୍ଷ ଟଙ୍କା ଓ ତାଙ୍କ ପିଲାକୁ ପିପିଏଲ ସ୍କୁଲରେ ମାଗଣା ଶିକ୍ଷା ଦେବାଲାଗି ପିପିଏଲ କର୍ତ୍ତୃପକ୍ଷ କହିଥିଲେ। ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ଜିଲ୍ଲାସ୍ତରୀୟ ବିକାଶ ମେଳାର ତୃତୀୟ ଦିବସ

ଜଗତସିଂହପୁର,୧୪।୬(ସମିସ): ଜିଲ୍ଲାସ୍ତରୀୟ ବିକାଶ ମେଳାର ଆଜି ତୃତୀୟ ସନ୍ଧ୍ୟାରେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ମତ୍ସ୍ୟ ବିଭାଗ ଓ ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ କର୍ମଶାଳା ଆୟୋଜିତ ହୋଇଥିଲା। ଜିଲ୍ଲା ମତ୍ସ୍ୟ ଅଧିକାରୀ ରେଶମାରାଣୀ ସିଂ ମତ୍ସ୍ୟ ବିଭାଗର ବିଭିନ୍ନ ଜନକଲ୍ୟାଣ ଯୋଜନା ବିଷୟରେ ଆଲୋଚନା କରିଥିଲେ। ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡଃ ଅଜୟ କୁମାର ସାହୁ ପ୍ରାଣୀ ଚିକିତ୍ସା ବିଭାଗର ବିଭିନ୍ନ ଯୋଜନା ଓ ଏହାର କାର୍ଯ୍ୟକାରିତା ସଂପର୍କରେ ଆଲୋକପାତ କରିଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ କୁମାର ଜେନା ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ଆମ ଜିଲ୍ଲାର ଚାଷୀଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିଛି ବୋଲି କହିଥିଲେ। ମତ୍ସ୍ୟ ବିଭାଗ ଓ ପ୍ରାଣୀ ଚିକିତ୍ସା ବିଭାଗ ହିତାଧିକାରୀଙ୍କୁ ସହାୟତା ରାଶି ବଣ୍ଟନ କରାଯାଇଥିଲା। ପ୍ରାଣୀ ଚିକିତ୍ସା ବିଭାଗ ଉପନିର୍ଦ୍ଦେଶକ ସରୋଜ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

## ଫଟୋ ଭାଇରାଲ ଅଭିଯୋଗରେ ଯୁବକ ଗିରଫ

ବାଲିକୁଦା,୧୪।୬(ସମିସ): ବାଲିକୁଦା ଥାନା ଅନ୍ତର୍ଗତ ନାଗପୁର ପଞ୍ଚାୟତ ନାଗପୁର ଗ୍ରାମର ରୁଦ୍ରନାରାୟଣ ରାଉତରାୟ ଜଗତସିଂହପୁର ଥାନା ଅଞ୍ଚଳର ଜଣେ ନାବାଳିକାକୁ ପ୍ରେମ କରୁଥିଲା। କୌଣସି କାରଣରୁ ଉଭୟଙ୍କ ସମ୍ପର୍କରେ ଫାଟ ହେବା କାରଣରୁ ରାଗରେ ଯୁବକ ଜଣଙ୍କ ନିଜ ପ୍ରେମିକା ସହ ବିତାଇଥିବା ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ସୋସିଆଲ ମିଡିଆରେ ଭାଇରଲ କରିଥିଲା। ଝିଅର ପରିବାର ଜଗତସିଂହପୁର ଥାନାରେ ଅଭିଯୋଗ କରିଥିଲେ। ଅଭିଯୁକ୍ତର ଘର ବାଲିକୁଦା ଥାନା ଅଧୀନରେ ହୋଇଥିବାରୁ ଅଭିଯୋଗ ବାଲିକୁଦା ଥାନାକୁ ଆସିଥିଲା। ବାଲିକୁଦା ପୁଲିସ ୨୬୬/୨୫ରେ ମାମଲା ରୁଜୁ କରି ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନାଧିକାରୀ ସୁଶାନ୍ତ ସାହୁ ପ୍ରକାଶ କରିଛନ୍ତି।

## ମାଲବାହୀ ଟ୍ରେନ୍ ଲାଇନଚ୍ୟୁତ

ପାରାଦୀପ,୧୪।୬(ସମିସ): ପାରାଦୀପ ପୁରୁଣା ରେଲୱେ ଷ୍ଟେସନ ନିକଟରେ ଏକ ମାଲବାହୀ ଟ୍ରେନର ୪ଟି ଖାଲି ବଗି ଲାଇନଚ୍ୟୁତ ହୋଇଛି। ବନ୍ଦରରୁ ଆସି ପୁରୁଣା ଷ୍ଟେସନରେ ରଖାଯାଉଥିବାବେଳେ ଏହି ଟ୍ରେନ୍‌ର ବଗି ଲାଇନଚ୍ୟୁତ ହୋଇଥିଲା। ସୌଭାଗ୍ୟବଶତଃ ବିଦ୍ୟୁତ୍ ଖୁଣ୍ଟରେ ମାଡ଼ ହେବା ପୂର୍ବରୁ ଏହା ଅଟକି ଯାଇଥିଲା। ଟ୍ରାକ୍ ଉପରେ କୋଇଲା ଗଦା ହୋଇ ରହିଥିବାରୁ ବର୍ଷା ଯୋଗୁଁ କୋଇଲା ଟାଇଟ ହୋଇଯାଇଥିବାରୁ ଏଭଳି ଘଟଣା ଘଟିଥିବା ଅନୁମାନ କରାଯାଉଛି।

### ଜିଲ୍ଲାସ୍ତରୀୟ ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା

# ଗୋପୀନାଥ ସ୍ୱୟଂସହାୟିକା ଗୋଷ୍ଠୀ ପ୍ରଥମ

ଜଗତସିଂହପୁର,୧୪।୬(ସମିସ)



ଜିଲ୍ଲାସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଜଗତସିଂହପୁର ନିମାଇଁ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମିଶନ ଶକ୍ତି ଓ ଓଡ଼ିଶା ଜୀବିକା ମିଶନ ସହଭାଗିତାରେ ଆୟୋଜିତ ଖାଦ୍ୟ ପ୍ରତିଯୋଗିତାରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ଅଧିକାରୀ ରବି ।ରାୟଣ ଜେଠୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ବିଷ୍ଣୁପ୍ରିୟ ସେଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମସ୍ତ ବ୍ଲକ୍‌ରୁ ଆସିଥିବା ବିପିସି, ମିଶନ ଶକ୍ତି, ବିପିଏମ, ଓଡ଼ିଶା ଜୀବିକା ମିଶନ ସଦସ୍ୟା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ। ମିଶନ ଶକ୍ତିର ଜିଲ୍ଲା ପ୍ରକଳ୍ପ ସଂଯୋଜକ ମୋନାଲିସା ଭଞ୍ଜ ମଞ୍ଚ ପରିଚାଳନା କରିଥିଲେ। ପାରାଦୀପସ୍ଥ ଏମ୍ପୋରିୟମ ହୋଟେଲର ମୁଖ୍ୟ ରୋଷେୟା ରଞ୍ଜିତ ମଲ୍ଲିକ ସ୍ୱୟଂସହାୟିକା ଗୋଷ୍ଠୀ ସଦସ୍ୟାଙ୍କ ଖାଦ୍ୟର ସ୍ୱାଦ ପରଖିବା ନିମନ୍ତେ ଜିଲ୍ଲା କମିଟିର ବିଚାରକ ଭାବେ ଯୋଗଦାନ କରିଥିଲେ। ଏହି ପ୍ରତିଯୋଗିତାରେ ସମସ୍ତ ୮ ବ୍ଲକରୁ ଗୋଟିଏ ଲେଖାଏଁ ସ୍ୱୟଂସହାୟିକା ଗୋଷ୍ଠୀ ଅଂଶଗ୍ରହଣ କରିଥିଲେ। ଗୋଷ୍ଠୀର ମହିଳାମାନେ ବିଭିନ୍ନ ପ୍ରକାର ସୁସ୍ୱାଦ ଖାଦ୍ୟ ତିଆରି କରି ଅତିଥି ଓ ବିଚାରକଙ୍କ ନିକଟରେ ପ୍ରଦର୍ଶିତ କରିଥିଲେ। ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ରଘୁନାଥପୁର ବ୍ଲକ୍‌ର ଗୋପୀନାଥ ସ୍ୱୟଂସହାୟିକା ଗୋଷ୍ଠୀଙ୍କୁ ୧୦ ହଜାର ଟଙ୍କା ସହ ପ୍ରଶଂସା ପତ୍ର, ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ନାଉଗାଁ ବ୍ଲକର ତାରାବତୀ ଗୋଷ୍ଠୀକୁ ୮ ହଜାର ଟଙ୍କା ସହ ପ୍ରଶଂସା ପତ୍ର ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଏରସମା ବ୍ଲକର ମା' ବୃନ୍ଦାବତୀ ଗୋଷ୍ଠୀକୁ ୬ ହଜାର ଟଙ୍କା ସହ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା। ପ୍ରଥମ ସ୍ଥାନ ଅଧିକାର କରିଥିବା ଗୋପୀନାଥ ସ୍ୱୟଂସହାୟିକା ଗୋଷ୍ଠୀକୁ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବାକୁ ଚୟନ କରାଯାଇଛି। ଏହି ପ୍ରତିଯୋଗିତାର ଓଡ଼ିଶାର ପାରମ୍ପରିକ ଓ ଅନନ୍ୟ ଖାଦ୍ୟ କାଦମ୍ବ ମଣ୍ଡା, କାନିକା ଟଙ୍କ ତୋରାଣି, ମଞ୍ଜାରାଇ ଓ ପଲକ ମଟନ ପରିବେଷଣ କରାଯାଇଥିଲା।

## ଗଁଦିଆରେ ରଜପାନର ପସରା



ଗଁଦିଆ, ୧୪।୬(ସମିସ): ରଜପର୍ବ ପାଳନ ଅବସରରେ ଢେଙ୍କାନାଳ ଜିଲ୍ଲା ଗଁଦିଆ ବଜାରରେ ରଜପାନର ପସରା ମେଲିଛି। ଶନିବାର ପହିଲି ରଜରେ ଗାଁରୁ ସହର ଚଳଚଞ୍ଚଳ ହୋଇଉଠିଛି। ରଜ ପାଇଁ ବଜାରରେ ମଧ୍ୟ ପ୍ରବଳ ଭିଡ଼ ଜମୁଛି। ପ୍ରତ୍ୟେକ ଶାଢ଼ି ତଥା ପୋଷାକ ଦୋକାନ ସମେତ ଷ୍ଟେସନାରୀ ଦୋକାନରେ ଲୋକେ ଭିଡ଼ ଜମାଉଛନ୍ତି। ବ୍ୟବସାୟୀମାନେ ମଧ୍ୟ ବେଶ୍ ଭଲ ରୋଜଗାର କରୁଛନ୍ତି। ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର ରାଜପାନ ଦୋକାନ ଖୋଲିଥିବାବେଳେ ପାରମ୍ପରିକ ରଜର ମଜା ନେବାକୁ ବାହାରେ ରହୁଥିବା ପ୍ରତ୍ୟେକ ପରିବାରର ସଦସ୍ୟ ଘରକୁ ଫେରିଛନ୍ତି। ରଜପାନ ପ୍ରସ୍ତୁତି ପାଇଁ ଗଁଦିଆ ବଜାର ବେଶ୍ ପ୍ରସିଦ୍ଧି ଲାଭ କରିଛି। ଲବଙ୍ଗ ପାନ, ପ୍ଲେବହାର ତ୍ରିଭୁଜ ପାନ, ଦିଲ୍‌ଖୁସ ପାନ, ସିଙ୍ଗଡ଼ା ପାନ, କାକେରା ପାନ ଆଦିର ବେଶ୍ ଚାହିଦା ରହିଛି। ଭୁବନ ଢେଙ୍କାନାଳ ରାସ୍ତାରେ ଯାତାୟାତ କରୁଥିବା ଲୋକେ ପାନ ଖାଇବା ପାଇଁ ଏଠାରେ ଅଟିକିଥାନ୍ତି। ପାନରେ ୨୦ରୁ ୩୦ ପ୍ରକାର ମସଲା ଦିଆଯାଉଛି। କୋଲକାତା, କଟକ, ବ୍ରହ୍ମପୁରରୁ ମିଠା ପାନପତ୍ର ଓ ମସଲା ଆସିଥାଏ। ପାନର ମୂଲ୍ୟ ୧୦ଟଙ୍କାରୁ ଆରମ୍ଭ କରି ୧୦୦ଟଙ୍କା ପର୍ଯ୍ୟନ୍ତ ରହିଛି।

## 'ପ୍ରିୟ' କାର୍ଯ୍ୟାଳୟରେ ରଜ ମହୋତ୍ସବ



ଲାଉଲଇ, ୧୪।୬(ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ଲାଉଲଇ ପଞ୍ଚାୟତସ୍ଥିତ 'ପ୍ରିୟ' କାର୍ଯ୍ୟାଳୟ ଭିକାରୀ ଓ ନିରାଶ୍ରୟ ପୁନର୍ବାସ କେନ୍ଦ୍ରରେ ରଜ ମହୋତ୍ସବ ପାଳିତ ହୋଇଛି। ଏଠାରେ ୫୦ କେଜି ଓଜନର ପୋଡ଼ପିଠା ପ୍ରସ୍ତୁତ କରାଯାଇଥିଲା। ପ୍ରିୟର ଅଧ୍ୟକ୍ଷ ରତ୍ନାକର ପ୍ରଧାନ ଏହି ପୋଡ଼ପିଠା କାଟି ୫୦ ଜଣ ଅନ୍ତେବାସୀଙ୍କୁ ଖୁଆଇଥିଲେ। ଏଥିସହ ଅନ୍ତେବାସୀଙ୍କୁ ଶାଢ଼ି, ଧୋତି, ଗାମୁଛା ଆଦି ବଣ୍ଟନ କରିଥିଲେ। ଅନ୍ତେବାସୀମାନେ ରଜଦୋଳି ଖେଳି ରଜଗୀତ ଗାଇ ଖୁସି ମନାଇଥିଲେ। ପ୍ରିୟର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ବନମାଳୀପ୍ରସାଦରେ ରଜ ଉତ୍ସବ

ଢେଙ୍କାନାଳ, ୧୪।୬(ସମିସ): ଢେଙ୍କାନାଳ ପୌରାଞ୍ଚଳ ୯ ନମ୍ବର ୱାର୍ଡ ବନମାଳୀପ୍ରସାଦରେ ରଜ ମହୋତ୍ସବ ଧୁମଧାମରେ ପାଳନ କରାଯାଉଛି। ଉତ୍ସବରେ ୧୫ ପ୍ରକାର ଦୋଳି ଲାଗିଛି। ଝିଅବୋହୂମାନେ ଦୋଳିର ମଜା ନେଉଛନ୍ତି।



କାଉନସିଲର ସୂର୍ଯ୍ୟପ୍ରତାପ ରାଉତ ଓ ଗ୍ରାମର ଯୁବଗୋଷ୍ଠୀଙ୍କ ତତ୍ତ୍ୱାବଧାନରେ ପ୍ରତିବର୍ଷ ଭଳି ଏ ବର୍ଷ ମଧ୍ୟ ରଜ ମହୋତ୍ସବ ଆୟୋଜନ କରାଯାଇଛି। ରଜ ପାଇଁ ଢେଙ୍କାନାଳର ବିଭିନ୍ନ ବଜାର ଓ ଛକରେ ରଜପାନର ପସରା ମେଲିଛି। ରଜପାନ ନେବା ପାଇଁ ଲୋକଙ୍କ ଭିଡ଼ ଜମୁଛି। ରଜରେ ପାନ ଖାଇବାର ନିଆରା ପରମ୍ପରା ରହିଛି। ବିଭିନ୍ନ ପ୍ରକାର ସାଧା ମସଲା ପଡ଼ି ଏହି ପାନ ପ୍ରସ୍ତୁତ କରାଯାଉଛି।

## ଏନଏସି କର୍ମଚାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା



କାମାକ୍ଷାନଗର, ୧୪।୬(ସମିସ): କାମାକ୍ଷାନଗର ଏନଏସିର କର୍ମଚାରୀ ବିନୟ କୁମାର ନାୟକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସ୍ଥାନୀୟ ଏନଏସି କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଏନଏସି ଅଧ୍ୟକ୍ଷ ଧର୍ମାନନ୍ଦ ପରିଡ଼ା ଉପସ୍ଥିତ ରହି ବିନୟଙ୍କୁ ଉତ୍ତରୀୟ ଦେଇ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରିବା ସହ ତାଙ୍କ ସୁସ୍ଥ ନିରାମୟ ଜୀବନ କାମନା କରିଥିଲେ। ବିନୟ କାମାକ୍ଷାନଗର ଏନଏସିରେ ବିଭିନ୍ନ କର ଓ ଫି ଆଦାୟ ଦାୟିତ୍ୱରେ ଦୀର୍ଘବର୍ଷ କାର୍ଯ୍ୟ କରି ଆସୁଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କାମାକ୍ଷାନଗର ଏନଏସି ନିର୍ବାହୀ ଯନ୍ତ୍ରୀ ପ୍ରଦ୍ୟୁତ ସାହୁଙ୍କ ସମେତ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

**ବରଷକେ ଥରେ ଆସିଛି ରଜ**

# ପୁରପଲ୍ଲୀ ଉତ୍ସବମୁଖର, ସଜେଇ ହୋଇଛି ରଞ୍ଜାଗୋଳ





ହିନ୍ଦୋଳ, ୧୪।୬(ସମିସ)

ପହିଲି ରଜରେ ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡର ପୁରପଲ୍ଲୀ ଉତ୍ସବମୁଖର ହୋଇପଡ଼ିଛି। ରଜରେ ପ୍ରସିଦ୍ଧ ରଞ୍ଜାଗୋଳ ପଣସଯାତ୍ରା ଆକର୍ଷଣର କେନ୍ଦ୍ରବିନ୍ଦୁ ରହିଥିବା ବେଳେ ଏଠାରେ ବେଶ୍ ଭିଡ଼ ଜମିଛି।

ରଜ ହେଉଛି ଓଡ଼ିଶାର ଗଣପର୍ବ। ଏହାକୁ ସରସସୁନ୍ଦର କରିବା ପାଇଁ ଆରମ୍ଭ ହୋଇଛି ସଜବାଜ। ଘରେ ଘରେ ବନ୍ଧୁବାନ୍ଧବ ପହଞ୍ଚି ସାରିଥିବା ବେଳେ ଲୋକେ ରଜପାନ, ପୋଡ଼ପିଠା ଖାଇ ଆନନ୍ଦ ଉଲ୍ଲାସର ସହ ପାଳନ କରୁଛନ୍ତି। ଗ୍ରାମାଞ୍ଚଳରେ ୪ ଦିନ ବ୍ୟାପୀ ରଜପର୍ବ ପାଇଁ ସମସ୍ତ ପ୍ରସ୍ତୁତି ସରିଛି। ଗାଁରୁ ସହର ଚଳଚଞ୍ଚଳ ହୋଇପଡ଼ିଛି। କେଉଁ ଆବାହମାନ କାଳରୁ ହିନ୍ଦୋଳ ଉପଖଣ୍ଡ ରଞ୍ଜାଗୋଳ ଧୂନି ଘରଠାରେ ପାଳନ ହେଉଛି ରଜପର୍ବ। ଶନିବାର ପହିଲି ରଜରେ ଚଳଚଞ୍ଚଳ ହୋଇପଡ଼ିଛି ରଞ୍ଜାଗୋଳ ଯାତ୍ରାପଡ଼ିଆ। ଯାତ୍ରା ଦେଖିବା ପାଇଁ ହଜାର ହଜାର ଲୋକଙ୍କ ଭିଡ଼ ଜମିଛି। ରଞ୍ଜାଗୋଳ ଗାଁ ମୁଣ୍ଡରେ ଥିବା ଧୂନି ଘରଠାରେ ପ୍ରାୟ ଶହେ ବର୍ଷ ପୂର୍ବରୁ ପାଳନ ହୋଇଆସୁଛି ରଜପର୍ବ। ଏବେ ବି ଏହି ଯାତ୍ରା ଲୋକଙ୍କୁ ଆକର୍ଷିତ କରିଆସୁଛି। ଲୋକେ ପରିବାର ସଦସ୍ୟଙ୍କ ସହିତ ଯାତ୍ରା ବୁଲିବା ସହ ପଡ଼ିଆ ମଝିରେ ଥିବା ରଞ୍ଜାଗୋଳ ଗ୍ରାମର ଧୂନିଘର, ବୃନ୍ଦାବତୀ ମନ୍ଦିର, ତ୍ରିନାଥ ମନ୍ଦିର ଓ ସେଠାରେ ଥିବା ବିରାଟକାୟ ବାମ୍ଫିକୁ ମନଭରି ଉପଭୋଗ କରୁଛନ୍ତି। ଯାତ୍ରାରେ କୃଷିଭିତ୍ତିକ ଦ୍ରବ୍ୟ ଝାମ୍ପି, ବାଡ଼ି, କଟୁରି ଓ ବିଭିନ୍ନ ପ୍ରକାର କୃଷି ଯନ୍ତ୍ରପାତି ସାଙ୍ଗକୁ ଅଞ୍ଚଳର ମୁଖ୍ୟ ଆକର୍ଷଣ ଆମ୍ବ, ପଣସର ପସରା ମଲିଛି। ଲୋଚକେ ମେଳା ଦେଖିବା ସହ କିଣାବିକା ମଧ୍ୟ କରୁଛନ୍ତି। ଯାତ୍ରାରେ ପଡ଼ିଥିବା ମିନାବଜାର ଓ ବିଭିନ୍ନ ଦୋଳିକୁ ଉପଭୋଗ କରୁଛନ୍ତି। ରଜପାନ ଖାଇ ଯୁବକ ଯୁବତୀଠାରୁ ଆରମ୍ଭ କରି ବୃଦ୍ଧବୃଦ୍ଧା ପର୍ଯ୍ୟନ୍ତ ସମସ୍ତେ ଯାତ୍ରାରେ ମସଗୁଲ ହୋଇଛନ୍ତି। ଶାନ୍ତିଶୃଙ୍ଖଳା ରକ୍ଷା ଉପଖଣ୍ଡର ପ୍ରଶାସନିକ ଅଧିକାରୀ ସମେତ ୩ ଥାନାର ପୁଲିସ ଅଧିକାରୀ ଉପସ୍ଥିତ ରହିଛନ୍ତି। ରଞ୍ଜାଗୋଳ ଗ୍ରାମର ଯୁବଗୋଷ୍ଠୀ ଅଧିକାରୀମାନଙ୍କୁ ସହଯୋଗ କରୁଛନ୍ତି।

## ସେବା ଯୋଗାଇବାରେ ଲାଉଲଇ ଗ୍ରାହକ ସେବାକେନ୍ଦ୍ର ବିଫଳ




ଗଁଦିଆ, ୧୪।୬(ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ଷଡ଼ଙ୍ଗୀ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ତରଫରୁ ଲାଉଲଇ ପଞ୍ଚାୟତ ପରିସରରେ ଥିବା ଗ୍ରାହକ ସେବା କେନ୍ଦ୍ର ଦୀର୍ଘଦିନ ଧରି ବନ୍ଦ ରହିଥିବାରୁ ସ୍ଥାନୀୟ ଜନସାଧାରଣ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ବିଭିନ୍ନ ସମୟରେ ବ୍ୟାଙ୍କ ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟ ପାଇଁ ସରକାର ଏଠାରେ ସିଏସପି ପ୍ଲସ ନାମରେ ଗ୍ରାହକ ସେବାକେନ୍ଦ୍ର ଖୋଲିଥିଲେ। ଅନେକ ସମୟରେ ଭିନ୍ନକ୍ଷମ, ବୃଦ୍ଧବୃଦ୍ଧା ତଥା ଅନ୍ୟ ବ୍ୟକ୍ତିବିଶେଷ ବିଭିନ୍ନ କାର୍ଯ୍ୟ ତଥା ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ ଗୃହ ଓ ଅନ୍ୟାନ୍ୟ ସରକାରୀ ଅର୍ଥକୁ ସହଜରେ ପାଇବା ପାଇଁ ଏହି ସେବାକେନ୍ଦ୍ର ଉପଲବ୍ଧ ଥିବା ବେଳେ ଦୀର୍ଘଦିନ ଧରି ଏହା ଆଦୌ ଖୋଲୁନାହିଁ। ଏ ନେଇ ଅନେକଥର ଜନସାଧାରଣ ଷଡ଼ଙ୍ଗୀ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ଶାଖା ପରିଚାଳକଙ୍କୁ ଅବଗତ କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳୁନାହିଁ। ଏ ଦିଗରେ ଗନ୍ଦିଆ ବିଡିଓ, ଢେଙ୍କାନାଳ ଜିଲ୍ଲାପାଳ, ବ୍ୟାଙ୍କର ଉଚ୍ଚ ଅଧିକାରୀ ଦୃଷ୍ଟିଦେଇ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।

## ସନ୍ତରଣ ଶିବିର ଉଦ୍‌ଯାପିତ




ଢେଙ୍କାନାଳ, ୧୪।୬(ସମିସ): ଢେଙ୍କାନାଳ ଜିଲ୍ଲା ସଦରବ୍ଲକ ଯତନ ନଗର ସତ୍ୟ ସାଗର ୱାଟର ପାର୍କ ଠାରେ ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଜିଲ୍ଲା ଜରୁରୀକାଳୀନ ବିଭାଗ, ଓଏସଏପି ପ୍ରଥମ ବାଟାଲିଆନ ଓ ଓଡ୍ରାଫ ୟୁନିଟର ମିଳିତ ସହାଭାଗିତାରେ ଜତନନଗର ଦ୍ୱିତୀୟ ପର୍ଯ୍ୟାୟ ସନ୍ତରଣ ପ୍ରଶିକ୍ଷଣ ଶିବିର ଉଦଯାପିତ ହେଇଯାଇଛି।ଏହି ଦ୍ୱିତୀୟ ପର୍ଯ୍ୟାୟ ଶିବିର ଜୁନ ୯ ତାରିଖରୁ ଆରମ୍ଭ ହେଇ ଜୁନ ୧୪ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ଏହି ଶିବିରରେ ସନ୍ତରଣ ଓ ପାଣିରେ ବୁଡି ବଞ୍ଚିବାର ମୌଳିକ କୌଶଳ ସମ୍ବନ୍ଧୀୟ ପ୍ରଶିକ୍ଷଣ ଦିଆଯାଇଛି।ଏହି ଶିବିର ପର୍ଯ୍ୟାୟ କ୍ରମେ ଅଗଷ୍ଟ ୯ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଜିଲ୍ଲା ଜରୁରୀକାଳୀନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଲକ୍ଷ୍ମୀ ବସ୍‌କୁ ରାସ୍ତାରେ ଅଟକାଇଲେ ପୂର୍ବତନ ସରପଞ୍ଚ



ଭୁବନ, ୧୪।୬(ସମିସ): ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକରେ ୨୮ ସ୍ଥାନରେ ଲକ୍ଷ୍ମୀ ବସଷ୍ଟାଣ୍ଡ ନିର୍ମାଣ ହୋଇଛି। ୭ଟି ରୁଟ୍‌ରେ ଏହି ବସ ସେବା ଯୋଗାଇ ଦେବାକୁ ସରକାରଙ୍କ ତରଫରୁ ବ୍ୟବସ୍ଥା କରାଯାଇଛି। କିନ୍ତୁ ବ୍ଲକର ମୃଦଙ୍ଗା ପଞ୍ଚାୟତ ଅଁଳାଝରି ଗ୍ରାମକୁ ଏହି ବସ ସେବା ଯୋଗାଇ ଦିଆଯାଉ ନ ଥିବାରୁ ଦୀର୍ଘଦିନ ହେବ ଅସନ୍ତୋଷ ଦେଖାଦେଇଥିଲା। ଏହାର ପ୍ରତିବାଦରେ ପୂର୍ବତନ ମୃଦଙ୍ଗା ସରପଞ୍ଚ ଅଶୋକ କୁମାର ଦତ୍ତ ଶନିବାର ଗରୁଡ଼ବନ୍ଧୀ ଛକରେ ଦୀର୍ଘ ସମୟ ଧରି ବସ୍‌କୁ ଅଟକ ରଖିଥିଲେ। ଭୁବନ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିଥିଲା। ବସର ପରିଚାଳକ ମଧ୍ୟ ପହଞ୍ଚି ଘଟଣା ସମ୍ପର୍କରେ ଅବଗତ ହୋଇଥିଲେ। ପରେ ବସ୍ ଅଁଳାଝରି ଗ୍ରାମକୁ ଯାଇଥିଲା।

**● ବ୍ରାହ୍ମଣୀ ବ୍ରିଜରେ ଅଘଟଣ**

## ନଦୀଗର୍ଭକୁ ଖସିପଡ଼ିଲେ ୫ ଶ୍ରମିକ, ଜଣେ ମୃତ

ଢେଙ୍କାନାଳ, ୧୪।୬(ସମିସ): ଢେଙ୍କାନାଳ ଜିଲ୍ଲା ଢେଙ୍କାନାଳ-କାମାକ୍ଷାନଗର ରାସ୍ତାର ଗେଙ୍ଗୁଟିଆ କମଗରା ବ୍ରାହ୍ମଣୀ ବ୍ରିଜ୍‌ରେ କାର୍ଯ୍ୟ କରୁଥିବା ବେଳେ ୫ ଜଣ ଶ୍ରମିକ ନଦୀଗର୍ଭକୁ ଖସିପଡ଼ିଥିଲେ। ସେମାନଙ୍କ ମଧ୍ୟରୁ ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବିହାର ମୁଟିଆରି ଜିଲ୍ଲା ମହମାଗଡ଼ା ଚଉଥାଲା ଅଞ୍ଚଳର ଦିଲୀପ କୁମାର ରାୟ। ଢେଙ୍କାନାଳ ଜିଲ୍ଲା ସଦର ଥାନା ଅନ୍ତର୍ଗତ ଗେଙ୍ଗୁଟିଆ ବ୍ରାହ୍ମଣୀ ବ୍ରିଜ୍‌ରେ ମରାମତି କାର୍ଯ୍ୟ ଚାଲିଥିଲା। ଶୁକ୍ରବାର ରାତି ପ୍ରାୟ ସାଢ଼େ ୯ଟାରେ କାର୍ଯ୍ୟରେ ନିୟୋଜିତ ୫ ଶ୍ରମିକ ବ୍ରିଜ୍ ଉପରୁ ଖସି ପଡ଼ିଥିଲେ। ଖବରପାଇ ଢେଙ୍କାନାଳ ଅଗ୍ନିଶମ ବାହିନୀ ଓ ଓଡ୍ରାଫ ଟିମ୍ ଘଟଣାସ୍ଥଳରେ ପହଞ୍ଚି ନଦୀ ଗର୍ଭରୁ ୪ ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ତେବେ ଦିଲୀପଙ୍କ ପତ୍ତା ମିଳି ନ ଥିଲା। ଦୀର୍ଘ ସମୟ ଖୋଜାଖୋଜି କରିବା ପରେ ତାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ଅଗ୍ନିଶମ ବିଭାଗ ମୃତଦେହ ହସ୍ତାନ୍ତର କରିଛି। ଶ୍ରମିକମାନେ ବିନା ସୁରକ୍ଷାରେ କେଉଁ ଠିକାସଂସ୍ଥା ଅଧୀନରେ କାର୍ଯ୍ୟ କରୁଥିଲେ ତାହା ଜଣାପଡ଼ିନାହିଁ।

## ହାତୀ ଆକ୍ରମଣରେ ଯୁବକ ମୃତ

ଖଜୁରିଆକଟା, ୧୪।୬(ସମିସ): ଢେଙ୍କାନାଳ ବନଖଣ୍ଡ ହିନ୍ଦୋଳ ରେଞ୍ଜର ବିଭିନ୍ନ ସ୍ଥାନରେ ହାତୀ ଉପଦ୍ରବ ଲାଗିରହିଛି। ହାତୀମାନେ ଆମ୍ବ ପଣସ ଖାଇବାକୁ ଗାଁ ନିକଟକୁ ଚାଲି ଆସୁଥିବା ବେଳେ ଦିନଦ୍ୱିପ୍ରହର ସନ୍ଧ୍ୟା ରାତି ଯେତେବେଳେ ପାରୁଛନ୍ତି ଲୋକଙ୍କୁ ସାମ୍ନାରେ ପାଇଲେ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରୁଛନ୍ତି। ହିନ୍ଦୋଳ ବ୍ଲକ ନୂଆବଗ ପଞ୍ଚାୟତ ବାଘଧରିଆ ଗ୍ରାମର ବିପିନ ଗଡ଼ନାୟକ (୪୮) କୌଣସି କାମରେ ଯାଉଥିବାବେଳେ ବାଘଧରିଆ ହନୁମାନ ମନ୍ଦିର ନିକଟରେ ଅପରାହ୍ନ ୪ଟାରେ ଏକ ଦନ୍ତାହାତୀ ତାଙ୍କୁ ଟେକି କଚାଡ଼ି ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ହିନ୍ଦୋଳ ଉପଖଣ୍ଡ ମେଡିକାଲ୍ ଓ ପରେ ଅନୁଗୋଳ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି। ହାତୀ ଆକ୍ରମଣରେ ବିପିନଙ୍କ ମୃତ୍ୟୁକୁ ନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି। ଦିନକୁ ଦିନ ହାତୀ ଉପଦ୍ରବ ଯୋଗୁଁ ଲୋକେ ଘରୁ ବାହାରିବାକୁ ଭୟ କରୁଛନ୍ତି। ବନବିଭାଗ ଏହାକୁ ଗୁରୁତ୍ୱର ସହ ନେଇ ଦୃଢ଼ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ବିକାଶ ବାହାନ ଉଦ୍‌ଘାଟିତ



ଢେଙ୍କାନାଳ, ୧୪।୬(ସମିସ): ଢେଙ୍କାନାଳ ସଦର ବ୍ଲକ ମଙ୍ଗଳପୁରଠାରେ ଓଡ଼ିଶା ସରକାରଙ୍କ ବିକାଶ ବାହାନ ଉଦଘାଟିତ ହୋଇଛି। ଏହି ଉପଲକ୍ଷେ ସରପଞ୍ଚ ଲୀନା ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନାଏବ ସରପଞ୍ଚ ବ୍ରହ୍ମାନନ୍ଦ ଦାସ, ୱାର୍ଡ ମେମ୍ବର ସୁଶୀଲ ସ୍ୱାଇଁଙ୍କ ସମେତ ସିଆରପି, ଅଙ୍ଗନବାଡ଼ି କର୍ମୀ, ଆଶାକର୍ମୀ, ଏଏନଏମ, ସିଏଚଓ ଓ ଆରଆଇମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ନୂତନ ପ୍ରଧାନମନ୍ତ୍ରୀ ଆବାସ, ରାସନ କାର୍ଡ, ଆୟୁଷ୍ମାନ କାର୍ଡ ଆଦି ହିତାଧିକାରୀଙ୍କୁ ପ୍ରଦାନ କରାଯାଇଥିଲା।

# ହଜିଯାଉଛି ପାରମ୍ପରିକ ରଜର ଚମକ

ଗଁଦିଆ, ୧୪।୬(ସମିସ)



ଢେଙ୍କାନଳ ଜିଲ୍ଲାର ଗାଁରୁ ସହର ପର୍ଯ୍ୟନ୍ତ ରଜ ଉତ୍ସବ ଆନନ୍ଦ ଉଲ୍ଲାସର ସହିତ ପାଳନ ହେଉଛି। କିନ୍ତୁ ପାରମ୍ପରିକ ରଜ ଉତ୍ସବ ପୂର୍ବଭଳି ଆଉ ଦେଖିବାକୁ ମିଳୁନାହିଁ। ଦୋଳିର କଟକଟ ଶବ୍ଦ, ଝିଅବୋହୂଙ୍କ ମନମତାଣିଆ ରଜଗୀତ, ନାନା ରକମର ପାନ, ପୁଚି, ବାଗୁଡ଼ି, ବୋହୁଚୋରି ଖେଳ ଆଉ ପୋଡ଼ପିଠାର ବାସ୍ନା ଏବେ ଯେମିତି ଦୂରେଇ ଯାଉଛି।

କୃଷିକୁ ନେଇ ଓଡ଼ିଶାରେ ବିଭିନ୍ନ ପବପବାଣୀ ପରମ୍ପରା କାହିଁ କେତେ କାଳରୁ ରହି ଆସିଛି। ଖରିଫ ଚାଷ ଋତୁ ପ୍ରାରମ୍ଭରେ ରଜଭଳି ଏକ ପର୍ବ ୩ ଦିନ ଧରି ବେଶ୍ ଜାକଜମକରେ ପାଳିତ ହୋଇଥାଏ। ଗ୍ରାମୀଣ ଚଳଣି ଭିତରେ ଲୋକଶ୍ରୁତିରୁ ଜଣାଯାଏ ଯେ ଏହି ସମୟରେ ପୃଥିବୀ ମାତା ରଜସ୍ୱଳା ହେଉଥିବାରୁ ଏବଂ ପରବର୍ତ୍ତୀ ସମୟରେ ଭଲ ଚାଷ ହେବା ପାଇଁ ଓଡ଼ିଆ ଜନଜୀବନ ସହିତ ରଜପର୍ବ ଯୋଡ଼ି ହୋଇଯାଇଛି। ରଜ ପାଳିବା ପାଇଁ ପ୍ରାୟ ମାସେ ଆଗରୁ ଘରେ ଘରେ ଆରମ୍ଭ ହୁଏ ପ୍ରସ୍ତୁତି। ଘର ଅଗଣା ଲିପାପୋଛା କରି ତାକୁ ଝୋଟିରେ ସଜେଇ ୩ଦିନ ଧରି କାମ ନ କରିବାର ପରମ୍ପରା ରହିଥିବାରୁ ସେଥପାଇଁ ଢେର ଆଗରୁ ବିଭିନ୍ନ ପ୍ରସ୍ତୁତି କାମ ମହିଳାମାନେ ଶେଷ କରିଥାନ୍ତି। ଏହି ୩ ଦିନ ଖୁସି ମନାଇବା ପାଇଁ ବିଭିନ୍ନ ରକମର ଦୋଳି ତିଆରିରେ ମାତିଯାଆନ୍ତି ଗ୍ରାମର ପୁରୁଷମାନେ। ତେବେ ଆଗଭଳି ଆଉ ରଜର ଚମକ ଦେଖିବାକୁ ମିଳୁନାହିଁ। ଜଗତୀକରଣ ଓ ପାଶ୍ଚାତ୍ୟ ସଂସ୍କୃତିର ପ୍ରାବଲ୍ୟ ଭିତରେ ଯେମିତି ଦିଗାହରା ହେଇଯାଇଛି ଓଡ଼ିଆ ଘରର ଚଳଣି ଓ ପରମ୍ପରା। ଆମ୍ବ ତୋଟାରେ ଆଉ ଦୋଳିର କଟକଟ ଶବ୍ଦ ଶୁଭୁନାହିଁ। କେତେକେ ସ୍ଥାନରେ ରଶି ବାନ୍ଧି ଦୋଳି କରାଯାଇଥିବା ବେଳେ କାଠ ଓ ବାଉଁଶ ତିଆରି ପଟାଦୋଳି, ଚକ୍ର ଦୋଳି ଆଦି ଗୋଟିଏ ବି ଦେଖାଯାଉନି। ଫଳରେ ଆଗଭଳି ରଜ ମଉଜ ଅନୁଭବ ହେଉ ନାହିଁ। ସମ୍ପ୍ରତି ଗ୍ରାମାଞ୍ଚଳଠାରୁ ସହରାଞ୍ଚଳ ପର୍ଯ୍ୟନ୍ତ ଲୋକଙ୍କ ମନୋରଞ୍ଜନର ମାଧ୍ୟମରେ ଯଥେଷ୍ଟ ପରିବର୍ତ୍ତନ ଘଟିଛି। ପୁଚି, ଲୁଡୁ, ପସା ଓ ତାସ୍ ଖେଳର ଜାଗା କମ୍ପ୍ୟୁଟର, ଟେଲିଭିଜନ ଓ ଭିଡିଓଗେମ୍ ନେଇଛି। ଫଳସ୍ୱରୂପ ପୁରାତନ ପରମ୍ପରା ଓ ସଂସ୍କୃତି ଧୀରେ ଧୀରେ ହଜିଯିବାକୁ ବସିଲାଣି।

## ୧୬ରେ ଓଡ଼ାପଡ଼ା ବ୍ଲକରେ ଅଭିଯୋଗ ଶୁଣାଣି

ଢେଙ୍କାନାଳ, ୧୪।୬(ସମିସ): ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ କାର୍ଯ୍ୟାଳୟରେ ଆସନ୍ତା ୧୬ ତାରିଖ ସୋମବାର ଜନଶୁଣାଣି ଶିବିର ଅନୁଷ୍ଠିତ ହେବ। ଶିବିରରେ ଜିଲ୍ଲାପାଳ, ଏସ୍‌ପି ଓ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣାଣି କରିବେ। ଯଦି କାହାର କୌଣସି ଆପତ୍ତି ଅଭିଯୋଗ ଥାଏ ତେବେ ସେମାନେ ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରି ଶିବିରରେ ଅଭିଯୋଗ କରିପାରିବେ ବୋଲି କୁହାଯାଇଛି।

## ଅଗ୍ନିଶମ ବିଭାଗର ସଚେତନତା କାର୍ଯ୍ୟକ୍ରମ



ଖଜୁରିଆକଟା, ୧୪।୬(ସମିସ): ଢେଙ୍କନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ଖଜୁରିଆକଟା ଅଗ୍ନିଶମ ବିଭାଗ ତରଫରୁ କେନ୍ଦ୍ର ପରିସରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅଗ୍ନିଶମ ଅଧିକାରୀ ଅରୁଣ ନାଏକ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଜନସାଧାରଣଙ୍କୁ ନିଆଁରୁ କିଭଳି ସୁରକ୍ଷା ମିଳିପାରିବ ସେ ଦିଗରେ ଆଲୋଚନା କରିଥିଲେ। ଛୋଟ ବଡ଼ ଦୁର୍ଘଟଣାରୁ ନିଜକୁ କିପରି ସୁରକ୍ଷିତ ରଖିପାରିବେ ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ। ନିଆଁ ଲିଭାଇବା କାର୍ଯ୍ୟରେ ବ୍ୟବହୃତ ଉପକରଣଗୁଡ଼ିକର ବ୍ୟବହାର ତଥା ଅନ୍ୟାନ୍ୟ ଅଘଟଣରେ ବ୍ୟବହୃତ ଉପକରଣଗୁଡ଼ିକ ଉପରେ ସୂଚନା ପ୍ରଦାନ କରିଥିଲେ। ଅତିଥି ଭାବେ ରଞ୍ଜାଗୋଳ ସରପଞ୍ଚ ରମେଶ ଚନ୍ଦ୍ର ବିଶ୍ୱାଳ, କରନ୍ଦା ସରପଞ୍ଚ ଦୁଷ୍ମନ୍ତ ନାଏକ, ସାମ୍ବାଦିକ ପ୍ରଶାନ୍ତ ଜେନାମଣି, ସ୍ୱେଚ୍ଛାସେବୀ ମାନସ ରଞ୍ଜନ ମାଝୀ, ଆଶିଷ ମାଝୀ, ସୁଧୀର ବେହେରା, ପ୍ରଭାସ ଗଡ଼ନାୟକ, ରଞ୍ଜନ ସାହୁ, ସନ୍ଦିପ ମୁଦୁଲି, ସରୋଜ ଜେନାମଣି, ସୁରେନ୍ଦ୍ର ଜେନାମଣି, ବିଙ୍କୁ ବିଶ୍ୱାଳଙ୍କ ସମେତ ଦମକଳ କେନ୍ଦ୍ରର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ୩ ଦିନ ମଧ୍ୟରେ ସକ୍ରିୟ ହେବ ମୌସୁମୀ

ଭୁବନେଶ୍ୱର, ୧୪।୬ (ସମିସ): ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ପାଣିପାଗ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ର ପ୍ରୟୋଗ ଆରମ୍ଭ ହୋଇସାରିଛି। ବିଭାଗ ମଧ୍ୟରେ ଏଆଇ ଆପ୍ଲିକେସନ୍‌ର ବ୍ୟବହାର ପାଇଁ ବର୍ତ୍ତମାନ ଗବେଷଣା ଜାରି ରହିଛି। ଏ କ୍ଷେତ୍ରରେ ଆଇଆଇଟି, ଆଇଆଇଆଇଟି, ବିଭିନ୍ନ ବିଶ୍ୱବିଦ୍ୟାଳୟ ଏବଂ ସଂସ୍ଥା ସହ ଆମେ ସହଭାଗିତା ଭିତ୍ତିରେ କାମ କରୁଛୁ ବୋଲି କହିଛନ୍ତି

- ■ ମିଶନ୍ ମୌସୁମ କାର୍ଯ୍ୟକ୍ରମରେ ଆହୁରି ସଠିକ୍ ହେବ ପାଣିପାଗ ପୂର୍ବାନୁମାନ
- ■ ଏଆଇ କରୁଛି ପାଣିପାଗ ପୂର୍ବାନୁମାନ: ମୃତ୍ୟୁଞ୍ଜୟ

ଭାରତୀୟ ପାଣିପାଗ ବିଭାଗ (ଆଇଏମଡି)ର ନିର୍ଦ୍ଦେଶକ ଡ. ମୃତ୍ୟୁଞ୍ଜୟ ମହାପାତ୍ର। ଶନିବାର ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଡ. ମହାପାତ୍ର ଭାରତୀୟ ପାଣିପାଗ କ୍ଷେତ୍ରରେ ଏଆଇର ଉପଯୋଗ ଏବଂ ବିପର୍ଯ୍ୟୟ ରୋକିବାରେ ବିଭାଗର ସଫଳତା ସମ୍ପର୍କରେ ବିଶଦ୍ ସୂଚନା ପ୍ରଦାନ କରିଛନ୍ତି। ସେ କହିଛନ୍ତି ଯେ ଏଆଇକୁ ପ୍ରୟୋଗ କରି ପାଣିପାଗ କ୍ଷେତ୍ରରେ ସତର୍କ ସୂଚନା ପ୍ରଦାନ କରାଯାଉଛି। ଏହାକୁ ଆଗାମୀ ଦିନରେ ଆହୁରି ତ୍ୱରାନ୍ୱିତ କରାଯିବ। ଆସନ୍ତା ୫ବର୍ଷ ମଧ୍ୟରେ ମିଶନ ମୌସୁମ କାର୍ଯ୍ୟକ୍ରମ ଅଧୀନରେ ଭାରତରେ ଦେଖାଦେଉଥିବା ସିଭିୟର ୱେଦର୍ (ଭୀଷଣ ପାଣିପାଗ)କୁ ଅଧିକରୁ ଅଧିକ ସଠିକତାର ସହ ନିରୂପଣ ପାଇଁ ଲକ୍ଷ୍ୟ ରଖାଯାଇଛି।

ସେ ଆହୁରି ମଧ୍ୟ କହିଛନ୍ତି ଯେ ବିପର୍ଯ୍ୟୟ ରୋକିବା କ୍ଷେତ୍ରରେ ଭାରତୀୟ ପାଣିପାଗ ବିଭାଗ ଯେଉଁ ପଦକ୍ଷେପ ନେଇଛି, ତାହା ବିଶ୍ୱବ୍ୟାପୀ ଆଦୃତି ଲାଭ କରିବା ସହ ପ୍ରଶଂସିତ ହୋଇଛି। ବିପର୍ଯ୍ୟୟ ହ୍ରାସ କ୍ଷେତ୍ରରେ ସତର୍କ ସୂଚନା ପ୍ରଣାଳୀର ଭୂମିକା ଗୁରୁତ୍ୱପୂର୍ଣ୍ଣ। ନିକଟ ଅତୀତରେ ପାଣିପାଗ ବିଭାଗ ଏ କ୍ଷେତ୍ରରେ ଏକାଧିକ ପଦକ୍ଷେପ ନେବା କାରଣରୁ ଆମର ସତର୍କ ସୂଚନା ପ୍ରଣାଳୀରେ ଅଭୂତପୂର୍ବ ପରିବର୍ତ୍ତନ ଆସିଛି। ପ୍ରାୟ ୪୦ରୁ ୫୦ ପ୍ରତିଶତ ପୂର୍ବାନୁମାନର ସଠିକତା ବୃଦ୍ଧି ପାଇଛି। ବାତ୍ୟା କେଉଁଠାରେ, କେଉଁ ସମୟରେ ଏବଂ ଏହାର ତୀବ୍ରତା ସମ୍ପର୍କରେ ସଠିକ ସମୟରେ ସୂଚନା ପ୍ରଦାନ କରାଯାଉଛି। ଫଳରେ ବିପର୍ଯ୍ୟୟ ମୁକାବିଲା ପୂର୍ବାପେକ୍ଷା ସହଜ ହେବା ସହ ମୃତ୍ୟୁ ସଂଖ୍ୟାକୁ ହ୍ରାସ କରାଯାଇ ପାରିଛି ବୋଲି ସେ ସୂଚନା ଦେଇଛନ୍ତି।

ଅପରପକ୍ଷେ, ଦକ୍ଷିଣ-ପୂର୍ବ ମୌସୁମୀ ବାୟୁକୁ ନେଇ ମଧ୍ୟ ସୂଚନା ରଖିଛନ୍ତି ଡ. ମହାପାତ୍ର। ଏବେ ଦକ୍ଷିଣ ଓଡ଼ିଶାରେ ମୌସୁମୀ ବାୟୁ ସକ୍ରିୟ ରହିଛି। ଆସନ୍ତା ୨ରୁ ୩ଦିନ ମଧ୍ୟରେ ଏହା ରାଜ୍ୟରେ ସକ୍ରିୟ ହେବ ବୋଲି ସେ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ ଆସନ୍ତା ୧୮ ତାରିଖ ଯାଏଁ ବିଭିନ୍ନ ଜିଲ୍ଲାରେ ବର୍ଷା ହେବା ନେଇ ଆଗୁଆ ସୂଚନା ପ୍ରଦାନ କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର।

### ଶେଷ ପର୍ଯ୍ୟାୟରେ ବାଲେଶ୍ୱର ପାଣିପାଗ ରାଡାର୍ ବିଲଡିଂ କାମ

# କେବେ ଲାଗିବ ରାଡାର୍?

ବାଲେଶ୍ୱର,୧୪।୬(ସମିସ): ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ ବାଲେଶ୍ୱର ପାଣିପାଗ ରାଡାର ବିଲ୍ଡିଂ। ଏହି ତିନି ମହଲା ବିଶିଷ୍ଟ ରାଡାର୍ ବିଲଡିଂର ଶେଷ ପର୍ଯ୍ୟାୟ କାମ ଆରମ୍ଭ ହୋଇଛି। ଆସନ୍ତା ୩ରୁ ୪ ମାସ ଭିତରେ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାର ସୂଚନା ମିଳିଛି। ବର୍ତ୍ତମାନ ପିଡବ୍ଲୁଡି ବିଭାଗ ପକ୍ଷରୁ ଛାତ ଉପରେ ଢଳେଇ କାମ ହେଉଛି, ଯାହା ଉପରେ ରାଡାର୍ ବସିବ। ଏହି କାମ ସରିବା ପରେ ଏହି ବିଲ୍‌ଡିଂକୁ ବାଲେଶ୍ୱର ପାଣିପାଗ ବିଭାଗ କାର୍ଯ୍ୟାଳୟ ସ୍ଥାନାନ୍ତର ହେବ। ହେଲେ ରାଡାର୍ କେବେ ଲାଗିବ, ତାହା କେହି କହିପାରୁନାହାନ୍ତି।

ସୂଚନାଯୋଗ୍ୟ, ମୌସୁମୀ ତଥା ଘୂର୍ଣ୍ଣିବଳୟ, ବର୍ଷା ଓ ବାତ୍ୟାର ପୂର୍ବାନୁମାନ ପାଇଁ ୨୦୧୩ ମସିହାରେ ଚାନ୍ଦିପୁର ରାସ୍ତାର ନୂଆନଇ ନିକଟରେ ୩ ଏକର ଜମିରେ ପାଣିପାଗ ବିଭାଗର ନୂତନ ବିଲଡିଂ କାମ ପିଡବ୍ଲୁଡି ବିଭାଗ ପକ୍ଷରୁ





ଆରମ୍ଭ ହୋଇଥିଲା। ୫ କୋଟି ୧୬ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ତିନି ମହଲା ବିଲଡିଂକୁ ପିଡବ୍ଲୁଡି ୨୦୧୪ରେ ରାଜ୍ୟ ସରକାରଙ୍କୁ ହସ୍ତାନ୍ତର କରିବାର ଅବଧି ରହିଥିଲା। ମାତ୍ର ତାହା ସମୟ ଅନୁସାରେ କାମ ସମ୍ପୂର୍ଣ୍ଣ ହୋଇପାରିଲା ନାହିଁ। ଏହାରି ଭିତରେ ୧୧ବର୍ଷରୁ ଅଧିକ ଦିନ ବିତିଗଲାଣି। ଦୀର୍ଘ ବର୍ଷ ପରେ ୨୦୨୪ ଜୁନ୍ ୧୩ରେ ଏହି କାମ ତ୍ୱରାନ୍ୱିତ ହେବା ପରେ ଆଗାମୀ ଛଅ ମାସ ଭିତରେ କାମ ସମ୍ପୂର୍ଣ୍ଣ ହେବା ନେଇ ସୂଚନା ମିଳିଥିଲା। ଏହି ତିନି ମହଲାର ଛାତ ଉପରେ 'ସି' ବ୍ୟାଣ୍ଡ ରାଡାର୍ ସ୍ଥାପନ ହେବ। ଯାହା ୨୫୦ କିଲୋମିଟର ପର୍ଯ୍ୟନ୍ତ ଅଞ୍ଚଳର ସୂଚନା ଆଗୁଆ ସଂଗ୍ରହ କରିବ। ପଶ୍ଚିମବଙ୍ଗଠୁ ଆରମ୍ଭ କରି ପାରାଦୀପ ପର୍ଯ୍ୟନ୍ତ ଏହି ରାଡାର୍ ପୂର୍ବାନୁମାନ କରିପାରିବ। ବିଶେଷକରି ଘୂର୍ଣ୍ଣିବଳୟ, ପ୍ରବଳ ବର୍ଷା, ବଜ୍ରପାତ ଏବଂ ବାତ୍ୟା ଆଦି ସମ୍ପର୍କରେ କିଛି ସମୟ ପୂର୍ବରୁ ସୂଚନା ସଂଗ୍ରହ କରିବ। ଫଳରେ ସେହି ସୂଚନା ଅନୁସାରେ ବାଲେଶ୍ୱର ପାଣିପାଗ ବିଭାଗ ପକ୍ଷରୁ ଲୋକଙ୍କୁ ସତର୍କ କରାଯାଇପାରିବ। ବର୍ତ୍ତମାନ ଏହି ତିନି ମହଲା ବିଲଡିଂର ଶେଷ ପର୍ଯ୍ୟାୟ କାମ ଚାଲୁଅଛି।

ଏ ନେଇ ବାଲେଶ୍ୱର ପାଣିପାଗ ବିଭାଗ ମୁଖ୍ୟ ମଦନ ମୋହନ ଦାସ କହିଛନ୍ତି, ରାଡାର୍ ବିଲଡିଂର ଶେଷ ପର୍ଯ୍ୟାୟ କାମ ଏବେ ଆରମ୍ଭ ହୋଇଛି। ରାଡାର୍ ବସିବା ପାଇଁ କାମ ହେଉଛି। ଆଗାମୀ ତିନି ଚାରି ମାସ ଭିତରେ ବାକି ସମସ୍ତ କାମ ପରେ ପିଡବ୍ଲୁଡି ବିଲଡିଂ ହସ୍ତାନ୍ତର କରିବ। ତାପରେ ରାଡାର୍ ବସିବ। ବିଲଡିଂ ହସ୍ତାନ୍ତର ପରେ କାର୍ଯ୍ୟାଳୟ ସେଠାକୁ ସ୍ଥାନାନ୍ତର ହେବ।

## ଦୁଇ ଦୁର୍ଘଟଣାରେ ୨ ମୃତ

ଆନନ୍ଦପୁର, ୧୪।୬ (ସମିସ): କେନ୍ଦୁଝର ଜିଲ୍ଲା ଘସିପୁରା ଥାନା ଅନ୍ତର୍ଗତ ୨୦ନମ୍ବର ଜାତୀୟ ରାଜପଥରେ ଦୁଇଟି ପୃଥକ୍ ଦୁର୍ଘଟଣାରେ ୨ ଜଣ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ଉଭୟଙ୍କ ସମ୍ପର୍କୀୟ ଆସି ନଥିବାରୁ ମୃତଦେହ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ରଖାଯାଇଛି। ସୂଚନାନୁସାରେ, ଶନିବାର ଅପରାହ୍ଣ ୩ଟାରେ କୋଳିମାଟି ନିକଟରେ ଏକ ହାଇୱା ଧକ୍କା ଦେବାରୁ ଘଟଣାସ୍ଥଳରେ ବାହାନଗା ଅଞ୍ଚଳର ସୁଦୀପ ମହାରଣା (୨୮)ଙ୍କ ମୃତ୍ୟୁ ହୋଇଥିଲା। ବାଇକରେ ଥିବା ଅନ୍ୟ ଜଣେ ଗୁରୁତର ଆହତ ହୋଇ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାକୁ ସ୍ଥାନାନ୍ତର ହୋଇଛନ୍ତି। ସେହପରି ଅପରାହ୍ଣ ସାଢ଼େ ୨ଟା ବେଳେ ଘସିପୁରା ବାଇପାସ୍ ନିକଟରେ ଅଜଣା ଗାଡ଼ି ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ତାଙ୍କ ପରିଚୟ ସଠିକ ସ୍ପଷ୍ଟ ହୋଇପାରିନାହିଁ। ଘସିପୁରା ପୁଲିସ୍ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରି ଘଟଣାର ତଦନ୍ତ କରୁଛି।

# ବାତ୍ୟା ଆଶ୍ରୟସ୍ଥଳ ମରାମତିକୁ ନେଇ ଗୋଷ୍ଠୀ ସଂଘର୍ଷ

ଅସ୍ତରଙ୍ଗ,୧୪।୬(ସମିସ): ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅସନ ଗ୍ରାମରେ ଥିବା ଏକ ବାତ୍ୟା ଆଶ୍ରୟସ୍ଥଳୀର ମରାମତି ଓ ରଙ୍ଗ ମାରିବାକୁ ନେଇ ଶନିବାର ପୂର୍ବାହ୍ଣରେ ଦୁଇଗୋଷ୍ଠୀ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ଘଟିଛି। ଏଥିରେ ୮ଜଣ ଆହତ ହୋଇଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ଏ ସମ୍ପର୍କରେ ଅସନ ଗ୍ରାମର ଦେବକୀ ମଲ୍ଲିକଙ୍କ ପକ୍ଷରୁ ଥାନାରେ ୧୭ଜଣଙ୍କ ବିରୋଧରେ ଏକ ଲିଖିତ ଅଭିଯୋଗ ହୋଇଛି। ନିମାପଡ଼ା ଏସ୍‌ଡିପିଓ ଜନାର୍ଦ୍ଦନ ପାଢ଼ୀ ଏବଂ ଅସ୍ତରଙ୍ଗ ଥାନା ଅଧିକାରୀ ରାଜେଶ ବଳିଆରସିଂ ପୁଲିସ ଫୋର୍ସ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି।

ସୂଚନାନୁଯାୟୀ, ବ୍ଲକ୍ ଆପାତ୍‌କାଳୀନ ବିପର୍ଯ୍ୟୟ ପାଣ୍ଠିରୁ ୬ ଲକ୍ଷ ଟଙ୍କା ବ୍ୟୟବରାଦରେ



ଅସନ ବାତ୍ୟା ଆଶ୍ରୟସ୍ଥଳକୁ ମରାମତି ଓ ରଙ୍ଗ କରିବା ପାଇଁ ବାତ୍ୟା ଆଶ୍ରୟସ୍ଥଳୀର ସଭାପତି ତଥା ସମ୍ପୃକ୍ତ ଆଳସାହି ପଞ୍ଚାୟତ ବିଜେଡି ସମର୍ଥିତ ସରପଞ୍ଚ ସେଠାରେ ଥିବା ୱାର୍ଡ ସଭ୍ୟମାନଙ୍କୁ ଦାୟିତ୍ୱ ଦେଇଥିଲେ। ଗତ ୩ଦିନ ଧରି ୱାର୍ଡସଭ୍ୟାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟ ଜାରି ରହିଥିବା ବେଳେ ଶନିବାର ବାତ୍ୟା ଆଶ୍ରୟସ୍ଥଳୀକୁ ରଙ୍ଗ ମାରୁଥିବା ସମୟରେ ବିଜେପି ସମର୍ଥିତ ପଡ଼ୋଶୀ ପାଟସୁନ୍ଦରପୁର ଗ୍ରାମ ଓ ଅସନ ଗ୍ରାମର ଅନ୍ୟ ଏକ ମିଳିତ ଗୋଷ୍ଠୀ ପୂର୍ବ ପ୍ରସ୍ତୁତି ଅନୁଯାୟୀ ବିଭିନ୍ନ ମାରଣାସ୍ତ୍ର ଧରି ରଙ୍ଗ କାମ କରୁଥିବା ଲୋକମାନଙ୍କୁ ଅଚାନକ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ୮ ଜଣ ଆହତ ହୋଇ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଅଧିକ ଚିକିତ୍ସା ନିମନ୍ତେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଗ୍ରାମରେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି। ଏ ସମ୍ପର୍କରେ ଅସ୍ତରଙ୍ଗ ଥାନା ଅଧିକାରୀ ଶ୍ରୀ ବଳିଆରସିଂ କୁହନ୍ତି, ପରିସ୍ଥିତି ଉପରେ ପୁଲିସ ନଜର ରଖିବା ସହ ହୋଇଥିବା ଗୋଟିଏ ଲିଖିତ ଅଭିଯୋଗ ଉପରେ ମାମଲା ରୁଜୁ କରାଯାଇଛି।

## ପୋଖରୀ କୂଳରୁ ଯୁବକଙ୍କ ମୃତଦେହ ଉଦ୍ଧାର

ସିମୁଳିଆ,୭।୬(ସମିସ): ପୋଖରୀ କୂଳରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ, ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକ୍ ଅଧୀନ ଈଶ୍ୱରପୁର ପଞ୍ଚାୟତ ଚନ୍ଦ୍ରପଡ଼ା ଗ୍ରାମର ବୁଦ୍ଧିରାମ ଦାଶଙ୍କ ପୁତ୍ର ବସନ୍ତ ଦାଶ। ଗତକାଲି ବସନ୍ତ ଘରୁ ବାହାରକୁ ଯାଇ ଆଉ ଫେରିନଥିଲେ। ଆଜି ଅତା କେନାଲରୁ ୨୦୦ ମିଟର ଦୂରରେ ଥିବା ପଦ୍ମ ପୋଖରୀ କୂଳରେ ସେ ପଡ଼ିଥିବାର ଅଞ୍ଚଳବାସୀ ଦେଖିଥିଲେ। ତୁରନ୍ତ ଆମ୍ବୁଲାନ୍ସ ଯୋଗେ ବସନ୍ତକୁ ସିମୁଳିଆ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ହେଲେ ସେଠାରେ ଡାକ୍ତର ତାକୁ ମୃତ ବୋଲି ଘୋଷଣା କରିଥିଲେ। ଖବର ପାଇ ସିମୁଳିଆ ପୁଲିସ ପହଞ୍ଚି ଶବ ବ୍ୟବଚ୍ଛେଦ ପାଇଁ ପଠାଇବାସହ ଅଧିକ ତଦନ୍ତ ଜାରି ରଖିଛି।

### ଅଣସର ସମୟର ନିଷିଦ୍ଧ ନିୟମ

# ଦଇତାପତିଙ୍କ ଘରକୁ ଆସି ନ ଥା'ନ୍ତି ବନ୍ଧୁବାନ୍ଧବ

ପୁରୀ,୧୪।୬(ସମିସ): ଦେବସ୍ନାନ ପୂର୍ଣ୍ଣିମାରେ ପ୍ରତ୍ୟକ୍ଷ ସ୍ନାନ କରି ଜ୍ୱରରେ ପଡ଼ିଛନ୍ତି ବିଶ୍ୱନିୟନ୍ତା। ଅଣସର ଘରେ ଚାଲିଛି ଗୁପ୍ତ ସେବା। ବେଶ୍ ନିଷ୍ଠା ଓ ଏକାଗ୍ରତାର ସହ ଗୋଷ୍ଠୀଗତ ଭାବେ ସେବା କରୁଛନ୍ତି ଦଇତାପତି। ତେବେ ଏହି ସମୟରେ ଦଇତାପତି ପରିବାରର କେତେକ ନିଷିଦ୍ଧ ନିୟମ ରହିଛି। ଅଣସର ସମୟରେ ଦଇତାପତି ପରିବାରର ବିବାହିତ ଝିଅମାନେ ବାପଘରକୁ ଆସନ୍ତି ନାହିଁ। ସେହିପରି ବନ୍ଧୁବାନ୍ଧବ ମଧ୍ୟ ଆସି ନ ଥା'ନ୍ତି। ଠାକୁର ଅଣସରରେ ଥିବା ବେଳେ ଏଭଳି କିଛି ନିୟମ ପାଳନ କରନ୍ତି ଦଇତାପତି ପରିବାର।

ଏ ସମ୍ପର୍କରେ ଦଇତାପତି ସେବକ କୁହନ୍ତି, ଅଣସରରେ ପ୍ରତ୍ୟେକ ଦଇତାପତି ପରିବାର ଶୁଦ୍ଧପୂତ ଭାବେ ରୁହନ୍ତି। ପବିତ୍ର ସ୍ନାନପୂର୍ଣ୍ଣିମା ପୂର୍ବରୁ ଘର, ପୋଷାକପତ୍ର ଇତ୍ୟାଦି ସଫା କରାଯାଏ। ରୋଷେଇ ଘର, ଠାକୁର ଘର ଭଲ ଭାବେ ଧୂଆ ହୋଇ ଧଉଳା ଯାଏ। ସ୍ନାନପୂର୍ଣ୍ଣିମା ଦିନ ସ୍ନାନ ଜଳ ଆସିବା ପରେ ବଡ଼ବଡ଼ିଆଙ୍କୁ ଲାଗି କରାଯାଏ। ଏହି ସ୍ନାନ ଜଳ ମାଟି ହାଣ୍ଡିରେ ପଡ଼ିବା ପରେ ହବିଷ୍ୟାନ୍ନ ପ୍ରସ୍ତୁତ ହୁଏ। ଦଇତାପତି ପରିବାରର ସ୍ତ୍ରୀ ଲୋକମାନେ ପାଟଶାଢ଼ି ପରିଧାନ କରି କାଠ ଚୁଲିରେ ହବିଷ୍ୟାନ୍ନ ତିଆରି କରିଥା'ନ୍ତି। ବର୍ତ୍ତମାନ ସମସ୍ତଙ୍କ ଘରେ କାଠ ଚୁଲି ନଥିଲେ ବି ଅଧିକାଂଶ ପରିବାର କାଠ ଚୁଲିରେ ହବିଷ୍ୟାନ୍ନ ପ୍ରସ୍ତୁତ କରନ୍ତି। ଯାହାର କାଠ ଚୁଲି ନାହିଁ, ସେମାନେ ନୂଆ ଗ୍ୟାସ୍ ଚୁଲାରେ ହବିଷ୍ୟାନ୍ନ ତିଆରି କରନ୍ତି। ଶ୍ରୀମନ୍ଦିରରେ ଯେଉଁଭଳି ପାରମ୍ପରିକ ଭାବେ ବିଭିନ୍ନ ପରିବା ପଡ଼ି ଡାଲମା ଏବଂ ଅନ୍ନ ତିଆରି ହୁଏ ସେହିପରି ଡାଲମା, ଅନ୍ନ ପ୍ରତ୍ୟେକ ପରିବାରରେ ହୁଏ। ଯିଏ ଯେଉଁଆଡ଼େ ଯାଇଥା'ନ୍ତି ସୂର୍ଯ୍ୟାସ୍ତ ପୂର୍ବରୁ ଫେରି ହବିଷ୍ୟାନ୍ନ ସେବନ କରନ୍ତି।

ଦଇତାପତି ପରିବାରର ସମସ୍ତ ସଦସ୍ୟ ଅର୍ଥାତ୍ ପିଲାଙ୍କଠାରୁ ବୟସ୍କ ପର୍ଯ୍ୟନ୍ତ ସମସ୍ତେ ଦିନକୁ ଗୋଟିଏଥର ହବିଷ୍ୟାନ୍ନ ଖାଆନ୍ତି। କେହି ବାହାରେ କିଛି ବି ଖାଦ୍ୟ ଗ୍ରହଣ କରନ୍ତି ନାହିଁ କି ପାଣି ମଧ୍ୟ ପିଅନ୍ତି ନାହିଁ। କୌଣସି ପରିବାରରେ ଯଦି କେହି ବାହାରେ ଚାକିରି କରୁଥିବେ, ତେବେ ଅଣସର ଲାଗି ଛୁଟି ଆଣି ଘରକୁ ଆସନ୍ତି। ଶୁଦ୍ଧପୂତ ଭାବେ ପରିବାର ସଦସ୍ୟଙ୍କ ସହ ରହି ସମସ୍ତ ନୀତିନିୟମ ପାଳନ କରିଥା'ନ୍ତି। ଏହି ସମୟରେ ବିବାହିତ ଝିଅମାନେ ବାପଘରକୁ ଆସନ୍ତି ନାହିଁ। ସେହିପରି ବନ୍ଧୁବାନ୍ଧବ ମଧ୍ୟ ଆସି ନ ଥା'ନ୍ତି। ଭିକାରୀଙ୍କୁ ବି ଭିକ୍ଷା ଦିଆଯାଇନଥାଏ। ଅଣସରରେ ମହାପ୍ରଭୁ ଖଟ, ପଲଙ୍କ, ଗଦି, ମାଣ୍ଡି(ତକିଆ) କିଛି ବି ବ୍ୟବହାର କରୁନଥିବାରୁ ଦଇତା ପରିବାରରେ ମଧ୍ୟ ଏହା ବ୍ୟବହାର ହୋଇନଥାଏ। ମୋଟାମୋଟି ସମସ୍ତେ ବିଳାସବ୍ୟସନରୁ ଦୂରେଇ ରହିବାକୁ ଚେଷ୍ଟା କରିଥା'ନ୍ତି। ଏପରିକି, ଏହି ସମୟରେ ଦଇତାପତି ପରିବାର ସଦସ୍ୟମାନେ ସୁନା ଅଳଙ୍କାର ପ୍ରାୟ ପିନ୍ଧନ୍ତି ନାହିଁ।

## ବାପାକୁ ପିଟିପିଟି ହତ୍ୟା

ସାରସକଣା, ୧୪।୬(ସମିସ): ଜନ୍ମକଲା ବାପକୁ ପିଟିପିଟି ହତ୍ୟା କଲା ନିଶାସକ୍ତ ପୁଅ। ଏଭଳି ଏକ ଘଟଣା ଘଟିଛି ସାରସକଣା ବ୍ଲକ ଯେକା ଗ୍ରାମରେ। ସୂଚନାନୁସାରେ, ଗୁରୁବାର ଗ୍ରାମର ଜଟିଆ ମୁଣ୍ଡାଙ୍କ ସହ ନିଶାସକ୍ତ ବଡ଼ପୁଅ ଚନ୍ଦନର ପାଟିତୁଣ୍ଡ ହୋଇଥିଲା। ଶେଷରେ ଉତ୍ୟକ୍ତ ହୋଇ ଚନ୍ଦନ ଏକ କଠଫାଳିଆରେ ବାପ ଜଟିଆଙ୍କୁ ପ୍ରବଳ ମାଡ଼ ମାରିଥିଲା। ଫଳରେ ଜଟିଆ ଗୁରୁତର ହୋଇପଡ଼ିଥିଲେ। ସାନପୁଅ ବାପକୁ ଉଦ୍ଧାର କରି ଶୀର୍ଷା ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ପରେ ଗୁରୁତର ହେବାରୁ ବାରିପଦା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ଶୁକ୍ରବାର ଚିକିତ୍ସାଧୀନ ଅବସ୍ଥାରେ ଜଟିଆଙ୍କ ମୃତ୍ୟୁ ଘଟିଛି। ସାନପୁଅର ଲିଖିତ ଅଭିଯୋଗ ପରେ ଝାରପୋଖରିଆ ପୁଲିସ ଅଭିଯୁକ୍ତ ଚନ୍ଦନକୁ ଗିରଫ କରିଛି। ପୂର୍ବରୁ ମଧ୍ୟ ଚନ୍ଦନ ନିଶାସକ୍ତ ଅବସ୍ଥାରେ ଘରେ ଗଣ୍ଡଗୋଳ କରୁଥିଲା।

## ସ୍ତ୍ରୀକୁ ଟାଙ୍ଗିଆରେ ହାଣି ଝୁଲିପଡ଼ିଲା ସ୍ୱାମୀ

ପଦ୍ମପୁର,୧୪।୬(ସମିସ): ସ୍ତ୍ରୀକୁ ଟାଙ୍ଗିଆରେ ହାଣିବା ପରେ ବେକରେ ରଶି ଲଗାଇ ଝୁଲିପଡ଼ିଲା ସ୍ୱାମୀ। ପଦ୍ମପୁର ଥାନା ଭେଉଁରିଆ ଗାଁରେ ଏଭଳି ଏକ ଅଭାବନୀୟ ଘଟଣା ଘଟିଛି। ସୂଚନାନୁସାରେ, ଗାଁର ଶ୍ୟାମସୁନ୍ଦର ଭୋଇ ଓ ତାଙ୍କ ସ୍ତ୍ରୀ ରତ୍ନୀ ଭୋଇଙ୍କ ମଧ୍ୟରେ କୌଣସି କାରଣରୁ ଝଗଡ଼ା ହୋଇଥିଲା। ମଦ୍ୟପ ସ୍ୱାମୀ ଏଥିରେ ଉତ୍‌କ୍ଷିପ୍ତ ହୋଇ ସ୍ତ୍ରୀକୁ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲା। ପରିବାରଲୋକେ ଆହତ ରତ୍ନୀଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲେ। ପରେ ଶ୍ୟାମସୁନ୍ଦର ଘରେ ବେକରେ ରଶି ଦେଇ ଆତ୍ମହତ୍ୟା କରିଥିଲା।

### 'ଫ-ଟି' ସ୍କୁଲରେ ରଙ୍ଗ ଦେଇ ପିଏମ୍‌ଶ୍ରୀ ବିଦ୍ୟାଳୟ ଉଦ୍‌ଘାଟନ କଲେ ମନ୍ତ୍ରୀ

# ବାହାରେ ଚକାଚକ; ଭିତରେ ଫମ୍ପା

ମୋରଡ଼ା,୧୪।୬(ସମିସ): ସ୍ଥାନୀୟ ବିଧାୟକ ତଥା ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଶୁକ୍ରବାର ମୋରଡ଼ା ବ୍ଲକ ଗସ୍ତରେ ଆସି ୩ଟି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ପ୍ରଥମେ ସେ ଭାଲିଆଡିହା ପଞ୍ଚାୟତ ସୁନାହଜା ଗ୍ରାମରେ ଏକ ଛଉ ମଣ୍ଡପକୁ ଉଦ୍‌ଘାଟନ କରିଥିଲେ। ପରେ ଘୋଳମୁହାଁରେ ବିକାଶ ବାହାନ ରଥକୁ ଶୁଭାରମ୍ଭ କରିଥିଲେ। ତା' ପରେ ଗଡ଼ିଗାଁ ସରକାରୀ ଉଚ୍ଚ ବିଦ୍ୟାଳୟକୁ ରଙ୍ଗ ବଦଳାଇ ଉକ୍ତ ବିଦ୍ୟାଳୟକୁ ଫିତାକାଟି ପିଏମଶ୍ରୀ ବିଦ୍ୟାଳୟ ଭାବେ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ବିଡିଓ ଅଣାକର ନାୟକ, ସିଡିପିଓ, ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ପୂର୍ବ ସରକାର ସମୟରେ ଫ-ଟି ଯୋଜନାରେ ନିର୍ମାଣ କରାଯାଇଥିବା ସମସ୍ତ ଉନ୍ନୟନମୂଳକ କାର୍ଯ୍ୟକୁ



ସରକାର ରଙ୍ଗ ବଦଳାଇ ଉଦ୍‌ଘାଟନ କରୁଛନ୍ତି। ବିଦ୍ୟାଳୟରେ ଏକ ଜିମ୍ନାସିୟମ ସ୍ଥାପନ କରି ନାମ ପରିବର୍ତ୍ତନ କରାଯାଇଛି। ଦୀର୍ଘବର୍ଷ ପୂର୍ବରୁ ଭଙ୍ଗାରୁଜା ଅବସ୍ଥାରେ ପଡିଥିବା ମାଟିକାନ୍ଥକୁ ମଧ୍ୟ ରଙ୍ଗ ଦିଆଯାଇଛି।

# ୭୬ ବର୍ଷରେ ପଦାର୍ପଣ କଲେ ଓଡ଼ିଶାର ମସଲା ସମ୍ରାଟ ଡ. ଶରତ କୁମାର ସାହୁ

ଓଡ଼ିଶାର ଅଗ୍ରଣୀ ମସଲା ଉଦ୍ୟୋଗ ତଥା ପୂର୍ବ ଭାରତର ଅନନ୍ୟ ଖାଦ୍ୟ ପ୍ରସ୍ତୁତକାରୀ ଉଦ୍ୟୋଗ ରୁଚି ଫୁଡ୍‌ଲାଇନର ପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶକ ଡ଼ଃ ଶରତ କୁମାର ସାହୁ ଆଜି ୭୬ ବର୍ଷରେ ପଦାର୍ପଣ କରିଛନ୍ତି। ୧୯୭୬ ମସିହାରେ ଓଡ଼ିଶାରେ ପ୍ରଥମ ମସଲା ଉଦ୍ୟୋଗ ପ୍ରତିଷ୍ଠା କରି ସେ ମସଲା ସମ୍ରାଟ ବା ମସଲା ମଣିଷର ଆଖ୍ୟା ପାଇଥିବା ବେଳେ ତାଙ୍କଦ୍ୱାର ପ୍ରତିଷ୍ଠିତ ରୁଚି ଆଜି ୫୦ ବର୍ଷରେ ପଦାର୍ପଣ କରିଛି। ସେ ଓଡ଼ିଶାରେ ପ୍ରଥମ ମସଲା, ପ୍ରଥମ ଇଟାଲିୟାନ୍ ପାସ୍ତା, ପ୍ରଥମ ଫ୍ରୋଜେନ୍ ଫୁଡ୍ ଉଦ୍ୟୋଗ ଆଦି ଆରମ୍ଭ କରି ଖାଦ୍ୟ ପ୍ରକ୍ରିୟାକରଣରେ ସ୍ୱତନ୍ତ୍ର ସ୍ଥାନ ଅକ୍ତିଆର କରିଛନ୍ତି। ରୁଚି ଓ ଫ୍ରୋଜିଟ୍ ର ଗୁଣାତ୍ମକ ଖାଦ୍ୟକୁ ଜାତୀୟ ତଥା ଅର୍ନ୍ତଜାତୀୟ ସ୍ତରରେ ପହଞ୍ଚାଇ ଓଡ଼ିଶା ପାଇଁ ଗର୍ବ ଓ ଗୌରବ ଆଣି ପାରିଛନ୍ତି।



ଡ଼ଃ ଶରତ କୁମାର ସାହୁ ଏକ ବ୍ୟକ୍ତି ନୁହନ୍ତି ବରଂ ଏକ ଅନୁଷ୍ଠାନ। ମାଟିକୁ ଛୁଇଁଲେ ସୁନା ହୋଇଯାଏ ନ୍ୟାୟରେ, ପ୍ରଭୁ ଲକ୍ଷେଶ୍ୱରଙ୍କ ଅପାର କରୁଣାରୁ ସେ ଅନେକ ଅସମ୍ଭବକୁ ସମ୍ଭବରେ ପରିଣତ କରି, ଓଡ଼ିଶା ଶିଳ୍ପ ଜଗତରେ ଏକ ଜ୍ୱଳନ୍ତ ଉଦାହରଣ ହୋଇପାରିଛନ୍ତି ସମସ୍ତଙ୍କ ପାଇଁ। ସେ ଜଣେ ଦରଦୀ, ପରୋପକାରୀ, ମିଷ୍ଟଭାଷୀ, ନମ୍ର, ଶାନ୍ତ, ସରଳ ବ୍ୟକ୍ତି ତଥା ଅନେକ ପ୍ରତୀଭାର ଅଧିକାରୀ। ଓଡ଼ିଶା ଓ ଓଡ଼ିଆକୁ ନେଇ ଗର୍ବ କରିଥିବା ଶ୍ରୀଯୁକ୍ତ ସାହୁ ରୁଚି ପ୍ରତିଭା ଫାଉଣ୍ଡେସନ୍ ପ୍ରତିଷ୍ଠା କରି ଅଗଣିତ ବିଦ୍ୟାର୍ଥୀ ଓ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରି ଓଡ଼ିଶାରେ ପ୍ରତିଭା ପୂଜନର ଏକ ନିଆରା ପରମ୍ପରା ସୃଷ୍ଟି କରିଛନ୍ତି। ଜଣେ ପୁରୁଖା କ୍ରୀଡାବିତ୍ ଭାବେ ଶୃଙ୍ଖଳା ଓ ଧୈର୍ଯ୍ୟକୁ ପାଥେୟ କରି ସେ ଜୀବନରେ ସଫଳତାର ସୋପାନ ଚଢ଼ି ଚାଲିଛନ୍ତି। ଖାଲି ବ୍ୟବସାୟ ନୁହେଁ ବରଂ ସମାଜର ବହୁବିଧ ଉନ୍ନତି କରିବା ପାଇଁ ସେ ସଂକଳ୍ପବଦ୍ଧ। ଓଡ଼ିଶାର କ୍ରୀଡ଼ା, ସାହିତ୍ୟ, କଳା, ସଂସ୍କୃତି ଆଦିର ଉନ୍ନତି ପାଇଁ ତାଙ୍କର ସାହାଯ୍ୟ, ସହଯୋଗ ଓ ସନ୍ଦେଶ ସର୍ବଦା ସ୍ମରଣୀୟ। ଅନାଗତ ଭବିଷ୍ୟତକୁ ଦେଖିପାରୁଥିବା ଏହି ମହିମା ମଣ୍ଡିତ ମଣିଷ ସଦା ସର୍ବଦା ଚେଷ୍ଟିତ ନିଜ ମାଆ ମାଟିର ସମ୍ମାନ ଓ ଗୌରବକୁ ବଢାଇବା ପାଇଁ। ହସ ବାଣ୍ଟି ପାରୁଥିବା ଏହି ସାଧାରଣ ମଣିଷଟି ଅନେକ ହୃଦୟର ମଉଡ଼ମଣି। ଜଣେ ଦକ୍ଷ ସଂଗଠକ, ଆୟୋଜକ, କ୍ରୀଡ଼ାବିତ୍, ବକ୍ତା, ବ୍ୟବସାୟୀ, ଓ ସର୍ବୋପରୀ ସମାଜସେବକ ଭାବେ ସାରା ଓଡ଼ିଶାବାସୀଙ୍କ ପାଖରେ ସେ ବେଶ୍ ପରିଚିତ। ରୁଚିର ବାସ୍ନାରେ ସାରା ଭାରତକୁ ସୁଗନ୍ଧିତ କରପାରିଥିବା ଓଡ଼ିଶାର ଜଣେ ସୁ ସନ୍ତାନ, ମାଟିର ମଣିଷ ଶ୍ରୀ ସାହୁ। ୭୬ବର୍ଷରେ ପଦାର୍ପଣ କରିଥିବା ଡ଼ଃ ସାହୁ ଏବେ ବି ବେଶ୍ ଚଳ ଚଞ୍ଚଳ ଅନେକ କିଛି କରିବା ପାଇଁ। ସେ ସ୍ୱପ୍ନଦ୍ରଷ୍ଟାଙ୍କର ଆଗାମୀ ପ୍ରକଳ୍ପ ରାମଦାସପୁର ଠାରେ ଗଢି ଉଠୁଥିବା ରୁଚିର ନୂଆ ପ୍ରକଳ୍ପ ପୁନଶ୍ଚ ସାରା ଓଡ଼ିଶା ପାଇଁ ଆଣିବ ଏକ ନୂଆ ସମ୍ଭାବନା।

ନିଜ କର୍ମ ଉପରେ ବିଶ୍ୱାସକରି ଜଣେ କର୍ମବୀର ଭାବେ ସୁନାମ ଅର୍ଜନ କରିଥିବା ଏହି ସରଳ, ନିସ୍କପଟ ବ୍ୟକ୍ତିଙ୍କର ୭୬ ବର୍ଷରେ ପଦାର୍ପଣ ସମସ୍ତଙ୍କ ପାଇଁ ଏକ ଖୁସି ଆଉ ଆଶା ବିଶ୍ୱାସର ପ୍ରତୀକ। ମହାପ୍ରଭୁ ଶ୍ରୀ ଜଗନ୍ନାଥ ଓ ପ୍ରଭୂ ଲକ୍ଷେଶ୍ୱର ତାଙ୍କୁ ଆର୍ଶୀବାଦ କରନ୍ତୁ ଆହୁରି ଆଗକୁ ବଢିବା ପାଇଁ। ଡ଼ଃ ସାହୁ ସବୁବେଳେ ହସୁଥାନ୍ତୁ ଆଉ ତାଙ୍କର ଜୀବନ ରୁପକ ନନ୍ଦିଘୋଷ ଆଗକୁ ଆଗକୁ ଯାଉ ଏହାହିଁ ମାହାପଭୂଙ୍କ ପାଖରେ ରୁଚି ପରିବାରର କାମନା।

ଆଜି ଏହି ଅବସରରେ ରୁଚିର ନିର୍ଦ୍ଦେଶିକା ସଙ୍ଗୀତା ସାହୁ, ନିର୍ଦ୍ଦେଶକ ଅରବିନ୍ଦ ସାହୁ, ସଲିନା ସାହୁ, ରଶ୍ମି ସାହୁ, ରୁଚିର ମୂଖ୍ୟ ପ୍ରବନ୍ଧକ ମହେନ୍ଦ୍ର ଷଢଙ୍ଗୀ ଓ ରୁଚିର ସମସ୍ତ କର୍ମଚାରୀ ଡ଼ଃ ସାହୁଙ୍କୁ ଶୁଭେଚ୍ଛା ଜଣାଇଥିବା ବେଳେ ଅନେକ ବୁଦ୍ଧିଜୀବୀ, ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷମାନେ ଶ୍ରୀ ସାହୁଙ୍କୁ ସମ୍ବର୍ଦ୍ଧିତ କରି ତାଙ୍କର ଉତ୍ତୋରତର ମଙ୍ଗଳ କାମନା କରିଥିଲେ।

### ସୀମା ଲଙ୍ଘୁଛି ସାମାଜିକ ଗଣମାଧ୍ୟମ

# ନିୟନ୍ତ୍ରଣ କରିବାରେ ସରକାର ବିଫଳ

ଭଦ୍ରକ,୧୪।୬(ଉମାକଲ୍ୟାଣ ମହାପାତ୍ର): ଭଦ୍ରକ ଜିଲ୍ଲା ରାଜ୍ୟର ଅନ୍ୟତମ ପ୍ରମୁଖ ସମ୍ବେଦନଶୀଳ ଜିଲ୍ଲା ଭାବେ ରାଜ୍ୟ ତଥା ରାଜ୍ୟ ବାହାରେ ପରିଚିତ। ସାମ୍ପ୍ରଦାୟିକ କନ୍ଦଳ ଓ ହିଂସା ନେଇ ସର୍ବଦା ଚର୍ଚ୍ଚାରେ ଏହି ଜିଲ୍ଲା। ତେବେ ଗତ ବର୍ଷକ ମଧ୍ୟରେ ଜିଲ୍ଲାରେ ଏହି ସାମ୍ପ୍ରଦାୟିକ ଉତ୍ତେଜନା ଓ ସଂଘର୍ଷ ଘଟଣା ବଢ଼ି ନିୟନ୍ତ୍ରଣ ବାହାରକୁ ଯାଇଛି। ଯାହାକୁ ନେଇ ଜିଲ୍ଲାବାସୀଙ୍କ ମଧ୍ୟରେ ଭୟ ଓ ଅସନ୍ତୋଷ ପ୍ରକାଶ ପାଇଛି। ଗତ ମାସ ୩୦ ତାରିଖରେ ଜିଲ୍ଲାର ତିହିଡି ଥାନା କଷଟି ଅଞ୍ଚଳରେ ବେଆଇନ ଗୋ-ଚାଲାଣକାରୀଙ୍କ ଆକ୍ରମଣରେ ଜଣେ ଯୁବକ ଗୁରୁତର ଭାବେ ଆହତ ହେବା ଏବଂ ୧୧ ତାରିଖରେ ମୃତ୍ୟୁବରଣ କରିବା ପରେ ସମ୍ଭାବ୍ୟ ଉତ୍ତେଜନାମୂଳକ ସ୍ଥିତି ଉପୁଜିଥିଲା। ଏହି କାରଣରୁ ରାତିଅଧିଆ ଏସ୍‌ପି ମଡ଼କାର ସନ୍ଦୀପ ସମ୍ପଦଙ୍କୁ ବଦଳି କରି ନୂତନ ଏସ୍‌ପି ଭାବେ ଅଭିଜ୍ଞତା ସମ୍ପନ୍ନ ମନୋଜ କୁମାର ରାଉତଙ୍କୁ ଜିଲ୍ଲାକୁ ଅଣାଗଲା। ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଜିଲ୍ଲାରେ ସାମାଜିକ ଗଣମାଧ୍ୟମ (ଫେସବୁକ୍, ଇନଷ୍ଟାଗ୍ରାମ, ୱାଟସଆପ ଆଦି...)ରେ ସୀମା ଲଙ୍ଘନ କରି ସାମ୍ପ୍ରଦାୟିକ ଉତ୍ତେଜନାମୂଳକ ପୋଷ୍ଟିଂ ଯୋଗୁଁ ଏହି ଉତ୍ତେଜନା ବା ହିଂସାତ୍ମକ ସ୍ଥିତି ବଢ଼ିବାରେ ଲାଗିଛି। ସରକାର ଏହି ଉତ୍ତେଜନା ଓ ଅଶାନ୍ତ ସ୍ଥିତିକୁ ସୁଧାରିବାରେ ବିଫଳ ହୋଇ ଜିଲ୍ଲାରେ ଇଣ୍ଟରନେଟ୍ ସେବା ବନ୍ଦ କରିବା ଭଳି ପଦକ୍ଷେପ ନେଇ ସମସ୍ତଙ୍କୁ ଦୁର୍ଦ୍ଦଶାରେ ସମ୍ମୁଖୀନ ହେବାକୁ ବାଧ କରୁଛନ୍ତି।

ଗତ ୧୨ ତାରିଖ ସକାଳ ସାଢ଼େ ୬ଟାରୁ ୨୪ଘଣ୍ଟା ପାଇଁ ଭଦ୍ରକ ସହର, ଭଦ୍ରକ ବ୍ଲକ, ଧାମନଗର ଏନ୍‌ଏସି, ଧାମନଗର ବ୍ଲକ ଓ ତିହିଡି ବ୍ଲକକୁ ମିଶାଇ ୫ଟି ଅଞ୍ଚଳରେ ଇଣ୍ଟରନେଟ୍ ସେବା ବନ୍ଦ କରିଥିଲେ। ପୁଣି ଅଧିକ ୧୨ଘଣ୍ଟା ଲାଗି ଇଣ୍ଟରନେଟ୍ ସେବା ବନ୍ଦ କରି ଶୁକ୍ରବାର ସନ୍ଧ୍ୟା ସାଢ଼େ ୬ଟାରେ ସେବା ଯୋଗାଇଦେଲେ। ଅର୍ଥାତ୍ ୩୬ ଘଣ୍ଟା କାଳ ଜିଲ୍ଲାର ୩ଟି ବ୍ଲକ ଓ ୨ଟି ସହରାଞ୍ଚଳବାସୀ ଇଣ୍ଟରନେଟ ସେବାରୁ ଅକାରଣରେ ବଞ୍ଚିତ ହୋଇ ଦୁର୍ଦ୍ଦଶା ଭୋଗିବାକୁ ବାଧ ହେଲେ। ଇଣ୍ଟରନେଟ୍ ସେବା ବନ୍ଦଥିବାରୁ ଲୋକମାନେ ଦୀର୍ଘ ୩୬ ଘଣ୍ଟା ହେବ ନାନାଦି ସମସ୍ୟାରେ ସମ୍ମୁଖୀନ

- ■ ୯ ମାସରେ ୨ଥର ୮୪ଘଣ୍ଟା ଇଣ୍ଟରନେଟ ସେବା ବନ୍ଦ
- ■ ଦୁର୍ଦ୍ଦଶା ଭୋଗୁଛନ୍ତି ଜିଲ୍ଲାବାସୀ

ହେଲେ। ବିଶେଷକରି ଯୁକ୍ତ ଦୁଇ ଓ ଯୁକ୍ତ ତିନି ପାଇଁ ନାମଲେଖା ଚାଲିଥିବା ବେଳେ ଇଣ୍ଟରନେଟ ସେବା ବନ୍ଦ ଥିବାରୁ ନାମ ଲେଖା ପାଇଁ ଛାତ୍ରଛାତ୍ରୀଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଆଇଆଇଟି ଓ ଏନ୍‌ଆଇଟିରେ ଆଡ୍‌ମିସନ ହେଉକି ସିଲେକ୍ସନ ଏସବୁ ଖବର ମିଳିବା ସମ୍ଭବ ହୋଇପାରୁନାହିଁ। ଯାହାକୁ ନେଇ ଅବିଭାବକ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ସେହିପରି ଇଣ୍ଟରନେଟ ସେବା ବନ୍ଦଥିବାରୁ ଆଧାରକାର୍ଡ ସଂଶୋଧନଠାରୁ ଆରମ୍ଭ କରି ପାସ୍‌ପୋର୍ଟ ସେବା ଆବେଦନ ହୋଇପାରୁନାହିଁ। ଦୂରଦୂରାନ୍ତରୁ ଜିଲ୍ଲା ମୁଖ୍ୟାଳୟକୁ ଆସୁଥିବା ଲୋକଙ୍କୁ ହତାଶ ହୋଇ ଫେରିବାକୁ ପଡିଥିଲା। ଅନୁରୂପ ଭାବେ ବ୍ୟବସାୟ କ୍ଷେତ୍ରରେ ମଧ୍ୟ ଏହାର ସିଧାସଳଖ ପ୍ରଭାବ ଦେଖିବାକୁ ମିଳିଥିଲା। ରଜ ବଜାର ଏକପ୍ରକାର ଘାଟା ହୋଇଯାଇଥିଲା। ବର୍ତ୍ତମାନ ସମୟରେ ସବୁକିଛି ଡିଜିଟାଲ୍ ପେମେଣ୍ଟ ଉପରେ ନିର୍ଭର କରୁଥିବାରୁ କିଣାକିଣି କରିବାରେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସେହିପରି ଏଟିଏମ୍ ମଧ୍ୟ ଅଚଳ ରହିଥିଲା। ଫଳରେ ନାହିଁ ନ ଥିବା ଅସୁବିଧା ଭୋଗିବାକୁ ପଡ଼ିଥିଲା।

କେବଳ ଗତ ୨/୩ ଦିନର କଥା ନୁହେଁ, ଏହା ପୂର୍ବରୁ ଗତ ସେପ୍ଟେମ୍ବର ମାସ ୨୮ ତାରିଖରେ ଅର୍ଥାତ ୮ ମାସ ତଳେ ବି ଜିଲ୍ଲାବାସୀ ସମଦଶା ଭୋଗିଥିଲେ। ଧାମନଗର, ଦୋବଲ ଅଞ୍ଚଳରେ ଉଭୟ ସମ୍ପ୍ରଦାୟ ମଧ୍ୟରେ ଉତ୍ତେଜନା ଦେଖାଦେବା ଓ ପରେ ଭଦ୍ରକ ସହର ପୁରୁଣା ବଜାର ଅଞ୍ଚଳରେ ଏକ ଶୋଭାଯାତ୍ରାକୁ ପୁଲିସ ବିରୋଧ କରିବାରୁ ପୁଲିସ-ପବ୍ଲିକ ମୁହାଁମୁହିଁ ହୋଇଥିଲେ। ଏଥିରେ ପୁଲିସ ଅଧିକାରୀ, କର୍ମଚାରୀ ଆକ୍ରମଣରେ ଲହୁଲୁହାଣ ହୋଇଥିଲେ। ଏହି ଘଟଣାରେ ରାଜ୍ୟ ଗୃହ ବିଭାଗ ପକ୍ଷରୁ ଗତ ସେପ୍ଟେମ୍ବର ୨୮ ତାରିଖରେ ଜିଲ୍ଲାବ୍ୟାପୀ ୪୮ ଘଣ୍ଟା କାଳ ଇଣ୍ଟରନେଟ୍ ସେବା ବନ୍ଦ କରିଥିଲେ। ଫଳରେ ଜିଲ୍ଲାର ସବୁ ବର୍ଗ ଲୋକେ ନାହିଁ ନଥିବା ସମସ୍ୟାରେ ସମ୍ମୁଖୀନ ହେବାକୁ ବାଧ ହୋଇଥିଲେ। ଏପରିକି, ସବୁ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ଖବର ପ୍ରସାରଣ ଲାଗି ଜିଲ୍ଲା ସୀମା ଅତିକ୍ରାନ୍ତ କରି ପଡ଼ୋଶୀ ଜିଲ୍ଲାକୁ ଇଣ୍ଟରନେଟ ପାଇଁ ଧାଇଁବାକୁ ପଡ଼ିଥିଲା। ନୂତନ ସରକାରର ବର୍ଷକ ମଧ୍ୟରେ ଦୁଇ ଦୁଇଥର ନିହାତି ଜରୁରୀ ଇଣ୍ଟରନେଟ ସେବାକୁ ୮୪ ଘଣ୍ଟା ଲାଗି ବନ୍ଦ କରିବା ସରକାର ଓ ପ୍ରଶାସନର ବିଫଳତାକୁ ସ୍ପଷ୍ଟ କରୁଥିବା ସ୍ୱତଃ ପ୍ରମାଣିତ କରୁଛି। ଫଳରେ ନିରୀହ ଜିଲ୍ଲାବାସୀଙ୍କୁ ଦୁର୍ଦ୍ଦଶା ଭୋଗିବାକୁ ପଡୁଛି।

# ପରିଚୟ ଦେଇଛି ବନ୍ୟପ୍ରାଣୀ ଫଟୋଗ୍ରାଫି



## ଅପରୂପା ଦେ



ଅପରୁପା ଦେ ଜଣେ ବନ୍ୟପ୍ରାଣୀ ଫୋଟୋଗ୍ରାଫର ଭାବେ ବେଶ୍ ପ୍ରସିଦ୍ଧି ଲାଭ କରିଛନ୍ତି । ସେ ନିଜର ଫଟୋଗ୍ରାଫି କଳା ମାଧ୍ୟମରେ ପରିବେଶ, ପଶୁପକ୍ଷୀ ସମେତ ଭାରତର ଜୈବବିବିଧତାକୁ ଦର୍ଶାଇଥାନ୍ତି । ଫଟୋଗ୍ରାଫି ପାଇଁ ସେ ବହୁ ବର୍ଷ ସମୟ ଦେଇଛନ୍ତି । ଫୋଟୋଗ୍ରାଫି ମାଧ୍ୟମରେ ଅନେକ ହଜି ଯାଉଥିବା ପ୍ରଜାତିଙ୍କ ସହ ସେ ଲୋକମାନଙ୍କୁ ପରିଚିତ କରାଇଥାନ୍ତି । ତାଙ୍କ ଉତ୍ତୋଳିତ ଫଟୋ କେବଳ ବନ୍ୟପ୍ରାଣୀଙ୍କ ପାଇଁ ଥିବା ଭଲ ପାଇବାକୁ ଦର୍ଶାଏ ନାହିଁ, ବରଂ ପରିବେଶ ସଂରକ୍ଷଣ ପାଇଁ ସମାଜକୁ ବାର୍ତ୍ତା ପ୍ରେରଣ କରିଥାଏ ।

## ଆରଜୁ ଖୁରାନା



ଭାରତରେ ପ୍ରସିଦ୍ଧି ଲାଭ କରିଥିବା ମହିଳା ବନ୍ୟପ୍ରାଣୀ ଫଟୋଗ୍ରାଫର୍‌ଙ୍କ ମଧ୍ୟରୁ ଆରଜୁ ଖୁରାନା ଅନ୍ୟତମ । ସେ ଆଇନ୍‌ରେ ସ୍ନାତକ କରି ଫଟୋଗ୍ରାଫି ଦୁନିଆରେ ପାଦ ଥାପିଥିଲେ । ସେ ସର୍ବଦା ଆକାଶରେ ଉଡ଼ି ଯାଉଥିବା ଦଳ ଦଳ ପକ୍ଷୀଙ୍କ ଚମକଯୁକ୍ତ ରଙ୍ଗ ଓ ସୁନ୍ଦରତାକୁ ଦେଖି ବିମୋହିତ ହେଉଥିଲେ । ୧୬ ବର୍ଷ ବୟସରେ କ୍ୟାମେରା ଧରି ଫଟୋଗ୍ରାଫି ଆରମ୍ଭ କରିଥିଲେ । ଏହା ଦ୍ୱାରା ସେ ବଣ, ଜଙ୍ଗଲ, ପାହାଡ଼ ମଧ୍ୟରେ ଥିବା ପ୍ରକୃତ ସୁନ୍ଦରତାକୁ ଅନୁଭବ କରିଥିଲେ । କିନ୍ତୁ ପୁରୁଷ ପ୍ରାଧାନ୍ୟ ସମାଜରେ ଜଣେ ମହିଳା ଭାବେ ଏହି କାର୍ଯ୍ୟ କରିବା ଏତେ ସହଜ ନ ଥିଲା । ସେ ଖୁବ୍ ନିଷ୍ଠାର ସହ ଫୋଟୋଗ୍ରାଫି ଶିଖିଥିଲେ । ଏଥିପାଇଁ ତାଙ୍କୁ ପରିବାର ଲୋକେ ମଧ୍ୟ ସମର୍ଥନ କରିଥିଲେ । ୨୬ବର୍ଷ ବୟସରେ ସେ ପରିବାର ଲୋକଙ୍କୁ ବୁଝାଇ ସୋଲୋ ଟ୍ରିପ୍ କରିଥିଲେ । ସେ ଏକାକୀ ସଡ଼କ ଯାତ୍ରାରେ ଭାରତର ୫୫ଟି ବ୍ୟାଘ୍ର ସଂରକ୍ଷଣ ବୁଲିଥିଲେ । ଏଥିପାଇଁ ଛଅମାସରେ ୩୭,୦୦୦ କିଲୋମିଟର ଦୂରତା ଅତିକ୍ରମ କରିଥିଲେ ।

## ଐଶ୍ବର୍ଯ୍ୟା ଶ୍ରୀଧର



ପ୍ରଥମ ଭାରତୀୟ ମହିଳା ବନ୍ୟପ୍ରାଣୀ ଫଟୋଗ୍ରାଫର ଭାବେ ଐଶ୍ବର୍ଯ୍ୟା ୨୩ ବର୍ଷ ବୟସରେ 'ଫଟୋଗ୍ରାଫର ଅଫ୍ ଦି ଇୟର' ପୁରସ୍କାର ଜିତିଥିଲେ । ପିଲାବେଳୁ ତାଙ୍କର ବନ୍ୟପ୍ରାଣୀ ଫଟୋଗ୍ରାଫି ପ୍ରତି ରୁଚି ରହିଥିଲା । ଯାହାର ଫଳସ୍ୱରୂପ ସେ ମାତ୍ର ଏଗାର ବର୍ଷ ବୟସରେ ଫଟୋଗ୍ରାଫି ଆରମ୍ଭ କରିଥିଲେ । ତାଙ୍କ ପିତା ବମ୍ବେ ନାଚୁରାଲ୍ସ ହିଷ୍ଟ୍ରି ସୋସାଇଟିର ସଦସ୍ୟ ଥିଲେ । ତେଣୁ ସେ ନିଜ ପିତାଙ୍କ ସହ ସବୁ ସ୍ଥାନକୁ ଯାଉଥିଲେ । ତାଙ୍କ ପିତାଙ୍କ ଠାରୁ ସେ ଫଟୋଗ୍ରାଫି ଦିଗରେ ପ୍ରେରଣା ପାଇଥିଲେ । ଆଖପାଖରେ ଯାହା ସବୁ ଦେଖୁଥିଲେ ତାକୁ କ୍ୟାମେରାରେ ଉଠାଉଥିଲେ । ଫଳରେ ସ୍ନାତକ ଶିକ୍ଷା ସମାପ୍ତି ପରେ ସେ ବନ୍ୟପ୍ରାଣୀ ଫଟୋଗ୍ରାଫର ହୋଇଥିଲେ । ଘଞ୍ଚ ଜଙ୍ଗଲ ମଧ୍ୟରେ ହିଂସ୍ର ପ୍ରାଣୀଙ୍କ ଫଟୋ ଉତ୍ତୋଳନ କରିବାକୁ ସେ ଡରନ୍ତିନି । ଜଙ୍ଗଲର ପ୍ରାକୃତିକ ପରିବେଶ ମଧ୍ୟରେ ରହିବାକୁ ସେ ଖୁବ୍ ଭଲପାଆନ୍ତି । ଫଟୋଗ୍ରାଫି କେବଳ ନିଶା ନୁହେଁ, ଏଥିରୁ ଜୀବନର ଅନେକ କଥା ଶିଖିବାକୁ ମିଳିଥାଏ ବୋଲି ସେ କୁହନ୍ତି । ସେ ନିଜର ଫଟୋଗ୍ରାଫି ପାଇଁ 'ସାଞ୍ଚୁରୀ ଏସିଆ ୟଙ୍ଗ୍ ନାଚୁରାଲ୍‌ଷ୍ଟି ଆୱାର୍ଡ' ସମେତ 'ଇଣ୍ଟରନ୍ୟାସ୍‌ନାଲ୍ କ୍ୟାମେରା ଫେୟାର୍ ଆୱାର୍ଡ' ପାଇଛନ୍ତି ।

**ବନ୍ୟପ୍ରାଣୀ ଫଟୋଗ୍ରାଫିକୁ ପୁରୁଷମାନଙ୍କ କାର୍ଯ୍ୟ ବୋଲି କୁହାଯାଏ । କାରଣ ଏହା ଏକ ଆହ୍ୱାନପୂର୍ଣ୍ଣ ବୃତ୍ତି ଭାବରେ ଜଣାଯାଏ । ଏଥିରେ ଧୈର୍ଯ୍ୟ, ସାହସ, କୌଶଳ ଓ ଦୃଢତାର ଆବଶ୍ୟକତା ରହିଥାଏ । କିନ୍ତୁ ସମୟ ବଦଳିଛି । ଫଟୋଗ୍ରାଫି ଯାହା କେବଳ ପୁରୁଷଙ୍କ କ୍ଷେତ୍ରରେ ସମ୍ଭବ ଥିଲା, ତାହା ଏବେ ମହିଳାମାନେ କରି ଦେଖାଉଛନ୍ତି । ପ୍ରକୃତିର ପ୍ରାକୃତିକ ସୌନ୍ଦର୍ଯ୍ୟକୁ କ୍ୟାମେରା ଲେନ୍ସରେ କଏଦ କରି ବନ୍ୟପ୍ରାଣୀ ସଂରକ୍ଷଣ ନିମନ୍ତେ ଅନେକ ପ୍ରେରଣାଦାୟୀ କାହାଣୀ ସାମ୍ନାକୁ ଆଣିଛନ୍ତି। ସମାଜର କଟକଣା, କଟାକ୍ଷ, ରଢ଼ିବାଦୀ ଚିନ୍ତାଧାରାକୁ ଆଡ଼େଇ ଫଟୋଗ୍ରାଫି କରି ସେମାନଙ୍କ ସାହସ ଓ ଦକ୍ଷତାକୁ ପ୍ରତିପାଦନ କରିଛନ୍ତି । ସେହିପରି କେତେକ ପ୍ରସିଦ୍ଧି ଲାଭ କରିଥିବା ଭାରତୀୟ ମହିଳା ବନ୍ୟପ୍ରାଣୀ ଫଟୋଗ୍ରାଫରଙ୍କୁ ନେଇ ଏହି ଉପସ୍ଥାପନା ।**

# କଳାଦାଗ ଦୂର କରିବ ଆଇପ୍ୟାଚ୍

ବ୍ୟସ୍ତ ଜୀବନଶୈଳୀ, ନିଦ୍ରାଭାବ କାରଣରୁ ଅନେକ ସମୟରେ ଆଖିତଳ କଳାପଡ଼ିଯାଏ । ଏଥିସହ କୁଞ୍ଚନ ସମସ୍ୟା ମଧ୍ୟ ଦେଖାଯାଏ । ଏହା ମୁହଁର ସୌନ୍ଦର୍ଯ୍ୟକୁ କମ୍ କରିଥାଏ । ତେଣୁ ଅଧିକାଂଶ ଲୋକେ ଏହି କଳାଦାଗକୁ ମେକ୍‌ଅପ୍ କରି ଲୁଚାଇ ଥାଆନ୍ତି । ହେଲେ ଏହା ସବୁବେଳେ କରିବା ଅନେକଙ୍କ ପକ୍ଷେ ସମ୍ଭବ ନୁହେଁ, ତେଣୁ ଚାହିଁଲେ ଘରେ ଆଇପ୍ୟାଚ୍ ପ୍ରସ୍ତୁତ କରି ଆଖିତଳ ଦାଗ ଦୂର କରିପାରିବେ ।



- ଗୋଟିଏ ପାତ୍ରରେ ଏକ ଚାମଚ ଆଲୋଭେରା ଜେଲ୍, କାକୁଡ଼ି ରସ, ଗୋଲାପ ଜଳ ଓ ଏକ ଭିଟାମିନ୍ କ୍ୟାପ୍‌ସୁଲ୍ ମିଶାନ୍ତୁ । ଏହାକୁ କଟନପ୍ୟାଡରେ ବୁଡ଼ାଇ ଫ୍ରିଜ୍‌ରେ ଦଶ ମିନିଟ୍ ରଖି ଆଖି ତଳେ ଲଗାଇପାରିବେ । ଏହା ଆଖିତଳ ଦାଗ ସହ ଚର୍ମ କୁଞ୍ଚନ ଦୂର କରିଥାଏ ।
- ଦୁଇଟି ଗ୍ରୀନ୍ ଟି ପ୍ୟାଚ୍‌କୁ ଗରମ ପାଣିରେ ବୁଡ଼ାଇ ଥଣ୍ଡା କରନ୍ତୁ । ଏଥିରେ ମହୁ, ଗୋଲାପ ଜଳ, ଭିଟାମିନ୍ – ଇ କ୍ୟାପ୍‌ସୁଲ ମିଶାନ୍ତୁ । ଏହାକୁ ଆଖି ତଳେ ଲଗାଇ କିଛି ସମୟ ରଖନ୍ତୁ ।
- ସେହିପରି ଗୋଟିଏ କଞ୍ଚାଆଳୁ ଛିଲ୍‌କାରେ ଘଷି ସେଥିରେ ଏକ ଚାମଚ କ୍ଷୀର ଓ ଗୋଲାପଜଳ ମିଶାଇ ଫେଣ୍ଟି ଦିଅନ୍ତୁ । ଏହାକୁ ଫ୍ରିଜ୍‌ରେ ରଖି ଥଣ୍ଡା ହୋଇଗଲେ ଆଖି ତଳେ ଲଗାନ୍ତୁ ।

ମୋ ହାଣ୍ଡିଶାଳରୁ...

# ଆମ୍ବ ପୋଡ଼ପିଠା



### ଆବଶ୍ୟକ ସାମଗ୍ରୀ

ପାଚିଲା ଆମ୍ବ- ତିନୋଟି, ଅରୁଆ ଚାଉଳ - ଦୁଇ କପ୍, ଚିନି - ଏକ କପ୍, ଛେନା - ଏକ କପ୍, ନଡ଼ିଆ -ଏକ କପ୍, କାଜୁ- ଅଧା କପ୍, ଗୁଜୁରାତି - ଦୁଇଟି, ଗୋଲମରିଚ - ତିନି ଚାରୋଟି, ବିଟ ଲୁଣ - ଅଧ ଚାମଚ, କିସ୍‌ମିସ୍ - ଆଠ ଦଶଟି, ତେଲ - ଆବଶ୍ୟକତା ଅନୁସାରେ ।

### ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ପାଚିଲା ଆମ୍ବରୁ ଚୋପା ଛଡ଼ାଇ ରସକୁ ବାହାର କରି ଜାର୍‌ରେ ଦେଇ ଗ୍ରାଇଣ୍ଡିଂ କରନ୍ତୁ । ଏହାପରେ ସେହି ଗ୍ରାଇଣ୍ଡିଂ ଜାର୍‌ରେ ବତୁରା ଅରୁଆ ଚାଉଳ, ଛେନା, କୋରା ନଡ଼ିଆ, କଟା କାଜୁ, ଗୋଲମରିଚ, ଗୁଜୁରାତି, ଚିନି ସମେତ ଅଳ୍ପ ବିଟ ଲୁଣ ଓ ପାଣି ଦେଇ ଗ୍ରାଇଣ୍ଡିଂ କରି ଦିଅନ୍ତୁ । ଏହା ପରେ ଗ୍ୟାସ୍ ଲଗାଇ କଡ଼େଇ ବସାଇ ଅଳ୍ପ ତେଲ ଦିଅନ୍ତୁ । ତେଲ ଗରମ ହୋଇଆସିଲେ ସେଥିରେ କାଜୁ, କିସ୍‌ମିସ୍ ଓ ନଡ଼ିଆ କୋରା ପକାଇ ପିଠାଖଡ଼ିକାରେ ଏପାଖ ସେପାଖ କରି ଦିଅନ୍ତୁ । ଏହାପରେ ବାଟି ରଖିଥିବା ଚାଉଳ ପେଷ୍ଟକୁ ଦେଇ ପିଠାଖଡ଼ିକାରେ ଗୋଳାଇ ଦିଅନ୍ତୁ । ଏହାପରେ ଆମ୍ବରସକୁ ଦେଇ ବହଳିଆ ହେବା ଯାଏ ଘାଣ୍ଟନ୍ତୁ । କିଛି ସମୟ ପରେ ଗ୍ୟାସ ବନ୍ଦ କରି ଦିଅନ୍ତୁ । ଗୋଟିଏ ପ୍ରେସର୍ କୁକର୍ ନେଇ ସେଥିରେ ସାମାନ୍ୟ ତେଲ ଘସି ଶାଳ ତଥା କଦଳୀ ପତ୍ର ଦେଇ ବଟାକୁ ପକାଇ ଭଲ ଭାବେ ଖେଳାଇ ଦିଅନ୍ତୁ । ଏହା ଉପରେ ଏକ ପତ୍ର ଘୋଡ଼ାଇ ଗ୍ୟାସ୍‌ରେ ବସାଇ ବାମ୍ଫ ଦିଅନ୍ତୁ । ଅଧ ଘଣ୍ଟା କିମ୍ବା ୪୫ ମିନିଟ୍ ପରେ ଗ୍ୟାସ ବନ୍ଦ କରି ଥଣ୍ଡା ହେବାକୁ ଛାଡ଼ି ଦିଅନ୍ତୁ । ଏହାକୁ ଗୋଟିଏ ପ୍ଲେଟ୍‌କୁ କାଢ଼ି ଖଣ୍ଡ କରି ପରଷନ୍ତୁ 'ଆମ୍ବ ପୋଡ଼ପିଠା' ।

# ଗିଂଘମ୍ ଫେଶନ୍



**ସାଧାରଣତଃ ଖରାଦିନେ ସମସ୍ତେ ସୂତାପୋଷାକ ପିନ୍ଧିବାକୁ ପସନ୍ଦ କରନ୍ତି । ଏହା ହାଲୁକା ସହ ଆରାମଦାୟ ହୋଇଥାଏ । ଖରାଦିନେ ସୂତା ପୋଷାକ ଭଳି ପ୍ରିଣ୍ଟର ମଧ୍ୟ ଗୁରୁତ୍ୱ ରହିଥାଏ । ଯାହା ଆଖିକୁ ସୁନ୍ଦର ଦେଖାଯିବା ସହ ଏକ ଷ୍ଟାଇଲିସ୍ ଲୁକ୍ ମିଳିଥାଏ । ତେଣୁ ଏହି ଦିନେ ଗିଂଘମ୍ ପ୍ରିଣ୍ଟର ଚାହିଦା ଅଧିକ ରହିଥାଏ । ଏ ପ୍ରକାର ପ୍ରିଣ୍ଟ ଥିବା ପୋଷାକ ସୁନ୍ଦର ଓ ଆକର୍ଷଣୀୟ ହୋଇଥାଏ ।**

### ଡ୍ରେସ୍

ଏଥିରୁ ଉଭୟ ଆଧୁନିକ ଓ ନବେ ଦଶକର ଭାଇବ୍ସ ମିଳିଥାଏ । ଏହାକୁ ପିନ୍ଧି ପାର୍ଟି, ଫଙ୍କସନ ଆଦିକୁ ଯାଇପାରିବେ । ଏହା ଷ୍ଟାଇଲିଶ୍ ସହ ଆକର୍ଷଣୀୟ ଦିଶିଥାଏ ।

### ପ୍ୟାଣ୍ଟ୍

ଗିଂଘମ୍‌ର ଅର୍ଥ କେବଳ ବଜାର ତଥା ପିକ୍‌ନିକ୍ ଯିବା ଆଉଟ୍‌ଫିଟ୍‌ରେ ସୀମିତ ନୁହେଁ, ଏ ପ୍ରକାର ପ୍ରିଣ୍ଟ ପ୍ୟାଣ୍ଟ୍‌ରୁ ଏକ ସ୍ମାର୍ଟ ଲୁକ୍ ମିଳିଥାଏ ।

### ସଟ୍‌ସ

ଖରାଦିନେ ଆରାମ ସହିତ ଷ୍ଟାଇଲିଶ୍ ଲୁକ୍ ପାଇବାକୁ ଚାହିଁଥିଲେ, ଗିଂଘମ୍ ପ୍ରିଣ୍ଟ ଥିବା ସଟ୍‌ସ ପିନ୍ଧିପାରିବେ । ଏଥିରୁ ଏକ ଫିନିଶ୍ ଲୁକ୍ ମିଳିଥାଏ । ଏଥି ସହ ଧଳା କିମ୍ବା ପେଷ୍ଟାଲ୍ ରଙ୍ଗର ଟପ୍ସ ପିନ୍ଧିଲେ ଭଲ ମାନିଥାଏ ।

### ଗିଂଘମ୍ ଆସେସରିଜ୍

ଗିଂଘମ୍ ପ୍ରିଣ୍ଟ ପୋଷାକ ଭଳି ଗିଂଘମ୍ ଆସେସରିଜ୍‌ର ମଧ୍ୟ ଚାହିଦା ରହିଛି । ଗିଂଘମ୍ ହେଡ୍‌ବ୍ୟାଣ୍ଡରୁ ନେଇ ଟୋଟ୍ ବ୍ୟାଗ୍, ହେୟାର୍ କ୍ଲିପ୍ ଆଦି ରହିଛି । ଏହାକୁ ଲଗାଇ ଏଥିରୁ ଏକ କ୍ୟୁଟ୍ ଲୁକ୍ ପାଇପାରିବେ । ବିଶେଷ କରି ଯୁବତୀମାନଙ୍କୁ ଏହି ଆସେସରିଜ୍ ଖୁବ୍ ପସନ୍ଦ ।

# କେଶଝଡ଼ା ରୋକିବ ଅଦା ପାଣି

**କେଶ ମୁହଁର ସୌନ୍ଦର୍ଯ୍ୟ ବୃଦ୍ଧି କରିଥାଏ । ତେଣୁ ସମସ୍ତେ ଘନ, ଲମ୍ବା କେଶ ଚାହାନ୍ତି । ଏଥିପାଇଁ ବିଭିନ୍ନ ରସାୟନିକ ପ୍ରସାଧନ ମଧ୍ୟ ଲଗାଇଥାନ୍ତି । ହେଲେ ବର୍ତ୍ତମାନର ଜୀବନଶୈଳୀ, ଧୂଳିମାଟି, ପ୍ରଦୂଷଣ ଯୋଗୁଁ ଅଧିକ କେଶଝଡ଼ା ସମସ୍ୟା ଦେଖାଯାଉଛି । ସେହିପରି କେଶ ଧଳା ଏବେର ଏକ ମୁଖ୍ୟ ସମସ୍ୟା ପାଲଟିଛି । ତେଣୁ କେଶକୁ ପ୍ରାକୃତିକ ଉପାୟରେ ସୁସ୍ଥ ରଖିବାକୁ ଚାହୁଁଥିଲେ, ଅଦା ପାଣି ବ୍ୟବହାର କରିପାରିବେ ।**

### ସ୍ପ୍ରେ ପ୍ରସ୍ତୁତି

ଏଥିପାଇଁ ଏକ କପ୍ ପାଣିରେ ତିନି ଇଞ୍ଚ ଅଦା ପକାଇ ଫୁଟାନ୍ତୁ । ଏହାକୁ ଦୁଇମିନିଟ୍ ଫୁଟାଇ ଏକ ପାତ୍ରକୁ କାଢ଼ି ଛାଣି ଗୋଟିଏ ବୋତଲରେ ଭର୍ତ୍ତି କରିଦିଅନ୍ତୁ । ସେହିପରି କେଶ ରୁକ୍ଷ ଓ ଶୁଷ୍କ ଥିଲେ ସେଥିରେ ଅଲିଭ୍ ଅଏଲ୍ ଓ ମହୁ ମିଶାନ୍ତୁ । ଏଥିସହ ରୁପି ସମସ୍ୟା ଥିଲେ ଲେମ୍ବୁ ମିଶାଇପାରିବେ ।

### ଲଗାଇବା ବିଧି -

ସ୍ପ୍ରେ ବୋତଲରେ ଷ୍ଟୋର୍ କରି ରଖିଥିବା ଅଦା ପାଣିକୁ କେଶରେ ଅଳ୍ପ ଅଳ୍ପ ସ୍ପ୍ରେ କରି ଏହାକୁ ହାଲୁକା ହାତରେ ମସାଜ୍ କରନ୍ତୁ । କେଶରେ ଅଧିକ ରୁପି ଥିଲେ କେଶ ଧୋଇବାର ଅଧ ଘଣ୍ଟା ପୂର୍ବରୁ ଏହାକୁ ଲଗାଇ ସଫା କରନ୍ତୁ । ଏପରି ଦୁଇ ତିନି ସପ୍ତାହ ଲଗାଇବା ଦ୍ୱାରା ରୁପି ସମସ୍ୟା ଦୂର ହୋଇଥାଏ ।



# ଲାଟିନା ମେକ୍‌ଅପ୍



**ସମୟ ଅନୁସାରେ ଅନେକ ମେକ୍‌ଅପ୍ ଟ୍ରେଣ୍ଡ ଦେଖିବାକୁ ମିଳିଥାଏ । ସେହିପରି ଏବେ ଲାଟିନା ମେକ୍‌ଅପ୍ ଚର୍ଚ୍ଚାରେ ରହିଛି । ଏହାକୁ ଯୁବତୀମାନେ ଖୁବ୍ ପସନ୍ଦ ମଧ୍ୟ କରୁଛନ୍ତି । ତେବେ ଲାଟିନା ମେକ୍‌ଅପ୍ ଲାଟିନ୍ ଆମେରିକା ମହିଳାଙ୍କ ସୌନ୍ଦର୍ଯ୍ୟ, ଷ୍ଟାଇଲରୁ ଅନୁପ୍ରାଣିତ । ଏହା ମହିଳାଙ୍କୁ ଆକର୍ଷଣୀୟ ସହ ଏକ ଷ୍ଟାଇଲିଶ୍ ଲୁକ୍ ଦେଇଥାଏ । ଏହି ମେକ୍‌ଅପ୍ ପ୍ରକ୍ରିୟାରେ ତ୍ୱଚାରେ ପ୍ରାକୃତିକ ଚମକ ଆସିଥାଏ । ବିଶେଷ କରି ବୋଲ୍‌ଡ ଲିପ୍ସ, ଶାର୍ପ ଫେସ୍ ଓ ଆଖି ମେକ୍‌ଅପ୍‌କୁ ଧ୍ୟାନ ଦିଆଯାଇଥାଏ । ଏହି ମେକ୍‌ଅପ୍ କିପରି କରିବେ ଜାଣିବା ସେ ବିଷୟରେ...**

### ଫେସ୍‌ୱାସ୍

ପ୍ରଥମେ ତ୍ୱଚାକୁ ଫେସ୍‌ୱାସ୍‌ରେ ଭଲ କରି ଧୋଇ ଦିଅନ୍ତୁ । ଏହାପରେ ହାଇଡ୍ରେଟିଙ୍ଗ୍ ଟୋନର୍ ସହ ସିରମ୍ ଲଗାଇ ତ୍ୱଚାକୁ ଏକ ନରମ ବେସ୍ ଦିଅନ୍ତୁ ।

### ଫାଉଣ୍ଡେସନ୍

ମୁହଁର ରଙ୍ଗ ଅନୁଯାୟୀ, କ୍ରିମ୍ ବା ମ୍ୟାଟ୍ ଫିନିଶ୍ ଦେଉଥିବା ଫାଉଣ୍ଡେସନ୍ ଲଗାନ୍ତୁ । ବ୍ଲେଣ୍ଡର ସାହାଯ୍ୟରେ ତ୍ୱଚାରେ ଭଲ କରି ମିଶାନ୍ତୁ । ତ୍ୱଚାର ଦାଗକୁ ଦୂର କରିବା ପାଇଁ କନ୍‌ସିଲର୍ ଲଗାନ୍ତୁ । ନାକ , ଗାଲ ଏବଂ ଆଖିରେ କନ୍‌ସିଲର୍ ଲଗାଇବା ଦ୍ୱାରା ଏକ ଫିନିଶ୍ ଲୁକ୍ ମିଳିଥାଏ ।

### କଂଟୁରିଙ୍ଗ୍

ବ୍ରୋଞ୍ଜର ବ୍ୟବହାର କରି ଚିକ୍ , ଫୋର୍‌ହେଡ୍ ଏବଂ ଜ-ଲାଇନ୍‌କୁ କଂଟୁର କରନ୍ତୁ । ବ୍ରୋଞ୍ଜରକୁ ଆଖି ପାଖରେ ଭଲରେ ମିଶାଇ ହାଇଲାଇଟର୍ ଲଗାନ୍ତୁ । ଏହା ଆଖିକୁ ଆକର୍ଷଣୀୟ ଲୁକ୍ ଦେଇଥାଏ ।

### ବୋଲ୍‌ଡ ଆଇବ୍ରୋ

ବ୍ରୋ ପେନ୍‌ସିଲ୍‌ରେ ଆଇବ୍ରୋକୁ କୁଣ୍ଡାଇ ସଜାଡ଼ନ୍ତୁ । ଏହାପରେ ଆଇବ୍ରୋରେ କନ୍‌ସିଲର୍ ଏବଂ ହାଇଲାଟର୍ ଲଗାଇ ଏହାକୁ ତ୍ୱଚାର ରଙ୍ଗ ସହ ମିଶାନ୍ତୁ ଏଥିରୁ ଏକ ଆକର୍ଷଣୀୟ ଲୁକ୍ ମିଳିଥାଏ ।



# କ୍ରୀଡ଼ା



ସକାଳ
THE SAKALA
www.sakalaepaper.com

## ୨୭ ବର୍ଷ ପ୍ରତୀକ୍ଷାର ଅନ୍ତ

# ଦକ୍ଷିଣ ଆଫ୍ରିକା ହାତରେ ଆଇସିସି ଟ୍ରଫି

ଲର୍ଡ୍ସ,୧୪।୬ (ଏଜେନ୍ସି):

କ୍ରିକେଟର ମକ୍କା ଭାବେ ବିବେଚିତ ଐତିହାସିକ ଲର୍ଡ୍ସ କ୍ରିକେଟ ଗ୍ରାଉଣ୍ଡରେ ଇତିହାସ ରଚିଛି ଦକ୍ଷିଣ ଆଫ୍ରିକା। ଏଠାରେ ଗତ ୪ ଦିନ ଧରି ଚାଲିଥିବା ବିଶ୍ୱଟେଷ୍ଟ ଚାମ୍ପିଅନସିପ୍(ଡବ୍ଲ୍ୟୁଟିସି)ର ଫାଇନାଲ ମୁକାବିଲାରେ ଡିଫେଣ୍ଡିଂ ଚାମ୍ପିଅନ ବା ଗତଥରର ବିଜେତା ଅଷ୍ଟ୍ରେଲିଆକୁ ୫ ୱିକେଟରେ ପରାସ୍ତ କରି ଦକ୍ଷିଣ ଆଫ୍ରିକା ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଏହା ଫଳରେ ବିଜୟୀ ଦଳ ଦୀର୍ଘ ୨୭ ବର୍ଷ ପରେ ୧୧ଟି ସେମିଫାଇନାଲ ଓ ଗୋଟିଏ ଫାଇନାଲରେ ହାରିବା ପରେ ଆଇସିସି ଟ୍ରଫି ବିଜୟୀ ହୋଇଛି। ପୂର୍ବରୁ ୧୯୯୮ରେ ଦକ୍ଷିଣ ଆଫ୍ରିକା ଆଇସିସି ନକ୍ଆଉଟ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇ ପ୍ରଥମ ଆଇସିସି ଟ୍ରଫି ବିଜୟୀ ହୋଇଥିଲା। 'ଆଇସିସି ନକ୍ଆଉଟ ଟୁର୍ଣ୍ଣାମେଣ୍ଟ' ପରବର୍ତ୍ତୀ ସମୟରେ ଆଇସିସି ଚାମ୍ପିଅନ୍ସ ଟ୍ରଫି ଭାବରେ ନାମିତ ହୋଇଥିଲା। ଏବେ ବିଶ୍ୱଟେଷ୍ଟ ଚାମ୍ପିଅନସିପ୍ ଫାଇନାଲରେ ଅଷ୍ଟ୍ରେଲିଆକୁ ମାତ ଦେଇ ଦକ୍ଷିଣ ଆଫ୍ରିକା ନାମରେ ଥିବା ଚୋକର୍ସ ଟ୍ୟାଗ୍କୁ ହଟାଇବାରେ ପ୍ରଥମ ପାଦ ଥାପିଛି। ଏହି ଫାଇନାଲରେ ଦକ୍ଷିଣ ଆଫ୍ରିକାର ଦ୍ୱିତୀୟ ଇନିଂସରେ ୧୩୬ ରନ୍ର ଦମ୍ଦାର ଇନିଂସ ଖେଳି ଦଳକୁ ବିଜୟୀ କରାଇଥିବା ଓପନର ଆଇଡେନ ମାର୍କରାମଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।







ପରାଜୟରେ ମ୍ରିୟମାଣ ଅଷ୍ଟ୍ରେଲୀୟ ଖେଳାଳି

### ୫ ୱିକେଟରେ ମାତ୍ ଦେଲା

ଏହି ମ୍ୟାଚରେ ବିଉ ୱେବ୍ଷ୍ଟର ୭୨ ଓ ଷ୍ଟିଭେନ ସ୍ମିଥ ୬୬ ରନ୍ କରିବା ଫଳରେ ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୨୧୨ ରନ୍ କରିଥିଲା। ଜବାବରେ ପ୍ୟାଟ୍ କମିନ୍ସ ୬ଟି ୱିକେଟ ନେବା ଫଳରେ ଦକ୍ଷିଣ ଆଫ୍ରିକାର ପ୍ରଥମ ଇନିଂସ ୧୩୮ ରନ୍ରେ ଅଟକିଥିଲା। ଡେଭିଡ ବେଡିଂହାମ ୪୫ ଓ ତେମ୍ବା ବଭୁମା ୩୬ ରନ୍ କରିଥିଲେ। ପ୍ରଥମ ଇନିଂସରେ ୭୪ ରନ୍ରେ ଆଗୁଆ ରହିଥିବା ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସରେ ୭୭ ରନ୍ରେ ୭ ୱିକେଟ ହରାଇଥିଲେ ମଧ୍ୟ ମିଚେଲ ଷ୍ଟାର୍କଙ୍କ ଅପରାଜିତ ୫୮ ଓ ଆଲେକ୍ସ କ୍ୟାରୀଙ୍କ ୪୩ ରନ୍ ସହାୟତାରେ ଦଳ ୨୦୭ ରନ୍ କରିବାକୁ ସମର୍ଥ ହୋଇଥିଲା। ଅଷ୍ଟ୍ରେଲିଆର ପ୍ରଥମ ପାଳିରେ ୫ ୱିକେଟ ନେଇଥିବା କାଗିସୋ ରାବାଡା ଦ୍ୱିତୀୟ ଇନିଂସରେ ମଧ୍ୟ ୪ଟି ୱିକେଟ ନେଇ ଶ୍ରେଷ୍ଠ ବୋଲିଂ ସଫଳତା ପାଇଥିଲେ।

ଏହା ପରେ ଆରମ୍ଭ ହୋଇଥିଲା ଇତିହାସ ରଚିବାର ଚେଷ୍ଟା। ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆ ଆଗରେ ୨୮୨ ରନ୍ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଏହି ଲକ୍ଷ୍ୟକୁ ପିଛା କରି ଦକ୍ଷିଣ ଆଫ୍ରିକା ୭୦ ରନ୍ରେ ୨ ୱିକେଟ ହରାଇଥିଲା। କିନ୍ତୁ ତୃତୀୟ ୱିକେଟ ଯୋଡିରେ ଦଳର ସବୁଠାରୁ ଅଭିଜ୍ଞ ବ୍ୟାଟର ଓପନର ଆଇଡେନ୍ ମାର୍କରାମ ଓ ତେମ୍ବା ବଭୁମା ଉଭୟ ଧୈର୍ଯ୍ୟପୂର୍ଣ୍ଣ ଓ ଆକ୍ରମଣାତ୍ମକ ବ୍ୟାଟିଂ କରି ୨୫୦ ବଲ୍ରୁ ୧୪୭ ରନ୍ ଉଠାଇ ଦଳକୁ ବିଜୟର ଦ୍ୱାର ଦେଶରେ ପହଞ୍ଚାଇଥିଲେ। ମ୍ୟାଚ୍ ଜିତିବାକୁ ଆଉ ୬୫ ରନ୍ ଆବଶ୍ୟକ ଥିଲାବେଳେ ଅଧିନାୟକ ବଭୁମା ଓ ୬ ରନରୁ ଦୂରରେ ଥିଲାବେଳେ ମାର୍କରାମ ଆଉଟ ହୋଇଯାଇଥିଲେ। କିନ୍ତୁ ଡେଭିଡ ବେଡିଂହାମ ଅଧିକ କ୍ଷତି ହେବାକୁ ନ ଦେଇ ଦଳକୁ ଐତିହାସିକ ବିଜୟ ପ୍ରଦାନ କରିଥିଲେ। ବଭୁମା ୧୩୪ ବଲ୍ରୁ ୫ ଚୌକା ସହ ୬୬ ଏବଂ ମାର୍କରାମ ତାଙ୍କ ଟେଷ୍ଟ ଜୀବନର ଶ୍ରେଷ୍ଠ ଇନିଂସ ସହ ୨୦୭ ବଲ୍ରୁ ୧୪ ଚୌକା ସହ ୧୩୬ ରନ୍ରେ ଆଉଟ ହୋଇଥିଲେ। ଦକ୍ଷିଣ ଆଫ୍ରିକାର ଦୁଇ ଓପନରଙ୍କୁ ଆଉଟ କରିବା ବ୍ୟତୀତ ଅନ୍ୟ ସମୟରେ ଅଷ୍ଟ୍ରେଲିଆର ତଥାକଥିତ ପ୍ରଭାବଶାଳୀ ଓ ବିଶ୍ୱଚାମ୍ପିଅନ ବୋଲର ପ୍ରଭାବବିହୀନ ହୋଇଯାଇଥିଲେ।





ଆଇଡେନ୍ ମାର୍କରାମ- ୧୩୬

### ସଂକ୍ଷିପ୍ତ ସ୍କୋର

**ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୨୧୨/୧୦** (ବିଉ ୱେବ୍ଷ୍ଟର-୭୩, ଷ୍ଟିଭେନ ସ୍ମିଥ୍-୬୬, କାଗିସୋ ରାବାଡ଼ା- ୫/୫୧, ମାର୍କୋ ଜାନସେନ-୩/୪୯)।

**ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ: ୧୩୮/୧୦** (ଡେଭିଡ୍ ବେଡିଂହାମ-୪୫, ତେମ୍ବା ବଭୁମା-୩୬, ପ୍ୟାଟ୍ କମିନ୍ସ-୬/୨୮, ମିଚେଲ ଷ୍ଟାର୍କ-୨/୪୧)।

**ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ: ୨୦୭/୧୦** (ମିଚେଲ ଷ୍ଟାର୍କ-୫୮*, ଆଲେକ୍ସ କ୍ୟାରୀ-୪୩, ରାବାଡା-୪/୫୯, ଲୁଙ୍ଗି ଏନ୍ଗିଡି-୩/୩୮)।

**ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସ: ୨୮୨/୫** (ଆଇଡେନ୍ ମାର୍କରାମ-୧୩୬, ତେମ୍ବା ବଭୁମା-୬୬, ମିଚେଲ ଷ୍ଟାର୍କ-୩/୬୬, ଜୋଶ ହାଜ୍ଲେଉଡ୍-୧/୫୮)।

**ପ୍ଲେୟର ଅଫ୍ ଦି ମ୍ୟାଚ୍ ଆଇଡେନ୍ ମାର୍କରାମ**

### ଅପରାଜେୟ ଅଧିନାୟକ ବଭୁମା

ଦକ୍ଷିଣ ଆଫ୍ରି ଟେଷ୍ଟ ଦଳର ନେତୃତ୍ୱ ନେବାପରଠାରୁ ଏଯାଏ ଗୋଟିଏ ହେଲେ ଟେଷ୍ଟରେ ହାରି ନାହାନ୍ତି। ଏହା ଫଳରେ ସେ ଟେଷ୍ଟ ଅଧିନାୟକ ଭାବେ ଅପରାଜିତ ରହିଛନ୍ତି। ସେ ୧୦ଟି ଟେଷ୍ଟରେ ନେତୃତ୍ୱ ନେଇଥିଲାବେଳେ ୯ଟିରେ ବିଜୟୀ ହୋଇଛନ୍ତି ଓ ଅନ୍ୟ ଗୋଟିଏ ମ୍ୟାଚ୍ ଡ୍ର ରଖିଛନ୍ତି। ଏହା ମଧ୍ୟରେ ଏକ ଐତିହାସକ ସିରିଜ୍ ବିଜୟ ଓ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଫାଇନାଲ ରହିଛି। ତାଙ୍କ ନେତୃତ୍ୱରେ ଦକ୍ଷିଣ ଆଫ୍ରିକା ଲର୍ଡ୍ସରେ ଅନୁଷ୍ଠିତ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଫାଇନାଲରେ ଅଷ୍ଟ୍ରେଲିଆକୁ ୫ ୱିକେଟରେ ପରାସ୍ତ କରି ଇତିହାସ ସୃଷ୍ଟି କରିଛନ୍ତି।

### ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ବିଜେତା

| ବର୍ଷ | ଚାମ୍ପିଅନ | ରନର୍ସଅପ୍ |
|---|---|---|
| ୨୦୧୯-୨୧ | ନ୍ୟୁଜିଲାଣ୍ଡ | ଭାରତ |
| ୨୦୨୧-୨୩ | ଅଷ୍ଟ୍ରେଲିଆ | ଭାରତ |
| ୨୦୨୩-୨୫ | ଦକ୍ଷିଣ ଆଫ୍ରିକା | ଅଷ୍ଟ୍ରେଲିଆ |

### ଆଇସିସି ଟ୍ରଫି ଫାଇନାଲ: ୧୫ ବର୍ଷ ପରେ ହାରିଲା ଅଷ୍ଟ୍ରେଲିଆ

ଦୀର୍ଘ ୧୫ ବର୍ଷ ପରେ ଆଇସିସି ଦ୍ୱାରା ଆୟୋଜିତ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ଅଷ୍ଟ୍ରେଲିଆ ପରାଜିତ ହୋଇଛି। ଇଂଲଣ୍ଡର ଲର୍ଡ୍ସରେ ଶନିବାର ଶେଷ ହୋଇଥିବା ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଫାଇନାଲରେ ଦକ୍ଷିଣ ଆଫ୍ରିକା ନିକଟରୁ ପରାଜିତ ହୋଇଛି। ଏହା ପୂର୍ବରୁ ଶେଷଥର ୨୦୧୦ ଟି-୨୦ ବିଶ୍ୱକପ୍ ଫାଇନାଲରେ ଅଷ୍ଟ୍ରେଲିଆ ଚାମ୍ପିଅନ ଇଂଲଣ୍ଡ ନିକଟରୁ ପରାଜିତ ହୋଇଥିଲା। ଏହା ମଧ୍ୟରେ ଅଷ୍ଟ୍ରେଲିଆ ୨୦୧୫ ଦିନିକିଆ ବିଶ୍ୱକପ୍ ଦୁବାଇରେ ଅନୁଷ୍ଠିତ ଟି-୨୦ ବିଶ୍ୱକପ୍, ୨୦୨୧-୨୩ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଓ ୨୦୨୩ ଦିନିକିଆ ବିଶ୍ୱକପ୍ ଫାଇନାଲ ଜିତି ଚାମ୍ପିଅନ ହୋଇଥିଲା। ଅଷ୍ଟ୍ରେଲିଆ ବିଭିନ୍ନ ଫର୍ମାଟରେ ୧୪ଟି ଆଇସିସି ଟୁର୍ଣ୍ଣାମେଣ୍ଟ ଫାଇନାଲରେ ପ୍ରବେଶ କରିଛି। ଏହା ମଧ୍ୟରୁ ମାତ୍ର ୪ଟିରେ ପରାଜିତ ହୋଇଛି।

### ଏଫ୍ଆଇଏଚ୍ ପୁରୁଷ ପ୍ରୋ-ଲିଗ୍

## ଭାରତର କ୍ରମାଗତ ୫ମ ପରାଜୟ





ଆଣ୍ଟେୱର୍ପ, ୧୪।୬ (ଏଜେନ୍ସି): ଏଫ୍ଆଇଏଚ୍ ପୁରୁଷ ପ୍ରୋ ଲିଗ୍ର ୟୁରୋପ ଟୁର୍ରେ ପରାଜୟ ଭାରତର ପିଛା ଛାଡୁନାହିଁ। ଏଠାରେ ଶନିବାର ଅନୁଷ୍ଠିତ ଅଷ୍ଟ୍ରେଲିଆ ବିପକ୍ଷ ମୁକାବିଲାରେ ଭାରତ ୨-୩ ଗୋଲରେ ଅଷ୍ଟ୍ରେଲିଆ ନିକଟରୁ ପରାଜିତ ହୋଇଯାଇଛି। ଏହା ଫଳରେ ୟୁରୋପ ଟୁର୍ରେ ଦଳ କ୍ରମାଗତ ପଞ୍ଚମ ପରାଜୟ ବରଣ କରିଛି। ପୂର୍ବରୁ ନେଦରଲାଣ୍ଡସ ଓ ଆର୍ଜେଣ୍ଟିନା ନିକଟରୁ ଦଳ ୨ଥର ଲେଖାଏଁ ପରାଜିତ ହୋଇଥିଲା। ଆଜିର ମୁକାବିଲାରେ ଅଭିଷେକ ଡବଲ ଗୋଲ ଦେଇ ଦଳକୁ ୨-୦ରେ ଅଗ୍ରଣୀ କରାଇଥିଲେ ମଧ୍ୟ ଲଢୁଆ ପ୍ରତ୍ୟାବର୍ତ୍ତନ କରି ଅଷ୍ଟ୍ରେଲିଆ ଏହି ମ୍ୟାଚ୍କୁ ଜିତିନେଇଥିଲା। ବିଜୟୀ ଦଳ ପକ୍ଷରୁ ନାଥାନ ଏଫ୍ରାମସ, ଜୋଏଲ ରିଣ୍ଟାଲା ଓ ଟମ୍ କ୍ରେଗ୍ ଗୋଟିଏ ଲେଖାଏ ଗୋଲ ଦ୍ୱିତୀୟାର୍ଦ୍ଧରେ ସ୍କୋର କରିଥିଲେ। ଭାରତ ପକ୍ଷରୁ ଆଘାତ ପାଇଥିବା ଅଧିନାୟକ ହରମନପ୍ରୀତ୍ ସିଂ ଏହି ମ୍ୟାଚ୍ ଖେଳୁ ନ ଥିଲେ।

### ଆଇସିସି ନିୟମରେ ପରିବର୍ତ୍ତନ

## ୨୫ ଓଭର ଦିନିକିଆ ମ୍ୟାଚ୍ରେ ଗୋଟିଏ ନୂଆ ବଲ୍

ଦୁବାଇ, ୧୪।୬ (ଏଜେନ୍ସି): ଆଇସିସି ପକ୍ଷରୁ କେତେକ ନିୟମରେ ପରିବର୍ତ୍ତନ କରାଯାଇଛି। ଏବେ ଦିନିକିଆ ମ୍ୟାଚ୍ ୨୫ ଓଭର ବିଶିଷ୍ଟ ହେଲେ ଇନିଂସରେ ଗୋଟିଏ ନୂଆ ବଲ୍ ବ୍ୟବହାର କରାଯିବ। ଏହି ନିୟମ ଜୁଲାଇ ୨ରୁ ଲାଗୁ ହେବ। ଏବେ ଦିନିକିଆ ମ୍ୟାଚ୍ରେ ୨ଟି ନୂଆବଲ ଖେଳାଯାଉଛି। ଯାହା ଫଳରେ ଫିଲ୍ଡିଂ କରୁଥିବା ଦଳ ଫାଇଦାରେ ରହୁଛି। ଏଣୁ ୩୪ ଓଭର ପରେ ଫିଲ୍ଡିଂ କରୁଥିବା ଦଳ ଏହି ଦୁଇଟି ବଲ୍ରୁ ଗୋଟିକରେ ବୋଲିଂ କରିବ।

ଶିବମ ଦୁବେଙ୍କ ସ୍ଥାନରେ ହର୍ଷିତ ରାଣାଙ୍କୁ କନକସନ ବଦଳ ଖେଳାଳି ଭାବେ ବ୍ୟବହାର କରାଯିବାକୁ ନେଇ ବେଶ ଆଲୋଚନା ହୋଇଥିଲା। ଏହା ବିବାଦ ଘେରକୁ ଆସିବା ପରେ ଏବେ କନକସନ ନିୟମରେ କିଛି ପରିବର୍ତ୍ତନ କରାଯାଇଛି। ଗୋଟିଏ ଦଳ ଚୂଡ଼ାନ୍ତ ଏକାଦଶ ଖେଳାଳି ତାଲିକା ଦେଲାବେଳେ ଓ ଦଳରେ ଥିବା ଖେଳାଳିଙ୍କ ସମ୍ପର୍କରେ ୫ଟି କାଟାଗୋରୀ ସମ୍ପର୍କରେ ସୂଚନା ଦେବେ। ସେଗୁଡିକ ହେଲା ୱିକେଟରକ୍ଷକ, ବ୍ୟାଟର, ସିମ୍ ବୋଲର, ସ୍ପିନ୍ ବୋଲର ଓ ଅଲରାଉଣ୍ଡର। କନକସନ ବଦଳ ଅବସ୍ଥା ଆସିଲେ ମ୍ୟାଚ୍ ରେଫରି ଏହି ତାଲିକାରୁ ସମାନ ଖେଳାଳିଙ୍କୁ ଖେଳିବାକୁ ସୁଯୋଗ ଦେବେ। ସେହିପରି ବାଉଣ୍ଡରୀରେ କ୍ୟାଚ୍ ଧରିବା ନିୟମରେ ମଧ୍ୟ ପରିବର୍ତ୍ତନ କରାଯାଇଛି। ବାଉଣ୍ଡରୀରେ ବଲ ଧରି ନିୟନ୍ତ୍ରଣ ହରାଇଲାବେଳେ ଅନେକ ଖେଳାଳି ବାଉଣ୍ଡରୀ ବାହାରକୁ ଚାଲିଯାଉଛନ୍ତି। କିନ୍ତୁ ସେମାନେ ଏକାଥରକେ ପଡ଼ିଆ ଭିତରକୁ ଆସି ନ ପାରିଲେ ତାହାକୁ ବାଉଣ୍ଡାରୀ ବିବେଚନା କରାଯିବ। ଏହି ନିୟମ ଅକ୍ଟୋବର ୨୦୨୬ରେ ଲାଗୁ କରାଯିବ। ପଡ଼ିଆ ବାହାରେ ଦୁଇଥର ଡେଇଁ ବଲ ଛୁଇଁଲେ ତାହାକୁ ବାଉଣ୍ଡାରୀ ବିବେଚନା କରାଯିବ। ସେହିପରି ବଲକୁ ଧରି ପଡ଼ିଆ ଭିତରକୁ ପକାଇବାରେ ଆଉଜଣେ କ୍ୟାଚ୍ ଧରିବା ବେଳକୁ ପୂର୍ବ ଖେଳାଳିଜଣଙ୍କ ପଡ଼ିଆ ଭିତରକୁ ଆସି ନ ଥିଲେ ତାହାକୁ ବାଉଣ୍ଡାରୀ ଭାବେ ବିବେଚନା କରାଯିବ।

### ଏସିଆନ୍ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍

## ପ୍ରଣତିଙ୍କୁ କାଂସ୍ୟ ପଦକ

ସିଓଲ, ୧୪।୬ (ଏଜେନ୍ସି): ଭାରତର ପ୍ରତିଯୋଗୀ ତଥା କଳିଙ୍ଗ ଷ୍ଟାଡିୟମ୍ରେ ଥିବା ଜିମ୍ନାଷ୍ଟିକ୍ ହାଇପରଫର୍ମାନ୍ସ ସେଣ୍ଟରରେ ପ୍ରଶିକ୍ଷଣ ନେଉଥିବା ପ୍ରଣତି ନାୟକ ଏଠାରେ ଅନୁଷ୍ଠିତ ୨୦୨୫ ଏସିଆନ୍ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ଚାମ୍ପିଅନସିପ୍ରେ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ଶନିବାର ଅନୁଷ୍ଠିତ ଏହି ଇଭେଣ୍ଟରେ ପ୍ରଣତି ୧୩,୪୬୬ ପଏଣ୍ଟ ହାସଲ କରି ତୃତୀୟ ସ୍ଥାନରେ ରହିଥିଲେ। ତାଙ୍କଠାରୁ ଅଧିକ ପଏଣ୍ଟ ପାଇଥିବା ଚୀନ୍ର ୟିହାନ ଝାଙ୍ଗ୍ ଓ ଭିଏତନାମ୍ର ଏନ୍ଗୁଏନ୍ ଥି କ୍ୟୁନ୍ ନୁ'ଙ୍କୁ ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ମିଳିଥିଲା। ଏଥିରେ ଭାଗ ନେଇଥିବା ଅନ୍ୟ ଭାରତୀୟ ପ୍ରତିଯୋଗୀ ପ୍ରତିଷ୍ଠା ସାମନ୍ତ ଅଳ୍ପକେ ପଦକ ଜିତିବାରୁ ବଞ୍ଚିତ ହୋଇ ଚତୁର୍ଥ ସ୍ଥାନରେ ରହିଥିଲେ। ଏହି ବିଜୟ ଫଳରେ ପ୍ରଣତି ଭାରତୀୟ ଭାବେ ଏସିଆନ୍ ଚାମ୍ପିଅନସିପ୍ରେ ସର୍ବାଧିକ ୩ଟି ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ତାଙ୍କ ପୂର୍ବରୁ ଦୀପା କର୍ମାକାର ୨ଟି ପଦକ ଜିତିଥିଲେ। ୨୦୧୯ ଉଲାନବାତାର ଓ ୨୦୨୨ ଦୋହାରେ ଅନୁଷ୍ଠିତ ଚାମ୍ପିଅନସିପ୍ରେ ପ୍ରଣତି ଅନ୍ୟ ଦୁଇଟି କାଂସ୍ୟ ପଦକ ବିଜୟୀ ହୋଇଥିଲେ।



### ମ୍ୟୁନିକ୍ ସୁଟିଂ ବିଶ୍ୱକପ୍

## ଆର୍ଯ୍ୟା-ଅର୍ଜୁନଙ୍କୁ ସ୍ୱର୍ଣ୍ଣପଦକ

ମ୍ୟୁନିକ୍, ୧୪।୬ (ଏଜେନ୍ସି): ଏଠାରେ ଚାଲିଥିବା ଆଇଏସ୍ଏସଏଫ୍ (ସୁଟିଂ) ବିଶ୍ୱକପ୍ରେ ଭାରତର ୧୦ ମିଟର ଏୟାର ରାଇଫଲ ମିକ୍ସଡ ଟିମ୍ ଯୋଡି ଆର୍ଯ୍ୟା ବୋଷ ଓ ଅର୍ଜୁନ ବାବୁଟାଙ୍କ ଯୋଡି ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ଏଠାରେ ଶନିବାର ଅନୁଷ୍ଠିତ ମିକ୍ସଡ ଟିମ୍ ଇଭେଣ୍ଟରେ ଆର୍ଯ୍ୟା -ଅର୍ଜୁନଙ୍କ ଯୋଡି ୧୭-୭ ପଏଣ୍ଟରେ ଚୀନ୍ର ଜିଫେଇ ୱାଙ୍ଗ୍ ଓ ଲିହାସ ଶେଙ୍ଗ୍ଙ୍କ ଯୋଡ଼ିଙ୍କୁ ପରାସ୍ତ କରିଥିଲେ। ଏହି ବିଜୟ ସହ ଭାରତ ମ୍ୟୁନିକ୍ ସୁଟିଂ ବିଶ୍ୱକପ୍ରେ ୨ଟି ସ୍ୱର୍ଣ୍ଣ ସହ ୪ଟି ପଦକ ଜିତିବାରେ ସମର୍ଥ ହୋଇଛି। ପୂର୍ବରୁ ସୁରୁଚି ଶର୍ମା ପ୍ରଥମ ସ୍ୱର୍ଣ୍ଣ ଜିତିଥିଲେ। ତାଙ୍କ ବ୍ୟତୀତ ସିଫ୍ଟ କୌର ସାମ୍ରା ଓ ଏଲାଭେନିଲ ୨ଟି କାଂସ୍ୟ ପଦକ ଜିତିବାରେ ସମର୍ଥ ହୋଇଥିଲେ। ଶନିବାର ଅନୁଷ୍ଠିତ ମିକ୍ସଡ ଟିମ୍ ଇଭେଣ୍ଟରେ ଭାରତର ଅନ୍ୟ ପ୍ରତିଯୋଗୀ ଏଲାଭେନିଲ ଭାଲାରିଭାନ ଓ ଅଙ୍କୁଶ ଯାଦବଙ୍କ ଯୋଡି ୬ଷ୍ଠ ସ୍ଥାନରେ ରହି ନିରାଶ କରିଥିଲେ।



### ଜାତୀୟ କରାଟେ ପ୍ରତିଯୋଗିତା

## ଓଡ଼ିଶାକୁ ୫ ସ୍ୱର୍ଣ୍ଣ ସହ ୧୭ ପଦକ

ଭୁବନେଶ୍ୱର, ୧୪।୬ (ସମିସ): ଉତ୍ତରାଖଣ୍ଡର ଡେରାଡୁନ୍ଠାରେ ଚାଲିଥିବା ଜାତୀୟ କରାଟେ ପ୍ରତିଯୋଗିତାର ତୃତୀୟ ଦିନ ସୁଦ୍ଧା ଓଡ଼ିଶାର ପ୍ରତିଯୋଗୀମାନେ ତୃତୀୟ ଦିନରେ ୫ସ୍ୱର୍ଣ୍ଣ, ୮ରୌପ୍ୟ, ୪କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ଗତକାଲି ଦ୍ୱିତୀୟ ଦିନରେ ପ୍ରତିଯୋଗୀମାନେ ୨ସ୍ୱର୍ଣ୍ଣ, ୨ରୌପ୍ୟ, ୫କାଂସ୍ୟ ପଦକ ବିଜୟୀ ହୋଇଥିଲେ। ଗତକାଲି ଯୁବ ୭୦ କିଲୋ ଫାଇଟିଂ ଶ୍ରେଣୀରେ ଅଂଶୁମାନ ଆଚାର୍ଯ୍ୟ ଓ ୭୬ କିଲୋରୁ ଉର୍ଦ୍ଧ୍ୱ ଶ୍ରେଣୀ ଫାଇଟିଂରେ ଦିବ୍ୟପ୍ରସାଦ ନାୟକ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ଆଜି ତୃତୀୟ ଦିନରେ ଅଶ୍ଲେଷା ପଣ୍ଡା, ବୈଶାଳୀ ପାତ୍ର, ଶ୍ରେୟା କାନୁନଗୋ, ଆଦ୍ୟାଶା ପ୍ରିୟଦର୍ଶିନୀ ଓ ଲିନ୍ସି ସିଂହ। ଲିନ୍ସି ସିଂହ, ଆକାଂକ୍ଷା ମହାନ୍ତି, ଆଦ୍ୟାଶା ନାୟକ, ଏନ୍ ଜିସିକା, ଇଶାନି ପଣ୍ଡା, ଭଂଶିକା ମହାପାତ୍ର, ସୌମ୍ୟା ଶୁଭଦର୍ଶିନୀ, ଅନନ୍ୟା ସାହୁ ଓ ରାଜେଶ୍ୱରୀ ସିଂ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି।





ଯାଜପୁର ଜିଲ୍ଲା ଖଣ୍ଡିତରଠାରେ ଚାଲିଥିବା ସର୍ବଭାରତୀୟ କବାଡ଼ି ପ୍ରତିଯୋଗିତାରେ ଶନିବାର ଅନୁଷ୍ଠିତ ମୁକାବିଲାର ଉତ୍କଣ୍ଠାପୂର୍ଣ୍ଣ ମୁହୂର୍ତ୍ତ

## ସ୍କୁଲ ଓପନ ଚେସ ଜିତିଲେ ପ୍ରାଂଶୁ



ଭୁବନେଶ୍ୱର, ୧୪।୬ (ସମିସ): ଭୁବନେଶ୍ୱର ଏପିଜେ ସ୍କୁଲ୍ର ପ୍ରାଂଶୁ ଦାଶ ଚତୁର୍ଥ ତ୍ରିନାଥ ଦାସ ସ୍ମାରକୀ ଓପନ ସ୍କୁଲ ଚେସ ପ୍ରତିଯୋଗିତାରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ଶନିବାର ଖେଳାଯାଇଥିବା ଏହି ଟୁର୍ଣ୍ଣାମେଣ୍ଟରେ ରୁଚିକା ହାଇସ୍କୁଲର ସତ୍ୟମାଧବ ଶତପଥୀ, ନାରାୟଣ ଇ-ଟେକ୍ନୋ ସ୍କୁଲ୍ର ଆୟାବନ୍ତ ମହାନ୍ତି, ନୋଏଡା ରିୟାନ ଇଣ୍ଟରନ୍ୟାସନାଲ ସ୍କୁଲ୍ର ସାରାଂଶ ମିଶ୍ର ଓ ଜିଡି ଗୋଏଙ୍କା ପବ୍ଲିକ୍ ସ୍କୁଲ୍ର ରେୟାଂଶ ଦାସ ଯଥାକ୍ରମେ ଦ୍ୱିତୀୟରୁ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। କ୍ୟାପ୍ଟେନ ଅମିତ ପଟ୍ଟନାୟକ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS